# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, February 6/2024 | Page 20 | ₹ 7.00

୫୦ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 74 | ମୂଲ୍ୟ ₹୭/-


DSPL-625

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

ଜନତା ମଇଦାନ, ଭୁବନେଶ୍ୱର

## ଓଡ଼ିଶା ପରିବାରର ସାଢ଼େ ଚାରି କୋଟି ଲୋକଙ୍କ ସାମୂହିକ ପରିଚୟ



## ଓଡ଼ିଆ: ଆମର ଗର୍ବ ଓ ଗୌରବ













**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଦର୍ଶନୀ ଏବେ ୮ ତାରିଖ ପର୍ଯ୍ୟନ୍ତ**

**ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି**

**ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର**

**ସମୟ: ସକାଳ ୧୦ ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ**

www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-15001/13/0334/2324

# ଓଡ଼ିଆ ଭାଷାର ବିଶ୍ୱଯାତ୍ରା

## ଡିଜିଟାଲ୍ ଯୁଗରେ ସାରା ବିଶ୍ୱରେ ପହଞ୍ଚିବ ଓଡ଼ିଶାର ମହାନ୍ ଭାଷା, ସଂସ୍କୃତି ଓ ସାହିତ୍ୟ



ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ- କୋଟି କୋଟି ଓଡ଼ିଆଙ୍କ ମୁଖରେ ଉଚ୍ଚାରିତ ଏହି ଶବ୍ଦଗୁଡ଼ିକ ଆମ ଓଡ଼ିଆ ଜାତିର ଏକତାର ପ୍ରତୀକ। ବିଭିନ୍ନ ଆଞ୍ଚଳିକ, ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ପରିଚୟ ସମ୍ମିଶ୍ରଣରେ ଗଢ଼ିଉଠିଛି ଆମ ରାଜ୍ୟ ଓଡ଼ିଶା ଓ ଆମ ଭାଷା ଓଡ଼ିଆ। ପ୍ରାଚୀନ କାଳରୁ ଓଡ଼ିଶାର କଳା, ପରମ୍ପରା, ଭାସ୍କର୍ଯ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଏବେ ଓଡ଼ିଆ ଅସ୍ମିତାର ସେଇ ସମସ୍ତ ଗାଥା ଆଜିର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ବିଶ୍ୱର କୋଣଅନୁକୋଣରେ ପହଞ୍ଚିପାରିବ, ସେଥିପାଇଁ ହୋଇଛି ଅଦ୍ଭୁତ ଉଦ୍ୟମ। ଏବେକାର ପ୍ରଯୁକ୍ତିଯୁଗର ବିବର୍ତ୍ତନ ସହ ସମାନ୍ତରାଳ ରୂପେ ତାଳ ଦେଇ ଆଗକୁ ବଢ଼ୁଛି ଓଡ଼ିଆ ଭାଷା।

'ପରିବର୍ତ୍ତନ' ହେଉଛି ଦୁନିଆର ଏକମାତ୍ର ସତ୍ୟ। ସମୟାନୁସାରେ, ବିବର୍ତ୍ତନ ହେବା ପ୍ରଗତିର ଏକମାତ୍ର ଉପାୟ। ପ୍ରାଚୀନତାରୁ ନବୀନତା ଆଡ଼କୁ ଅଗ୍ରସର ହେବା ପାଇଁ ନିତ୍ୟ ବିବର୍ତ୍ତନ ସମାଜ ଓ ସାମାଜିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ଲାଗି ବୈଜ୍ଞାନିକ ପଦ୍ଧତିର ସୁବିନିଯୋଗ ହେବା ନିତାନ୍ତ ଆବଶ୍ୟକ। ଐତିହାସିକ କାଳଜୟୀ କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଏହାସହ ଜଡ଼ିତ ଗର୍ବ ଗରିମା ଓ ଗୁରୁତ୍ୱକୁ ଅତୁଟ ରଖିବା ଲାଗି ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ସେସବୁର ଡିଜିଟାଇଜେଶନ କରାଯାଇପାରୁଛି।

ବିଶ୍ୱର ଯେକୌଣସି କୋଣରେ ରହୁଥିବା ଓଡ଼ିଆ ନିଜ ହାତପାହାନ୍ତାରେ ଓଡ଼ିଆ ଭାଷା ଓ ସାହିତ୍ୟର ଅନନ୍ୟକୃତି ସବୁ ଯେପରି ପଢ଼ିପାରିବେ ସେଥିଲାଗି ବୈଷୟିକଜ୍ଞାନ ସହାୟତାରେ ଇ-ଲାଇବ୍ରେରି ସୃଷ୍ଟି କରାଯାଇଛି। ଓଡ଼ିଆ ଭାଷାର ଗୌରବମୟ ଯାତ୍ରାକୁ ବିନା କୌଣସି ବାଧାବିଘ୍ନରେ ଏହି ପ୍ରବାହକୁ ନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଏକ ସୁଦୀର୍ଘ ପ୍ରୟାସ କରିଛନ୍ତି।

ରାଜ୍ୟ ସରକାର ଓଡ଼ିଆ ଭାଷା ସମ୍ମିଳନୀକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ଡିଜିଟାଇଜେଶନ ରୂପ ଦେଇଛନ୍ତି। କି-ବୋର୍ଡ, ଓଡ଼ିଆ ଫଣ୍ଟଠାରୁ ଆରମ୍ଭ କରି ପିଠାପଣା, ପର୍ବପର୍ବାଣି, ଜଗନ୍ନାଥ ସଂସ୍କୃତିକୁ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିବାରେ ଓଡ଼ିଶା ସରକାର ସଫଳ ହୋଇପାରିଛନ୍ତି। ପ୍ରାକ୍ ଓ ମଧ୍ୟଯୁଗୀୟ ଇତିହାସ ସହିତ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ାଯାଇପାରିଛି। ଭର୍ଚ୍ଚୁଆଲ ବିଶ୍ୱରେ ଓଡ଼ିଆ ଭାଷାର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପ୍ରଦର୍ଶନୀ ଜରିଆରେ ପ୍ରୟାସ କରାଯାଇଛି। କେବଳ ଯୁବବର୍ଗ ନୁହେଁ, ବରଂ ବୟୋଜ୍ୟେଷ୍ଠଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଭିନ୍ନକ୍ଷମ, ସାଧାରଣ ଜନତା ସମସ୍ତଙ୍କୁ ଓଡ଼ିଆ ଜାତୀୟତା ସହ ଐକ୍ୟବଦ୍ଧ କରିପାରିଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଭାଷାକୁ ମଧ୍ୟ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଆଞ୍ଚଳିକ ଭାଷାରୁ ବୈଶ୍ୱିକ ଭାଷାରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି।

### ଓଡ଼ିଆ ଉଇକିପିଡିଆ ପାଇଁ ଦିଅନ୍ତୁ ଲେଖା

ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଉଇକିପିଡିଆ ମାଧ୍ୟମରେ ମଣିଷ ହାତପାହାନ୍ତାରେ ସବୁ ବିଷୟରେ ଜାଣିପାରୁଛି। କିନ୍ତୁ ଆମର ସମୃଦ୍ଧ ଓଡ଼ିଆ ସାହିତ୍ୟ ସଂସ୍କୃତି ବିଷୟରେ ଯେତିକି ଲେଖା ଉପଲବ୍ଧ ହେବା କଥା, ସେତିକି ଲେଖାନାହିଁ। ତେଣୁ ଆମ ରାଜ୍ୟର ସ୍ୱତନ୍ତ୍ର ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାସ୍କର୍ଯ୍ୟ ଆଦି ବିଷୟରେ ବିଭିନ୍ନ ଲେଖା ଉଇକିପିଡିଆରେ ଓଡ଼ିଆ ଭାଷାରେ ଉପଲବ୍ଧ ହେବା ଜରୁରୀ। ଏହାକୁ ଏକ ସାମାଜିକ ଜାଗରଣରୂପେ ଓଡ଼ିଆଙ୍କ ଜନମାନସରେ ପ୍ରତିଷ୍ଠା କରିବା ପାଇଁ ଡିଜିଟାଲ ଯୁଗ ପ୍ରଦର୍ଶନୀ କକ୍ଷରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏହାଦ୍ୱାରା ଯେ କେହି ଓଡ଼ିଆ ଉଇକିପିଡିଆରେ ଲେଖିପାରିବେ।

### ଓଡ଼ିଆ ଲେଖାକୁ ସମୃଦ୍ଧ କରିବ ମହାପ୍ରଭୁ ଫଣ୍ଟ

ମାଧବ, ଆଦିମ, ହଳଧର, ଅବତାର, ପ୍ରଥମ, ରାଘବ, ଅଚ୍ୟୁତ, ବଳଭଦ୍ର, ହରିହର, ଉତ୍କଳ (ମହାପ୍ରଭୁ) ଫଣ୍ଟରେ ଓଡ଼ିଆ ଲେଖିବେ ଓଡ଼ିଆପ୍ରେମୀ। ବର୍ତ୍ତମାନ କେବଳ ଆକୃତି, ଶ୍ରୀଲିପି ନୁହେଁ, ବରଂ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ପକ୍ଷରୁ ଶୁଭାରମ୍ଭ ହୋଇଥିବା ୧୦ଟି ନୂଆ ଫଣ୍ଟରେ ଓଡ଼ିଆ ଲେଖାଯାଇପାରିବ। ଏନେଇ ଡିଜିଟାଲ ପ୍ରଦର୍ଶନୀ କକ୍ଷରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଛି।

### ୱେବ୍‌ସାଇଟ୍‌ରେ ଓଡ଼ିଆ ସଂସ୍କୃତି ଆଟଲାସ୍

ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ଇତିହାସ, ବୌଦ୍ଧ ପରମ୍ପରା, ଜଙ୍ଗଲ ଓ ବନ୍ୟପ୍ରାଣୀ, ପର୍ବପର୍ବାଣୀ, ହସ୍ତତନ୍ତ ଓ ହସ୍ତଶିଳ୍ପ, ନୌବାଣିଜ୍ୟ, ପ୍ରାକ୍ ଇତିହାସ, ପିଠାପଣା, ଜନଜାତି ସଂସ୍କୃତି ଆଦି ସମସ୍ତ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି। ଏସମ୍ପର୍କରେ ପ୍ରଦର୍ଶନୀରେ ଡିଜିଟାଲ ଆଟଲାସ୍‌କୁ ସ୍ଥାନ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରୟାସରେ ଓଡ଼ିଆ ସଂସ୍କୃତି ଡିଜିଟାଲାଇଜ କରାଯାଇପାରିଛି, ଫଳରେ ବିଶ୍ୱର କୋଣଅନୁକୋଣରେ ରହୁଥିବା ଓଡ଼ିଆ ନିଜ ଭାଷା, ସଂସ୍କୃତି ସହ ଯୋଡ଼ି ହୋଇରହିବେ।





### ରୋବୋ ସହ ସେଲ୍ଫି

ଆଧୁନିକ ଯୁଗର ଏକ ନିଆରା ଉଦ୍ଭାବନ ହେଉଛି ରୋବୋ। ଯୁବପିଢ଼ିଙ୍କୁ ରୋବୋଟିକ୍ସ ପ୍ରତି ଆକୃଷ୍ଟ କରିବା ପାଇଁ ଏବଂ ଏହା ମାଧ୍ୟମରେ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଚାରପ୍ରସାର ଲାଗି ଏଠାରେ ହୋଇଛି ସ୍ୱତନ୍ତ୍ର ଡିଜିଟାଲ ଯୁଗ ପ୍ରଦର୍ଶନୀ କକ୍ଷ। ଏଠାରେ ରୋବୋଟ ପିଲାମାନଙ୍କ ପାଖକୁ ନିଜେ ଆସି ତାଙ୍କର ଆବଶ୍ୟକତା ଅନୁଯାୟୀ ବିଭିନ୍ନ କାର୍ଯ୍ୟ ଯେପରିକି ସେଲ୍ଫି ନେବା, ଗୁଗୁଲ ସର୍ଚ୍ଚ କରିବା, ଇ-ଦସ୍ତଖତ ଆଦି ଭଳି କାର୍ଯ୍ୟ କରୁଛି। ଏହା ପିଲାଙ୍କ ଜିଜ୍ଞାସା ବଢ଼ାଇବା ସହ ସେମାନେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମ ଓଡ଼ିଶାର ଭାଷା ସଂସ୍କୃତିକୁ କିଭଳି ଭାବେ ବିଶ୍ୱ ଦରବାରରେ ପ୍ରସ୍ତୁତ କରାଯାଇପାରିବ, ସେ ଦିଗରେ ସହାୟକ ହୋଇପାରୁଛି।

### ଓଡ଼ିଶା ପାଇଁ ୩ ମାଇଲଖୁଣ୍ଟ

- ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ
- ୨୦୧୪ ଫେବୃଆରୀ ୨୦ରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା
- ୨୦୨୪ ଫେବୃଆରୀ ୩-୫ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

### ଏକବିଂଶ ଶତାବ୍ଦୀରେ ଓଡ଼ିଆ ଜାତିର ସଫଳତା

- ଓଡ଼ିଶା ଭାଷା ପ୍ରତିଷ୍ଠାନ ଗଠନ
- ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗଠିତ
- ଐତିହ୍ୟ, କୀର୍ତ୍ତିରାଜି, ପ୍ରାଚୀନ ମନ୍ଦିର ଗବେଷଣା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ
- ଭାଷା ଆଇନ-୨୦୧୮ (ଦ୍ୱିତୀୟ) କାର୍ଯ୍ୟକାରୀ
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନ୍ମସ୍ଥାନ ସୁଆଣ୍ଡୋଠାରେ ୧୫ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ସହ ସଂଗ୍ରହାଳୟ ସ୍ଥାପନ
- ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କର ୧୩୫ ପ୍ରତିମୂର୍ତ୍ତି ସ୍ଥାପନ
- ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ମାଧ୍ୟମରେ ଇଂଲିଶ, ଫରାସୀ, ଜାପାନୀ ଓ ସ୍ପେନୀୟ ଭାଷାରେ ଶିକ୍ଷା ବ୍ୟବସ୍ଥା
- ଜେ.ଏନ.ୟୁ.ରେ ସାରଳା ଚେୟାର ପ୍ରତିଷ୍ଠା। ବିଜୁ ପଟ୍ଟନାୟକ ଚେୟାର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର।
- ଓ.ପି.ଏସ୍.ସି ପରୀକ୍ଷା ଓଡ଼ିଆରେ ଦେବା ପାଇଁ ନିଷ୍ପତ୍ତି
- ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରୀଛାତ୍ରଙ୍କୁ ବ୍ୟାସକବି ଫକୀରମୋହନ ଛାତ୍ରବୃତ୍ତି ପ୍ରଦାନ
- ପ୍ରତିବର୍ଷ ଜିଲାରେ ବାର୍ଷିକ ପୁସ୍ତକମେଳା ଆୟୋଜନ
- ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ଅନ୍ୟ ୨୧ ଦେଶୀୟ ଭାଷାର ଶବ୍ଦକୋଷ, ତ୍ରିଭାଷୀ ଶିକ୍ଷଣୀୟ ପୁସ୍ତକ ପ୍ରକାଶିତ

### ବିଶ୍ୱରେ ଓଡ଼ିଆ ଜାତିର ଗୌରବ ପ୍ରତିଷ୍ଠା ପ୍ରୟାସରେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ

ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିର ତଥ୍ୟାବଳୀ ଡିଜିଟାଇଜେଶନ କରି ସଂରକ୍ଷିତ ରଖିଛି ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ। ଜାତିର ସ୍ୱାଭିମାନ ମୁଖ୍ୟତଃ ତାହାର ଭାଷା ଓ ସଂସ୍କୃତି ଉପରେ ନିର୍ଭରଶୀଳ ଥିବାରୁ ଏଥିପ୍ରତି ସଚେତନ ରହି ଭବିଷ୍ୟତ ପିଢ଼ି ସମ୍ମୁଖରେ ଓଡ଼ିଆକୁ ଜ୍ଞାନ ଓ ବିଜ୍ଞାନର ଭାଷା ରୂପେ ଉପସ୍ଥାପନ କରାଯାଇପାରିଛି। ଏହାର ୱେବସାଇଟ୍‌ରେ ଓଡ଼ିଆ ପାଠ୍ୟପୁସ୍ତକ, ଜନଜାତି ଶବ୍ଦକୋଷ, ପୁସ୍ତକାଗାର, ବର୍ଣ୍ଣବୋଧ, ଓଡ଼ିଆ ପ୍ରାରମ୍ଭିକା, ଓଡ଼ିଆ ବ୍ଲଗ, ଓଡ଼ିଶା ଗେଜେଟିୟାର୍ ଆଦିକୁ ୱେବସାଇଟ୍‌ରେ ସ୍ଥାନ ଦିଆଯାଇଛି। ଫଳରେ ଓଡ଼ିଆ ଜାତି ଏହାର ପ୍ରାଣକେନ୍ଦ୍ର ଭାଷା ସହିତ ଯୋଡି ହୋଇ ରହିବେ।

### ପ୍ରଦର୍ଶନୀ ମଣ୍ଡପରେ ବାଚସ୍ପତି, ମନ୍ତ୍ରୀ, ବିଧାୟିକା, ବିଧାୟକ







## 'କୌଣସି ରାଜ୍ୟ ନୁହେଁ, ବିଶ୍ୱ ଆମ ପ୍ରତିଦ୍ୱନ୍ଦ୍ୱୀ'




୨୦୩୬ ସୁଦ୍ଧା ଓଡ଼ିଶାର ସାମଗ୍ରିକ ବିକାଶ ଲକ୍ଷ୍ୟ ରହିଛି। ଓଡ଼ିଶାର ଲକ୍ଷ୍ୟ ଭିନ୍ନ। ଓଡ଼ିଶା କୌଣସି ରାଜ୍ୟ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। ବିଶ୍ୱ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶେଷଦିନରେ '୨୦୩୬ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ପାଣ୍ଡିଆନ ରାଜ୍ୟ ରୂପାନ୍ତରଣର ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୨୦୧୯ ପରେ ରାଜ୍ୟରେ ବଡ଼ ପରିବର୍ତ୍ତନ ଆସିଛି। ପରିବର୍ତ୍ତନର ନାମ ହେଉଛି ରୂପାନ୍ତରଣ। ଲକ୍ଷ୍ୟ ରହିଛି ନୂଆ ଓ ସଶକ୍ତ ଓଡ଼ିଶା। ୨୦୦୦ ମସିହାରେ ରାଜ୍ୟରେ ଗରିବୀ ହାର ୬୮ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୧୧ ପ୍ରତିଶତକୁ ଖସିଆସିଛି। ୨୦୦୦ରେ ଖାଦ୍ୟ ପାଇଁ ପଞ୍ଜାବ, ହରିୟାଣା ଉପରେ ନିର୍ଭର କରୁଥିଲୁ। ହେଲେ ୨୦୧୭-୧୮ରୁ ଓଡ଼ିଶା ଉପରେ ଅନ୍ୟ ରାଜ୍ୟ ନିର୍ଭରଶୀଳ। ଓଡ଼ିଶାରୁ ଖାଦ୍ୟଶସ୍ୟ ଅନ୍ୟ ରାଜ୍ୟକୁ ଯାଉଛି। ଶିକ୍ଷାକ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହୋଇଛି। ସବୁ ହାଇସ୍କୁଲର ରୂପାନ୍ତରଣ ହୋଇସାରିଥିବାବେଳେ ୨ମାସ ଭିତରେ ସବୁ କଲେଜର ରୂପରେଖ ବଦଳିବ। ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ୨୦୦୦ମସିହାରେ ୩୩ଲକ୍ଷ ଏକର ଜମିରେ ଜଳସେଚନ ହେଉଥିଲା। ଏବେ ୬୫ଲକ୍ଷ ଏକର ଜମି ଜଳସେଚନ ହେଉଛି। ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟୁଛି। ସେତେବେଳେ ଓଡ଼ିଶା ପୁଞ୍ଜି ନିବେଶରେ ସବୁଠୁ ତଳେ ଥିଲା। ଏବେ ନିବେଶରେ ଓଡ଼ିଶା ଦୁଇ ନମ୍ବରକୁ ଉଠିଛି। ବଡ଼ ବଡ଼ କମ୍ପାନୀର ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା। ଭୁବନେଶ୍ୱରକୁ ଗ୍ରୀନ୍ ଆଇଟି କ୍ୟାପିଟାଲ ପରିଚୟ ମିଳିଛି। ରାଜସ୍ୱ ବଳକାରେ ଓଡ଼ିଶା ଶୀର୍ଷରେ ରହିଛି। ଗତ ୨୨ବର୍ଷରେ ରାଜ୍ୟରେ ବ୍ୟାପକ ଉନ୍ନତି ହୋଇଛି। ଆଦିବାସୀ, ମହିଳା, ଆଞ୍ଚଳିକ ବୈଷମ୍ୟ ଦୂର ଦିଗରେ କାମ କରାଯାଇଛି। ମହିଳା ସଶକ୍ତୀକରଣରେ ଓଡ଼ିଶା ନମ୍ବର ୱାନ ହୋଇଛି। ଗତବର୍ଷ ଏସ୍‌ଏଚ୍‌ଜି ମହିଳା ୧୨ହଜାର କୋଟି ଋଣ ନେଇଛନ୍ତି। ଏବର୍ଷ ଏସ୍‌ଏଚ୍‌ଜି ସଦସ୍ୟା ୧୫ହଜାର କୋଟିର ଋଣ ନେବେ। ଏହି ଅର୍ଥ ଗାଁ ଗାଁରେ ବ୍ୟାପକ ରୂପାନ୍ତର ଆଣିବ ବୋଲି ପାଣ୍ଡିଆନ କହିଛନ୍ତି।

ଆଲୋଚନାଚକ୍ରରେ ଓଡ଼ିଶା ସରକାରଙ୍କ ଆନୁଷ୍ଠାନିକ ଦକ୍ଷତା ନିର୍ମାଣର ମୁଖ୍ୟ ପରାମର୍ଶଦାତା ସୁବ୍ରତୋ ବାଗ୍‌ଚୀ, ମୁଖ୍ୟ ନିର୍ବାହୀ ଅଧିକାରୀ ବିର୍ଲା କାର୍ବନ ନିର୍ଦ୍ଦେଶକ (ରସାୟନ) ଏବଂ ଆଦିତ୍ୟ ବିର୍ଲା ଗ୍ରୁପ ମାନବ ସମ୍ବଳ ନିର୍ଦ୍ଦେଶକ ଡ. ସଂତୃପ୍ତ ମିଶ୍ର, ମନିଟାରି ଅଥରିଟି ଅଫ୍ ସିଙ୍ଗାପୁରର ମୁଖ୍ୟ ଫିନଟେକ୍ ଅଧିକାରୀ ସ୍ୱପ୍ନେନ୍ଦୁ ମହାନ୍ତି, ସାନ-ଡିଏଗୋର ରୀତା ଆଣ୍ଡ ରିଚାର୍ଡ଼ ଆର୍ଟକିନଶନ୍ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୁଭମ୍ ବେହେରାଙ୍କ ଦ୍ୱାରା ପରିଚାଳିତ ଏହି ଆଲୋଚନାଚକ୍ରରେ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସମୀକ୍ଷା ତ୍ରିପାଠୀ ଏବଂ ସୌମ୍ୟା ପଟ୍ଟନାୟକ ମଧ୍ୟ ବକ୍ତବ୍ୟ ଦେଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ | Bhubaneswar, Tuesday, February 6/2024 | ପୃଷ୍ଠା-୧




# ସରକାରୀ ନିଯୁକ୍ତି ପରୀକ୍ଷାରେ ଜାଲିଆତି ରୋକିବାକୁ ବିଲ୍

## ୫ ବର୍ଷ ଜେଲ, କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା

ନୂଆଦିଲ୍ଲୀ,୫।୨(ପି.ଟି.)

ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଜାଲ୍ ୱେବ୍‌ସାଇଟ୍ ଭଳି ବେଆଇନ ଆଚରଣ ରୋକିବା ପାଇଁ କେନ୍ଦ୍ର ସରକାର ସୋମବାର ଲୋକ ସଭାରେ ଏକ ବିଲ୍ ଆଣିଛନ୍ତି। ଏଥିରେ ସର୍ବନିମ୍ନ ୩ ବର୍ଷରୁ ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାର ଏବଂ ଏହାର ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ସରକାରୀ ନିଯୁକ୍ତି ପରୀକ୍ଷାରେ ବିଭିନ୍ନ ସଂସ୍ଥା ଦ୍ୱାରା ଅସଦ୍ ଉପାୟ ଗ୍ରହଣ କରାଯିବା ସହ ଅପରାଧ କରାଯାଉଥିଲେ ମଧ୍ୟ ଏହାକୁ ରୋକିବା ଲାଗି କୌଣସି ନିର୍ଦ୍ଦିଷ୍ଟ ଆଇନ ନ ଥିଲା। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକ ସଭାରେ ପବ୍ଲିକ୍ ଏକ୍ଜାମିନେଶନ୍ସ (ପ୍ରିଭେନ୍‌ଶନ ଅଫ୍ ଅନ୍‌ଫେୟାର ମିନ୍ସ) ବିଲ୍, ୨୦୨୪ ଆଗତ କରିଛନ୍ତି। ପ୍ରଶ୍ନପତ୍ର କିମ୍ବା ଉତ୍ତର ଖାତା ଲିକ୍ ହେବା, ପରୀକ୍ଷାରେ ବେଆଇନ ଭାବେ ପ୍ରାର୍ଥୀଙ୍କୁ ☞ପୃଷ୍ଠା–୧୪

# ପ୍ରତି ୫ ବର୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

- ଆଉ ୩ ଦିନ ଖୋଲା ରହିବ ମ୍ୟୁଜିୟମ
- ଭାଷା ସମ୍ପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ବିଧାନସଭାରେ ଘୋଷଣା ହେବ

ଭୁବନେଶ୍ୱର,୫।୨(ଅସମାପିକା ସାହୁ)

ପ୍ରତି ୫ ବର୍ଷରେ ଥରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମର ଭାଷା ଇତିହାସରେ ସବୁଦିନ ପାଇଁ ଏକ ମାଇଲ ଖୁଣ୍ଟ ହୋଇରହିବ। ୫ ବର୍ଷ ପରେ ଆମେ ସମସ୍ତେ ପୁଣିଥରେ ଏକାଠି ହେବା। ଓଡ଼ିଆ ଭାଷାକୁ ଆହୁରି ଆଗକୁ ନେବା ପାଇଁ ମତ ବିନିମୟ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସମ୍ମିଳନୀରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଯୁବ ସମାଜ, ଲେଖକ, ଗବେଷକ, ସାହିତ୍ୟିକ, କବିଙ୍କ ସହ ପ୍ରତ୍ୟେକ ଓଡ଼ିଆଙ୍କୁ ସେ ହୃଦୟରୁ ଧନ୍ୟବାଦ ଅର୍ପଣ କରି କହିଲେ, ଏହି ତିନିଦିନ ମଧ୍ୟରେ ଆମ ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଖୁବ୍ ଭଲ ଭଲ ପ୍ରସ୍ତାବ ମଧ୍ୟ ଆସିଛି। ଯେହେତୁ ବର୍ତ୍ତମାନ ବିଧାନସଭା ଚାଲିଛି, ତେଣୁ ଭାଷା ସମ୍ପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ବିଧାନସଭାରେ ଘୋଷଣା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁଗ ଯୁଗ ଧରି ଓଡ଼ିଆ ଭାଷା, ଆମ ଓଡ଼ିଆ ଜାତିର ପରିଚୟକୁ ଆଗକୁ ନେଇଛି। ଓଡ଼ିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଆମ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ଭାଷା ଉପରେ ବୈଷୟିକ ଜ୍ଞାନର ପ୍ରଭାବ ସମ୍ପର୍କରେ ଆଲୋକପାତ କରି ସେ କହିଲେ, ବୈଜ୍ଞାନିକ ଉନ୍ମେଷ, ବୈଷୟିକ ଜ୍ଞାନର ଅଗ୍ରଗତି ଓ କମ୍ପ୍ୟୁଟର ଭାଷା ହେଉଛି ବର୍ତ୍ତମାନ ଯୁଗରେ ଭାଷା ପାଇଁ ଏକ ବଡ଼ ଆହ୍ୱାନ। ତେଣୁ ଓଡ଼ିଆ ଭାଷାକୁ ଏହା ସହିତ ସମନ୍ୱିତ କରିବାକୁ ହେବ। ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, 'ମୁଁ ଆଶା ☞ପୃଷ୍ଠା–୧୪




ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନ ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।




# ଆମ୍ବେଦ୍‌କରଙ୍କ ନାମରେ ନାମିତ ହେବ ବରମୁଣ୍ଡା ବସ୍ ଟର୍ମିନାଲ

ଭୁବନେଶ୍ୱର,୫।୨(ଅନିଲ ଦାସ)

ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ୍ ପ୍ରବକ୍ତା ଡ. ଆମ୍ବେଦ୍‌କରଙ୍କ ନାମରେ ଭୁବନେଶ୍ୱର ବରମୁଣ୍ଡାଠାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ନାମିତ ହେବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ଡ. ଆମ୍ବେଦ୍‌କରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମ ରାଓ ଆମ୍ବେଦ୍‌କର ବସ୍ ଟର୍ମିନାଲ ଭାବରେ ପରିଚିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡ. ଆମ୍ବେଦ୍‌କର ଜଣେ ଦୂରଦର୍ଶୀ ନେତା, ସମର୍ପିତ ସମାଜ ସଂସ୍କାରକ ଥିଲେ। ସମାଜର ଦଳିତ ନିଷ୍ପେଷିତଙ୍କ ପାଇଁ ସେ ଆଶାର ଆଲୋକ ଥିଲେ। ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ସେ ସାରାଜୀବନ କାମ କରି ଯାଇଛନ୍ତି।

ଦେଶ ଗଠନରେ ତାଙ୍କର ମହାନ୍ ଅବଦାନ ଓ ଆଦର୍ଶ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଡ. ବାବାସାହେବ ଆମ୍ବେଦ୍‌କର ବସ୍‌ଷ୍ଟାଣ୍ଡରେ ୯୦୦ ବର୍ଗଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରି ନିର୍ମାଣ କରାଯିବ। ଡିଜିଟାଲ ଜ୍ଞାନକୌଶଳ ☞ପୃଷ୍ଠା–୧୪

# ଆଜି ଓଡ଼ିଶାରେ ପହଞ୍ଚିବେ ରାହୁଲ

- ବୀରମିତ୍ରପୁରଠାରେ ସ୍ୱାଗତ କରିବେ ଦଳୀୟ ନେତା, କର୍ମୀ

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

ମୋଦି ସରକାରଙ୍କ ଏକଛତ୍ରବାଦ ଶାସନ ବିରୋଧରେ ଲଢ଼େଇ କରି ଗରିବ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗତ ୧୪ ତାରିଖରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁରରୁ ୨ୟ ପର୍ଯ୍ୟାୟ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରି ମଙ୍ଗଳବାର ଅପରାହ୍ନ ୨ଟା ୩୦ରେ ଝାଡ଼ଖଣ୍ଡ–ଓଡ଼ିଶା ସୀମାରେ ପହଞ୍ଚିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ରାଉରକେଲାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଶରତ କହିଛନ୍ତି, ☞ପୃଷ୍ଠା–୧୪

ଆଜିର ସମ୍ପାଦକୀୟ
ଅପାରଗ ବଢ଼ନ୍ତୁ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ୟାଇଆର୍‌ସି ଭଲ୍ୟୁଣ୍ଟିୟର୍ସ ଟ୍ରେନିଂ କ୍ୟାମ୍ପ, ନୀଳାଚଳ ପଲିଟେକ୍ନିକ୍ ପଥରଗାଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଭଲ୍ୟୁଣ୍ଟିୟର୍ସ ୱାର୍କଶପ ଫର୍ ହେଲ୍‌ଥ ଇକ୍ୟୁଟି ଆଣ୍ଡ ୱେଲନେସ୍, ଏମ୍ସ ମୁଖ୍ୟ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ସମସ୍ତ ଜିଲାର ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ କମିଟି ପକ୍ଷରୁ ରାଲି, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ମିଡିଆ ୱାର୍କଶପ୍ ଅନ ମାସ ଡ୍ରଗ୍ ଆଡମିନିଷ୍ଟ୍ରେଶନ, କନ୍‌ଫରେନ୍ସ ହଲ୍, ୯ ତାଲା, ମଧ୍ୟାହ୍ନ ୧୨ଟା।
- ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିଲ୍ଡିଂ ଉଦ୍‌ଘାଟନ, ବିମାନବନ୍ଦର ପରିସର, ଅପରାହ୍ନ ୨ଟା।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲତା ନାଇଟ୍- ୨୦୨୪, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟ, ଇଣ୍ଡିଆ ପକ୍ଷରୁ ଶ୍ରୀମଦେବୀ ଭାଗବତ କଥାମୃତ, ବୁଲନ ଭାଇ ସାମ୍ବାଦିକ ଭବନ, ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- ପଞ୍ଚାୟତ କପ-୨୦୨୪, ପିଣ୍ଡିକ ଖେଳପଡିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ଘରେ ଘରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରା, ଦାଢ଼ା ଗ୍ରାମପଞ୍ଚାୟତର ଝିଙ୍କରଡିହ ଗ୍ରାମ, ପୂର୍ବାହ୍ନ ୧୦ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ଚାଇନା ବନାମ ନେଦରଲାଣ୍ଡ
ସମୟ: ଅପରାହ୍ନ ୫ଟା ୩୦
ଆମେରିକା ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ।

## ପୁରୀ

- ସତ୍ୟବାଦୀର ୩୩ ନମ୍ବର ଜିଲା ପରିଷଦ ଜୋନରେ ଭାଜପା ପକ୍ଷରୁ ପ୍ରବାସ ଓ ଜନସମ୍ପର୍କ ଯାତ୍ରା, ରାୟଖଣ୍ଡି ପଞ୍ଚାୟତର ଜୟ ଦୁର୍ଗା ମନ୍ଦିର ନିକଟ, ସକାଳ ୭ଟା।
- ସଂସ୍କୃତରେ ଜୀବିକା ଆଲୋଚନାଚକ୍ର, ବଳଙ୍ଗା ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ମାଘମେଳା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ଯାତ୍ରୀ ନିବାସ, କୋଣାର୍କ, ଅପରାହ୍ନ ୪ଟା।

## କଟକ

- ଜାତୀୟକବି ବୀରକିଶୋର ସରକାରୀ ମହାବିଦ୍ୟାଳୟର ୫ ମହଲା କୋଠା ନିର୍ମାଣର ଶିଳାନ୍ୟାସ, ମହାବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨.୩୦।
- ଭାଜପା ୩୬ ନମ୍ବର ୱାର୍ଡ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ, ଝୋଲାସାହି, ପୂର୍ବାହ୍ନ ୧୧ଟା।
- ପୁରୀ ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ୨ହଜାର ଭକ୍ତଙ୍କ ଗସ୍ତ, କଟକ-ଟାଙ୍ଗି ଅଞ୍ଚଳରୁ, ସକାଳ ୮ଟା।
- ମହାପୁରୁଷ ଅରକ୍ଷିତ ଦାସଙ୍କ କେଶ ଯାତ୍ରା, ଲଳିତଗିରି, ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା ନିଶ୍ଚିନ୍ତକୋଇଲି, ଶିର୍ଲୋ ପଞ୍ଚାୟତ ଓସଡ଼ମା ପଡ଼ିଆ, ସକାଳ ୧୧ଟା, ମଣିଜଙ୍ଗା ପଞ୍ଚାୟତ ଭଗବତୀ ମନ୍ଦିର ପରିସର, ସକାଳ ୧୧ଟା।

## ଖୋର୍ଦ୍ଧା

- ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଘୋଡ଼ାଶାଳ ପଡିଆ ଲେଣ୍ଡୋ, ସମୟ: ପୂର୍ବାହ୍ନ ୧୦ଟା।
- ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ପଡ଼ିଆ ଟାଙ୍ଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଗୌଡିଆପଡ଼ା, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ମହିଳା ସମ୍ମିଳନୀ-୨୦୨୪, ସ୍ଥାନ: ବଣିକ ସଂଘ ବାଲୁଗାଁ, ସମୟ: ଅପରାହ୍ନ ୪ଟା।
- ସିଦ୍ଧ ମହାବୀରଙ୍କ ୧୬ତମ ଜନ୍ମ ଉତ୍ସବ ଓ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମୁଣ୍ଡଳ ଗ୍ରାମ, ସମୟ ଅପରାହ୍ନ ୫ଟା।

## ବାଲେଶ୍ୱର

- ମିଳିତ ଟ୍ରେଡ ୟୁନିୟନର ଶୋଭାଯାତ୍ରା ଓ ବିକ୍ଷୋଭ, ସ୍ଥାନ: ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା
- ବନ୍ୟାଞ୍ଚଳ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ, ସ୍ଥାନ: ବାଲେଶ୍ୱର ମହାତ୍ମା ଗାନ୍ଧୀ କନଫରେନ୍ସ ହଲ୍, ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ୍।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଫ୍ରେଣ୍ଡସ ଫିସାରୀ ଅଫିସ, ପୋଡ଼ାଡ଼ିହା, ରୂପସା, ପୂର୍ବାହ୍ନ ୧୦ଟା।
- ବାଲିଆପାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ମହୋତ୍ସବ ପଡ଼ିଆ ବାଲିଆପାଳ, ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- କବି ସମ୍ମିଳନୀ, ସ୍ଥାନ-ବାରିପଦା ପୌରପରିଷଦ ସମ୍ମିଳନୀ କକ୍ଷ,ସମୟ- ଅପରାହ୍ନ ୫ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡ୍ କ୍ୟାମ୍ପୋରୀ-୨୦୨୪, କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ସାଇ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ- ଉଦଳା ଏନ୍‌ଏସି ୮ନଂ ୱାର୍ଡ, ମେଣ୍ଢାଖାଇ, ଘଟୋଉଳନ- ସକାଳ ୭ଟା।
- ଗୁଣ୍ଡୁରିଆ ଶହୀଦ ଦିବସ ପାଳନ, ସ୍ଥାନ- ବହଳଦା ଥାନା ଅଧୀନ ଗୁଣ୍ଡୁରିଆ, ସମୟ- ପୂର୍ବାହ୍ନ ୧୦ଟା ୩୦।
- ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବହଳଦା ଥାନା ଗୁଣ୍ଡୁରିଆ ଶହୀଦସ୍ଥଳରୁ ରାଇରଙ୍ଗପୁର ସହର ପର୍ଯ୍ୟନ୍ତ ବାଇକ୍ ରାଲି, ସକାଳ ୯ଟା୩୦।

## ଭଦ୍ରକ

- ପିଠା ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଧାମନଗର ଏନ୍‌ଏସି ୧ ନଂ. ୱାର୍ଡ, କାଙ୍କରା, ପୂର୍ବାହ୍ନ ୧୦।
- ନବରାତ୍ର ନାମ ମହାଯଜ୍ଞର ଶୁଭାଧିବାସ, ସ୍ଥାନ: କଳ୍ପତରୁ ଶିକ୍ଷାଶ୍ରମ, ବଂଶୀପାଟଣା-ଭୈରବପୁର, ବାସୁଦେବପୁର, ସମୟ: ସକାଳ ୬ଟା।
- ନାମ ସଂକୀର୍ତ୍ତନ ମହାଯଜ୍ଞ, ପରମ ବୈଷ୍ଣବୀ ପୀଠ, ଦେଉଳୀ, ବାସୁଦେବପୁର, ସକାଳ ୬ଟା।

## କେନ୍ଦୁଝର

- ପିଆଇଓମାନଙ୍କୁ ଆରଟିଆଇ ଉପରେ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲ(କେନ୍ଦୁଝର), ପୂର୍ବାହ୍ନ ୧୧ ଟା।
- ଓଏମ୍‌ସି ଗନ୍ଧମାର୍ଦ୍ଦନ ଖଣିକୁ ରେଳ ଲାଇନ୍ ବିଛାଇବା ପ୍ରକଳ୍ପ ପ୍ରତିବାଦରେ କେନ୍ଦୁଝର ଓ ଶୁଆକାଠି ଟ୍ରକ୍ ମାଲିକ ସଂଘର ବୈଠକ, ସ୍ଥାନ: ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ହୋଟେଲ(କେନ୍ଦୁଝର), ଅପରାହ୍ନ ୪ ଟା।
- ହନୁମାନ ଚାଳିଶା ପାଠ ଓ ଭଜନ କୀର୍ତ୍ତନ, ସ୍ଥାନ: ହନୁମାନ ମନ୍ଦିର, ଦୈନିକ ବଜାର,
- ବଡ଼ବିଲ, ସମୟ: ସନ୍ଧ୍ୟା ୬ ଟା।

## ରାୟଗଡ଼ା

- ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ଗୁଣପୁର ଅରୋଶ୍ରୀ ବିହାର, ୯ଟା ୩୦

## ନବରଙ୍ଗପୁର

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ନବରଙ୍ଗପୁର ଆରସିଡି ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ପେଣ୍ଡ୍ରାଣୀ ମନ୍ଦିର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା
- ମୁକ୍ତା ଯୋଜନା ଅଧୀନରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ଉମରକୋଟ, ପୂର୍ବାହ୍ନ ୧୧ଟା

## କୋରାପୁଟ

- ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ କର୍ମଶାଳା, ଡିଏନ୍‌କେ ସଦ୍‌ଭାବନା ଗୃହ, ପୂର୍ବାହ୍ନ ୧୧ଟା।
- ବନ୍ୟା ମୁକାବିଲା ନେଇ ମକ୍ ଡ୍ରିଲ, କୋଲାବ ଜଳଭଣ୍ଡାର, ପଣ୍ଡି, ପୂର୍ବାହ୍ନ-୧୧ଟା।
- ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ-୪ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଲାୟନ୍ସ କ୍ଲବ ଅଫ ସମ୍ବଲପୁର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡ଼ା, ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲାର ଶ୍ରଦ୍ଧାଳୁଙ୍କ ମା' ସମଲେଇ ପ୍ରକଳ୍ପ ପ୍ରଦକ୍ଷିଣ କାର୍ଯ୍ୟକ୍ରମ, ସମଲେଇ ମନ୍ଦିର, ପୂର୍ବାହ୍ନ ୧୦ଟା।
- ପାହାଡି ଅନୁଷ୍ଠାନର ବାର୍ଷିକ ଉତ୍ସବ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ଅପରାହ୍ନ ୩ଟା।

## ରାଉରକେଲା

- ଏସ୍‌ଟିପିଆଇ ଶ୍ରମିକଙ୍କ ଜନଶୁଣାଣି , ସେକ୍ଟର--୫, ଏସ୍‌ଟିପିଆଇ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ପଞ୍ଚମ ଦିବସରେ ଆଞ୍ଚଳିକ କାର୍ଯ୍ୟକ୍ରମ, ଭଞ୍ଜଭବନ, ପୂର୍ବାହ୍ନ ୧୧ଟା।
- ରାହୁଲ ଗାନ୍ଧୀଙ୍କ ଗସ୍ତନେଇ ପ୍ରସ୍ତୁତି ବୈଠକ, ରାଉରକେଲା ହାଉସ, ପୂର୍ବାହ୍ନ ୧୦ଟା।
- ଡୁମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଡୁମକେଲା, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ପାନପୋଷ ଷ୍ଟାଡିୟମ, ସକାଳ ୮ଟା।

## ସୁନ୍ଦରଗଡ଼

- ଲକ୍ଷେ ଘର ସମାଜର ସଭା, ବଡ଼ଗାଁ ବ୍ଲକ ରୁନଗାଁ ପଞ୍ଚାୟତ ଆଲୁଡେଗା ଗ୍ରାମ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ବଡ଼ଗାଁ ବ୍ଲକ ବାମଡେରା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହର ମହାମନ୍ତ୍ର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ତରବୋଡ ବସ୍ତି, ସକାଳ ୯ଟା୨୫।

## କଳାହାଣ୍ଡି

- ସହର ବସ୍ତିବାସିନ୍ଦଙ୍କ ବିକାଶ କାର୍ଯ୍ୟକ୍ରମ, କେସିଙ୍ଗା ଏନ୍‌ଏସି କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ, ପୂର୍ବାହ୍ନ ୧୧ଟା।
- ଛେଲିଆମାଲ ପଞ୍ଚାୟତରେ ଆମ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଛେଲିଆମାଲ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ -୧୧
- ଭବାନୀପାଟଣା ୧୫ ନଂ. ୱାର୍ଡରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ୧୫ନଂ. ୱାର୍ଡ, ଅପରାହ୍ନ-୪ଟା।

## ବୌଦ୍ଧ

- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ ୪ଟା ।
- ପ୍ରଥମ ସେବା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଠିକିକାଯୋର ଜଗନ୍ନାଥ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ, ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନାପଡା ଗ୍ରାମ୍ୟମଣ୍ଡପ, ସକାଳ ୬ଟା।

## ଦେବଗଡ଼

- ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ବାଙ୍କେଶ୍ୱର ବାବା ଓ ମା' ଦିବ୍ୟବାସିନୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ, ରିଆମାଳ ବ୍ଲକର ଚୁହିଲାମାଳ, ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର, ସହରର ନୂତନ ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଜରାଜାରିଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ପଞ୍ଚାୟତ ଖେଳପଡିଆ, ପୂର୍ବାହ୍ନ ସାଢ଼େ ୧୦ଟା ।
- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ବୀରମହାରାଜପୁର ବ୍ଲକ ଟେଭାପଦର ଖେଳପଡିଆ , ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ, ତୁଳସୀ ରାମାୟଣ ପଠନ, ଚଣ୍ଡୀ ମହାଯଜ୍ଞ, ବୀରମହାରାଜପୁର ବ୍ଲକ ଘିଚାପାଲି (ମେଟାକାନି ଛକ), ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଏକବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଳମଛୁଇଁ, ତାଳଚେର, ସମୟ- ଅପରାହ୍ନ ୪ଟା।
- ଆର୍‌ଟିଆଇ ଟ୍ରେନିଂ, ସ୍ଥାନ- ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଅନୁଗୋଳ, ପୂର୍ବାହ୍ନ ୧୧ଟା।
- ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ ଅନୁଗୋଳ,ପୂର୍ବାହ୍ନ ୧୦.୩୦।

## ଗଞ୍ଜାମ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଭଞ୍ଜନଗର ବ୍ଲକ ବାରୁଡ଼ା, ପୂର୍ବାହ୍ନ ୧୦ ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଉଳଗାଁ ଗ୍ରାମ ପଞ୍ଚାୟତ, ପୂର୍ବାହ୍ନ ସାଢ଼େ ୧୦ଟା
- ନରେନ୍ଦ୍ରପୁର ହାଇସ୍କୁଲର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ସକାଳ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ତିର୍ତ୍ତୋଲ, ଜଡ଼ତିରା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା, ପରିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ୬୬ତମ ଓଳାଶୁଣୀ ଗୁମ୍ଫା ମେଳା, ପାରାଦୀପ ନୂଆବଜାର ହରିବୋଲ ମଠ ପରିସର, ସକାଳ ୫ଟା।

## କେନ୍ଦ୍ରାପଡ଼ା

- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ମହାକାଳପଡ଼ା ବ୍ଲକ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ମହାକାଳପଡ଼ା ବ୍ଲକ ଦେଉଳପଡ଼ା ଓ ବିଜୟନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଅର୍ଥନୀତି ବିଭାଗର ଆଲୋଚନାଚକ୍ର, ପଟ୍ଟାମୁଣ୍ଡାଇ କଲେଜ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଡବେତରା ପଞ୍ଚାୟତ ଅଫିସ, ଗରଦପୁର, ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ୨୯ ନଂ. ଜୋନରେ ଗାଁକୁ ଚାଲ ଅଭିଯାନ, ସ୍ଥାନ: ଜୟନଗର ରିସର୍ଟ, ରାଜକନିକା, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅଙ୍ଗୁଲାଇ ପଞ୍ଚାୟତ ଅଫିସ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନ, ସ୍ଥାନ: ନୂଆଗାଁ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୧ଟା।

## ଯାଜପୁର

- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ, ପୂର୍ବାହ୍ନ ୧୧ଟା।
- ଜେୟୁଜେ ପକ୍ଷରୁ ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ଅପରାହ୍ନ ୩ଟା।
- ଜେୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାଇଁ ପ୍ରସ୍ତୁତି, ଯାଜପୁର ପୌର ପରିଷଦ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।
- ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ବଡ଼ଚଣା ବ୍ଲକ୍ ଅଧୀନ ଓଳାଶୁଣୀ ପୀଠ, ସକାଳ ୫ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖିଲେ କଥା ନ କହେ,
ନ ଦେଖିଲେ ଝୁରୁଥାଏ।**

ଉପର ଠାଉରିଆ ଭଲ ପାଇବା। କେତେକଙ୍କ ମନରେ ପଛେ କିଛି ଥାଉ କି ନଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଅଜାଡ଼ି ଦେଇଥାନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଊଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖା ସୁନ୍ଦର
କଖାରୁ ବଡି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇନଥାଏ ତାହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମସ୍ଥ ଚନ୍ଦ୍ର ହେତୁ ପାରିବାରିକ ଓ ସାମାଜିକ ସ୍ଥିତି ଭଲ ରହିବ ନାହିଁ। ଅବଶ୍ୟ ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସଭାସମିତି, ସଙ୍ଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରହୋଇଯିବ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ବୃଷ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ସାଙ୍ଗକୁ ଅଭିଳଷିତ ଜିନିଷ ପାଇପାରିବେ। ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ। ବାଣିଜ୍ୟ କିମ୍ବା ଯୋଜନାରମ୍ଭ ସକାଶେ ଅର୍ଥ ଲାଗି ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ଅବଶ୍ୟ ହିତାକାଂକ୍ଷୀ କିମ୍ବା ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ।

**ମିଥୁନ** ଅକୁହା କଥାକୁ ବନ୍ଧୁଙ୍କୁ କହି ମନ ହାଲୁକା କରିବାର ପ୍ରୟାସ କରିବେ। ଦୁଃସ୍ଥାନସ୍ଥ ଚନ୍ଦ୍ର ହେତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଆଲୋଚନାର ଶେଷ ପର୍ଯ୍ୟାୟରେ ସବୁ କିଛି ଓଲଟପାଲଟ ହୋଇଯାଇପାରେ। ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ** ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ ଅତିବାହିତ ହେବ। ରବି ଜନିତ ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଶେଷ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ। ମାତ୍ର ପାରିବାରିକ ବ୍ୟତିକ୍ରମ ପୂର୍ବବତ୍ ଲାଗି ରହିପାରେ।

**ସିଂହ** ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣା ଲାଭକରି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାରେ ସମର୍ଥ ହେବେ। ଅଷ୍ଟମାଧିପ ଗୁରୁ ଦୃଷ୍ଟିରେ ଶୁକ୍ର ହେତୁ ବନ୍ଧୁଙ୍କ କଥାରେ ପ୍ରଭାବିତହୋଇ କୌଣସି ଭୁଲ୍ କରିପାରନ୍ତି। ବିବାଦୀୟ ଘଟଣା ଜଟିଳ ହେଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟ ଆଗକୁ ବଢ଼ାଇବାପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** କୌଣସି ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହୋଇ ମଧ୍ୟସ୍ଥତା କଲେ ସମାଲୋଚିତ ହେବାକୁ ପଡ଼ିପାରେ। ନୀଚସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ନିର୍ମାଣ, ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ସାହିତ୍ୟ, ବିଜ୍ଞାନ, ଗବେଷଣା ପ୍ରଭୃତି କାର୍ଯ୍ୟରେ ସାମାଜିକ ସ୍ତରରେ ସମ୍ମାନିତ ହେବେ।

**ତୁଳା** ଶୁକ୍ର ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବ। କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ କିମ୍ବା ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାନ୍ତୁ ନାହିଁ। ବନ୍ଧୁଙ୍କ ସହ ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ। ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିହେବ। ଲେଖାପଢ଼ା, କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ କିମ୍ବା ପାରିବାରିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଅଧସ୍ତନ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ କେନ୍ଦ୍ରକରି ବିତର୍କ ହୋଇପାରେ।

**ଧନୁ** ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ। ବନ୍ଧୁମାନଙ୍କ ସହଯୋଗକ୍ରମେ କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ। ତଥାପି ପରିବାରର ଆକସ୍ମିକ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ପ୍ରୟାସ ଜାରି ରଖିବେ।

**ମକର** ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ବୃହସ୍ପତି କେନ୍ଦ୍ରସ୍ଥ ଯୋଗୁ ସଭାସମିତିରେ ବୟସ୍କ ବ୍ୟକ୍ତିଙ୍କ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ମାତ୍ର କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**କୁମ୍ଭ** ରାହୁଙ୍କ ପ୍ରଭାବରୁ ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପ୍ରିୟ ବନ୍ଧୁଟିର କୌଣସି ଦୁଃଖଦ ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ହେବା ସୂଚନା ରହିଛି।

**ମୀନ** ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇ କୌଣସି କାର୍ଯ୍ୟ ଆରମ୍ଭ କରିପାରିବେ ନାହିଁ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ କିନ୍ତୁ ଆପଣଙ୍କର କିଛି ଅସୁବିଧା ହେବ ନାହିଁ। ସଭାସମିତିରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ।

ଆଜି ଫେବୃଆରୀ ୬ ତାରିଖ ମଙ୍ଗଳବାର, ମାଘମାସ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ,ଓଳାଶୁଣୀ ଯାତ୍ରା। ରାଶି ନକ୍ଷତ୍ର- ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ମୂଳା ନକ୍ଷତ୍ରେ ବିବାହ ପାଣିଗ୍ରହଣ। ଦିବା ଘ.୦୯।୧୨ ଗତେ, ଘ. ୧୦।୫୩ ମଧ୍ୟେ, ଘ.୦୧।୦୮ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୯ ମି. ଗତେ, ଘ. ୦୪।୧୩ ମଧ୍ୟେ ରାହୁକାଳ।

# ମୁଣ୍ଡକୁ ଗୁଳିକରି କ୍ରଶର ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ,୫।୨(ରତନ ନାୟାର)**

ଢେଙ୍କାନାଳ ସହର ଷ୍ଟେଶନ ବଜାର ଅଞ୍ଚଳର ବିଶିଷ୍ଟ କ୍ରଶର ବ୍ୟବସାୟୀ ବଳରାମ ସାହୁ(୬୪) ସୋମବାର ନିଜ ପିସ୍ତଲରୁ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଖବରପାଇ ଟାଉନଥାନା ପୋଲିସ ସନ୍ଧ୍ୟାରେ ତାଙ୍କ ବାସଭବନରେ ପହଞ୍ଚି ମୃତଦେହ ଜବତ କରିଛି। ନିଜ ପିସ୍ତଲରୁ ଗୁଳିକରି ବ୍ୟବସାୟୀ ସାହୁ ଆତ୍ମହତ୍ୟା କରିଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟାଙ୍କ ଋଣ ପରିଶୋଧ କରି ନ ଥିବାରୁ କିଛିଦିନ ହେଲା ସେ ଚିନ୍ତାଗ୍ରସ୍ତ ଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜଣାପଡ଼ିଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛି।



ବ୍ୟବସାୟୀ ବଳରାମ ସାହୁ

ବ୍ୟବସାୟୀ ବଳରାମଙ୍କ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ସେ ଦୀର୍ଘଦିନ ହେବ ଋଣ ଭାରରେ ବୁଡ଼ି ରହିଥିଲେ। ଏପରି କି ଘର ନିଲାମ ପାଇଁ ବ୍ୟାଙ୍କ ନୋଟିସକୁ ନେଇ ଚିନ୍ତାଗ୍ରସ୍ତ ଥିଲେ ବୋଲି ଆତ୍ମୀୟସ୍ୱଜନ କହିଛନ୍ତି। ସନ୍ଧ୍ୟାରେ ନିଜ ବାସଭବନ ସମ୍ମୁଖରେ ସେ ବସିଥିଲେ। ଘରେ କେବଳ ତାଙ୍କର ବୋହୂ ଥିଲେ। କିଛି ସମୟ ପରେ ନିଜ ପିସ୍ତଲରୁ ଗୁଳିକରି ସେ ଆତ୍ମହତ୍ୟା କରିଥିଲେ। ଗୁଳିଟି ତାଙ୍କ ମୁଣ୍ଡର ଡାହାଣ ପାର୍ଶ୍ୱରେ ବାଜିଛି। ଘଟଣାସ୍ଥଳରୁ ପୋଲିସ ପିସ୍ତଲ ଓ ଫୁଟା ଗୁଳି ଜବତ କରିଛି। ବ୍ୟବସାୟୀ ସାହୁ ଅତୀତରେ ବିଜେଡିର ଜଣେ ସକ୍ରିୟ ସଦସ୍ୟ ଥିଲେ। ଢେଙ୍କାନାଳ ଟାଉନ ବିଜେଡି ସଭାପତି ଦାୟିତ୍ୱରେ ମଧ୍ୟ ରହିଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଆତ୍ମହତ୍ୟା ଖବର ଜଣାପଡ଼ିବା ପରେ ଢେଙ୍କାନାଳ ସହରରେ ଶୋକର ଛାୟା ଖେଳିଯାଇଛି।

# କନ୍ଧମାଳରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚଢ଼ାଉ

**ଭୁବନେଶ୍ୱର,୫।୨
(ସତ୍ୟଜିତ୍ ରାଉତ)**

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗଡ଼ିଆପଡ଼ା ଗ୍ରାମ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର ଚଢ଼ାଉ କରି ୩ କୁଇଣ୍ଟାଲ ୩ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଚାଲାଣକାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ସିର୍କାକୁଟି ଅଞ୍ଚଳର କିଶୋର ଚନ୍ଦ୍ର ମଲ୍ଲିକ (୫୮)। ଜବତ ଗଞ୍ଜେଇର ମୂଲ୍ୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୪/୨୦୨୩) ରୁଜୁ କରାଯିବା

**୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ**

ସହ ଅଭିଯୁକ୍ତ କିଶୋରଙ୍କୁ କନ୍ଧମାଳ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କିଶୋର ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ରବିବାର ସକାଳେ ଗଞ୍ଜେଇ ଚାଲାଣ ବେଳେ ଏସ୍‌ଟିଏଫ୍ ଓ କନ୍ଧମାଳ ପୋଲିସର ମିଳିତ ଟିମ୍ ଚଢ଼ାଉ କରି କିଶୋରଙ୍କୁ କାବୁ କରିଥିଲା। ତେବେ ସେ କେଉଁଠୁ ଏତେ ପରିମାଣର ଗଞ୍ଜେଇ ଆଣିଥିଲେ ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ୨୦୨୦ରୁ ଏସ୍‌ଟିଏଫ୍ ୭୪ କେଜି ବ୍ରାଉନସୁଗର, ୨୦୨ ଗ୍ରାମ କୋକେନ୍, ୧୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୩ କେଜି ୬୩୦ ଗ୍ରାମ ଅଫିମ ଜବତ କରିଥିବାବେଳେ ୧୮୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଗତବର୍ଷ ଏସ୍‌ଟିଏଫ୍ ବିଭିନ୍ନ ମାମଲାରେ ଜବତ ହୋଇ ମାଲଖାନାରେ ଗଚ୍ଛିତ ଥିବା ୮୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜାଳି ନଷ୍ଟ କରିଥିବା ସୂଚନା ଦିଆଯାଇଛି।



# ଦିନକରେ ୭୯ ଟ୍ରେନ୍‌ରେ ପଣ୍ୟ କାରବାର ରେକର୍ଡ

**ପାରାଦୀପ ବନ୍ଦର**

ପାରାଦୀପ,୫।୨(ଶରତ ରାଉତ)

ପାରାଦୀପ ବନ୍ଦର ରବିବାର ଟ୍ରେନ୍‌ରେ ପଣ୍ୟ କାରବାରରେ ରେକର୍ଡ କରିଛି। ଗୋଟିଏ ଦିନରେ ୭୯ଟି ଟ୍ରେନ୍‌ରେ କାରବାର କରିଛି। ଏହା ଏପର୍ଯ୍ୟନ୍ତ ହୋଇଥିବା ଟ୍ରେନ କାରବାର ମଧ୍ୟରେ ସର୍ବାଧିକ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ୨୦୨୩ ଫେବୃଆରୀ ୨୮ରେ ୭୫ଟି ଟ୍ରେନରେ ପଣ୍ୟ କାରବାର ହୋଇଥିଲା। ଏବେ କାରବାର ହୋଇଥିବା ୭୯ ଟ୍ରେନ ମଧ୍ୟରେ ୨୮ଟି ବୋଝେଇ ହୋଇ ବାହାରିଥିବାବେଳେ ୫୧ ଟ୍ରେନ୍ ପ୍ରବେଶ କରି ପଣ୍ୟ ଖଲାସ କରିଛି।




# ଆୟ ବଢ଼ିଛି, ବେକାରି କମିଛି: ରାଜ୍ୟପାଳ

■ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭକ୍ତଙ୍କୁ ଆଧୁନିକ ସୁବିଧା ଯୋଗାଇବ
■ ୫-ଟି, ମୋ ସରକାର ରୂପାନ୍ତରିତ ପ୍ରଶାସନିକ ବ୍ୟବସ୍ଥାର ନୂତନ ଯୁଗ ଆରମ୍ଭ କରିଛି

ଭୁବନେଶ୍ୱର, ୫।୨(ଅନିଲ ଦାସ)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ରଘୁବର ଦାସ ଗୃହରେ ଅଭିଭାଷଣ ରଖିଛନ୍ତି। ପୂର୍ବାହ୍ନ ୧୧ଟାରୁ ରାଜ୍ୟପାଳଙ୍କ ଭାଷଣ ଆରମ୍ଭ ହୋଇଥିଲା। ରାଜ୍ୟପାଳ ୫୬ ପୃଷ୍ଠାର ଲମ୍ବା ଭାଷଣ ପଢ଼ିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିକାଶର ଚିତ୍ର ଆଙ୍କିଛନ୍ତି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରୁ ରାଜ୍ୟପାଳ ନିଜର ଅଭିଭାଷଣ ଆରମ୍ଭ କରି କହିଛନ୍ତି, ଏହି ପ୍ରକଳ୍ପ ୮୦୦ କୋଟି ଟଙ୍କା ବ୍ୟୟରେ ହୋଇଛି। ଜାନୁଆରୀ ୧୭ରେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଏହାକୁ ଲୋକାର୍ପଣ କରାଯାଇଛି। ଏହା ଆଗନ୍ତୁକଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇବା ସହ ଶ୍ରୀମନ୍ଦିର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଲୋକଙ୍କୁ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ 'ଲକ୍ଷ୍ମୀ' ଯୋଜନା ମାଧ୍ୟମରେ 'ଶ୍ରୀଜଗନ୍ନାଥ ଏକ୍ସପ୍ରେସ' ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ ଆରାଧନାସ୍ଥଳୀଗୁଡ଼ିକର ମଧ୍ୟ ଦ୍ରୁତ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୧୦ ଦିନ ପରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହୋଇଛି। ୨୦୦ କୋଟି ବ୍ୟୟରେ ମହାନଦୀ ତଟରେ ଅବସ୍ଥିତ ଷୋଡ଼ଶ ଶତାବ୍ଦୀର ଏହି ଉପାସନା ପୀଠର ରୂପାନ୍ତରୀକରଣ କରାଯାଇଛି।

ରାଜ୍ୟପାଳ କହିଛନ୍ତି ଯେ, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଏକ ଅନନ୍ୟ ବିକାଶମୂଳକ ପଦକ୍ଷେପ। ଏହା ମାଧ୍ୟମରେ ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି, ଇଣ୍ଟରନେଟ ସୁବିଧା, ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ ସୁବିଧା, ଐତିହ୍ୟ ସଂରକ୍ଷଣ, ବ୍ୟାଙ୍କ ଓ ଡିଜିଟାଲ ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସେଥିପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଦିଆଯାଉଛି। ନୂଆ-ଓ ଯୁବ ଭାଗୀଦାରିକୁ ସଶକ୍ତ କରିବ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହୋଇଛି। ଭାଷାର ବହୁଳ ବ୍ୟବହାର ଦ୍ୱାରା ଗୌରବର ଅଭିବୃଦ୍ଧି ସହ ଦେଶ ସମୃଦ୍ଧ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି। ୫-ଟି ଓ ମୋ ସରକାର ରୂପାନ୍ତରିତ ପ୍ରଶାସନିକ ବ୍ୟବସ୍ଥାର ନୂତନ ଯୁଗ ଆରମ୍ଭ କରିଛି। ପ୍ରଶାସନିକ ବ୍ୟବସ୍ଥା ଏବେ ସ୍ୱଚ୍ଛ ସୁଶାସନର ମାନ୍ୟତା ହାସଲ କରିଛି। ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ହୋଇଛି। ୨୦୨୨-୨୩ରେ ଖାଦ୍ୟଶସ୍ୟ ଉତ୍ପାଦନ ୧୪୧.୩୭ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ୨୦୨୨-୨୩ରେ ୬.୦୩ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଛି। ୨୦୨୩-୨୪ରେ ବର୍ଷକୁ ୮ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କେନ୍ଦ୍ର ସରକାର ଓଡ଼ିଶା ମିଲେଟ ମିଶନକୁ ଅନ୍ୟତମ ଶ୍ରେଷ୍ଠ ମଡେଲ ଭାବେ ବିବେଚିତ କରିଛନ୍ତି। ୧୧୩.୭୬ ରାଶନ କାର୍ଡଧାରୀଙ୍କୁ ୪ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଦିଆଯାଇଛି। ଏବେ ସୁଦ୍ଧା ୪୩.୮୮ ଲକ୍ଷ କ୍ଷୁଦ୍ର ଓ ୧୮.୯୩ ଲକ୍ଷ ଭୂମିହୀନ ଚାଷୀଙ୍କୁ କାଳିଆ ସହାୟତା ମିଳିଛି। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ


ରାଜ୍ୟପାଳ ରଘୁବର ଦାସ ଗୃହରେ ଅଭିଭାଷଣ ରଖୁଛନ୍ତି।

୧୦.୫୨ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ବଲାଙ୍ଗୀର ଜିଲାରେ ଲୋୟର ସୁକତେଲ ପ୍ରକଳ୍ପ ଆରମ୍ଭ ହୋଇଛି। ଅନେକ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ଆରମ୍ଭ ହୋଇଛି । ବିଜୁ କୃଷକ ବିକାଶ ଯୋଜନାରେ ୧.୧୨ ଲକ୍ଷ ଗଭୀର ନଳକୂପ ପ୍ରକଳ୍ପ, ୨୨,୮୯୦ ଗଭୀର କୂପ, ୨୭୮୩ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ୨୦୨୩-୨୪ ସୁଦ୍ଧା ଶେଷ ହେବ। ରାଜ୍ୟ ସରକାର ୧୭୬୮ କୋଟି ଟଙ୍କା ଖର୍ଚ୍ଚ ଅଟକଳର ୧୫ଟି ପର୍ଯ୍ୟଟନ ସ୍ଥଳର ବିକାଶ ଦିଗରେ ସମନ୍ୱିତ ମାଷ୍ଟର ପ୍ଲାନିଂ ହାତକୁ ନେଇଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି।

ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ପ୍ରତି ପରିବାରକୁ ୫ ଲକ୍ଷ ଏବଂ ମହିଳା ସଦସ୍ୟଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର ବାର୍ଷିକ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି। ୨୦୨୪ ମେ ପହିଲାରୁ ବିଏସ୍‌କେୱାଇ ନବୀନ କାର୍ଡ ପାଇଥିବା ହିତାଧିକାରୀ ରାଜ୍ୟ ତଥା ରାଜ୍ୟ ବାହାର ଅନୁବନ୍ଧିତ ଚିକିତ୍ସାଳୟରେ ଗୁରୁତର ରୋଗର ଚିକିତ୍ସା ପାଇଁ ୫ ଲକ୍ଷ ଓ ପରିବାରର ମହିଳା ସଦସ୍ୟ ଅତିରିକ୍ତ ୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୩.୫ କୋଟି ଲୋକଙ୍କ ପାଖରେ ପହଞ୍ଚିଛି। ୧୪୯ଟି ସ୍ୱାସ୍ଥ୍ୟାନୁଷ୍ଠାନର ଭିତ୍ତିଭୂମି ରୂପାନ୍ତରଣ ପାଇଁ ୭୫୦ କୋଟି ଟଙ୍କା ବ୍ୟୟରେ 'ଆମ ହସ୍ପିଟାଲ' ଯୋଜନା ଆରମ୍ଭ ହୋଇଛି।

ଦୁର୍ବଳ ଓ ଆପଦଗ୍ରସ୍ତ ପରିବାରକୁ ମାସିକ ମୁଣ୍ଡପିଛା ୫ କେଜି ଚାଉଳ ମାଗଣା ଯୋଗାଇ ଦିଆଯାଉଛି। ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ମାସିକ ୩୫ କେଜି ମାଗଣା ଚାଉଳ ଯୋଗାଇ ଦିଆଯାଉଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ୩.୧୫ ଲକ୍ଷ ପରିବାରର ୯.୯୭ ଲକ୍ଷ ଲୋକଙ୍କୁ ରାଜ୍ୟ ସରକାର ଚାଉଳ ଦେଉଛନ୍ତି। ୧୭.୧୧ ଲକ୍ଷ ଚାଷୀଙ୍କଠାରୁ ୭୯.୧୬ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯାଇ ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ଧାନ ସଂଗ୍ରହଣ ରାଜ୍ୟରେ ପରିଣତ କରାଯାଇଛି। ରାଜ୍ୟର ୪୦% ଅଂଶଧନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚାଲିଛି। ୨୦୧୪-୧୫ରୁ ଏପର୍ଯ୍ୟନ୍ତ ୩୪.୨୫ ଲକ୍ଷ ପକ୍କା ଘର ନିର୍ମାଣ ହୋଇଛି। ସମୟ ପୂର୍ବରୁ ଘର ସାରିଥିବାରୁ ୧୩୮୭ କୋଟିର ପ୍ରୋତ୍ସାହନ ଦିଆଯାଇଛି। ମଧ୍ୟବିତ୍ତ ପରିବାରର ଗୃହ

**କଂଗ୍ରେସର କକ୍ଷ ତ୍ୟାଗ**

ନିର୍ମାଣ ସ୍ୱପ୍ନ ସାକାର କରିବା ପାଇଁ 'ମୋ ଘର' ଯୋଜନା ଆରମ୍ଭ ହୋଇଛି ବୋଲି ରାଜ୍ୟପାଳ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

ସେ କହିଛନ୍ତି, ଜାଗା ମିଶନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଉଛି। ରାଜ୍ୟର ୧୦ଟି ସହର ବସ୍ତିମୁକ୍ତ ମାନ୍ୟତା ଲାଭ କରିସାରିଛି। ୨୦୨୪ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସହରାଞ୍ଚଳ ବସ୍ତିମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ମହାନଗର ନିଗମରେ ୧୦, ପୌରାଞ୍ଚଳରେ ୪ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୨ଟି ଲେଖାଏ କଲ୍ୟାଣମଣ୍ଡପ ନିର୍ମାଣ କରାଯିବ। ୨୦୨୫ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ନ୍ୟୁୟର୍କ, ଟୋକିଓ, ସିଙ୍ଗାପୁର ଭଳି ଓଡ଼ିଶାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଚାଲିଛି। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ରେ ପୁରୀ ଓ ଗୋପାଳପୁର ଦେଶର ପ୍ରଥମ ଓ ୨ୟ ସହର ମାନ୍ୟତା ହାସଲ କରିଛି। ୨୪ ସହରାଞ୍ଚଳର ୨୩ ଲକ୍ଷ ବାସିନ୍ଦା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ପାଉଛନ୍ତି। ଏଥିସହିତ ୩୪୧୧ କୋଟି ଖର୍ଚ୍ଚରେ ରାଜ୍ୟର ୬୮୭୨ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି।

କୋରାପୁଟ ଜିଲା କୋଟିଆରେ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ କରାଯାଇଛି। ମିଶନ ଶକ୍ତି ଋଣ ଯୋଜନାରେ ବିନା ସୁଧରେ ୫ ଲକ୍ଷ ଟଙ୍କା ଯାଏ ଋଣ ମିଳୁଛି। ଆନ୍ତଃ-ଜାତି ବିବାହକୁ ସ୍ୱୀକୃତି ପାଇଁ ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦିଆଯାଉଛି। ୫୩.୦୯ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଉଛି। ଅସହାୟା, ସ୍ୱାମୀ ପରିତ୍ୟକ୍ତା, କୋଭିଡ୍ ଯୋଗୁ ବିଧବାଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ୨୦୨୭ ଶେଷ ସୁଦ୍ଧା ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ୬୨୫୬ କୋଟି ଟଙ୍କା ବ୍ୟୟରେ ମେଟ୍ରୋ ରେଳ ପ୍ରକଳ୍ପ ହେବ। ୩୦ ଜିଲାର ୬୭୯୮ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଗଡ଼ିବ। କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇପାରିଛି। କଠିନ ପରିସ୍ଥିତିରେ ଥିବା ମହିଳାଙ୍କ ପାଇଁ ରାଜ୍ୟ ସରକାର ଜାଗୃତି ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସ୍ଥିର ଓ ଶାନ୍ତିପୂର୍ଣ୍ଣ ରହିଛି। ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ପୋଲିସ କାର୍ଯ୍ୟାନୁଷ୍ଠାନରେ ୪୨ ନିହତ, ୧୪୫ ଗିରଫ ହୋଇଥିବା ବେଳେ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୨୧ରୁ ୧୦କୁ ହ୍ରାସ ପାଇଛି। ମାଲକାନଗିରିର ୩୨ଶହ ମାଓବାଦୀ ଓ ସମର୍ଥକ ମୁଖ୍ୟସ୍ରୋତକୁ ଫେରିଛନ୍ତି।

ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିଛି। ୨୦୨୧-୨୨ରେ ମୁଣ୍ଡପିଛା ଆୟ ୧.୨୯ ଲକ୍ଷ ଥିବାବେଳେ ୨୦୨୨-୨୩ରେ ମୁଣ୍ଡପିଛା ଆୟ ୧.୫୧ ଲକ୍ଷ ରହିଛି। ବେକାରି ଅଭିବୃଦ୍ଧି ହାର ମଧ୍ୟ କମିଛି। ୨୦୧୭-୧୮ରେ ବେକାରି ଅଭିବୃଦ୍ଧି ହାର ୭.୧% ଥିବାବେଳେ ୨୦୧୯-୨୦ରେ ଅଭିବୃଦ୍ଧି ହାର ୬.୨% ରହିଛି। ଗତ ୫ ବର୍ଷରେ ୪୬, ୯୮୬ ପ୍ରାର୍ଥୀଙ୍କୁ ସରକାରୀ ଚାକିରି ମିଳିଛି। ଓଡ଼ିଶା ଲୋକସେବା ଆୟୋଗ ଜରିଆରେ ୧୫, ୦୯୬ ନିଯୁକ୍ତି ମିଳିଥିବା ବେଳେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଜରିଆରେ ୧୨, ୯୮୮ ଏବଂ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ୧୮, ୯୦୨ ନିଯୁକ୍ତି ମିଳିଛି। ସରକାରଙ୍କ ଯୁଗାନ୍ତକାରୀ କାର୍ଯ୍ୟକ୍ରମ 'ମିଶନ ଶକ୍ତି' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀରେ ୭୦ ଲକ୍ଷ ମହିଳା ସାମିଲ ହୋଇଛନ୍ତି। ୧.୬୫ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦୨୨-୨୩ରେ ୧୧,୦୦୫ କୋଟି ଟଙ୍କାର ବ୍ୟାଙ୍କ ସଂଯୋଗୀକରଣ ଯୋଗାଇ ଦିଆଯାଇଛି। ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବା ପାଇଁ ମିଶନ ଶକ୍ତି ସ୍କୁଟର ଯୋଜନା ଆରମ୍ଭ କରାଯାଇଛି। ଏହିଭଳି ରାଜ୍ୟପାଳ ରାଜ୍ୟ ସରକାରଙ୍କ ଅନେକ ଜନହିତକାରୀ ଯୋଜନା ସମ୍ପର୍କରେ ଗୃହରେ ବଖାଣିଛନ୍ତି। ଅଭିଭାଷଣ ଆରମ୍ଭରୁ ରାଜ୍ୟପାଳ ସ୍ୱର୍ଗତ ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କ ସମେତ ଗୃହର ପରଲୋକଗତ ବାଚସ୍ପତି ଓ ସଦସ୍ୟଙ୍କ ସ୍ମୃତି ଚାରଣ କରିଛନ୍ତି। ତେବେ ସରକାରଙ୍କ ଗୁଣଗାନ କରୁଥିବା ଅଭିଯୋଗ ଆଣି ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ ଦାୟିତ୍ୱ ନେଲେ ସଞ୍ଜୟ କାଜୁ



ଭୁବନେଶ୍ୱର, ୫।୨
(ବନ୍ଦନା ସେଠୀ)

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନୂଆ ସଚିବ ଭାବେ ସଞ୍ଜୟ କାଜୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ୧୯୯୨ ବ୍ୟାଚ୍ ତେଲଙ୍ଗାନା କ୍ୟାଡ଼ରର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ। ଦାୟିତ୍ୱ ଗ୍ରହଣ କରିବା ସମୟରେ ମନ୍ତ୍ରଣାଳୟର ପୂର୍ବତନ ସଚିବ ଅପୂର୍ବ ଚନ୍ଦ୍ର, ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏହାପୂର୍ବରୁ ସେ ୨୦୧୧ ମେ'ରୁ ୨୦୧୪ ଅକ୍ଟୋବର ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଯୋଗାଯୋଗ ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୧୪ ମାର୍ଚ୍ଚରୁ ୨୦୧୮ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍‌ର ନିର୍ଦ୍ଦେଶକ ରହିଥିବାବେଳେ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିଥିଲେ।

# ବିଧାନସଭାରେ ଶୋକ, ଗୃହ ମୁଲତବୀ

ଭୁବନେଶ୍ୱର,୫।୨(ଅନିଲ ଦାସ)

ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କ ସମେତ ବିଧାନସଭାର ପୂର୍ବତନ ସଦସ୍ୟମାନଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ.ଏମ. ରାଜେନ୍ଦ୍ରନ, ବିଧାନସଭାର ପୂର୍ବତନ ସଦସ୍ୟ ରସାନନ୍ଦ ସାହୁ, ସନ୍ତୋଷ କୁମାର ପ୍ରଧାନ, ରମେଶ ଜେନା, ନୃସିଂହାନନ୍ଦ ବ୍ରହ୍ମା, ସୁଶ୍ରୀ ଦେବୀ ଏବଂ ଜୟନାରାୟଣ ମହାନ୍ତିଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ପରଲୋକଗତ ପୂର୍ବତନ ରାଜ୍ୟପାଳ ଏବଂ ବିଧାନସଭାର ମୃତ ସଦସ୍ୟଙ୍କ ବିଷୟରେ ସଂକ୍ଷିପ୍ତ ସୂଚନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ସ୍ୱର୍ଗତ ରାଜ୍ୟପାଳ ଏବଂ ପରଲୋକଗତ ପୂର୍ବତନ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଚସ୍ପତି ସ୍ୱର୍ଗତ ରାଜ୍ୟପାଳ ଓ ମୃତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶେଷରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ରାଜ୍ୟପାଳ ଏବଂ ପରଲୋକଗତ ପୂର୍ବତନ ସଦସ୍ୟଙ୍କ ପ୍ରତି ସମ୍ମାନ ଜଣାଇ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

# ନୀତି ବିଳମ୍ବ: ଅନିଦ୍ରା ରହିଲେ ମହାପ୍ରଭୁ

**ବରାଦି ମହାପ୍ରସାଦ ପାଇଲେନି ଭକ୍ତ**

ପୁରୀ, ୫।୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ପୁଣି ବିଶୃଙ୍ଖଳା ସାମ୍ନାକୁ ଆସିଛି। କିଛିଦିନ ତଳେ ବାନା ବିକ୍ରିକୁ ନେଇ ଚୂନରା ଓ ମେକାପ ସେବାୟତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ରବିବାର ରାତିରେ ସିଂହାରୀ ଓ ସୁଆର ସେବାୟତଙ୍କ ମଧ୍ୟରେ ବିବାଦ ହୋଇଛି। ଏଥିଯୋଗୁ ନୀତିରେ ବିଳମ୍ବ ଘଟିବା ସହ ମହାପ୍ରଭୁଙ୍କ ରାତ୍ରପହୁଡ଼ ହୋଇପାରି ନ ଥିଲା। ମହାପ୍ରଭୁ ଅନିଦ୍ରା ରହିଥିଲେ। ତେବେ ସୋମବାର ସକାଳେ ପ୍ରଶାସନର ହସ୍ତକ୍ଷେପ ପରେ ନୀତିଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ରବିବାର ଭିତରକାଠ ନିକଟରେ ରକ୍ତ ପଡ଼ିଥିବାରୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଥିଲା। ତେଣୁ ଭୋଗ ବାହାରି ପାରି ନ ଥିଲା। ଏସବୁ ଭିତରେ ଭୋଗବଢ଼ାରେ ବିଳମ୍ବ ଓ ଗଭାଲାଗି ନୀତି ନ କରିବାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ମହାପ୍ରଭୁଙ୍କ ନୀତି ବିଳମ୍ବ ହେବାରୁ ରାତ୍ରପହୁଡ଼ ହୋଇପାରି ନ ଥିଲା। ଅନ୍ୟପଟେ ବିବାଦ କାରଣରୁ ରବିବାର ରାତିରେ ଭୋଗମଣ୍ଡପ ଘରେ ମହାପ୍ରସାଦ ଥିବାବେଳେ ତାଲା ପକାଇ ସିଂହାରୀ ଚାଲିଯାଇଥିଲେ। ତେବେ ସୋମବାର ପ୍ରଶାସନ ସହ ଆଲୋଚନା ପରେ ସୁଆର ଓ ମହାସୁଆର ସେବାୟତମାନେ ମହାପ୍ରସାଦ ବାହାର କରିଥିଲେ। ଶ୍ରୀମନ୍ଦିର ଭୋଗମଣ୍ଡପରୁ ଶତାଧିକ ଅବଢ଼ା କୁଡୁଆ ବାହାର କରାଯାଇଥିଲା। ରବିବାର ଅପରାହ୍ନ ୪ଟା ୩୫ରେ ଦ୍ୱିତୀୟ ଭୋଗମଣ୍ଡପ ଉଠିଥିଲା। ତେବେ ଏହି ସମୟରେ ଭିତରକାଠ ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ହୋଇଥିଲା। ରାତି ପ୍ରାୟ ୮ଟା ୧୦ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। କିଛି କାରଣକୁ ନେଇ ଏହି ନୀତି ସରିବା ପରେ ପ୍ରାୟ ୩ ଘଣ୍ଟା ପରେ ଅର୍ଥାତ୍ ରାତି ୧୧.୨୫ରେ ଦ୍ୱିତୀୟ ଭୋଗମଣ୍ଡପ ପୂଜା ବସି ୧୧.୩୫ରେ ଶେଷ ହୋଇଥିଲା। ଅର୍ଥାତ୍ ବିଳମ୍ବିତ ରାତି ହୋଇଥିବାରୁ ଭକ୍ତମାନେ ସେମାନଙ୍କ ବରାଦି ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ସେହିପରି ସୁଆର ମହାସୁଆର ସେବାୟତମାନେ ଭୋଗମଣ୍ଡପ ଘରୁ ମହାପ୍ରସାଦ ବାହାରକୁ ବାହାର କରି ନ ଥିଲେ। ଭୋଗମଣ୍ଡପ ଘରେ ତାଲା ମାରି ସିଂହାରୀ ସେବାୟତମାନେ ଚାଲିଯାଇଥିଲେ। ମହାସ୍ନାନ ଠାରୁ ନୀତି ବିଳମ୍ବ ହୋଇଥିବାରୁ ରାତି ୨ଟା ୧୦ରେ ସନ୍ଧ୍ୟାଧୂପ ପୂଜା ଶେଷ ହୋଇ ରାତି ୩ଟାରେ ଚନ୍ଦନଲାଗି ବେଶ ପରେ ସୋମବାର ଭୋର ୪ଟା ୧୨ରେ ବଡ଼ସିଂହାର ବେଶ ସରିବା ପରେ ପହୁଡ଼ ନୀତି କରାଯାଇ ନ ଥିଲା। ଅନ୍ୟ ସବୁ ନୀତି ବନ୍ଦ ରଖାଯାଇଥିଲା। ମହାସ୍ନାନ ପୂଜା ପରେ ପ୍ରାୟ ୩ ଘଣ୍ଟା ଧରି ସିଂହାରୀ ଓ ସୁଆର ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଦ୍ୱିତୀୟ ଭୋଗମଣ୍ଡପ ପୂଜା ବିଳମ୍ବରେ ଅନୁଷ୍ଠିତ ହେବାରୁ ମହାପ୍ରସାଦ ପାଇବାରୁ ଭକ୍ତ ବଞ୍ଚିତ ହେବା ସହ ଶ୍ରୀବିଗ୍ରହମାନଙ୍କ ରାତ୍ରପହୁଡ଼ ହୋଇପାରି ନ ଥିଲା। ସୋମବାର ସକାଳ ୭ଟା ୨୦ରେ ମଙ୍ଗଳଆଳତି ପରେ ଅନ୍ୟ ନୀତି ଆରମ୍ଭ ହୋଇଥିଲା।

ଅପରପକ୍ଷରେ ସୁଆର ମହାସୁଆରମାନେ କ୍ଷତିପୂରଣ ପାଇଁ ଅଡ଼ିବସିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆରଙ୍କ ସହ ଆଲୋଚନା କରାଯିବା ପରେ ଭୋଗମଣ୍ଡପ ଘରେ ଥିବା ମହାପ୍ରସାଦ ବାହାର କରାଯାଇଥିଲା। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ମହାସ୍ନାନ ନୀତି କାରଣରୁ ଅନ୍ୟ ନୀତିରେ ବିଳମ୍ବ ଘଟିଥିଲା। ରାତି ୮ଟା ଭିତରେ ଯଦି ମହାପ୍ରସାଦ ବାହାରିଥାନ୍ତା ତେବେ ଲୋକେ ନେଇପାରିଥାନ୍ତେ। ମାତ୍ର ଭୋଗ ବାହାରିଲା ବେଳକୁ ରାତି ୧୨ଟା ହୋଇଯାଇଥିଲା। ତେଣୁ ସୁଆର ସେବାୟତ ସୁରକ୍ଷିତ ଦୃଷ୍ଟିରୁ ମହାପ୍ରସାଦ ବାହାରକୁ ନ କାଢ଼ି ଭୋଗ ମଣ୍ଡପ ଘରେ ରଖିବା ପାଇଁ ସ୍ଥିର କରିଥିଲେ। ସୋମବାର ସକାଳୁ ମହାପ୍ରସାଦ କଢ଼ାଯାଇଛି। ଯାହା ଭଲ ରହିଛି, ତାହା ଭକ୍ତଙ୍କୁ ପ୍ରଦାନ କରାଯିବ। ତେବେ ନୀତି କାହିଁକି ବିଳମ୍ବ ହେଲା ସେ ନେଇ ପ୍ରଶାସନ ତର୍ଜମା କରିବ। ନୀତି ଶୃଙ୍ଖଳିତ ହେବା ନେଇ ଧ୍ୟାନ ଦିଆଯାଉଛି। ତେବେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମହାପ୍ରସାଦ କ୍ଷତି ହୋଇଛି। ଏ ନେଇ ତାଲିକା ଦିଆଯିବା ପରେ ପ୍ରଶାସନ ପଦକ୍ଷେପ ନେବ। ଯେଉଁ ସମସ୍ୟା ହେଉଛି ତା'ର ସମାଧାନ କରାଯାଉଛି।



# ଅପାରଗ ବଢ଼ନ୍ତୁ

ପୃଥିବୀ ବ୍ୟାପୀ ସବୁ ଧର୍ମରେ ସବୁ ସଭ୍ୟତାରେ ବିବାହର ଏକ ସ୍ୱତନ୍ତ୍ରତା ରହିଥାଏ। ଭାରତରେ ମଧ୍ୟ ହିନ୍ଦୁ ବିବାହରେ ଏକ ବିଶେଷତ୍ୱ ରହିଛି। ନିକଟରେ ଉତ୍ତରପ୍ରଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଗଣ ବିବାହରେ ଯେଉଁ କେଳେଙ୍କାରି ଘଟିଯାଇଛି ତାହା ଏକ କୌତୂହଳପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ଗତ ମାସ ୨୫ରେ ଉତ୍ତରପ୍ରଦେଶ ବଲିଆରେ ଆୟୋଜିତ ଏକ ଗଣ ବିବାହ ଉତ୍ସବରେ ମିଛ ବରକନ୍ୟାଙ୍କୁ ଆଣି ବିବାହ କରାଯାଇଥିଲା। ହୋଇଥିବା ଜାଲିଆତିର ପର୍ଦ୍ଦାଫାଶ ହେବା ପରେ ୨ ସରକାରୀ ଅଧିକାରୀଙ୍କ ସହ ୧୫ ଜଣଙ୍କୁ ଗିରଫ କରାଯାଇଛି। କନ୍ୟା ଓ ବର ଭାବେ ଗଣବିବାହରେ ଅଭିନୟ କରିବା ଲାଗି ୨୦୦ ଯୋଡ଼ିଙ୍କୁ ୫୦୦ରୁ ୨୦୦୦ ଟଙ୍କା ଯାଏ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ଏଭଳି ଗଣବିବାହରେ ଭାଗନେଇଥିବା ପ୍ରତ୍ୟେକ କନ୍ୟା ପାଇଁ ମୋଟ୍ ୫୧ ହଜାର ଟଙ୍କା ସରକାରୀ ସ୍ତରରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ସରକାରୀ ସହାୟତା ଯେତେବେଳେ ଅନେକ ଶହ ମହିଳାଙ୍କ ନାମରେ ରାଜକୋଷରୁ ଦିଆଯାଉଛି, ସେତେବେଳେ ସେହି ପରିମାଣ ଏକ ବିରାଟ ରୂପ ଧାରଣ କରୁଛି। ସମ୍ଭବତଃ ଏହିଭଳି ବିବାହ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ହୋଇ ଆସୁଛି। କିନ୍ତୁ କୌଣସି ଗଣମାଧ୍ୟମ ଏଭଳି ଘଟଣାକୁ ପୂର୍ବରୁ ଲୋକଲୋଚନକୁ ଆଣି ନ ଥିଲା। ୨୫ ଜାନୁଆରୀ ବଲିଆ ଘଟଣାକୁ ଆଶ୍ଚର୍ଯ୍ୟଜନକ ଭାବେ ଆଦାନୀ କମ୍ପାନୀର ଏନ୍‌ଡିଟିଭି ମାଧ୍ୟମରେ ଦେଶବାସୀ ଜାଣିବାକୁ ପାଇଲେ। ପରବର୍ତ୍ତୀ ସମୟରେ ଅନ୍ୟ ଗଣମାଧ୍ୟମରେ ମଧ୍ୟ ଏହି ଖବର ବହୁଳ ପ୍ରସାରିତ ହୋଇଥିଲା। କେତେକ ସୂତ୍ରରୁ କୁହାଗଲା ଯେ, ଗୁଜରାଟୀ ବ୍ୟବସାୟୀ ଆଦାନୀଙ୍କ ଚାନେଲ ମାଧ୍ୟମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବଦ୍‌ନାମ କରିବା ପାଇଁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଆରମ୍ଭ ମାତ୍ର। ଆସନ୍ତା ଦିନମାନଙ୍କରେ ଆଉ କେତେକେ ଏହିଭଳି ଦୋଷାରୋପ ଆଣି ଆଦିତ୍ୟନାଥଙ୍କୁ ବଦ୍‌ନାମ କରିବା ପାଇଁ ଚେଷ୍ଟା କରାଯାଇପାରେ। ସମସ୍ତେ ଜାଣନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି କିମ୍ବା ଅନ୍ୟ କୌଣସି ଅଣ ଭାଜପା ଦଳର ଇଙ୍ଗିତରେ ଏନ୍‌ଡିଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତ କରେ ନାହିଁ। ସେଥିପାଇଁ ଅନ୍ୟ କ୍ଷମତାର ପ୍ରଭାବ ପଡ଼ିଥାଇପାରେ। ତେବେ କେବଳ ରାଜନୀତିରେ ଏହି ଘଟଣାକୁ ସୀମିତ କରିଦେବା ଅନୁଚିତ ହେବ।

ଯେକୌଣସି ମତେ ଏବଂ ଯେଉଁ ପ୍ରକାରର ଆବଶ୍ୟକତା ଉପୁଜୁଛି ତାହାର ଲାଭ ଉଠାଇବାକୁ ଯାଇ ଅସତ୍ୟ କିମ୍ବା ଜାଲିଆତି ମାଧ୍ୟମରେ ଅର୍ଥ ଲାଭ କରିବା କାହାରିକୁ ବିଚଳିତ କରୁନାହିଁ। ଯଦି କୌଣସି ଅର୍ଥ ପକେଟରେ ପଶିଲା ତେବେ ସବୁ ପ୍ରକାର ଅନୈତିକ କାର୍ଯ୍ୟ କରିବା ପାଇଁ ଆଜିର ଅଧିକାଂଶ ଭାରତୀୟ ଯୁବତୀଯୁବକ ପ୍ରସ୍ତୁତ ହୋଇଯାଉଛନ୍ତି।

ବଲିଆର ଗଣବିବାହ ବହୁଭାବରେ ସାଧାରଣ ଭାରତୀୟଙ୍କ ଏବକାର ଚରିତ୍ର ଦର୍ଶାଉଛି। ପୂର୍ବରୁ ସିନେମାରେ ମିଛିମିଛିକା ବିବାହର ଦୃଶ୍ୟରେ ଭାଗନେବାକୁ ଭାରତୀୟ ତାରକାମାନେ ଅନିଚ୍ଛୁକ ହେଉଥିଲେ। ତାହାର କାରଣ ହେଲା ଏହି ସଂସ୍କୃତିରେ ନାରୀର ହାତ ଧରି ସାତଫେରା କରିଲେ ଅନେକ ଦାୟିତ୍ୱ ଉଭୟଙ୍କ ଉପରେ ଆସିଯାଏ, ଯାହା କି ଏକ ପବିତ୍ର ବନ୍ଧନ ବୋଲି ବିବେଚିତ ହେଉଥିଲା। ଅର୍ଥାତ୍ ବିବାହର ଅଭିନୟ କରିବାକୁ ଅନେକେ ଭୟ କରୁଥିଲେ। ଆଜିର ସାମାଜିକ ପରିସ୍ଥିତିରେ ସେଭଳି ଭୟ କାହାରି ମନରେ ଦିଶୁନାହିଁ। ଯେକୌଣସି ମତେ ଏବଂ ଯେଉଁ ପ୍ରକାରର ଆବଶ୍ୟକତା ଉପୁଜୁଛି ତାହାର ଲାଭ ଉଠାଇବାକୁ ଯାଇ ଅସତ୍ୟ କିମ୍ବା ଜାଲିଆତି ମାଧ୍ୟମରେ ଅର୍ଥ ଲାଭ କରିବା କାହାରିକୁ ବିଚଳିତ କରୁନାହିଁ। ଯଦି କୌଣସି ଅର୍ଥ ପକେଟରେ ପଶିଲା ତେବେ ସବୁ ପ୍ରକାର ଅନୈତିକ କାର୍ଯ୍ୟ କରିବା ପାଇଁ ଆଜିର ଅଧିକାଂଶ ଭାରତୀୟ ଯୁବତୀଯୁବକ ପ୍ରସ୍ତୁତ ହୋଇଯାଉଛନ୍ତି। ଏହି ରୋଗ କେବଳ ଯୁବପିଢ଼ିରେ ସୀମିତ ରହୁନାହିଁ। ଅର୍ଥ ଅର୍ଜନ କରୁଥିବା ପିଲାଙ୍କୁ ତାଙ୍କର ମାତାପିତା ସବୁ ପ୍ରକାରର ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇ ରହୁଛନ୍ତି। ଆପତ୍ତି କରିବାର ସୁଯୋଗ ଉପୁଜୁ ନାହିଁ।

ଉତ୍ତର ପ୍ରଦେଶର ଗଣବିବାହର ଭିଡିଓ ଦେଖିଲେ ସେଠାରେ ଥିବା ଯୁବତୀମାନେ ଯେଉଁଭଳି ନିଜ ବେକରେ ନିଜେ ଫୁଲମାଳ ପକାଉଥିଲେ ସେଥିରୁ ସ୍ପଷ୍ଟ ବୁଝାପଡୁଥିଲା ଯେ, ଏହି ଦେଶର ଆଜିର ସମାଜରେ ନରନାରୀ ଭିତରେ କୌଣସି ତଫାତ୍ ରହିଲା ନାହିଁ। ଯଦି ଏହି ବିଷୟଟି ପଦାକୁ ଆସିପାରିଲା ତାହାର ଏକମାତ୍ର କାରଣ ହେଲା ଅର୍ଥ ପାଇବା ପ୍ରତିଶ୍ରୁତି ମିଳିଥିବା କେତେଜଣ ଯୁବକଙ୍କୁ ସନ୍ତୋଷଜନକ ଟଙ୍କା ମିଳିଲା ନାହିଁ। ଚୋର ଗୋଷ୍ଠୀ ଭଳି ଅର୍ଥ ଦେବାନେବାରେ ବୁଝାମଣା ହୋଇପାରୁ ନ ଥିବା ହେତୁ ଜାଲିଆତିଟି ଧରାପଡ଼ିଲା। ଏହା କେବଳ ଉତ୍ତର ପ୍ରଦେଶ କିମ୍ବା ଗଣବିବାହରେ ଆଜିର ଭାରତୀୟ ଚରିତ୍ରର ଉଦାହରଣ ନୁହେଁ। ଏଭଳି ଅସତ୍ୟ ଉପରେ ଆଧାରିତ ଦୁର୍ନୀତିରେ ସମସ୍ତେ ସବୁଆଡ଼େ ଲିପ୍ତ ଅଛନ୍ତି। ଯେଉଁମାନେ କୌଣସି ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ହୋଇପାରି ନାହାନ୍ତି, ସେମାନେ ଏହିଭଳି ଭିଡିଓ କିମ୍ବା ଲେଖା ପ୍ରସ୍ତୁତ କରି ନିଜର ଅପାରଗତା ପ୍ରଦର୍ଶନ କରୁଛନ୍ତି। ଆଜିର ଭାରତରେ ଏହିଭଳି ଅପାରଗ ନାଗରିକ ବାସ୍ତବ ରାମ ରାଜ୍ୟ ସୃଷ୍ଟି କରିପାରିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | 5 |
| | | | 9 | 3 | | 7 | | 6 |
| | | | | | 2 | 3 | | |
| | 8 | 4 | | | | | 3 | 7 |
| 1 | 2 | | | | 4 | | | |
| | | 3 | | | | | | |
| 5 | | | 1 | | | | | |
| | 9 | 8 | | | | | 7 | |
| | | | 6 | 5 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 9 | 5 | 2 | 3 | 1 | 7 |
| 7 | 9 | 5 | 3 | 4 | 1 | 2 | 6 | 8 |
| 1 | 2 | 3 | 7 | 8 | 6 | 4 | 5 | 9 |
| 4 | 3 | 9 | 6 | 1 | 5 | 7 | 8 | 2 |
| 5 | 7 | 2 | 8 | 9 | 3 | 6 | 4 | 1 |
| 8 | 1 | 6 | 2 | 7 | 4 | 9 | 3 | 5 |
| 2 | 8 | 4 | 1 | 3 | 9 | 5 | 7 | 6 |
| 9 | 5 | 1 | 4 | 6 | 7 | 8 | 2 | 3 |
| 3 | 6 | 7 | 5 | 2 | 8 | 1 | 9 | 4 |

ଗତକାଲିର ଉତ୍ତର

# ଈଶ୍ୱରଙ୍କ ସନ୍ଧାନରେ



ଡ. ନରେନ୍ଦ୍ର ସେଠୀ

ଆମ ବିଶ୍ୱାସ ଅନୁଯାୟୀ ସର୍ବନିୟନ୍ତା ଈଶ୍ୱରଙ୍କୁ ଜନ୍ମଦେଲା କିଏ ? ଶାସ୍ତ୍ର ପୁରାଣ ଅନୁଯାୟୀ ଏହାର ବ୍ୟାଖ୍ୟା କରାଯାଇପାରେ, ମାତ୍ର ବିଜ୍ଞାନ ଅନୁସାରେ ଈଶ୍ୱରଙ୍କ ଜନ୍ମ ରହସ୍ୟ ଖୋଜିବାରେ ମଣିଷ ଲାଗି ପଡ଼ିଛି। ବିଶ୍ୱ ବ୍ରହ୍ମାଣ୍ଡ ନିର୍ମାଣ ହେବା ପୂର୍ବର ବିଗ୍ ବ୍ୟାଙ୍ଗ୍ ବିସ୍ଫୋରଣକୁ ପୁନଃ ନକଲ କରିବା ପାଇଁ ନ୍ୟୁଟ୍ରନଗୁଡ଼ିକୁ ସୁଇଜରଲାଣ୍ଡର ଭୂମିଗତ ପ୍ରୟୋଗଶାଳା ଭିତରେ ଧକ୍କାକରି ଚମତ୍କାରୀ ଈଶ୍ୱରୀୟ କଣିକା ବା ଗଡ୍ ପାର୍ଟିକିଲକୁ ଆବିଷ୍କାରକରି ଈଶ୍ୱରଙ୍କ ବ୍ରହ୍ମାଣ୍ଡ ସୃଷ୍ଟିର ଗୁପ୍ତ ରହସ୍ୟ ଉନ୍ମୋଚନ କରିବାକୁ ମଣିଷ ତତ୍ପର ହୋଇଛି। ବିଜ୍ଞାନର ଚରମ ଅଗ୍ରଗତି ହୋଇ ଆମେ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ପହଞ୍ଚିଥିଲେ ମଧ୍ୟ ବିଶ୍ୱ ବ୍ରହ୍ମାଣ୍ଡର ସଂରଚନା ବିଷୟରେ ସମ୍ୟକ ଧାରଣା ପ୍ରାପ୍ତ କରିଛୁ ମାତ୍ର। ଏହାର କାରଣ ହେଲା ଆମେ ଯେଉଁ ଦୃଶ୍ୟମାନ ଜଗତ ଦେଖୁଛୁ, ତାହା ବ୍ରହ୍ମାଣ୍ଡର ମାତ୍ର ୫ ପ୍ରତିଶତ ଓ ଅବଶିଷ୍ଟ ୯୫ ପ୍ରତିଶତ ଜିନିଷ ଯାହା ଆମେ ଦେଖିପାରୁ ନାହୁଁ ଯାହାକୁ ଅନ୍ଧକାର ପଦାର୍ଥ ଓ ଅନ୍ଧକାର ଶକ୍ତି କୁହାଯାଇଥାଏ। ତା'ହେଲେ ବିଶ୍ୱର ସେହି ୯୫ ପ୍ରତିଶତ ଦୁନିଆରେ କିଏ ଅଛି ? ସେଠି କ'ଣ ଈଶ୍ୱର ବାସକରନ୍ତି କିମ୍ବା ଖୁବ୍ ଅତ୍ୟାଧୁନିକ ପରଗ୍ରହୀ ସଭ୍ୟତା ଅଛି ? ଏ ପ୍ରଶ୍ନର ଉତ୍ତର ସେତିକି ଜଟିଳ ଯେମିତି ଅଥଳ ସମୁଦ୍ର ଭିତରୁ ଏକ ନିର୍ଦ୍ଦିଷ୍ଟ ହଜିଲା ଜିନିଷକୁ ଖୋଜିବା ପରି। ଏହାର କାରଣ ହେଲା ଏ ବ୍ରହ୍ମାଣ୍ଡ ଏତେ ବିଶାଳ ଓ ବୃହତ୍ ଯେ ଖାଲି ଆଖିରେ ଦେଖାଯାଉଥିବା ମିଞ୍ଜି ମିଞ୍ଜି ତାରାଗୁଡିକ ଯାହାଙ୍କ ଆୟତନ ସୂର୍ଯ୍ୟର ଆୟତନ ଠାରୁ ଅନେକ ଗୁଣ ବେଶି ସେଠାକୁ ଯିବା ପାଇଁ ମଧ୍ୟ ମଣିଷ ଉପଯୁକ୍ତ ଯାନ ପ୍ରସ୍ତୁତ କରି ପାରିନାହିଁ। ଏହାକୁ ଏକ ଛୋଟିଆ ଉଦାହରଣ ଦେଇ ବୁଝାଯାଇପାରେ।

ଆମେରିକାର ନାସା ତରଫରୁ ଭଏଜର-୨ ଯାନ କାର୍ଯ୍ୟକ୍ରମ ଯାହା ୧୯୭୭ରେ ମହାକାଶକୁ ପ୍ରେରଣ କରାଯାଇଥିଲା ତାହା ୫୫୩୪୩ କି.ମି. ଘଣ୍ଟା ପ୍ରତି ଗତି କରୁଥିଲେ ମଧ୍ୟ ଏହାକୁ ସୌର ମଣ୍ଡଳ ଅତିକ୍ରମକରି ବାହାରକୁ ଯିବା ପାଇଁ ଆହୁରି ୪୦ ହଜାର ବର୍ଷ ଲାଗିଯିବ। ଅନ୍ୟ ଅର୍ଥରେ ବୁଝିବାକୁ ହେଲେ ଏହି ଭଏଜର-୨ ଆମ ସୌରମଣ୍ଡଳଠାରୁ ଅତି ନିକଟତମ ତାରା ପ୍ରକ୍ସିମା ସେଣ୍ଟାଉରି ପର୍ଯ୍ୟନ୍ତ ଥିବା ଦୂରତାର ମାତ୍ର ଅଧା ବାଟ ଅତିକ୍ରମ କରିଛି। ଏହାର ଅର୍ଥ ହେଲା ଯଦି ଈଶ୍ୱର କିମ୍ବା ଅତି ଆଧୁନିକ ସଭ୍ୟତା ଯାହା ଦୃଶ୍ୟମାନ ବ୍ରହ୍ମାଣ୍ଡର ଆରପାର୍ଶ୍ୱରେ କୋଉଁଠି ଅପହଞ୍ଚ ଇଲାକାରେ ଅଛନ୍ତି, ବିଜ୍ଞାନର ସବୁ ପ୍ରଗତିଶୀଳ ଜ୍ଞାନ କୌଶଳ ଲାଗିଲେ ମଧ୍ୟ ଗୋଟିଏ ମଣିଷ ସଭ୍ୟତାର ଆୟୁ ପକ୍ଷରେ ତାଙ୍କ ପାଖରେ ପହଞ୍ଚିବା ଅସମ୍ଭବ ଲାଗେ। ତା'ମାନେ



ଠିକ୍ ଧର୍ମଶାସ୍ତ୍ରର ମତ ପରି ଈଶ୍ୱର ଏତେ ସହଜରେ ପ୍ରାପ୍ତ କରିବା ଭଳି ଜିନିଷ ନୁହନ୍ତି! ତା'ହେଲେ ଈଶ୍ୱରଙ୍କୁ ବିଜ୍ଞାନ କେମିତି ଖୋଜି ପାଇବ?

ବିଜ୍ଞାନ ଅନୁସାରେ ଆମେ ଜାଣିଛୁ, ସାଢେ ୧୩ଶହ କୋଟି ବର୍ଷ ପୂର୍ବେ ଏକ ବିରାଟ ବିସ୍ଫୋରଣ ବିଗ୍ ବ୍ୟାଙ୍ଗରୁ ଆମ ବ୍ରହ୍ମାଣ୍ଡର ସୃଷ୍ଟି ହେଲା। ମାତ୍ର ଏହି ବିସ୍ଫୋରଣର କାରକ, କାରଣ ଓ ଉତ୍ସ ସମସ୍ତଙ୍କୁ ଅଜଣା। ତେବେ କିଛି ବର୍ଷ ପୂର୍ବେ ସୁଇଜରଲାଣ୍ଡର ସର୍ନ ଲାବରେଟୋରିରେ ଆବିଷ୍କୃତ ବ୍ରହ୍ମାଣ୍ଡର ମୌଳିକ କଣିକା ହିଗ୍ସ ବୋସନକୁ ଜାଣିଲା ପରେ ମଣିଷ ଆହୁରି ଚକିତ ହେଲା। ଏହି ହିଗ୍ସ ବୋସନ ପରମାଣୁ ତିଆରି କରିବାର ମୁଖ୍ୟ ଓ ଏକମାତ୍ର ମୌଳିକ ଉପାଦାନ ହୋଇଥିବାରୁ ସମଗ୍ର ବ୍ରହ୍ମାଣ୍ଡକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏହି ଆଶ୍ଚର୍ଯ୍ୟ କଣିକାକୁ ଗଡ୍ ପାର୍ଟିକିଲ ବା ଈଶ୍ୱର କଣିକା କୁହାଗଲା। ଏହି ଈଶ୍ୱର କଣିକା ଯାହାକୁ ୫୦ ବର୍ଷ ତଳେ ବିଜ୍ଞାନ ଅନୁମାନ ଲଗାଇ ସାରିଥିଲା, ୨୦୧୨ ମସିହାରେ ଆବିଷ୍କୃତ କରାଗଲା। ଏହି ଈଶ୍ୱରୀୟ କଣିକାକୁ ଦେଖି ହେବ ନାହିଁ କି ଖୋଜି ହେବ ନାହିଁ। ଏହାକୁ କେବଳ ନ୍ୟୁଟ୍ରନଗୁଡ଼ିକୁ ଆଲୋକ ସାମନ ବେଗ ପରି ଗତିକରାଇ ଧକ୍କା କଲେ ଏହା ଆବିର୍ଭାବ ହୋଇ ପୁଣି ଅନ୍ତର୍ଦ୍ଧାନ ହୋଇଯାଏ। ଏହି ଆଶ୍ଚର୍ଯ୍ୟଜନକ କଣିକା ହେଉଛି ସମଗ୍ର ବିଶ୍ୱର ମୂଳଦୁଆ ...ଈଶ୍ୱର ??? ତେବେ ଈଶ୍ୱରଙ୍କ ଅବସ୍ଥିତି ଉପରେ ସନ୍ଦେହ କରୁଥିବା ବିଜ୍ଞାନ କ'ଣ ନିଜ ଅଜାଣତରେ ଈଶ୍ୱରୀୟ କଣିକା ବା ଗଡ୍ ପାର୍ଟିକିଲ ଆଳରେ ଈଶ୍ୱରଙ୍କୁ ଆବିଷ୍କାର କରିଦେଲା ? ଏହା ତର୍କର ବିଷୟ! ହଁ , ଏହା ସତ୍ୟ ଯେ ଏପର୍ଯ୍ୟନ୍ତ ଯୁଗ ଯୁଗ ଧରି ଈଶ୍ୱରଙ୍କ ସହ ସାମ୍ନାସାମ୍ନି ହୋଇଥିବା ଯୁଗ ପ୍ରବର୍ତ୍ତକ ଓ ସାଧୁ ସନ୍ନ୍ୟାସୀମାନେ ମଧ୍ୟ କେବଳ ନିମିଷକ ପାଇଁ ହିଁ ଈଶ୍ୱରଙ୍କ ସୃଷ୍ଟିକୁ ହୃଦୟଙ୍ଗମ କରିବାର ସୌଭାଗ୍ୟ ଲାଭ କରିଥାନ୍ତି ବୋଲି କୁହାଯାଏ। ବୋଧହୁଏ ଈଶ୍ୱରଙ୍କୁ ପ୍ରାପ୍ତ କରିବା ଏକ କଷ୍ଟକର ଓ କଠିନ ସାଧନାଯୁକ୍ତ ଉପାୟ ଯାହା ପ୍ରାଚୀନ ହିନ୍ଦୁଧର୍ମ ଶାସ୍ତ୍ରରେ ବର୍ଣ୍ଣନ ଅଛି ଓ ଆଧୁନିକ ବିଜ୍ଞାନ ପକ୍ଷରେ ମଧ୍ୟ ଠିକ୍ ସେଇଆ ପ୍ରମାଣିତ ହେଉଛି।

ଖାଲି ସେତିକି ନୁହେଁ, ହିନ୍ଦୁ ପୁରାଣ ଶାସ୍ତ୍ରରେ କୋଟି ବ୍ରହ୍ମାଣ୍ଡ ବା ଅନେକ ବ୍ରହ୍ମାଣ୍ଡ ଥିବାର ବର୍ଣ୍ଣନା ଦେଖିବାକୁ ମିଳିଥାଏ ଓ ଭିନ୍ନ ଭିନ୍ନ ବ୍ରହ୍ମାଣ୍ଡରେ ଅଲଗା ଅଲଗା ଉପାଦାନ ଥାଏ। କିଛି ବ୍ରହ୍ମାଣ୍ଡରେ ପରିସ୍ଥିତି ଜୀବନ ପାଇଁ ଅନୁକୂଳ ହୋଇ ନ ଥାଏ ଓ ସେଠି ରହୁଥିବା ସଭ୍ୟତା ପୃଥିବୀଠାରୁ ଅଲଗା ହୋଇପାରେ। କିନ୍ତୁ ସେ ଯାହା ହେଉ ଏକ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ପ୍ରକୃତିର ଅପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ ଓ ଏପରି ଅନେକ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ଅକଳ୍ପନୀୟ ଶକ୍ତି ସଞ୍ଚାରର ଆବଶ୍ୟକ ହୋଇଥିବ। ତା'ହେଲେ ଏସବୁକୁ ଖୁବ୍ ଶାଳୀନତାର ସହ ସନ୍ତୁଳିତକରି ଗଢ଼ି ତୋଳିଥିବା ସେହି ଅଦୃଶ୍ୟ ଶକ୍ତି ବୋଧେ ଈଶ୍ୱର ! କିନ୍ତୁ ଏକଥା ସତ୍ୟ ଯେ ଈଶ୍ୱର କେବେ ସଶରୀରେ ନିଜ ଅସ୍ତିତ୍ୱର ପ୍ରମାଣ ଦେବାକୁ ଆସି ବିଜ୍ଞାନ ଆଗରେ ଦଣ୍ଡାୟମାନ ହେବେନି, ତେବେ ବ୍ରହ୍ମାଣ୍ଡର ଜଟିଳତା ଓ ସନ୍ତୁଳିତ ସଚାଳନା ବିଷୟରେ ଯେପର୍ଯ୍ୟନ୍ତ ଠୋସ୍ ଯୁକ୍ତି ଓ ପ୍ରମାଣ ନ ଦେଇପାରିଛି, ଅନ୍ତତଃ ସେଯାଏ ବିଜ୍ଞାନକୁ ଅଦୃଶ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାକୁ ବାଧ୍ୟ। ଏଠାରେ ଆଉ ଏକ ତଥ୍ୟ ଉଲେଖ୍ୟ କରିବା ଉଚିତ ହେବ ଯେ ମଣିଷର ଆଧୁନିକ ବିଜ୍ଞାନ, ଇତିହାସ ମାତ୍ର କେତେଶହ ବର୍ଷର ଓ ଯେଉଁ ଗତିରେ ବୈଜ୍ଞାନିକ ଜ୍ଞାନକୋଶଳ ଅଗ୍ରଗତିକରି ଚାଲିଛି ଆଉ କେତେ ଶହ ବର୍ଷ ପରେ ମଣିଷ ବର୍ତ୍ତମାନର ସଭ୍ୟତାଠାରୁ ଅଧିକ ଅଗ୍ରସର ହୋଇସାରିଥିବ। ଆଉ କେତେ ହଜାର ବର୍ଷ ପରେ ମଣିଷ ସଭ୍ୟତା ନିଜ ନିକଟବର୍ତ୍ତୀ ତାରାମାନଙ୍କ ସୌରଶକ୍ତି ଉପଯୋଗକରି ଆଗ୍ନେୟ ଉଦ୍‌ଗିରଣ, ଝଡ଼ ବାତ୍ୟା ଓ ଭୂମିକମ୍ପକୁ ନିୟନ୍ତ୍ରଣ କରିବାର କ୍ଷମତା ହାସଲ କରିସାରିଥିବ। ମଣିଷ ପୁଣି ଆଗେଇ ଚାଲିବ ଓ ନିଜର ବୈଜ୍ଞାନିକ ଉତ୍କୃଷ୍ଟତା ଜାରି ରଖି ନିକଟବର୍ତ୍ତୀ ସୌରମଣ୍ଡଳର ସମ୍ପୂର୍ଣ୍ଣ ଶକ୍ତିକୁ ଅକ୍ତିଆର କରିନେବ। ଏଥିପାଇଁ ଏମାନେ ହୁଏତ ତାରକାମାନଙ୍କ ଚାରିପଟେ ଏକ ବଡ଼ ଗୋଲାକୃତି ତିଆରିକରି ସବୁ ଶକ୍ତିକୁ ଉପଯୋଗ କରିବାରେ ସକ୍ଷମ ହେବେ ଓ ସେଇଠି ବାସ କରିପାରିବ। ବିଜ୍ଞାନର ଏହି ଅବସ୍ଥାରେ ପହଞ୍ଚିବାକୁ ପାଖାପାଖି ୩୦୦୦ ବର୍ଷ ଲାଗି ଯାଇପାରେ। ସେତେବେଳକୁ ମଣିଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମନ ଇଚ୍ଛା ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ଶେଷରେ ନିଜକୁ ପୁରାଣ ବର୍ଣ୍ଣିତ ଦେବତାମାନଙ୍କ ସମକକ୍ଷ କରି ପାରିବ ଓ ଯେଉଁ ଅଦୃଶ୍ୟ ବ୍ରହ୍ମାଣ୍ଡରେ ଈଶ୍ୱର ରହିଲେ ମଧ୍ୟ ସେଥରେ ପହଞ୍ଚି ତାଙ୍କୁ ଦର୍ଶନ କରିବାକୁ ସମୟ ମାଗିବ।

**ଯାଦୁଗୁଡ଼ା, ପୂର୍ବ ସିଂହଭୂମ , ଝାଡ଼ଖଣ୍ଡ**
**ମୋ: ୭୦୦୪୦୬୮୧୧୦**

# ପିଲାଏ ବଡ଼ ସମ୍ପତ୍ତି



ଯଦୁମଣି ପାଣିଗ୍ରାହୀ

ଲୋକମୁଖରୁ ଗୋଟେ କଥା ଶୁଣିବାକୁ ମିଳିଥାଏ ଯେ, ପିଲାଏ ଯେବେ ଯୋଗ୍ୟ, ତେବେ ସେମାନଙ୍କ ପାଇଁ ଧନ ସଞ୍ଚୟ କରିବାର ଆବଶ୍ୟକତା ନାହିଁ। ସେହିପରି ପିଲାଏ ଯେବେ ଅଯୋଗ୍ୟ, ତେବେ ସେମାନଙ୍କ ପାଇଁ ବି ଧନ ସଞ୍ଚୟ କରିବାର ଆବଶ୍ୟକତା ନାହିଁ। ବିସ୍ତୃତ ଭାବେ କହିଲେ ଏହାର ଅର୍ଥ ହେଉଛି ପିଲାଏ ଯେବେ ପାଠଶାଠ ପଢ଼ି ନିଜକୁ ଯୋଗ୍ୟ ଓ ସମର୍ଥ କରି ଗଢ଼ିତୋଳି ପାରିଲେ ତେବେ ସେହି ଯୋଗ୍ୟତା ବଳରେ ସେମାନେ ରୋଜଗାରକ୍ଷମ ହୋଇପାରିବେ ଓ ଧନ ସମ୍ପତ୍ତି ଅର୍ଜନ କରିବାକୁ ବି ସକ୍ଷମ ହୋଇପାରିବେ। ତେଣୁ ସେମାନଙ୍କ ମାତାପିତାଙ୍କୁ ଆଉ ସେମାନଙ୍କ ପାଇଁ ଧନ ସଞ୍ଚୟ କରି ରଖିବାର ପ୍ରୟୋଜନ ନାହିଁ। ଅନ୍ୟପକ୍ଷେ ପିଲାଏ ଯେବେ ଅଯୋଗ୍ୟ ଓ ଅକର୍ମା ହେଲେ ତେବେ ସେମାନଙ୍କ ପାଇଁ ବି ଧନ ସଞ୍ଚୟ କରି ରଖିବାର ପ୍ରୟୋଜନ ନାହିଁ। କାରଣ ସେମାନଙ୍କ ମାତାପିତାଙ୍କ ଦ୍ୱାରା ସଞ୍ଚିତ ଧନକୁ ଅଚିରେ ବା ଅନାୟାସରେ ନଷ୍ଟଭ୍ରଷ୍ଟ କରିବାକୁ ସେମାନଙ୍କୁ ବେଶି ଦିନ ଲାଗିବ ନାହିଁ। ସତରେ ଲୋକମୁଖରୁ ଶୁଣା ଯାଉଥିବା ଉକ୍ତ କଥା ବେଶ୍ ମୂଲ୍ୟବାନ ଓ ଏଥିରେ ଯଥେଷ୍ଟ ଗୁରୁତ୍ୱ ରହିଛି। ପିଲାମାନଙ୍କୁ ପାଠଶାଠ ପଢ଼ାଇ ଯୋଗ୍ୟ ଓ ସମର୍ଥ କରି ଗଢ଼ି ତୋଳିବାରେ ମାତାପିତାଙ୍କ ଭୂମିକାକୁ ଭାଷାରେ ବ୍ୟକ୍ତ କରିବା ବୋଧେ ସମ୍ଭବପର ନୁହେଁ। କେତେ ଯେ ଶ୍ରମ ଓ ତ୍ୟାଗ ସ୍ୱୀକାର କରି ମାତାପିତା ସେମାନଙ୍କ ପିଲାଙ୍କୁ ମଣିଷ କରିଥାନ୍ତି ତାହା କେବଳ ଜଣେ ଅନୁଭବୀ ହିଁ ହୃଦୟଙ୍ଗମ କରିପାରିବ। ବିଶେଷକରି ନିମ୍ନ ଓ ନିମ୍ନମଧ୍ୟବିତ୍ତ ପରିବାରର ମାତାପିତାଙ୍କ କ୍ଷେତ୍ରରେ ଏହା ଏକ ସାଧନା ସଦୃଶ ସାବ୍ୟସ୍ତ ହୋଇଥାଏ। ପ୍ରକୃତକଥା ହେଉଛି ଧନୀ କି ଗରିବ ନିର୍ବିଶେଷରେ ପିଲାଙ୍କୁ ପାଠଶାଠ ପଢ଼ାଇ ଓ ଉପଯୁକ୍ତ ସଂସ୍କାର ପ୍ରଦାନ କରି ଭଲ ମଣିଷ କରିବାର ମାନସିକତା ସମସ୍ତଙ୍କର ନ ଥାଏ। ଶିକ୍ଷା ପ୍ରାପ୍ତ ହୋଇଥିବା ବା ହୋଇ ନ ଥିବା ନିର୍ବିଶେଷରେ ପାଠ ପ୍ରତି ଯେଉଁମାନଙ୍କର ଶ୍ରଦ୍ଧା ବା ଅନୁରାଗ ଥାଏ କେବଳ ସେହିମାନେ ହିଁ ପାଠର ମର୍ଯ୍ୟାଦାକୁ ବୁଝିପାରନ୍ତି ଓ ସେମାନଙ୍କ ପିଲାଙ୍କୁ ଆବଶ୍ୟକ ଶିକ୍ଷାଦୀକ୍ଷା ଦେଇ ମଣିଷ କରିବାର ଆଶା ମନରେ ପୋଷଣ କରିଥାନ୍ତି। ଆଜିକାଲି ଗୋଟେ କଥା ଦେଖିବାକୁ ମିଳୁଛି ଯେ, ଅଧିକାଂଶ ଲୋକ ଧନସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା ଓ ପ୍ରତିପତ୍ତିରେ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ କରିବାକୁ ଦିନରାତି ପ୍ରୟାସ ଜାରି ରଖିଛନ୍ତି। ସେଥିପାଇଁ ପ୍ରଥମେ ନିଜର ଆର୍ଥିକ ସ୍ଥିତିକୁ ଦୃଢ଼ କରିବା, ଜାଗା ଖଣ୍ଡେ କିଣି କୋଠା ଘରଟିଏ ନିର୍ମାଣ କରିବା ସର୍ବୋପରି ଗାଡ଼ି ଓ ଗୃହୋପକରଣ ସାମଗ୍ରୀ କ୍ରୟ କରିବାରେ ପ୍ରାୟତଃ ସମସ୍ତେ ତତ୍ପର। ଆଉ ଏଥିପାଇଁ ଏବେ ଏକପ୍ରକାର ପ୍ରତିଯୋଗିତା ଯେମିତି ଚାଲିଛି। ଚା'ଜଳଖିଆ ଦୋକାନ କି ବଜାରହାଟରେ ଲୋକେ ମୁଖ୍ୟତଃ ନିଜର ରୋଜଗାର, ଅର୍ଜିତ ଧନ ସମ୍ପତ୍ତି ଓ ଭବିଷ୍ୟତର ଯୋଜନାକୁ ନେଇ ବେଶ୍ ଆଲୋଚନା କରିଥାନ୍ତି। ଅଥଚ ନିଜ ପିଲାମାନଙ୍କ ପାଠପଢ଼ା, ସେମାନଙ୍କ ଚାଲିଚଳନ, କଥାବାର୍ତ୍ତା ଓ ଆଚାର ବ୍ୟବହାର ସର୍ବୋପରି ସେମାନଙ୍କ ଭବିଷ୍ୟତର



କର୍ମପନ୍ଥାକୁ ନେଇ କେବେ କାହା ସହ ବିଚାର ଆଲୋଚନା କରିବା କିମ୍ବା କାହାର ପରାମର୍ଶ ନେବାକୁ ଏତେଟା ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଅସଲରେ ସେମାନଙ୍କ ପିଲାଏ ହେଉଛନ୍ତି ସେମାନଙ୍କର ବଡ଼ ସମ୍ପତ୍ତି, ଏ କଥା ସେମାନେ ବୋଧହୁଏ ନିଜ ଭାବନାକୁ ଆଣନ୍ତି ନାହିଁ। ପ୍ରକୃତପକ୍ଷେ ଯେଉଁମାନଙ୍କୁ ନେଇ ଛାତିଟା ଗର୍ବରେ ଫୁଲିଉଠେ ଏବଂ ଯେଉଁମାନେ ଭବିଷ୍ୟତର ସ୍ୱପ୍ନ ଓ ସମ୍ଭାବନା ସେମାନେ ବୋଧେ ହେଉଛନ୍ତି ନିଜର ପିଲା। ଆଗାମୀ କାଲିର କର୍ଣ୍ଣଧାର। ଏକ ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନରେ ଯେଉଁମାନେ ସାଜିବେ ମୁଖ୍ୟ ପୁରୋଧା।

ଆମ ଦ୍ୱାରା ଅର୍ଜିତ ଧନସମ୍ପତ୍ତି ହୁଏତ ଆଜିର ସମୟରେ ଆମର ଆବଶ୍ୟକତା ଦୃଷ୍ଟିରୁ ଯଥେଷ୍ଟ ହୋଇପାରେ, ହେଲେ ଆଗାମୀ ପରିବର୍ତ୍ତିତ ସମୟରେ ଏହା ଆମ ପିଲାମାନଙ୍କ ପାଇଁ ଯେ ଯଥେଷ୍ଟ ହେବ ସେ କଥା କହିହେବନି। ଆଗାମୀ କାଲିର ଦିନଗୁଡ଼ିକ ସେମାନଙ୍କ ଲାଗି ଯେ, ବଡ଼ ଆହ୍ୱାନ ସୃଷ୍ଟି ନ କରିବ ସେ କଥା କିଏ କହିପାରିବ। ସେହିପରି ଆଜିର ସମାଜରେ ଲୋକଙ୍କ ମଧ୍ୟରେ ଯେଭଳି ନୈତିକ ମୂଲ୍ୟବୋଧ ଓ ମଣିଷପଣିଆର ଦ୍ରୁତ ଅବକ୍ଷୟ ଘଟିବାରେ ଲାଗିଛି, ଦିନକୁଦିନ ଲୋକେ ଯେମିତି ଅହଂକାରୀ, ଉଚ୍ଛୃଙ୍ଖଳିତ, ସ୍ୱାର୍ଥପର ଓ ଅବିବେକି ହୋଇ ଯାଉଛନ୍ତି, ତାହା ଆଗାମୀ ଦିନରେ ଯେ ବିସ୍ଫୋରକ ରୂପ ଧାରଣ ନ କରିବ ସେ କଥା କିଏ କହିପାରିବ। ଏପରିସ୍ଥିତିରେ ଆମକୁ ଧନ ସମ୍ପତ୍ତି ଅର୍ଜନ କରି ବଡ଼ଲୋକ ହେବା ଅପେକ୍ଷା ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ଆଗାମୀ କାଲି ପାଇଁ ପ୍ରସ୍ତୁତ କରିବା ନିହାତି ଜରୁରୀ। ପିଲାଏ ଯୋଗ୍ୟ ଓ ସମର୍ଥ ହୋଇପାରିଲେ ପରିବାର ଓ ସମାଜର ସର୍ବାଙ୍ଗୀନ ବିକାଶ ସାଧନ ହୋଇପାରିବ। ବଡ଼କଥା ହେଉଛି ଆଜିର ବିପର୍ଯ୍ୟୟମୁଖୀ ସମାଜକୁ ଦେଖି ଆମକୁ ଯଦି କଷ୍ଟ ଲାଗୁଛି, ଆମ ପାଇଁ ଏହା ଯେବେ ଅସହ୍ୟ ବୋଧ ହେଉଛି, ତେବେ ଆମେ କେବେ ଚିନ୍ତା କରିଛେ କି ଏ ଅବସ୍ଥା ଯଦି ଆଗକୁ ବଳବତ୍ତର ରହେ ତେବେ ଆମ ପିଲାଙ୍କ ମାନସିକ ସ୍ଥିତି କ'ଣ ହେବ। ଶିକ୍ଷିତ, ବୁଦ୍ଧିମାନ ଓ ଦୂରଦୃଷ୍ଟିସମ୍ପନ୍ନ ମଣିଷର ଧର୍ମ ହେଉଛି ପରବର୍ତ୍ତୀ ପିଢ଼ି ତିଆରି କରିବା। ଆଗାମୀ କାଲି ଲାଗି ଶିକ୍ଷିତ, ଯୋଗ୍ୟ ଓ ସମର୍ଥ ମଣିଷ ସୃଷ୍ଟି କରିବା। ଆଜିର ସୁଖ ଓ ସମୃଦ୍ଧି ଯେପରି ଆଗାମୀ କାଲି ବି ଉପଲବ୍ଧ ହୋଇପାରିବ, ଆଜିର ଏହି ବିକାଶର ଧାରା ଆଗକୁ ଯେପରି ଅବ୍ୟାହତ ରହିପାରିବ ସେଥିଲାଗି ଆମ ସମସ୍ତଙ୍କର ପ୍ରୟାସ ଅନିବାର୍ଯ୍ୟ। ଏଥିପାଇଁ ଧନ ସମ୍ପତ୍ତିକୁ ନଜର ନ ଦେଇ ଆଉ ଭବିଷ୍ୟତର ହିତ ଦୃଷ୍ଟିରୁ ଆମକୁ ଆମ ପିଲାଙ୍କୁ ତିଆରି କରିବାକୁ ପଡ଼ିବ।

ବର୍ତ୍ତମାନର ଖୁସିରେ ଖୁସି ନ ହୋଇ ଆମକୁ ଆଗାମୀ କାଲିର ସ୍ୱପ୍ନରେ ବିଭୋର ହେବାକୁ ପଡ଼ିବ। ମାନବ ସମ୍ବଳ ବିକଶିତ ନ ହେଲେ ଦେଶ ସମୃଦ୍ଧ ହୋଇପାରିବନି। ତେଣୁ ଦେଶକୁ ସମୃଦ୍ଧଶାଳୀ କରିବାକୁ ହେଲେ ଆଜିର ପିଲାମାନଙ୍କୁ ଶିକ୍ଷା ଦୀକ୍ଷାରେ ଦକ୍ଷ କରିବାକୁ ପଡ଼ିବ। ସେମାନଙ୍କୁ ଆଧୁନିକ ଓ ଅତ୍ୟାଧୁନିକ ସମସ୍ତ ଶିକ୍ଷା ପ୍ରଦାନ ସହିତ ନୀତି ନୈତିକତାର ଶିକ୍ଷା ସର୍ବୋପରି ଆଧ୍ୟାତ୍ମିକ ଶିକ୍ଷା ବି ପ୍ରଦାନ କରିବାକୁ ହେବ। କାରଣ ପିଲାଏ ହେଉଛନ୍ତି ଆମର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ଆର୍‌କା ପାମ୍ ବା ଗୁଆଗଛର ପତ୍ର ଓ ଖୋଳପାରୁ କୃତ୍ରିମ ଚମଡ଼ା ଭଳି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି କର୍ଣାଟକର ସୁରେଶ ଏସ୍ ଆର ଓ ତାଙ୍କ ସ୍ତ୍ରୀ ମୈଥିଳି। ପଶୁଙ୍କ ଚମଡ଼ାରେ ଗୋଟିଏ ବ୍ୟାଗ କିମ୍ବା ହଳେ ଚପଲ ତିଆରି କରିବା ଲାଗି ଅନେକ କେ.ଜି. କାର୍ବନ ଡାଇଅକ୍ସାଇଡ ନିର୍ଗମନ ହୋଇଥାଏ। କିନ୍ତୁ ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ଚମଡ଼ାରେ ବହୁତ କମ୍ କାର୍ବନ ନିର୍ଗମନ ହେଉଛି। ଏହା ବ୍ୟତୀତ ଏହି ଭେଗାନ ଲେଦର ବା ଚମଡ଼ା ପାଇଁ କମ୍ ପାଣି ମଧ୍ୟ ଦରକାର ହେଉଛି ଓ ଏହା ପୂରା ରାସାୟନମୁକ୍ତ । ତେଣୁ ଏହି ଚମଡ଼ା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଶିବମୋଗା ନିବାସୀ ସୁରେଶ ଭୂମି ଏଗ୍ରି ଭେଞ୍ଚର ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ୧ ଏକରରୁ ୪,୦୦୦ରୁ ୪,୫୦୦ ଗୁଆ ପତ୍ରର ଖୋଳପା ପାଉଛନ୍ତି ଓ ଅନ୍ୟ କଞ୍ଚାମାଲ ଗୁଆ ଚାଙ୍କେଠାରୁ ସଂଗ୍ରହ କରୁଛନ୍ତି। ଏହି ଭେଗାନ ଚମଡ଼ାରୁ ଚପଲଠାରୁ ଆରମ୍ଭ କରି ବ୍ୟାଗ ଓ ଅନ୍ୟାନ୍ୟ ସୌଖୀନ ଜିନିଷ ତିଆରି କରାଯାଉଛି। ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ଏହିସବୁ ଜିନିଷ ମହାରାଷ୍ଟ୍ର ଓ କର୍ନାଟକରେ ବେଶି ବିକ୍ରି ହେଉଛି। ସୁରେଶ ଦିଲ୍ଲୀ ଜି୨୦ ସମ୍ମିଳନୀରେ ତାଙ୍କ ଦ୍ୱାରା ଉତ୍ପାଦିତ ଜିନିଷକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୬ ଫେବୃଆରୀ ୧୯୭୫

- ମିସା ଆଇନ ବଳରେ ବିହାର ରାଜ୍ୟ ସୋସିଆଲିଷ୍ଟ ପାର୍ଟିର ସମ୍ପାଦକ ରାମସୁନ୍ଦର ଦାସ ଗିରଫ।
- ପଶ୍ଚିମବଙ୍ଗର ଖୋଟକଳ ଶ୍ରମିକମାନଙ୍କ ଏକ ମାସ ବ୍ୟାପୀ ଧର୍ମଘଟର ଅବସାନ ଘଟାଇବା ପାଇଁ ଅନୁଷ୍ଠିତ ଏକ ତ୍ରିପାକ୍ଷୀକ ଆଲୋଚନା ପୁନରାୟ ବ୍ୟର୍ଥ-ବିଫଳ ହୋଇଛି।

## ଚିରନ୍ତନୀ

ବିକଳ ମୋର ଅନ୍ତର ବନ୍ଧୁ!
ତୁମରି ଲାଗି କାନ୍ଦିଛି କେତେ
ହତାଶା ପରେ ହତାଶା ଘେନି
ନୂତନ ଆଶା ବାନ୍ଧିଛି କେତେ।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ପରିବହନର ଆଧୁନିକୀକରଣ କରାଯାଉ

ମହାଶୟ,

ଆମ ଦେଶର ଲାକ୍ଷାଦ୍ୱୀପରେ ପର୍ଯ୍ୟଟନ ଶିଳ୍ପର ବିକାଶ ଦିଗରେ ସରକାରଙ୍କ ଯଥାସମ୍ଭବ ପ୍ରୟାସ ଜାରି ରହିଛି। ଲାକ୍ଷାଦ୍ୱୀପରେ ଏକ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ ସେବା ପ୍ରଚଳନ କରାଗଲେ ଏହା ସ୍ଥାୟୀ ସବୁଜ ପରିବର୍ତ୍ତନର ଏକ ଅବିଶ୍ୱସନୀୟ କାହାଣୀ ତଥା ପ୍ରେରଣା ହୋଇପାରିବ। ଏହି ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ସମୁଦ୍ର ତଥା ଆଖପାଖରେ ଥିବା ଦ୍ୱୀପପୁଞ୍ଜର ରମଣୀୟ ଦୃଶ୍ୟକୁ ସହଜରେ ଉପଭୋଗ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ହେବ। ସେଠାରେ ଥିବା ଅନେକ ଦ୍ୱୀପକୁ ସ୍ଥାନୀୟ ଲୋକ ତଥା ବିଦେଶୀ ପର୍ଯ୍ୟଟକଙ୍କର ଯୋଗାଯୋଗର ଏକ ପରିବେଶ ଅନୁକୂଳ ସାଧନ ହୋଇପାରିବ। କେରଳର କୋଚିରେ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ ସେବା ଦକ୍ଷତାର ସହିତ କାର୍ଯ୍ୟକାରୀ ହେଉଛି । ଅଧିକନ୍ତୁ, ମାଛଧରା, ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ସୌର ବା ବ୍ୟାଟେରି ଚାଳିତ ବୋଟରେ ପରିଣତ କରାଯାଇ ଏହାକୁ ୱାଟର୍ ମେଟ୍ରୋ ସେବାରେ ଅନ୍ତର୍ଭୁକ୍ତ କରାଗଲେ ସ୍ଥାନୀୟ ଲୋକଙ୍କୁ ଜୀବିକା ଉପାର୍ଜନ କରିବାରେ ସାହାଯ୍ୟ କରିବ ତଥା ପରିବେଶ ଅନୁକୂଳ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଏ ଦିଗରେ କେନ୍ଦ୍ର ସରକାର ଦୃଷ୍ଟି ଦେବା ଜରୁରୀ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାବାଳିକା ବଳାତ୍କାର ଓ ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ସମ୍ବଲପୁର,୫।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବିଞ୍ଜିପାଲି ଗ୍ରାମରେ ୨୦୧୫ରେ ସଂଘଟିତ ଏକ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ସମ୍ବଲପୁର ପୋକ୍ସୋ ଅଦାଲତରେ ଚାଲିଥିବା ଉକ୍ତ ଘଟଣାର ରାୟ ଶୁଣାଇ ବିଚାରପତି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ଏକବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବିଞ୍ଜିପାଲି ଗ୍ରାମ ଡୁଡ଼ବୁଆଁ ଓରାମପଡ଼ାର ଭୀମସେନ୍ ରଣବିଡ଼ା। ମାମଲାର ବିବରଣୀରୁ ପ୍ରକାଶ ଯେ, ଓରାମପଡ଼ାର ଦୁଇ ନାବାଳିକା ନିକଟରେ ଥିବା ଏକ ଇଟାଭାଟିରେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ୨୦୧୫ ଫେବୃଆରୀ ୨୭ରେ ନାବାଳିକାଦ୍ୱୟ ଇଟାଭାଟିରୁ ମଜୁରି ବାବଦକୁ ମିଳିଥିବା ପ୍ରାପ୍ୟ ନେଇ ଘରକୁ ଫେରୁଥିଲେ। ଏକ ନିଛାଟିଆ ରାସ୍ତାରେ ସେମାନେ ଆସୁଥିବା ବେଳେ ଅଭିଯୁକ୍ତ ଭୀମସେନ୍ ସେମାନଙ୍କୁ ଟଣାଓଟରା କରିଥିଲେ। ତେବେ କୌଶଳକ୍ରମେ ଜଣେ ନାବାଳିକା ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟଜଣଙ୍କୁ ଭୀମସେନ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିଲେ। ଖସିଯାଇଥିବା ନାବାଳିକା ଗ୍ରାମବାସୀଙ୍କ ନିକଟରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ମୃତଦେହ ପଡ଼ିଥିବା ଦେଖି ରେଙ୍ଗାଲି ପୋଲିସକୁ ଖବର ଦେଇଥିଲେ। ରେଙ୍ଗାଲି ଥାନାଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆଇପିସି ଦଫା ୩୦୭, ୩୭୬ (୨), ୩୭୬ (ଏ)ରେ ଏକ ମାମଲା ରୁଜୁ କରିଥିଲା।

# ମାଟି ତଳେ ପୋତା ଛୁଆକୁ ଜଗିଛି ମା' ହାତୀ

ଯୋଡ଼ା(ମାନସ ମହାନ୍ତି)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୫।୨

ଜଙ୍ଗଲରୁ ଜନପଦ, ସ୍ନେହରେ ବନ୍ଧା ଏ ଜଗତ। ମଣିଷ ହେଉ ବା ବନ୍ୟପ୍ରାଣୀ ନିଜ ସନ୍ତାନ ପ୍ରତି ସ୍ନେହ ସମସ୍ତଙ୍କର ରହିଛି। ମା'ର ମମତା ଆଗରେ ସବୁ ଯେପରି ତୁଚ୍ଛ। ସନ୍ତାନ ହରାଇବାର ବେଦନା ସମସ୍ତଙ୍କର ରହିଥାଏ। ହେଲେ ନିଜ ଛୁଆକୁ ହରାଇ ଏକ ହାତୀ ଦୁଃଖରେ ମ୍ରିୟମାଣ ହୋଇ ମୃତ ଛୁଆହାତୀର ଚାରି ପାଖରେ ରାତିସାରା ପଇଁତରା ମାରିବା ଓ ମୃତଦେହ ପୋତା ଯାଇଥିବା ସ୍ଥାନକୁ ଆସି ନିଜ ଛୁଆକୁ ଖୋଜି ବୁଲିବା ଭାବବିହ୍ୱଳ ପରିବେଶ ସୃଷ୍ଟି କରିଛି। କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଛୁଆହାତୀ ପୋତା ଯାଇଥିବା ସ୍ଥାନରେ ମା'ହାତୀ ପହଞ୍ଚିବା ଫଟୋ କେନ୍ଦୁଝର ବନ ବିଭାଗ ଜାରି କରିବା ପରେ ଅନେକଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗିଛି। ମା' ଓ ହାତୀ ଛୁଆ ମଧ୍ୟରେ ଥିବା ଅନାବିଳ ସ୍ନେହ ମମତା ପ୍ରାଣୀପ୍ରେମୀମାନଙ୍କୁ ଆନ୍ଦୋଳିତ କରିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ବୈତରଣୀ–ବି ସଂରକ୍ଷିତ ଜଙ୍ଗଲରେ ଏକ ୧୨ ଟିକିଆ ହାତୀପଲ ଶନିବାରଠାରୁ ଡେରା ପକାଇଛନ୍ତି। ଉକ୍ତ ଦଳର ଏକ ମାଈ ହାତୀ ରବିବାର ରାତି ପ୍ରାୟ ୮ଟା ବେଳେ ଡଡୁଆଁ ଗ୍ରାମ ନିକଟ ବିଲ ମଧ୍ୟରେ ରବିବାର ରାତିରେ ଛୁଆ ଜନ୍ମ ଦେଇଥିଲା।



ଛୁଆହାତୀ ମୃତଦେହ ପୋତା ହୋଇଥିବା ସ୍ଥାନରେ ମା' ହାତୀ ଛିଡ଼ା ହୋଇଛି।

ପରେ ଉକ୍ତ ହାତୀ ଛୁଆର କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଦଳର ଅନ୍ୟ ହାତୀ ବୈତରଣୀ ନଦୀ ଅପରପାର୍ଶ୍ୱ ଜଙ୍ଗଲକୁ ଚାଲିଯାଇଥିବା ବେଳେ ମା' ଓ ଅନ୍ୟ ଏକ ଛୁଆହାତୀ ମୃତ ହାତୀଛୁଆର ଚାରି ପାଖରେ ରାତିସାରା ଜଗି ରହିଥିଲେ। ଖବର ପାଇ କେନ୍ଦୁଝର ଆଇଏଫ୍ଏସ୍ ଅଜିତ୍ ଖାନ, କେନ୍ଦୁଝର ଏସିଏଫ୍ ଅଶୋକ କୁମାର ଦାସ, ଚମ୍ପୁଆ ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆ ଓ ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। କେନ୍ଦୁଝରରୁ ଆସିଥିବା ଡାକ୍ତରୀ ଟିମ୍ ମୃତ ହାତୀଛୁଆର ବ୍ୟବଚ୍ଛେଦ କରିବା ପରେ ବନ ବିଭାଗ ଉକ୍ତ ସ୍ଥାନରେ ମୃତଦେହ ପୋତି ଦେବା ସହ ଫୁଲ ଓ ଧୂପ ଜାଳିଥିଲେ। କିଛି ସମୟ ପରେ ସେହି ସ୍ଥାନରେ ମା' ହାତୀ ପହଞ୍ଚି ଲୁହ ଛଳ ଛଳ ଆଖିରେ ନିଜ ଛୁଆକୁ ଖୋଜି ବୁଲିଥିଲା। ଅନେକ ସମୟ ଧରି ସେଠାରେ ଛିଡ଼ା ହୋଇ ରହିଥିଲା। ସତେ ଯେପରି ସନ୍ତାନର ବିଚ୍ଛେଦକୁ ଭୁଲି ପାରୁନାହିଁ ଏବଂ ଅପେକ୍ଷା କରି ଲୋତକ ଚକ୍ଷୁରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲାଭଳି ମନେ ହେଉଥିଲା। ବନ ବିଭାଗ ତଦନ୍ତ ଆରମ୍ଭ କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କେନ୍ଦୁଝର ଏସିଏଫ୍ କହିଛନ୍ତି।

# ମା'ସମଲେଇଙ୍କୁ ଦର୍ଶନ କଲେ ୪ ଜିଲାର ୪ ହଜାର ଭକ୍ତ

ସମ୍ବଲପୁର,୫।୨ (ଭବାନୀ ଶଙ୍କର ଭୋଇ)

ମା' ସମଲେଇଙ୍କ ପ୍ରକଳ୍ପ ଉଦ୍‌ଘାଟନ ପରେ ପ୍ରତିଦିନ ଦୂରଦୂରାନ୍ତରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାର ୪ ଜିଲାର ୪ହଜାର ଭକ୍ତ ସମ୍ବଲପୁରରେ ପହଞ୍ଚି ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି। ବଲାଙ୍ଗୀର ଜିଲାର ଲୋଇସିଂହା, ଝାରସୁଗୁଡା ଜିଲାର ଝାରସୁଗୁଡା, ନୂଆପଡ଼ା ଜିଲାର ଖଡିଆଳ ଓ ବରଗଡ ଜିଲାର ଅତାବିରା ନିର୍ବାଚନ ମଣ୍ଡଳୀର ଭକ୍ତମାନେ ସ୍ୱତନ୍ତ୍ର ବସ୍ ଯୋଗେ ଆସି ସମ୍ବଲପୁର ମନ୍ଦଲିଆ ପଡିଆରେ ପହଞ୍ଚିଥିଲେ। ଏହାମଧ୍ୟରେ ପ୍ରତି ନିର୍ବାଚନମଣ୍ଡଳୀରୁ ହଜାରେ ସଂଖ୍ୟକ ଭକ୍ତ ରହିଥିଲେ। ଏମାନଙ୍କୁ ସ୍ୱତନ୍ତ୍ର ସିଟି ବସ୍ ଯୋଗେ ସମଲେଇ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ପରେ ସମଲେଇ ପ୍ରକଳ୍ପ ଜରିଆରେ ରୂପାନ୍ତରଣ କରାଯାଇଥିବା ମନ୍ଦିର ପରିସର ବୁଲି ଦେଖିଥିଲେ। ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା। ମନ୍ଦଲିଆ ପଡିଆଠାରେ ଭକ୍ତମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଏସ୍ ଶିକ୍ଷାନବିସ ନେହା ଅରଗୁଲା, ଅତିରିକ୍ତ ଜିଲାପାଳ ପ୍ରଦିପ ସାହୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିଳାମ୍ବର ମହାନନ୍ଦ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝି, ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୀୟ ବାବୁ ପ୍ରମୁଖ ଉପସ୍ଥିତ ରହି ଭକ୍ତମାନଙ୍କ କଥା ବୁଝିଥିଲେ।



ମନ୍ଦିର ପରିସରରେ ଅନ୍ୟ ଜିଲାରୁ ଆସିଥିବା ଶ୍ରଦ୍ଧାଳୁମାନେ।

# ହଷ୍ଟେଲରେ ଭୁଲ ଔଷଧ ଦେବାରୁ ଛାତ୍ରୀଙ୍କ ମୃତ୍ୟୁ ଘଟଣା

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ, ମାଟ୍ରନ ବହିଷ୍କୃତ

ବାରିପଦା,୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ପାନ୍ଧଡ଼ାସ୍ଥିତ ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘୋଷଙ୍କୁ ନିଲମ୍ବନ କରାଯିବା ସହ ମାଟ୍ରନ ଜିରାମଣି ସିଂଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ପ୍ରକାଶ କରିଛନ୍ତି। ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୨୦ ଲକ୍ଷ ଟଙ୍କା ସହାୟତା,ପରିବାର ଲୋକଙ୍କୁ ଚାକିରି ଓ ଅବହେଳା ପ୍ରଦର୍ଶନ କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତ ଛାତ୍ରୀଙ୍କ ପରିବାର ଲୋକେ ସୋମବାର ଖାରପୋଖରିଆଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଖାରପୋଖରିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତ ଛାତ୍ରୀଙ୍କ ପରିବାରକୁ ବିଦ୍ୟାଳୟ ଉନ୍ନୟନ ପାଣ୍ଠିରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବବୋଲି ଜିଲା ମଙ୍ଗଳ ଅଧିକାରୀ ଦାଶ କହିଛନ୍ତି।

# ବ୍ରେକ୍‌ଫେଲ୍‌ରୁ ସିରିଜ୍ ଦୁର୍ଘଟଣା

କେନ୍ଦୁଝର,୫।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ନିକଟରେ ପିଗ୍ ଆଇରନ ପଡ଼ିଛି।

- ୩ ଟ୍ରକ୍, ୪ ବାଇକ୍‌କୁ ଧକ୍କା ଦେଇ ଓଲଟିଲା ଆଇରନ ବୋଝେଇ ଟ୍ରକ୍
- ୭ ଗୁରୁତର, ୨ ଘଣ୍ଟା ଗମନାଗମନ ଠପ୍

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ବୈଦରାଜ ସାହି ଛକ ନିକଟରେ ସୋମବାର ଏକ ୧୪ ଚକିଆ ଟ୍ରକ୍ ବ୍ରେକ୍‌ଫେଲ ହେବାରୁ ସିରିଜ୍ ଦୁର୍ଘଟଣା ଘଟିଛି। ଉକ୍ତ ଆଇରନ ବୋଝେଇ ଟ୍ରକ୍ ୩ଟି ଟ୍ରକ୍‌କୁ ଧକ୍କା ଦେବା ସହ ୪ ବାଇକ ଉପରେ ଚଢ଼ି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ୭ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଘଟଗାଁ ବ୍ଲକ୍ ପୋଇପାଣି ଗ୍ରାମର କୁଳମଣି ମହାନ୍ତ (୬୫), ପାଟଣା ବ୍ଲକ୍ ପାଟନାଳୀ ଗ୍ରାମର ଭାଗବତ ମହାନ୍ତ(୩୫), ଭଦ୍ରକ ଅଞ୍ଚଳର ପ୍ରିୟରଞ୍ଜନ ମହାପାତ୍ର (୪୮), ଶୁଆକାଟି ଅଞ୍ଚଳର ଏସ୍‌କେ ଦାନିସ୍(୧୮) ଏବଂ ଅନ୍ୟ ୩ ଜଣଙ୍କ ପରିଚୟ ମିଳିପାରିନାହିଁ। ପ୍ରିୟରଞ୍ଜନ ଓ ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ସକାଳ ୮ଟାରେ ଏକ ପିଗ୍ ଆଇରନ ବୋଝେଇ ଟ୍ରକ୍(ନଂ. ଡବ୍ଲୁବି ୫୭ ବି ୬୩୩୪) ସମ୍ବଲପୁର ପଟୁ ଜାତୀୟ ରାଜପଥ ନଂ.୪୯ରେ କେନ୍ଦୁଝର ଦେଇ ଯାଉଥିଲା। ଜୁଡ଼ିଆ ଘାଟିରେ ଟ୍ରକ୍‌ର ବ୍ରେକ୍ ଫେଲ ହୋଇଯିବାରୁ ଚାଳକ ଅଟକାଇବାରେ ବିଫଳ ହୋଇ କେନ୍ଦୁଝର ସହର ଆଡ଼କୁ ଚାଲିଆସିଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଟ୍ରକ୍ ଚାଳକ ପାଟି କରି ସାଇଡ୍ ହେବାକୁ ମଧ୍ୟ କହୁଥିଲେ। ଟ୍ରକ୍‌ଟି ଜୁଡ଼ିଆ ଓଭରବ୍ରିଜ ତଳେ ଏକ ଟ୍ରକ୍‌କୁ ପ୍ରଥମେ ଧକ୍କା ଦେବା ପରେ ବିପରୀତ ପାର୍ଶ୍ୱରେ ଥିବା ୨ଟି ଟ୍ରକକୁ ଧକ୍କା ଦେଇଥିଲା। ପରେ ଭାରସାମ୍ୟ ହରାଇ ୪ ବାଇକ୍ ଉପରେ ମାଡ଼ିଯାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଟ୍ରକ୍‌ରେ ଓଜନ ସାମଗ୍ରୀ ଥିବାରୁ ଟ୍ରକ୍‌ଟି ୨ ଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ୨ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଥିବା ବେଳେ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଗୁରୁତରଙ୍କୁ ଆମ୍ବୁଲାନ୍ସ ଦ୍ୱାରା କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଦୁର୍ଘଟଣା ଘଟିବା ପରେ ଚାଳକ ଫେରାର ହୋଇଯାଇଛନ୍ତି। ହେଲପରଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

ସହରରେ ଭାରିଯାନ ଚଳାଚଳ ଉପରେ କଟକଣା ଥିଲେ ମଧ୍ୟ ପୋଲିସ ବିଭାଗର ତଦାରଖ ଅଭାବରୁ ବହୁ ସଂଖ୍ୟାରେ ଟ୍ରକ୍ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇ ରହୁଛି, ଯାହା ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣା ଘଟାଉଛି। ଏପରିକି ଜୁଡ଼ିଆଠାରୁ କେନ୍ଦୁଝର ସହର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଟ୍ରକ୍ ବିଭିନ୍ନ କାରଣ ଦର୍ଶାଇ ଚଳାଚଳ ଓ ବେଆଇନ ପାର୍କିଂ କରୁଥିବା ଅଭିଯୋଗ ହେଉଛି।

# ଓଲଟିଲା ଯାତ୍ରୀବାହୀ ବସ୍: ୯ ଗୁରୁତର

ରେଢ଼ାଖୋଲ,୫।୨ (ଅଚ୍ୟୁତାନନ୍ଦ ପୁରୋହିତ)

ଭୁବନେଶ୍ୱରରୁ ହୀରାକୁଦ ଅଭିମୁଖେ ଆସୁଥିବା ଶିଭମ .ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ସୋମବାର ୫୫ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ବଡ଼ନୂଆପଡା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ବସ୍‌ରେ ଥିବା ପ୍ରାୟ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ସମ୍ବଲପୁର ମୁଦିପଡାର ବସ୍ କଣ୍ଡକ୍ଟର ରାଜକୁମାର ମହାନ୍ତି (୬୨), ବିଶାଖଣ୍ଡିର ସୁବୁଦ୍ଧି ବାରିକ (୫୫) ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାରିକ (୫୦), ଯାଜପୁର ଜିଲା ବିଞ୍ଝାରପୁର ଥାନା ଗୁହାଳିର ନରେନ୍ଦ୍ରନାଥ ଶର୍ମା (୬୦) ଓ ତାଙ୍କ ପୁଅ ତ୍ରିନାଥ ଶର୍ମା (୩୮), କଟକ ଜିଲା ଖୁଣ୍ଟୁଣି ଥାନା ଦଳାଭାଗର ମିତ୍ରଭାନୁ ରାଉତ, କେନ୍ଦୁଝର ଜିଲା ଆନନ୍ଦପୁରର ପ୍ରଶାନ୍ତ ଦାସ (୫୦), ଭଦ୍ରକ ଜିଲା ଅର୍ଜୁନପୁରର ବାଦଲ ରାଉତ (୫୮) ଓ ଆଠଗଡର ମାନସ ସାହୁ (୩୩)। ଆହତମାନଙ୍କୁ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାମତେ ଓଡି୧୫ସି–୩୧୫୫ନଂ. ବିଶିଷ୍ଟ ଘରୋଇ ବସ୍‌ଟି ସୋମବାର ଭୋର ସମୟରେ ହୀରାକୁଦ ଯାଉଥିବା ବେଳେ ନୂଆପଡା ଛକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

# ବାଛୁରିକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୋପାଳକ



ଅସୁସ୍ଥ ବାଛୁରିକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ଗୋ ପାଳକ ତରୁଣ କୁମାର ସାମଲ।

ଅନୁଗୋଳ,୫।୨ (ଅମିତ କୁମାର ସାମଲ)

୪ ଦିନ ତଳେ ଜନ୍ମ ହୋଇଥିବା ବାଛୁରିର ମଳଦ୍ୱାର ନାହିଁ। ଦିନକୁ ଦିନ ତା'ର ଯନ୍ତ୍ରଣା ବଢୁଛି। ଗୋଟିଏ ପରେ ଗୋଟିଏ ପ୍ରାଣୀଧନ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରୁ ନିରାଶ ହେବାକୁ ପଡ଼ିଛି। ପ୍ରାଣୀଧନ ଚିକିତ୍ସକମାନେ ସମୂହ ଛୁଟି ସହ ଆନ୍ଦୋଳନରେ ଥିବାରୁ ଚିକିତ୍ସା ମିଳିପାରୁ ନାହିଁ। ତେଣୁ କୁନି ବାଛୁରିଟିର ଚିକିତ୍ସା ବ୍ୟବସ୍ଥା ଜିଲାପାଳ କରନ୍ତୁ। ବାଛୁରିଟିକୁ କୋଳରେ ଧରି ବଆଁରପାଳ ବ୍ଲକ ନୂଆହତା ଗାଁର ତରୁଣ କୁମାର ସାମଲ ସୋମବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଏପରି ଗୁହାରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ନୂଆହତା ଗାଁର ତରୁଣ କୁମାରଙ୍କ ଉକ୍ତ ବାଛୁରିର ମଳଦ୍ୱାର ନ ଥିଲା। ଫଳରେ ମଳତ୍ୟାଗ କରି ନ ପାରି ବାଛୁରିଟି ବଡ଼ କଷ୍ଟ ପାଉଥିଲା। ଏହା ଦେଖିବା ପରେ ତରୁଣ ଚିକିତ୍ସା ନିମନ୍ତେ ଉଦ୍ୟମ କରିଥିଲେ। ନିକଟସ୍ଥ ବଆଁରପାଳ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ଆନ୍ଦୋଳନରେ ଥିବା ପ୍ରାଣୀ ଚିକିତ୍ସକମାନେ ବର୍ତ୍ତମାନ ଚିକିତ୍ସା ସେବା ଯୋଗାଇବା ସମ୍ଭବ ନୁହେଁ ବୋଲି କହି ତାଙ୍କୁ ଫେରାଇ ଦେଇଥିଲେ। ସେଠାରୁ ନିରାଶ ହେବା ପରେ ତରୁଣ ବାଛୁରକୁ ଧରି ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ଆସିଥିଲେ। ମାତ୍ର ସେଠାରେ ମଧ୍ୟ ଚିକିତ୍ସା ମିଳିପାରି ନ ଥିଲା। ତେଣୁ ବାଛୁରିକୁ ଧରି ଦୁଃଖ ଜଣାଇବାକୁ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜନଶୁଣାଣି ପାଇଁ ଜିଲାପାଳ ତାଳଚେରରେ ଥିବା କର୍ମଚାରୀମାନେ କହିବା ପରେ ତରୁଣ ହତାଶ ହୋଇ ଫେରିଯାଇଥିଲେ। ଘଟଣା ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡାକ୍ତର କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି ପ୍ରାଣୀଧନଙ୍କୁ ଚିକିତ୍ସା ଯୋଗାଯାଇପାରୁ ନ ଥିବାରୁ ଦୁଃଖ ଲାଗୁଛି। କିନ୍ତୁ ଏବେ ଆନ୍ଦୋଳନ ଚାଲୁଥିବାରୁ ଆମ ହାତ ବନ୍ଧା ହୋଇରହିଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଳଚେର ଜନଶୁଣାଣିରେ ଥିବାରୁ ସେଠାକୁ ନେଇ ବାଛୁରିର ଚିକିତ୍ସା କରିବାକୁ କୁହାଯାଇଥିଲା। ଘଟଣା ସମ୍ପର୍କରେ ଗୋ ପାଳକ ତରୁଣ କହିଛନ୍ତି, ଗୋଟିଏ ପରେ ଗୋଟିଏ ସରକାରୀ ପ୍ରାଣୀଧନ ଚିକିତ୍ସାଳୟରୁ ନିରାଶ ହୋଇ ଫେରିବା ପରେ ବାହାରେ ଜଣେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଚିକିତ୍ସା କରିବାରେ ସଫଳ ହୋଇଛୁ।

ଫୁରସତ୍

# ବାଇକ୍ ପାଲଟିଲା ଡଙ୍ଗା

ନୂଆଦିଲ୍ଲୀ

ଦିଲ୍ଲୀ–ନୋଏଡାରେ ଶୀତର ଲହରୀ ଜାରି ରହିଥିବାବେଳେ ନିକଟରେ ପ୍ରବଳ ବର୍ଷା ହୋଇଥିଲା। ଲଗାଣ ବର୍ଷା ଯୋଗୁଁ କୁହୁଡି ହ୍ରାସ ପାଇଥିବା ବେଳେ ସ୍ଥାନେ ସ୍ଥାନେ ଅଣ୍ଟାଏ ପର୍ଯ୍ୟନ୍ତ ପାଣି ଜମି ରହିଥିଲା, ଯାହା ପ୍ରତିଦିନ ଅଫିସକୁ ଯିବାଆସିବା କରୁଥିବା ଯାତ୍ରୀଙ୍କ ସମସ୍ୟା ବଢାଇ ଦେଇଥିଲା। ଲଗାଣ ବର୍ଷା ଯୋଗୁଁ ରାସ୍ତାଗୁଡ଼ିକ ପାଣିରେ ବୁଡ଼ିଯାଇଥିବାରୁ, ଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇ ପଡୁଥିଲା। ଏହି ସମୟରେ, ଜଣେ ବ୍ୟକ୍ତି ନିଜ ବାଇକ ଯୋଗେ ଅଫିସକୁ ଯାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ବ୍ୟକ୍ତି ବାଇକ ଯୋଗେ ଅଫିସ ଯାଉଥିବା ବେଳେ ତାହା ଅଧା ପାଣିରେ



ବୁଡି ଯାଇଥିଲା। ଲୋକମାନେ ଏହି ଭିଡିଓକୁ ସୋସିଆଲ ମିଡିଆରେ ବହୁତ ଶେୟାର କରୁଛନ୍ତି ଏବଂ କହୁଛନ୍ତି ବ୍ୟକ୍ତି ଜଣଙ୍କ ନିଜ ବାଇକକୁ ଏକ ଡଙ୍ଗାରେ ପରିଣତ କରିଛନ୍ତି। ଭାଇରାଲ ଭିଡିଓରେ ରାସ୍ତାରେ ଅଣ୍ଟାଏ ଯାଏଁ ପାଣି ଜମିଥିବା ଦେଖା ଯାଉଥିବା ବେଳେ ହଳଦିଆ ରଙ୍ଗର ରେନ୍‌କୋର୍ଟ ପିନ୍ଧିଥିବା ଗାଡ଼ି ଚାଳକ ଜଣଙ୍କ ଅତି ଆରାମରେ ବାଇକ ଚଳାଉଥିବା ନଜରକୁ ଆସୁଛି। ଭିଡିଓରେ ଏହା ସ୍ପଷ୍ଟ ଭାବେ ଦେଖାଯାଉଛି ଯେ ବାଇକ ଅଧା ଜଳମଗ୍ନ ହୋଇଥିବା ସତ୍ତ୍ୱେ ଏହାର ସନ୍ତୁଳନ ବଜାୟ ରହିଛି। ଏହି ଭିଡିଓ ଦେଖି ଲୋକମାନେ ସମ୍ପୃକ୍ତ ବାଇକ ଚାଳକଙ୍କ ସନ୍ତୁଳନ କଳାକୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣ ମାଧ୍ୟମରେ ଏହି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓ ଦେଖି ଅନେକ ଲୋକ କମେଣ୍ଟ ମଧ୍ୟ ଦେଇଛନ୍ତି। ବାଇକ ଏତେ ପାଣିରେ ଗତି କରୁଥିବାର ଦେଖି କିଛି ଲୋକ ପଚାରୁଛନ୍ତି ଏହା କେଉଁ ବାଇକ। ତେବେ ଏହା ସତ୍ୟ ଯେ ଭାରତର ଅନେକ ସହରରେ ବର୍ଷା ଦିନରେ ଲଗାଣ ବର୍ଷା ହେବା ଯୋଗୁଁ ଅଫିସ ଯାଉଥିବା ଲୋକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

# ସୋନମଙ୍କ ବିଳାସପୂର୍ଣ୍ଣ ଘର



**ନୂଆଦିଲ୍ଲୀ:** ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ସୋନମ କପୁର ବିଳାସପୂର୍ଣ୍ଣ ଜୀବନ ଶୈଳୀ ପାଇଁ ସମ୍ବାଦରେ ଅଧିକ ଥାଆନ୍ତି। ମହଙ୍ଗା ପୋଷାକ, କାର କିମ୍ବା ଘର ହେଉ, ସେ ପ୍ରତିଦିନ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ତାଙ୍କ ପ୍ରଶଂସକଙ୍କୁ ଦେଖାଇଥାନ୍ତି । ଏବେ ସୋନମ୍ ତାଙ୍କ ଦିଲ୍ଲୀ ଘରର ଝଲକ ନିଜ ପ୍ରଶଂସକ ମାନଙ୍କୁ ସାମାଜିକ ଗଣମାଧ୍ୟମରେ ଦେଖାଇଛନ୍ତି। କେବଳ ଦିଲ୍ଲୀ ନୁହେଁ ସୋନମ୍‌ଙ୍କର ମୁମ୍ବାଇ ଏବଂ ଲଣ୍ଡନରେ ମଧ୍ୟ ବିଳାସପୂର୍ଣ୍ଣ ଘର ଅଛି। ସେ ମୁମ୍ବାଇ ଏବଂ ଲଣ୍ଡନକୁ ଲଗାତାର ଯିବାଆସିବା କରୁଥିବା ବେଳେ କେବେ କେବେ ଦିଲ୍ଲୀ ଘରେ ମଧ୍ୟ ସମୟ ବିତାଇଥାନ୍ତି। ସେ ନିଜ ବିଳାସପୂର୍ଣ୍ଣ ଘରର ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହି ପାର୍ଟିର ଆୟୋଜନରେ ତାଙ୍କୁ ସହଯୋଗ କରିଥିବାରୁ ସେ ତାଙ୍କର ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ନିଜେ ପିନ୍ଧିଥିବା ବିଶେଷ ଡିଜାଇନର ପୋଷାକ ପାଇଁ ସେ ତାଙ୍କ ବନ୍ଧୁ କୁନାଲ ରାୱାଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ତାଙ୍କର ପ୍ରିୟ ପୋଷାକ ହୋଇଥିବା ସେ ନିଜ ପ୍ରଶଂସକଙ୍କୁ ଜଣାଇଥିଲେ। ସେହିପରି ସାମାଜିକ ଗଣମାଧ୍ୟମରେ ଅଭିନେତ୍ରୀ ତାଙ୍କ ଡାଇନିଂ ଟେବୁଲର ଝଲକ ଦେଖାଇଛନ୍ତି। କାଠରେ ତିଆରି ଏହି ଡାଇନିଂ ଟେବୁଲକୁ ମହମବତି, ରୁପା ହାତୀ ମୂର୍ତ୍ତି ଏବଂ ନାଲି ପତ୍ର ସହିତ ସଜାଯାଇଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଦିଲ୍ଲୀର ପ୍ରୀତିରାଜ ରୋଡରେ ଅବସ୍ଥିତ ସୋନମ କପୁର ଏବଂ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ଏହି ବିଳାସପୂର୍ଣ୍ଣ ଘରର ମୂଲ୍ୟ ପ୍ରାୟ ୧୭୩ କୋଟି ଟଙ୍କା।

# ଘର, କର୍ମକ୍ଷେତ୍ରକୁ ଜଗିଲେ ଆମ ଭାଷା ଆଗେଇବ

ଭୁବନେଶ୍ୱର, ୫।୨(ଅସମାପିକା ସାହୁ)



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶେଷ ଦିନରେ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କୁ କହିଲେ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଥିମ୍ 'ଭାଷା ହିଁ ଭବିଷ୍ୟତ'। ତେଣୁ ଭବିଷ୍ୟତ ପିଢ଼ି ଏଥିରେ ଭାଗନେବାର ଆବଶ୍ୟକତା ରହିଛି। ଓଡ଼ିଶାର ଭାଷା ଯେଉଁଭଳି ଭାବରେ ଆଗକୁ ଯାଇଥିଲା, ବିଶ୍ୱ ଭାଷା ସମ୍ମିଳନୀ ପରେ ଏହାର ପ୍ରଚାର ପ୍ରସାର କରି ଆହୁରି ଆଗକୁ ନେବା। ଏଥିପାଇଁ ପ୍ରଥମେ ନିଜ ଘରେ ୮୦ ପ୍ରତିଶତ ଓଡ଼ିଆ କହିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅତି କମ୍‌ରେ ୭୦ ପ୍ରତିଶତ ଓଡ଼ିଆ ଭାଷା କହିଲେ ହିଁ ଓଡ଼ିଆ ଭାଷା ସମୃଦ୍ଧ ହେବ। ତେଣୁ ପ୍ରଥମେ ଘର ଏବଂ କର୍ମକ୍ଷେତ୍ରକୁ ଜଗିଲେ ଆମ ଭାଷା ଆଗେଇବ। ଏକ ଗବେଷଣାରୁ ଜଣାପଡ଼ିଛି, ଯେଉଁ ଭାଷା ଅଧିକ ସମୃଦ୍ଧ ହୋଇଛି, ସେହି ଜାତିର ଲୋକମାନେ ଅଧିକ ମାତୃଭାଷା ବ୍ୟବହାର କରନ୍ତି ବୋଲି ପାଣ୍ଡିଆନ କହିଥିଲେ। ବିଶ୍ୱ ଭାଷା ସମ୍ମିଳନୀ ଉପଲକ୍ଷେ ଓଡ଼ିଆ ପ୍ରବନ୍ଧ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ଡ୍ରାମା, ଜଗନ୍ନାଥ ଭଜନ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ନିଜ ଅନୁଭୂତି ବଖାଣିଥିଲେ।



ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଦି ହିନ୍ଦୁ ଗ୍ରୁପ୍ ଅଫ୍ ପବ୍ଲିକେଶନର ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

# 'ଓଡ଼ିଆ ଭାଷାରେ ବୈଜ୍ଞାନିକ ଜ୍ଞାନର ପ୍ରୟୋଗ ସମ୍ଭବ'

ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତୃତୀୟ ଦିବସରେ ଅତିବଡ଼ି ଜଗନ୍ନାଥ ଦାସ ପ୍ରକୋଷ୍ଠରେ 'ବିଜ୍ଞାନର ଭାଷା ଭାବେ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଏଥିରେ ଅଧ୍ୟକ୍ଷତା କରି କହିଲେ, 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ଚତୁର୍ଥ ପଦରୁ ଓଡ଼ିଶା ଏକ ଜ୍ଞାନବିଜ୍ଞାନର କ୍ଷେତ୍ର ବୋଲି ଜଣାଯାଏ। ଓଡ଼ିଆ ଭାଷାରେ ବୈଷୟିକ ଜ୍ଞାନର ପ୍ରୟୋଗ ପାଇଁ ଦକ୍ଷ ଅନୁବାଦକ, ସଫ୍ଟୱେୟର ଏବଂ ସ୍ୱତନ୍ତ୍ର ଭାଷାକୋଷର ଆବଶ୍ୟକତା ରହିଛି ବୋଲି ପ୍ରଫେସର ଶିବ ପ୍ରସାଦ ଉଲ୍ଲେଖ କରିଥିଲେ। 'ପଦାର୍ଥ ବିଜ୍ଞାନର ଭାଷା ଭାବେ ଓଡ଼ିଆ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ କହିଲେ, ବିଶ୍ୱସ୍ତରରେ ଇଂଲିଶ ଭାଷାର ପ୍ରୟୋଗ ଯଦିଓ ଓଡ଼ିଆ ଭଳି କୌଣସି ପ୍ରାନ୍ତୀୟ ଭାଷା ଦ୍ୱାରା ପରିବର୍ତ୍ତନ କରାଯାଇ ନ ପାରେ କିନ୍ତୁ ବିଶ୍ୱର ପ୍ରସିଦ୍ଧ ବିଜ୍ଞାନ ପୁସ୍ତକଗୁଡ଼ିକର ମନୋଗ୍ରାଫ୍ ବା ଓଡ଼ିଆ ଅନୁବାଦ କରାଯାଇପାରିବ। 'ଚିକିତ୍ସା ବିଜ୍ଞାନର ଭାଷା ଭାବେ ଓଡ଼ିଆ' ବିଷୟବସ୍ତୁ ଉପରେ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି, ଚିକିତ୍ସା ବିଜ୍ଞାନରେ ଓଡ଼ିଆ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ସ୍ଥାନୀୟ ଭାଷା ଓଡ଼ିଆରେ ବିଜ୍ଞାନ ବିଷୟକ ଜ୍ଞାନ ଆହରଣ ଏବଂ ବିକେନ୍ଦ୍ରୀକରଣ' ବିଷୟବସ୍ତୁ ଉପରେ କୃଷି ବିଜ୍ଞାନୀ ଡ. ସ୍ୱାତୀ ନାୟକ କହିଲେ, 'କୃଷିକ୍ଷେତ୍ରରେ ବିକଶିତ ନୂତନ ଜ୍ଞାନକୌଶଳକୁ କୃଷକଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଆବଶ୍ୟକତା ରହିଛି। 'ମାତୃଭାଷା ଓଡ଼ିଆ ମାଧ୍ୟମରେ ବିଜ୍ଞାନର ଯୋଗାଯୋଗ' ବିଷୟବସ୍ତୁ ଉପରେ ବିଶିଷ୍ଟ ରସାୟନ ବିଜ୍ଞାନୀ ଡ. ଚିତ୍ତରଞ୍ଜନ ମିଶ୍ର କହିଛନ୍ତି, ମା' ଓ ମାତୃଭୂମି ବିନା କୌଣସି ବ୍ୟକ୍ତିର ଅସ୍ତିତ୍ୱ ନ ଥାଏ। 'ଓଡ଼ିଆ ଭାଷାରେ ପରିବେଶ ସଚେତନତା ବୃଦ୍ଧି' ବିଷୟବସ୍ତୁ ଉପରେ ବିଶିଷ୍ଟ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, 'ମଣିଷ ଅଦୃଶ୍ୟ ଭଗବାନଙ୍କୁ ପୂଜା କରୁଛି ଅଥଚ ଦୃଶ୍ୟମାନ ପ୍ରକୃତି, ଯାହାଠାରୁ ଜୀବନ ଧାରଣ ପାଇଁ ସବୁକିଛି ପାଉଛି, ତାକୁ ନଷ୍ଟ ଓ ଅପରିଷ୍କାର କରୁଛି। ଅତୀତର କବିମାନେ ନିଜର କୃତି ମାଧ୍ୟମରେ ପ୍ରକୃତିର ସୁନ୍ଦରତାକୁ ବର୍ଣ୍ଣନା କରୁଥିଲେ ବୋଲି ସେ କହିଛନ୍ତି। ଛାତ୍ରବକ୍ତା ସୁଶ୍ରୀ କିରଣ ସାହୁ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଗର୍ବ ଅନୁଭବ କରନ୍ତି ବୋଲି କହିଛନ୍ତି। ପ୍ରଫେସର ଶୁଭଙ୍କର ବେଦାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧିବେଶନ ଶେଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍ ଅତିଥି ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆକୃଷ୍ଟ କରିଛି

ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନ ଅବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରକୋଷ୍ଠରେ ସୋମବାର ଆୟୋଜିତ ଅଧିବେଶନରେ 'ସଂସ୍କୃତି ଏବଂ ଐତିହ୍ୟ: ରାଜ୍ୟର କୋମଳ ଶକ୍ତି' ପ୍ରସଙ୍ଗରେ ବକ୍ତାମାନେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ହକିକ୍ରୀଡ଼ାବିତ୍ ତଥା ହକିଇଣ୍ଡିଆର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ କହିଲେ, ଆମ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଓ କୋଚିଂର ବିକାଶ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆକୃଷ୍ଟ କରିଛି। ଓଡ଼ିଶାର ଯୁବପିଢ଼ି କ୍ରୀଡ଼ାକୁ ଲକ୍ଷ୍ୟ ଭାବରେ ଗ୍ରହଣ କରିବା ସହିତ ଓଡ଼ିଶାର ପରିଚୟକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଟୁଟୁ ପଟ୍ଟନାୟକ କହିଲେ, ଓଡ଼ିଶାର ସ୍ଥାପତ୍ୟ ଅତୁଳନୀୟ। ଓଡ଼ିଆ ସଂସ୍କୃତିର ଗ୍ରହଣଶୀଳତା ଯୋଗୁ ସାମାଜିକ-ଧାର୍ମିକ-ସାଂସ୍କୃତିକ ଉପାଦାନଗୁଡ଼ିକ ଆମ ଜୀବନଧାରାକୁ ଋଦ୍ଧିମନ୍ତ କରିଛି। ବିଶ୍ୱର ଅନେକ ଦେଶରେ ଓଡ଼ିଆ ପୁଅର କଳାକୃତି ପହଞ୍ଚିପାରିଛି। ଜାଭିୟର ବିଶ୍ୱବିଦ୍ୟାଳୟର ଡିନ୍ ଡ. କାଜ୍‌ରୀ ମିଶ୍ର କହିଲେ, ଓଡ଼ିଶୀ ସ୍ଥାପତ୍ୟର ବିବିଧତାରେ ନିରନ୍ତରତା ଓ ସ୍ୱତନ୍ତ୍ର ପରିଚିତି ନିହିତ। ଏହି ସ୍ଥାପତ୍ୟ ଶୈଳୀ ଅତ୍ୟନ୍ତ ସମୃଦ୍ଧ ହୋଇଥିବାରୁ ଏ ବାବଦରେ ଅଧିକତର ଗବେଷଣା ଆବଶ୍ୟକ। ଗବେଷକ ଚାରୁଦତ୍ତ ପାଣିଗ୍ରାହୀ କହିଲେ, ମାନବିକତା ହିଁ କୋମଳ ଶକ୍ତି। ଆମର ସଂସ୍କୃତି, ଭାଷା ଓ ହୃଦୟବତ୍ତା ହିଁ ଆମର କୋମଳ ଶକ୍ତି। ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଓଡ଼ିଶାର ଭାଷା ଓ ସଂସ୍କୃତି ରାଜ୍ୟ ବାହାର ଓ ବିଦେଶର ଲୋକଙ୍କୁ ଆକୃଷ୍ଟ କରିପାରିଛି ବୋଲି ପ୍ରକାଶ କରିଥିଲେ। ଅଧ୍ୟାପିକା ଡ. କନକଲତା ମହାପାତ୍ର ସଂଯୋଜନା କରିଥିବାବେଳେ ଛାତ୍ରୀ ସନ୍ଦୀପା ଶୁଭଦର୍ଶିନୀ ସାହୁ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ ଅତିଥି ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।






# ବୁଲି ଦେଖିଲେ ୧୪ଶହ ଛାତ୍ରୀଛାତ୍ର

ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ଓଡ଼ିଆ ଭାଷା ଓ ଏହାର ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନସ୍ଥିତ ସମ୍ମିଳନୀ ପରିସରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଯୁବବର୍ଗଙ୍କ ଭିତରେ ନୂଆ ଉତ୍ସାହ ଦେଖିବାକୁ ମିଳିଛି। ୩ଦିନରେ ୧୪ଶହ ଛାତ୍ରୀଛାତ୍ର ସମ୍ମିଳନୀ ବୁଲିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଆରା କାର୍ଯ୍ୟକ୍ରମମାନ ହାତକୁ ନେଇ ଓଡ଼ିଆ ଭାଷାପ୍ରତି ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଶେଷ ଦିବସର ଦ୍ୱିତୀୟ ଅଧିବେଶନରେ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ବରମୁଣ୍ଡା ଏମ୍‌ଏଲ୍‌ଟିଓାଇ ଉଚ୍ଚ ବିଦ୍ୟାଳୟ, ଫେଜ-୧ ଚନ୍ଦ୍ରଶେଖରପୁର ଉଚ୍ଚ ବିଦ୍ୟାଳୟ, ଡୁମୁଡୁମା ଭିଲେଜ ହାଇସ୍କୁଲ, ବାଣୀବିହାର ୟୁନିଭର୍ସିଟି ହାଇସ୍କୁଲ, ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ଏବଂ ପୋଖରୀପୁଟ ଡିଏଭି ସ୍କୁଲ ପକ୍ଷରୁ ୫୦ଜଣ ଲେଖାଏ ସମୁଦାୟ ୩୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପିଲାଙ୍କ ସୁପରିଚାଳନା ପାଇଁ ରଶ୍ମିରଞ୍ଜନ ସାମଲ, ରୋଜାଲିନ ପଟ୍ଟନାୟକ, ଜ୍ୟୋତ୍ସ୍ନା ସେନାପତି ଏବଂ ପ୍ରମୋଦ ରାଉତ ଦାୟିତ୍ୱରେ ଥିଲେ। ସେହିପରି ପ୍ରଥମ ଅଧିବେଶନରେ ଭୁବନେଶ୍ୱର ପଟିଆସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଖଣ୍ଡଗିରିସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଆଇ. ଆର୍. ସି. ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ୟୁନିଟ-୨ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ କଳିଙ୍ଗନଗର ଡିଏଭି ସ୍କୁଲ ତରଫରୁ ମଧ୍ୟ ୫୦ ଜଣ ଲେଖାଏ ମୋଟ ୩୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପିଲାଙ୍କ ସହ ସେମାନଙ୍କ ଗାଇଡ୍ ଶିକ୍ଷୟିତ୍ରୀ/ଶିକ୍ଷକ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସହ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ବେଶ ଉତ୍ସାହର ସହ ଭାଗ ନେଇଥିଲେ।



ଓଡ଼ିଶା ସରକାରଙ୍କ ମାସିକ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂସ୍କରଣକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ଅନାବରଣ କରୁଛନ୍ତି। ନିକଟରେ ଅଛନ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ବିଭାଗୀୟ ନିର୍ଦ୍ଦେଶକ ସରୋଜ ସାମଲ ଓ ବରିଷ୍ଠ ଅଧିକାରିଣୀ।

## ପ୍ରବାସୀ ଓଡ଼ିଆଙ୍କ ମୁହଁରୁ...

### ନିଜ ଭାଷା ସମ୍ପର୍କରେ ଅଧିକ ଜାଣିଲି



ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀରେ ଯୋଗଦେଇ ବହୁତ ଖୁସି। ବିଦେଶରେ ରହିଲେ ମଧ୍ୟ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଭଲ ପାଇବା ଅତୁଟ ରହିଛି। ଏଭଳି ସମ୍ମିଳନୀରୁ ମାତୃଭାଷା ଓଡ଼ିଆ ସମ୍ପର୍କରେ ଅଧିକ ଜାଣିବାର ଅବକାଶ ମିଳିଲା। ନିଜ ମାଟିକୁ ଆସି ସମ୍ମିଳନୀରେ ଯୋଗଦେବାର ସୁଯୋଗ ମିଳିଲା।

– ସୁସ୍ମିତା ପଟ୍ଟନାୟକ, କାତାର

### ୪୨୯ ଜଣଙ୍କୁ ଓଡ଼ିଆ ଶିଖାଇଛି



ବେଙ୍ଗାଲୁରୁରେ ଅନ୍ୟ ଭାଷାଭାଷୀମାନଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ଦେବା ନିମନ୍ତେ ଚାଟଶାଳି ପ୍ରତିଷ୍ଠା କରିଛୁ। ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରାୟ ୪୨୯ ଜଣଙ୍କୁ ଓଡ଼ିଆ ଭାଷା ଶିଖେଇବାରେ ସଫଳ ହୋଇଛୁ। ଆଗକୁ ମଧ୍ୟ ଓଡ଼ିଆ ଭାଷାକୁ ବ୍ୟାପକ କରିବାକୁ ଚେଷ୍ଟା କରିବି। ସମ୍ମିଳନୀରୁ ଅନେକ କଥା ଜାଣିବାକୁ ମିଳିଲା, ଯାହା ଅନ୍ୟକୁ ଶିଖାଇବାରେ ସାହାଯ୍ୟ କରିବ।

– ତାପସ ରାଜ ମହାରଣା, ପ୍ରତିଷ୍ଠାତା, ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ

### ସମ୍ମିଳନୀରେ ଯୋଗଦେଇ ଗର୍ବିତ



ମାତୃଭାଷାର ପ୍ରୋତ୍ସାହନ ନିମନ୍ତେ ନିଜ ପିଲାମାନଙ୍କୁ ଓଡ଼ିଆ ଶିଖାଉଛୁ। ବାହାରେ ରହି ମଧ୍ୟ ଅନ୍‌ଲାଇନ ମାଧ୍ୟମରେ ପ୍ରବାସୀ ଓଡ଼ିଆମାନଙ୍କୁ ଓଡ଼ିଆ ଭାଷା ସହ ପରିଚିତ କରିପାରି ନିଜକୁ ବହୁତ ଗର୍ବ ଅନୁଭବ କରୁଛି। ଏହି ସମ୍ମିଳନୀରେ ଯୋଗଦେଇ ବ୍ୟକ୍ତିଗତ ଭାବେ ଗର୍ବିତ।

– ମୈତ୍ରେୟୀ କମିଲା, ମୁମ୍ବାଇ

### ଓଡ଼ିଶା ପ୍ରଗତିର ନିଦର୍ଶନ



ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ପ୍ରଗତି ବୃଦ୍ଧି ପାଇଛି। ଏହାର ଜ୍ୱଳନ୍ତ ନିଦର୍ଶନ ହେଉଛି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ମୋ ମାତୃଭୂମି ସର୍ବଦା ମୋର ପ୍ରିୟ ହୋଇ ରହିଛି। ଭାଷା ଓ ସଂସ୍କୃତିର ସୁରକ୍ଷା ହୋଇପାରିଲେ ଏ ଜାତି ଆହୁରି ଆଗକୁ ବଢ଼ିବ।

–ଡ.ପ୍ରଦୀପ କୁମାର ପ୍ରଧାନ, କାନାଡ଼ା

## 'ଓଡ଼ିଆକୁ କବିତା ଭଳି ପ୍ରାଞ୍ଜଳ କୁହ'

ମୁଁ ମୋ ପରିବାର ସହ ଓଡ଼ିଆରେ କଥା କୁହେ। ଓଡ଼ିଆ ବହି ପଢ଼େ, ଗୀତ ଶୁଣେ। ଓଡ଼ିଆରେ ଯେତେବେଳେ ବି ଫିଲ୍ମ କିଛି ଦେଖିବାର ସୁଯୋଗ ମିଳେ, କେବେ ବି ମିସ୍ କରେନି। ଆଜି ଆମେ କ୍ରିଏଟିଭିଟିର କଥା କହୁଛେ, ମାତ୍ର ସଂଯୁକ୍ତା ପାଣିଗ୍ରାହୀ ପ୍ରଦର୍ଶନ କରିବାର, ଗୁରୁ କେଳୁଚରଣ ମହାପାତ୍ର ଶିକ୍ଷା ଦେବାର ମୁଁ ଦେଖିଛି। ଆଉ ମୁଁ ସେହି ସମୟରୁ ହିଁ ଆସିଛି। ଓଡ଼ିଶାର ଲେଖକ, କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ, ଡିଜାଇନର, ଫିଲ୍ମ ନିର୍ମାତାଙ୍କଠାରୁ ହିଁ ମୁଁ ଯାହା ସବୁ କିଛି ଶିଖିଛି। ବଲିଉଡ୍ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର ସୋମବାର ସମ୍ମିଳନୀର ଉଦ୍‌ଯାପନୀ ଦିବସର ଏକ ଅଧିବେଶନରେ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ, 'କବିତା ଭଳି ଓଡ଼ିଆକୁ ପ୍ରାଞ୍ଜଳ ଭାବେ କୁହ। ଯଦି ତୁମେ କହିପାରୁ ନ ତା'ହେଲେ ଗାଉଁଲିଙ୍କ ପରି କୁହନି।'

## ଚର୍ଚ୍ଚାରେ ଅଷ୍ଟମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଚର୍ଚ୍ଚାକୁ ଆସିଥିଲେ ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ସାହୁ। ସେ ମୁଖ୍ୟମନ୍ତ୍ରୀଙ୍କ ସହ ଷ୍ଟେଜ୍ ଶେୟାର କରିବା ସହ ଧନ୍ୟବାଦ ଭାଷଣ ରଖିଥିଲେ। ଏହାକୁ ମଞ୍ଚରେ ଉପସ୍ଥିତ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରଶଂସା କରିବା ସହ ବେଶ୍ ପସନ୍ଦ କରିଥିଲେ। ଅନ୍ୟପଟେ ମଞ୍ଚ ତଳେ ଥିବା ସମସ୍ତ ଅତିଥି ଓ ଅନ୍ୟମାନେ ତାଙ୍କ ଭାଷଣ ଶୁଣି ତାଳି ମାରିଥିଲେ। ସିଦ୍ଧାନ୍ତଙ୍କ ବାପା ଜଣେ ଠେଲା ବ୍ୟବସାୟୀ। ଏ ଗଳିରୁ ସେ ଗଳି ବୁଲି ସେ କୁଲଫି ବ୍ୟବସାୟ କରନ୍ତି। ବହୁ କଷ୍ଟରେ ପୁଅକୁ ରେଭେନ୍‌ଶା କଲେଜିଏଟ୍ ସ୍କୁଲରେ ପଢ଼ାଉଛନ୍ତି। ପୁଅକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସିବା ଦେଖି ଧନ୍ୟବାଦ ଭାଷଣ ଶୁଣି ଖୁସିରେ ଆତ୍ମହରା ହୋଇଛନ୍ତି ବାପା କାହ୍ନୁ ଚରଣ ସାହୁ। ପୁଅ ସିଦ୍ଧାନ୍ତ ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ନୃତ୍ୟ





# ଉଠାଦୋକାନ ଉଚ୍ଛେଦକୁ ବିରୋଧ



ଖଣ୍ଡଗିରିରୁ ଆଇଗିଣିଆ ଛକ ପର୍ଯ୍ୟନ୍ତ ଉଚ୍ଛେଦ ଉଦ୍ୟମ ସମୟରେ ଉଠାଦୋକାନୀମାନେ ବିରୋଧ କରୁଛନ୍ତି।

ଭୁବନେଶ୍ୱର, ୫।୨
(ବନ୍ଦନା ସେଠୀ)

କିଛି ଦିନର ବ୍ୟବଧାନ ପରେ ପୁଣିଥରେ ଉଠାଦୋକାନ ଉଚ୍ଛେଦକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ଖଣ୍ଡଗିରିରୁ ଆଇଗିଣିଆ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ବିଏମ୍‌ସି, ବିଡ଼ିଏ, ଜିଏ ଏବଂ ପୋଲିସର ମିଳିତ ସ୍କ୍ୱାଡ୍ ହଠାତ୍ ଆସି ପହଞ୍ଚିଥିଲେ। ଏନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଉଚ୍ଛେଦକାରୀ ଟିମ୍ ସାଙ୍ଗରେ ୨ଟି ଡ୍ରୋଜର ନେଇ ସେଠାରେ ପହଞ୍ଚିଥିଲେ। ଅପରପକ୍ଷେ ସମ୍ପୃକ୍ତ ସ୍ଥାନ ଉପରେ ଫେବୃଆରୀ ୬ଯାଏ ହାଇକୋର୍ଟଙ୍କ ରହିତାଦେଶ ରହିଛି। ତେଣୁ ସମୟ ସରିବା ପୂର୍ବରୁ ବିଏମସି, ବିଡ଼ିଏ କାହିଁକି ସେଠାରେ ଉଚ୍ଛେଦ ପାଇଁ ଯାଇଥିଲେ ପ୍ରଶ୍ନ କରି ଉଠାଦୋକାନୀମାନେ ଟିମ୍‌କୁ ଘେରିଥିଲେ। ଫଳରେ ଉଭୟ ଉଠାଦୋକାନୀ ଏବଂ ଉଚ୍ଛେଦକାରୀ ଟିମ୍ ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପରେ ଘଟଣାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, କର୍ପୋରେଟର ବିରଞ୍ଚି ମହାସୂପକାର ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦକାରୀ ଦଳଙ୍କ ସହ ଆଲୋଚନା କରିବା ପରେ ଟିମ୍ ସେଠାରୁ ଫେରିଯାଇଥିଲେ।

ସୂଚନାଯୋଗ୍ୟ, ଖଣ୍ଡଗିରି ଜନକଲ୍ୟାଣ ହାଟରେ ଥିବା ୨୦୨ଜଣ ଦୋକାନୀ ଉଚ୍ଛେଦ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାଗମରା କେସ୍ ନଂ.୩୩୩୦୨/୨୦୨୩ ତା ୧୯.୧୦.୨୦୨୩, କେସ୍ ନଂ-୨୩୬/୨୦୨୪ ତା ୦୨.୦୨.୨୦୨୪, ପ୍ଲଟ ନଂ.୧୪୦, ଖାତା ନଂ.୧୧୫୨, ପ୍ଲଟ ନଂ.୧୮୧, ଖାତା ନଂ.୧୧୫୪ ମାମଲରେ ହାଇକୋର୍ଟ ୨୦୨୪ ଫେବୃଆରୀ ୬ପର୍ଯ୍ୟନ୍ତ ସମୟ ଦେଇଥିବାବେଳେ ସୋମବାର ହଠାତ୍ ଉଚ୍ଛେଦକାରୀ ଦଳ ଆଇନକୁ ନ ମାନି ଖଣ୍ଡଗିରିରେ ପହଞ୍ଚି ଜୋର ଜବରଦସ୍ତ ଉଚ୍ଛେଦ କରିବା ଜାତୀୟ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନର ଧାରା ୧୯ (୧)(ଛ)କୁ ବିରୋଧ କରୁଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ କମିଶନର ମନା କରିବା ସତ୍ତ୍ୱେ କାହିଁକି ଉଚ୍ଛେଦକାରୀ ଦଳ ଏପରି ପଦକ୍ଷେପ ନେଲେ ତାହା କ୍ରାଇମବ୍ରାଞ୍ଚ ତଦନ୍ତ ହେବା ଆବଶ୍ୟକ ବୋଲି ମହାସଂଘ ଦାବି କରିଛି।



ବ୍ଲକ କ୍ୟାଡର ଘୋଷଣା ସହ ୩ ଦଫା ଦାବି ନେଇ ସୋମବାର ଗାଁସାଥୀ (ମେଟ୍)ମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମୁଣ୍ଡରେ ଗୋଲାପୀ ରିବନ ବାନ୍ଧି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଗୋଲାପୀ ରିବନ୍ ବାନ୍ଧି ଗାଁସାଥୀଙ୍କ ପ୍ରତିବାଦ

ଭୁବନେଶ୍ୱର,୫।୨
(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗାଁସାଥୀ(ମେଟ୍) ସୋମବାର ଲୋୟର ପିଏମଜି ନିଆରା ଢ଼ଙ୍ଗରେ ଆନ୍ଦୋଳନ କରିଛନ୍ତି। ୩ ଦଫା ଦାବି ପୂରଣ ପାଇଁ ମୁଣ୍ଡରେ ରିବନ୍ ବାନ୍ଧି ଗୀତ ଗାଉଥିବା ଦେଖିବାକୁ ମିଳିଥିଲା। ମାସିକ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି, ବେଆଇନ୍ ଏନ୍‌ଏମ୍‌ଏମ୍‌ଏସ୍‌କୁ ବନ୍ଦ କରିବା ଓ ଗାଁ ସାଥୀଙ୍କୁ ବ୍ଲକ୍ କ୍ୟାଡର ଘୋଷଣା ଆଦି ୩ଦଫା ଦାବୀରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଚାଲିବ। ଏନେଇ ଗାଁସାଥୀ(ମେଟ୍) ସଂଘର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ସୂଚନା ଦେଇଛନ୍ତି।

# ନିଃସ୍ୱାର୍ଥପର କର୍ମ ହିଁ ଆନନ୍ଦର ସୂତ୍ର

## ଅରୋ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବ

ବାଲିଅନ୍ତା,୫।୨
(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାର ଅରୋ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀପତି ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ବକ୍ତା ଭାବେ ଭବେଶ ସାହୁ ଓ ପ୍ରଭାତ ନାୟକ ଯୋଗଦେଇ ନୂତନ ଯୁଗର ଅଭ୍ୟୁଦୟ ଓ ସାର୍ଥକ ଜୀବନ ଉପରେ ଆଲୋକପାତ କରିଥିଲେ। ନିଃସ୍ୱାର୍ଥପର କର୍ମ ହିଁ ଆନନ୍ଦର ସୂତ୍ର ବୋଲି ବକ୍ତାମାନେ କହିଥିଲେ। ପ୍ରାରମ୍ଭରେ ସରଳା ବାଳା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରୀମା’ ଓ ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମା’ଙ୍କ ଦୁର୍ଗାସ୍ତୋତ୍ର ଚିରନ୍ତନୀ ପାଠ ଓ ସମବେତ ଧ୍ୟାନ କରାଯାଇଥିଲା। ସ୍ମିତା କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବିଭିନ୍ନ ଜିଲାରୁ ଶତାଧିକ ଭଉଣୀ ଓ ଭାଇ ଯୋଗଦେଇ ଥିଲେ।





ସମାନ କାମକୁ ସମାନ ଗ୍ରେଡ୍ ପେ’ ଅନୁସାରେ ଦରମା ପ୍ରଦାନ ସହ ବିଭିନ୍ନ ଦାବିନେଇ ନିଖିଳ ଓଡ଼ିଶା ୬୬୨ (ଯୁକ୍ତ୨ ଓ ୩) ବର୍ଗ କଲେଜ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆରମ୍ଭ ହୋଇଥିବା ମହାଆନ୍ଦୋଳନ।

# ୬୬୨ ବର୍ଗ କଲେଜରେ ତାଲା, ପାଠପଢ଼ା ଠପ୍

ଭୁବନେଶ୍ୱର, ୫।୨
(ଅସମାପିକା ସାହୁ)

ସରକାରଙ୍କ ଉଦାସୀନତା ଓ ପକ୍ଷପାତିତା ବିରୋଧରେ ସୋମବାରରୁ ମହାଆନ୍ଦୋଳନ ଆରମ୍ଭ କରିଛି ୬୬୨ ବର୍ଗ କଲେଜ ସଂଘ। ସୋମବାର ଅଧ୍ୟାପକ ଓ କର୍ମଚାରୀମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ଏକବର୍ଷ ହେବ ସଂଘ ତା’ର ନ୍ୟାଯ୍ୟ ଦାବି ସମାନ କାମକୁ ସମାନ ଗ୍ରେଡ ପେ ଆଧାରରେ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଉପକୃତ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ଗତବର୍ଷ ଫେବୃୟାରୀ ୧୩ ତାରିଖରୁ ଆନ୍ଦୋଳନ ଜାରି ରହିଛି। ଏ ସଂକ୍ରାନ୍ତରେ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ୍ୟ ମନ୍ତ୍ରୀସ୍ତରୀୟ କମିଟି ଆଳରେ ସମୟ ଗଡ଼ାଇ ଚାଲିଛନ୍ତି। ଏହି ପ୍ରତିବାଦରେ ୬୬୨ ବର୍ଗର ୭୮୪ କଲେଜ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ। ଏଥିରେ ୮ହଜାରରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଛନ୍ତି ଏବଂ ଦାବି ପୂରଣ ପର୍ଯ୍ୟନ୍ତ ବସି ରହିବେ। ଆବଶ୍ୟକ ହେଲେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ବର୍ଜନ କରାଯିବ ବୋଲି ସଂଘର ସଭାପତି ଗୋଲକ ନାୟକ ଚେତାବନୀ ଦେଇଛନ୍ତି।

# ବସ୍ତିରେ କିମ୍ସର କର୍କଟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୨
(ଅନୁରାଧା ମହାରଣା)

ବିଶ୍ୱ କର୍କଟ ଦିବସ ପାଳନ ଅବସରରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ (କିମ୍ସ) କ୍ୟାନସର ହସ୍ପିଟାଲ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଏକ ସଚେତନ ପଦଯାତ୍ରା କିମ୍ସ କ୍ୟାନସର ହସପିଟାଲରୁ ବାହାରି ପଟିଆ ଛକ ପର୍ଯ୍ୟନ୍ତ ଯାଇଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କିମ୍ସର ଛାତ୍ରୀଛାତ୍ରମାନେ ନୀଳାଦ୍ରିବିହାରସ୍ଥିତ ଓମ୍ଫେଡ୍ ବସ୍ତିରେ ପଥପ୍ରାନ୍ତ ନାଟକ ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନ କରାଇଥିଲେ। ବସ୍ତିରେ ଘର ଘର ବୁଲି ଲୋକମାନଙ୍କୁ କ୍ୟାନସର କାରଣ ନିରାକରଣ ବିଷୟରେ କହିଥିଲେ। ଏହାବ୍ୟତୀତ ‘କ୍ଲୋଜ ଦ କେୟାର ଗ୍ୟାପ’ ଶୀର୍ଷକ ଆଲୋଚନାଚକ୍ରରେ କିମ୍ସ କ୍ୟାନସର ହସ୍ପିଟାଲର ଆସୋସିଏଟ ପ୍ରଫେସର ଡା. ଯୋଗମାୟା ପଟ୍ଟନାୟକ କର୍କଟ ରୋଗ ବିରୋଧରେ ଲଢ଼େଇରେ ସାମୂହିକ ସମ୍ପୃକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସର୍ଜିକାଲ ଅଙ୍କୋଲୋଜିର ସିନିୟର କନସଲଟାଣ୍ଟ, ଡା. ସବ୍ୟସାଚୀ ପରିଡ଼ା, ଡା. ସଚିନ ବିଶ୍ୱାଳ ଏବଂ ଅନ୍ୟ ଡାକ୍ତରମାନେ କ୍ୟାନସର ରୋଗ ବିଷୟରେ ସଚେତନ କରାଇଥିଲେ। ପ୍ରଥମ ଅବସ୍ଥାରେ ଏହି ରୋଗ ଅନେକ ମାତ୍ରାରେ ଆରୋଗ୍ୟ କରିପାରିବ ବୋଲି ଡ଼ାକ୍ତରମାନେ କହିଥିଲେ। ଏଥିସହ ଏହାର ଚିକିତ୍ସା ଅସ୍ତ୍ରୋପଚାର, ରେଡିଏସନ ବା ବିକିରଣ ଚିକିତ୍ସା ଓ କେମୋଥେରାପି ବା ଔଷଧୀୟ ଚିକିତ୍ସା ଏହା ମଧ୍ୟରୁ କୌଣସି ଏକ ଏକାଧିକ ପଦ୍ଧତି ପ୍ରୟୋଗ କରି, ଏହାର ସଫଳ ଚିକିତ୍ସା କରାଯାଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମ୍ସ ନର୍ସିଂ କଲେଜ ଅଧ୍ୟକ୍ଷ ନିୟତି ଦାସ, ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟା ସୋନାଲିକା ପ୍ରମୁଖ ଯୋଗ ଦେଇଥିଲେ।

# ୧୦ ପ୍ରତିଶତ ଇଡବ୍ଲ୍ୟୁଏସ୍ ସଂରକ୍ଷଣ ଦାବିରେ ବିକ୍ଷୋଭ

ଭୁବନେଶ୍ୱର,୫।୨
(ଅନୁରାଧା ମହାରଣା)





ଓଡ଼ିଶାରେ ୧୦ପ୍ରତିଶତ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ସଂରକ୍ଷଣ ଦାବିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧାରଣବର୍ଗର ବ୍ୟକ୍ତି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସାଧାରଣ ବର୍ଗର ଗରିବ ପିଲାଙ୍କ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ୧୦ ପ୍ରତିଶତ ସଂରକ୍ଷଣ କୋଟା ଓଡ଼ିଶାରେ କେବେ ଲାଗୁ କରାଯିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ସାଧାରଣବର୍ଗର ଲୋକଙ୍କୁ ବିଭାଜିତ କରି ରଖିବା ପାଇଁ ରାଜ୍ୟ ସରକାର ଏସ୍‌ଇବିସି ନାମରେ ଅଜବ ଯୋଜନା ଚଳାଇଥିବା ଆନ୍ଦୋଳନର ଆବାହକ ଉଦ୍ଧବ କହିଛନ୍ତି। ଖଣ୍ଡାୟତ ଜାତିକୁ ଦୁର୍ବଳ କରିଦେବା ପାଇଁ ସରକାର ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିବା କହି ସାଧାରଣ ବର୍ଗ ସୁରକ୍ଷା କମିଟିର ଆବାହକ କୁଳମଣି ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ଇତିମଧ୍ୟରେ ଦିଆଯାଇଥିବା ୭୦ ହଜାର ନିଯୁକ୍ତି ମଧ୍ୟରେ ଅନ୍ୟୁନ ୭ ହଜାର ସାଧାରଣ ବର୍ଗର ପିଲାମାନେ ନିଯୁକ୍ତି ପାଇପାରିଥା’ନ୍ତେ। ମାତ୍ର ତାହା ହୋଇନାହିଁ ବୋଲି ସାଧାରଣ ବର୍ଗର ସଂଯୋଜକ ତଥା ଜାତୀୟ ମାନବାଧିକାର କର୍ମୀ ସୁକାନ୍ତ ପଣ୍ଡା ଓ ଅନ୍ୟମାନେ କହିଛନ୍ତି।

# ଟ୍ରେନ୍‌ରୁ ପଡି ଯୁବକ ଗୁରୁତର

ନିରାକାରପୁର,୫।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଷ୍ଟେଶନ ଅନ୍ତର୍ଗତ କାଶୀପୁର ଲେଭଲ କ୍ରସିଂ ନିକଟରେ ଟ୍ରେନରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗଡସାହିର ଜଗମୋହନ ସାହୁ(୨୨)। ଜଗମୋହନ କୋଏମ୍ବାଟୁରରୁ ଟ୍ରେନରେ ଖୋର୍ଦ୍ଧାରୋଡ୍ ଆସୁଥିବା ବେଳେ ଖସିପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି।

# ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ କର୍କଟ ଦିବସ

ଭୁବନେଶ୍ୱର,୫।୨
(ଅନୁରାଧା ମହାରଣା)





କଟକ ତେଲେଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ଦ ପାୱାର ଅଫ୍ ଗୁଡ୍ ୱିସେସ୍’ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଣେ କ୍ୟାନ୍‌ସର ପୀଡିତଙ୍କୁ ସକରାତ୍ମକ ବାର୍ତ୍ତା ଦେବା ଫଳରେ କିପରି ତାଙ୍କର ମନୋବଳ ବଢ଼ିଥାଏ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା କର୍କଟ ରୋଗ ଏବଂ ଏହାର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ଗାଇନିକ୍ ଅଙ୍କୋଲୋଜି ବିଭାଗର ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, କ୍ୟାନ୍‌ସର ରୋଗକୁ ପ୍ରତିହତ କରିଥିବା ସୁଭାଷିନୀ ଲେଙ୍କା ଏବଂ ନଗେନ ମିଶ୍ର, ଡାକ୍ତର ରଣଜିତ କର, ହସ୍ପିଟାଲ ସିଓଓ ଶାନ୍ତନୁ ଦାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁବ୍ରାହମ ପାନିଙ୍କ ସମେତ ଅନ୍ୟ ଡାକ୍ତର, କର୍ମଚାରୀ ଯୋଗଦେଇଥିଲେ। କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗରେ ପୀଡ଼ିତ ରୋଗୀଙ୍କୁ ମାନସିକ ଏବଂ ଶାରୀରିକ ସଂଘର୍ଷ କରିବାକୁ ପଡ଼ିଥାଏ। ତେବେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ‘କୋଭିଡ୍ ମୁକାବିଲାରେ ସୋଆର ଭୂମିକା ଗୁରୁତ୍ୱପୂର୍ଣ୍ଣ’





କାର୍ଯ୍ୟକ୍ରମରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଭୁବନେଶ୍ୱର,୫।୨
(ଅନୁରାଧା ମହାରଣା)

ଓଡ଼ିଶାରେ କୋଭିଡ ମୁକାବିଲା କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଅନେକ ହ୍ରାସ ପାଇଥିଲା। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସୋଆଠାରେ ଆୟୋଜିତ ଦୁଇ ଦିନିଆ ବିମର୍ଶ କାର୍ଯ୍ୟକ୍ରମରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ପର୍ବ ରଖାଯାଇଥିଲା। ସୋମବାର ସୋଆରେ ବିଶିଷ୍ଟ ଓଡ଼ିଆ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପାଣ୍ଡିଆନ୍ ଯୋଗଦେଇଥିଲେ। ପାଣ୍ଡିଆନ୍ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହିତ ହାତ ମିଳାଇ ମହାମାରୀ ସହ ଲଢ଼ିବାରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଭୂମିକା ସମ୍ପର୍କରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋରଞ୍ଜନ ନାୟକ ଏବଂ ହସ୍ପିଟାଲ୍‌ର ଡାକ୍ତରମାନଙ୍କ ସହ ସେ ଆଲୋଚନା କରିଥିଲେ। ସେମାନେ ସମସ୍ତ ପ୍ରକାର ସାହାଯ୍ୟ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସୋଆ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୫ଟି କୋଭିଡ ହସ୍ପିଟାଲ୍ ଆରମ୍ଭ କରାଯାଇ ରୋଗୀ ସେବା ପ୍ରଦାନ କରାଯାଇଥିଲା। ରୋଗୀମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବିଦେଶରୁ ସିଧାସଳଖ କିଟ ଓ ଅନ୍ୟାନ୍ୟ ସରଞ୍ଜାମ ଆମଦାନୀ କରାଯାଇଥିଲା ଓ ଦଳଗତ କାର୍ଯ୍ୟ ପ୍ରଯୁକ୍ତିବିଦ୍ୟା, କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବୋଲି ସେ କହିଥିଲେ।

# ମୁକ୍ତା ଅଧୀନରେ ୧୪୩ କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର, ୫।୨
(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ଅଧୀନରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୬କୋଟି ୫୮ଲକ୍ଷ ଟଙ୍କାର ୧୪୩ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାର୍ଯ୍ୟାଦେଶ ପାଇଛନ୍ତି। ସହରର ବିଭିନ୍ନ ଭିତ୍ତିଭୂମି, ସୌନ୍ଦର୍ଯ୍ୟକରଣର ଏବଂ ପରିବେଶ ଉପଯୋଗୀ ବିକାଶ କାର୍ଯ୍ୟ ଏହି ସବୁ ପ୍ରକଳ୍ପ ମାଧ୍ୟମରେ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଜନାର ରୂପାୟନ ଯାଏ ସକ୍ରିୟ ଭାଗୀଦାର ରହି କାମ କରିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧୫ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ୪୨କୋଟି ୪୪ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେଥିରୁ ୧୮୩ଟି ପ୍ରକଳ୍ପରେ ୧୫୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୯କୋଟି ୯୧ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ୧୦୦ଟି କାର୍ଯ୍ୟ ଅଦ୍ୟାବଧି ଚାଲୁ ରହିଛି। ଅପରପକ୍ଷେ ଦିଆଯାଉଥିବା ପ୍ରକଳ୍ପଗୁଡିକ କାମ କିପରି ସରସ, ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ତାଲିମ ଦିଆଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରୀତିନନ୍ଦା ରାଉତରାୟ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, ଡେପୁଟି କମିଶନର ମୁକ୍ତା ଡ. ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

**ସଂକ୍ଷେପରେ**

## ବିଶ୍ୱ ଓଡ଼ିଆ ଭାଷା କାର୍ଯ୍ୟକ୍ରମ

ବାଙ୍କୀ,୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ରାଉତ ଯୋଗଦେଇ ଓଡ଼ିଆ ଭାଷା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୌରାଙ୍ଗ ଚରଣ ରାଉତ ଯୋଗଦେଇଥିଲେ। ଶିକ୍ଷକ ଗୋଲକ ବିହାରୀ ପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ମୁଦୁଲି ,ମିନତି ପଡିହାରୀ ଓ ବିରେନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଅଳଙ୍କାର ଦୋକାନରେ ଅଗ୍ନିକାଣ୍ଡ

କଟକ,୫।୨(କାର୍ତ୍ତିକ ସାହୁ)

ନିମଚଉଡ଼ିସ୍ଥିତ ଓମ୍ ଅଳଙ୍କାର ନାମକ ଗହଣା ଦୋକାନରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ବକ୍ସିବଜାରର ୨ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀମାନେ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ତେବେ ଜିଲା ଅଗ୍ନିଶମ ଅଧିକାରୀ ବେହେରାଙ୍କ କହିବାନୁସାରେ, ୨ ମହଲା ବିଶିଷ୍ଟ କୋଠାର ତଳ ମହଲାରେ ଅଳଙ୍କାର ଦୋକାନ ରହିଛି। ଉକ୍ତ ଦୋକାନର ସିଲିଂ ଭିତରେ ନିଆଁ ଧରିଥିଲା। ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଅତ୍ୟଧିକ ଧୂଆଁ ବାହାରୁଥିବାରୁ ଘର ଭିତର ଏକପ୍ରକାର ଅନ୍ଧକାରମୟ ହୋଇଯାଇଥିଲା। ହେଲେ ନିଆଁ ଅନ୍ୟତ୍ର ବ୍ୟାପି ନଥିଲା। ଅଗ୍ନିଶମ କର୍ମଚାରୀମାନେ ସିଲିଂ ମଧ୍ୟରୁ ନିଆଁକୁ ଲିଭାଇ ଆୟତ୍ତ କରିପାରିଛନ୍ତି। ଠିକ ସମୟରେ ଉପଯୁକ୍ତ ପଦକ୍ଷେପ ଯୋଗୁ ବଡ଼ ଧରଣର ଅଗ୍ନିକାଣ୍ଡକୁ ରୋକାଯାଇପାରିଛି ବୋଲି ସେ କହିଛନ୍ତି।

# ଏସ୍‌ସିବିରେ ୧୨ ଘଣ୍ଟା ଯାଏ ଆହତଙ୍କୁ ମିଳିଲାନି ଚିକିତ୍ସା

■ଗଣମାଧମରେ ଖବର ପ୍ରଚାର ପରେ ବିଳମ୍ବିତ ରାତିରେ ହେଲା ଅସ୍ତ୍ରୋପଚାର

■ମେଡିକାଲ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ଦେଲେ ରୋଗୀଙ୍କ ସମ୍ପର୍କୀୟ



ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ରୋଗୀଙ୍କ ସମ୍ପର୍କୀୟ ଦାବିପତ୍ର ଦେଉଛନ୍ତି।

କଟକ,୫।୨(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଆହତଙ୍କୁ ୧୨ ଘଣ୍ଟା ଯାଏ ଚିକିତ୍ସା ମିଳିଲାନି। ଆହତଙ୍କ ସମ୍ପର୍କୀୟ ଗଣମାଧମରେ ଏନେଇ ଅଭିଯୋଗ କରିବା ପରେ ରବିବାର ବିଳମ୍ବିତ ରାତିରେ ଆହତଙ୍କର ଅସ୍ତ୍ରୋପଚାର କରାଗଲା। ମେଡିକାଲର ସର୍ଜରି ବିଭାଗ ଆଇସିୟୁରେ ଏବେ ସମ୍ପୃକ୍ତ ଆହତ ବ୍ୟକ୍ତି ବଳରାମ ମିଶ୍ର(୫୬) ଚିକିତ୍ସାଧୀନ ରହିଛନ୍ତି। ଏନେଇ ସୋମବାର ବଳରାମଙ୍କ ସମ୍ପର୍କୀୟ ସନ୍ତୋଷ ପାଢ଼ୀ ଏସ୍‌ସିବି ଅଧୀକ୍ଷକଙ୍କୁ ଭେଟି ଚିକିତ୍ସା ଅବହେଳା ନେଇ ଅଭିଯୋଗ ଆଣିବା ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେ ଅଧୀକ୍ଷକଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏସ୍‌ସିବି ଏମ୍‌ପ୍ଲସରେ ପରିଣତ ହେବାକୁ ଥିବାବେଳେ ଏଠାରେ ଉନ୍ନତମାନର ଚିକିତ୍ସା ନେଇ ବହୁ ପ୍ରଚାର ପ୍ରସାର କରାଯାଉଛି। ହେଲେ ରୋଗୀଙ୍କୁ ତୁରନ୍ତ ଚିକିତ୍ସା କରାଯାଉ ନାହିଁ। ଏପରିକି ରବିବାର ରୋଗୀସେବା ବନ୍ଦ ଅଛି କହି ଘରୋଇ ନର୍ସିଂହୋମକୁ ରୋଗୀଙ୍କୁ ପଠାଇବା ପାଇଁ ବାଧ କରିବା ସହ ସେଠାରେ ଅସ୍ତ୍ରୋପଚାର ନେଇ ୫୦ ହଜାର ଟଙ୍କା ଯୋଗାଡ କରିବାକୁ କହିବା ନିନ୍ଦନୀୟ। ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସନ୍ତୋଷ ଦାବି କରିଛନ୍ତି। ଏ ନେଇ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି ଯେ, ରାତିରେ ସମ୍ପୃକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଛି, ସେ ଏବେ ସୁସ୍ଥ ଅଛନ୍ତି। ଏହି ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାନୁଯାୟୀ, ରବିବାର ଅପରାହ୍ନ ୧ଟାରେ ଏସ୍‌ସିବି କାଜୁଆଲିଟିରେ ଆହତ ବଳରାମଙ୍କୁ ଭର୍ତ୍ତି କରାଯାଇଥିଲା। ତାଙ୍କର ତୁରନ୍ତ ଅସ୍ତ୍ରୋପଚାର କରାଯିବାକୁ କାର୍ଯ୍ୟରତ ଜଣେ ଡାକ୍ତର କହିବା ସହ ୫୦ ହଜାର ଟଙ୍କା ଯୋଗାଡ଼ କରିବାକୁ କହିଥିଲେ। ପରେ ଆହତଙ୍କ ବିଭିନ୍ନ ପରୀକ୍ଷା କରିବା ସହ ରକ୍ତ ଯୋଗାଡ଼ କରିବା ପାଇଁ ସମ୍ପର୍କୀୟଙ୍କୁ କହିଥିଲେ। ହେଲେ ଭର୍ତ୍ତି ହେବାର ୧୨ ଘଣ୍ଟା ପରେ ମଧ୍ୟ ଆହତଙ୍କୁ କେବଳ ଡ୍ରେସିଂ କରି ଡାକ୍ତର ଛାଡ଼ିଦେଇଥିଲେ। ତେବେ ଏହି ଘଟଣା ଗଣମାଧ୍ୟମ ପାଖରେ ପହଞ୍ଚିବାରୁ ଏସ୍‌ସିବି କର୍ତ୍ତୃପକ୍ଷ ରବିବାର ବିଳମ୍ବିତ ରାତିରେ ବଳରାମଙ୍କ ଅସ୍ତ୍ରୋପଚାର କରିଥିଲେ।

## ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ କର୍କଟ ଦିବସ




ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

କଟକ ତେଲଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ଦ ପାୱାର ଅଫ୍ ଗୁଡ୍ ୱିସେସ୍’ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଣେ କ୍ୟାନ୍‌ସର ପୀଡିତଙ୍କୁ ସକରାତ୍ମକ ବାର୍ତ୍ତା ଦେବା ଫଳରେ କିପରି ତାଙ୍କର ମନୋବଳ ବଢ଼ିଥାଏ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା କର୍କଟ ରୋଗ ଏବଂ ଏହାର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ଗାଇନିକ୍ ଅଙ୍କୋଲୋଜି ବିଭାଗର ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, କ୍ୟାନ୍‌ସର ରୋଗକୁ ପ୍ରତିହତ କରିଥିବା ସୁଭାଷିଣୀ ଲେଙ୍କା ଏବଂ ନଗେନ ମିଶ୍ର, ଡାକ୍ତର ରଣଜିତ କର, ହସ୍ପିଟାଲ ସିଓଓ ଶାନ୍ତନୁ ଦାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁବ୍ରାହ୍ମଣ ପାନିଙ୍କ ସମେତ ଅନ୍ୟ ଡାକ୍ତର, କର୍ମଚାରୀ ଯୋଗଦେଇଥିଲେ। କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗରେ ପୀଡ଼ିତ ରୋଗୀଙ୍କୁ ମାନସିକ ଏବଂ ଶାରୀରିକ ସଂଘର୍ଷ କରିବାକୁ ପଡ଼ିଥାଏ। ତେବେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ‘ଉଦ୍ୟମିତାର ବିକାଶ ପାଇଁ ପ୍ରକୃଷ୍ଟ ମଞ୍ଚ’




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

କଟକ,୫।୨ (କାର୍ତ୍ତିକ ସାହୁ)

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭବିଷ୍ୟତର ନାଗରିକ ଗଠନରେ ବିଶ୍ୱବିଦ୍ୟାଳୟର ଭୂମିକା ଖୁବ ସୁନ୍ଦର। ଉଦ୍ୟମିତାର ବିକାଶ ପାଇଁ ପ୍ରଶିକ୍ଷଣ ଶିବିର ପ୍ରକୃଷ୍ଟ ମଞ୍ଚ ବୋଲି ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ କହିଛନ୍ତି।
ବିଶ୍ୱବିଦ୍ୟାଳୟ ଇନୋଭେସନ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବରଦା ପ୍ରସନ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଜୀ, ଷ୍ଟାର୍ଟ ଅପ୍ ଓଡ଼ିଶା ପ୍ରବର୍ତ୍ତକ ରଶ୍ମିରଞ୍ଜନ ସାହୁ ଏବଂ ଟାଟା ଷ୍ଟିଲ ଓଡ଼ିଶା ଶାଖାର ସିଏସ୍‌ଆର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବି-୧ ବିଜନେସ ହାଉସ ପ୍ରା. ଲି.ର ବାଣିଜ୍ୟିକ ନିର୍ଦ୍ଦେଶକ ଡ. ରାଜେନ ପାଢ଼ୀ ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲି.ର କମ୍ୟୁନିଟି ରିଲେସନ ଏଭିପି ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ନୂଆ ଅଭ୍ୟୁଦୟ ହେଉଥିବା ଶିଳ୍ପସଂସ୍ଥାଗୁଡ଼ିକର ସ୍ଥିର ପ୍ରଦର୍ଶନ ପାଇଁ କେତେକ ଟିପ୍ସ ଦେଇଥିଲେ। ଏଥିରେ ମେକେମ ପ୍ରା. ଲି.ର ନିର୍ଦ୍ଦେଶକ ଜେ. କେ. ରଥ, ଆଲୁମ ନେଟୱର୍କ ପ୍ରା. ଲି.ର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଚିତ୍ରାଲା ପ୍ରମୁଖ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ନିଜ ଦୁଃସାହସିକ ଯାତ୍ରାର ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ। ଇଡିଆଇର ପୂର୍ବାଞ୍ଚଳ ମୁଖ୍ୟ ଡ. ସୁବ୍ରତ କୁମାର ବିଶ୍ୱାଳ ସାର୍ବଜନୀନ ନୀତି ଓ ସୁଶାସନ ବ୍ୟବସ୍ଥା ଉପରେ କହିଥିଲେ।

## ଭାଜପାର ଗାଁକୁ ଚାଲ ଅଭିଯାନ କର୍ମଶାଳା

କଣ୍ଟାପଡ଼ା,୫।୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅଧୀନ ଗୋବିନ୍ଦପୁରସ୍ଥିତ ବଟକୃଷ୍ଣ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ଗାଁକୁ ଚାଲ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ମଣ୍ଡଳ ସଭାପତି ବାବୁଲି ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଭାଜପା ନେତା ଛବି ମଲିକ ଯୋଗଦେଇ ଆସନ୍ତା ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଭାଜପା କର୍ମୀ ଗାଁକୁ ଗାଁ ଯାଇ ମୋଦି ସରକାରଙ୍କ ୯ ବର୍ଷ ଶାସନ ମଧ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ କିଭଳି ଅବଗତ କରାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଭାଜପା କଟକ ଜିଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶ, କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, ଭାଜପା ନେତା ଅଶୋକ ରଥ, ପ୍ରଶାନ୍ତ ବେହେରା, ବନ୍ଧୁ ଚରଣ ସାହୁ, ଗୋପାଳ କୃଷ୍ଣ ସାହୁଙ୍କ ସମେତ ବହୁ ଭାଜପା ନେତା ଓ ପଞ୍ଚାୟତ ଲୋକ ପ୍ରତିନିଧି ଯୋଗ ଦେଇଥିଲେ।

# ‘ଜାତି ସ୍ୱାଭିମାନର ପ୍ରତୀକ ଭାଷା’



କଟକ,୫।୨(କାର୍ତ୍ତିକ ସାହୁ)

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆଲୋଚନାଚକ୍ର

ଓଡ଼ିଆ ଭାଷାକୁ ୨୦୧୪ ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଭାଷା ହେଉଛି ଜାତି ସ୍ୱାଭିମାନର ପ୍ରତୀକ। ରାଜ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଆମ ଓଡ଼ିଆ ଭାଷାକୁ ସମୃଦ୍ଧି ପଥରେ ଆଗେଇ ନେବା ନିମନ୍ତେ ଏକ ସଫଳ ପ୍ରୟାସ। ଜିଲା ସମଗ୍ର ଶିକ୍ଷା ଆନୁକୁଲ୍ୟରେ ରେଲୱେ ସେଟଲମେଣ୍ଟ ହାଇସ୍କୁଲ ପରିସରରେ ସୋମବାର ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ଉପସଭାପତି ଡ. ସୁନାମଣି ରାଉତ, ସାହିତ୍ୟିକା ଡ. ସୁବାସିନୀ ଲେଙ୍କା, ଡ. ବୈଜୟନ୍ତୀ ମିଶ୍ର, ସରୋଜିନୀ ମିଶ୍ର, କଲ୍ୟାଣୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଷାକୁ ଭିତ୍ତି କରି ଓଡ଼ିଶା ରାଜ୍ୟ ଗଠନ ହୋଇଥିବା କହିଥିଲେ। ସର୍ବପ୍ରାଚୀନ ଏହି ଓଡ଼ିଆ ଭାଷାର ଲିପି ଇତିହାସରେ ଲିପିବଦ୍ଧ ହୋଇରହିଛି। ଜିଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡ. ସୁଚିସ୍ମିତା ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କଟକ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୬୬୨ ବର୍ଗ କଲେଜରେ ତାଲା, ପାଠପଢ଼ା ଠପ୍

ଭୁବନେଶ୍ୱର, ୫।୨(ଅସମାପିକା ସାହୁ)

ସରକାରଙ୍କ ଉଦାସୀନତା ଓ ପକ୍ଷପାତିତା ବିରୋଧରେ ସୋମବାରରୁ ମହାଆନ୍ଦୋଳନ ଆରମ୍ଭ କରିଛି ୬୬୨ ବର୍ଗ କଲେଜ ସଂଘ। ସୋମବାର ଅଧ୍ୟାପକ ଓ କର୍ମଚାରୀମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ଏକବର୍ଷ ହେବ ସଂଘ ତା’ର ନ୍ୟାର୍ଯ୍ୟ ଦାବି ସମାନ କାମକୁ ସମାନ ଗ୍ରେଡ ପେ ଆଧାରରେ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଉପକୃତ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ଗତବର୍ଷ ଫେବୃୟାରୀ ୧୩ ତାରିଖରୁ ଆନ୍ଦୋଳନ ଜାରି ରଖିଛି। ଏ ସଂକ୍ରାନ୍ତରେ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ୍ୟ ମନ୍ତ୍ରୀସ୍ତରୀୟ କମିଟି ଆଳରେ ସମୟ ଗଡ଼ାଇ ଚାଲିଛନ୍ତି। ଏହି ପ୍ରତିବାଦରେ ୬୬୨ ବର୍ଗର ୭୮୪ କଲେଜ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ। ଏଥିରେ ୮ହଜାରରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି ଏବଂ ଦାବି ପୂରଣ ପର୍ଯ୍ୟନ୍ତ ବସି ରହିବେ। ଆବଶ୍ୟକ ହେଲେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ବର୍ଜନ କରାଯିବ ବୋଲି ସଂଘର ସଭାପତି ଗୋଲକ ନାୟକ ଚେତାବନୀ ଦେଇଛନ୍ତି।



କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ହୋଟେଲ ମ୍ୟାନେଜ୍‌ମେଣ୍ଟ କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ

## ଗୋଲାପୀ ରିବନ୍ ବାନ୍ଧି ଗାଁସାଥୀଙ୍କ ପ୍ରତିବାଦ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗାଁସାଥୀ(ମେଟ୍) ସୋମବାର ଲୋୟର ପିଏମଜିରେ ଆନ୍ଦୋଳନ କରିଛନ୍ତି। ୩ ଦଫା ଦାବି ପୂରଣ ପାଇଁ ମୁଣ୍ଡରେ ରିବନ୍ ବାନ୍ଧି ଗୀତ ଗାଉଥିବା ଦେଖିବାକୁ ମିଳିଥିଲା। ମାସିକ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି, ବେଆଇନ୍ ଏନ୍‌ଏମ୍‌ଏମ୍‌ଏସ୍‌କୁ ବନ୍ଦ କରିବା ଓ ଗାଁ ସାଥୀଙ୍କୁ ବ୍ଲକ୍ କ୍ୟାଡର ଘୋଷଣା ଆଦି ଦାବି ରହିଛି।

## ପଥରରେ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା)

ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ । ଜଣେ ବ୍ୟକ୍ତିଙ୍କୁ ପଥରରେ ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଯୁବକ ହେଲେ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ତାପସ କୁମାର ଜେନା। ଜାମିନ ନ ମିଳିବାରୁ ତାପସଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଫେବୃୟାରୀ ୧ ରାତିରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏକ ଦୋକାନରୁ ମେଡିସିନ ନେଇ ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ଜଗନ୍ନାଥ ନଗର ଅନ୍ତର୍ଗତ ରୋଡ ନମ୍ବର-୭ ରେ ଥିବା ମର୍ଥା ଟ୍ରେଡର୍ସ ନିକଟରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ନିଶାସକ୍ତ ଅବସ୍ଥାରେ ପଛ ପାଖରୁ ଆସି ରାସ୍ତା ଦେବାଲାଗି କହିଥିଲେ ଏବଂ ହଠାତ ତାଙ୍କୁ ଗାଳିଗୁଲଜ କରିଥିଲେ । ଅଭିଯୋଗକାରିଣୀଙ୍କ ସ୍ୱାମୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଏକ ପଥରରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରୀଛାତ୍ର ଦେଲେ ଗିନିଜ୍ ବୁକ୍ ରେକର୍ଡ ଫଳକ

ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେମାନେ ନବୀନ ନିବାସ ଆସି ‘ମୋ କଥା ମୋ କାହାଣୀ’ ଲେଖି ହାସଲ କରିଥିବା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ଫଳକକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏଥିସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ସେମାନେ ନିଜେ ଲେଖିଥିବା ପୁସ୍ତକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି।
ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ଏବଂ ସାହିତ୍ୟ ରଚନା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟସ୍ତରରେ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀଛାତ୍ର ‘ମୋ କଥା ମୋ କାହାଣୀ’ ମାଧ୍ୟମରେ ଗଳ୍ପ ଏବଂ କବିତା ରଚନା କରିଥିଲେ। ଗତ ଶୁକ୍ରବାର ଏହି ପୁସ୍ତକର ହସ୍ତଲିଖିତ ତଥ୍ୟକୁ ଫେସ୍‌ବୁକରେ ଏକ ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟାରେ ଅପ୍‌ଲୋଡ କରି ଗିନିଜ୍ ରେକର୍ଡ ସୃଷ୍ଟି କରିଛନ୍ତି। ଗିନିଜ ବୁକ୍ ସଂସ୍ଥାର ବରିଷ୍ଠ ବିଚାରପତି ସ୍ୱପ୍ନିଲ ଡଙ୍ଗରିକର୍ ଛାତ୍ରୀଛାତ୍ରଙ୍କୁ ଏହି ରେକର୍ଡର ମାନ୍ୟତା ପ୍ରଦାନ କରିବା ସହିତ ଫଳକ ମାଧ୍ୟମରେ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଏହି ରେକର୍ଡ ପାଇଁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ପଚାରି ବୁଝିଥିଲେ। ଭବିଷ୍ୟତରେ କିପରି ଜଣେ ଜଣେ ଭଲ ମଣିଷ ହେବେ ସେଥିପାଇଁ ପରାମର୍ଶ ଦେବା ସହ ଛାତ୍ରୀଛାତ୍ରଙ୍କୁ ଉପହାର ଦେଇ ଉତ୍ସାହିତ କରିଥିଲେ। ‘ମୋ ସ୍କୁଲ’ର ଅଧ୍ୟକ୍ଷା ସୁସ୍ମିତା ବାଗଚୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶଥୀ ଏସ୍ ଉପସ୍ଥିତ ଥିଲେ।

# ‘ପାରଦର୍ଶୀ ଆଇନଜୀବୀ ଥିଲେ ସତ୍ୟବ୍ରତ ପ୍ରଧାନ’

କଟକ,୫।୨(କାର୍ତ୍ତିକ ସାହୁ)




ଦିବଂଗତ ଆଇନଜୀବୀ ସତ୍ୟବ୍ରତ ପ୍ରଧାନ ନିଜ ବୃତ୍ତିରେ ଖୁବ ପାରଦର୍ଶୀ ଥିଲେ ବୋଲି ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି। ସତ୍ୟବ୍ରତ ପ୍ରଧାନ ସ୍ମୃତି କମିଟି ତରଫରୁ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସତ୍ୟବ୍ରତ ପ୍ରଧାନଙ୍କ ୫୭ତମ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ବିଚାରପତି ମିଶ୍ର ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଆଇନବୃତ୍ତିରେ ପ୍ରବେଶ କରୁଥିବା ନୂଆ ଓକିଲମାନଙ୍କୁ ସ୍ୱର୍ଗତ ପ୍ରଧାନ ଉତ୍ସାହିତ କରୁଥିଲେ ବୋଲି ବିଚାରପତି ମିଶ୍ର କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନର ଉପସଭାପତି ଆଇନଜୀବୀ ବିଦ୍ୟାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାର୍ ଆସୋସିଏଶନର ସଭାପତି ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ସଞ୍ଜୟ କୁମାର ଦାସ ବିବରଣୀ ପାଠ କରିଥିଲେ। ସ୍ମୃତି କମିଟିର ସଙ୍ଗଠନ ସମ୍ପାଦକ ଆଇନଜୀବୀ ଆକାଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦର ନବ ନିର୍ବାଚିତ ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ତୁଷାର କୁମାର ମିଶ୍ର, ପବିତ୍ର ମୋହନ ପାଲଟାସିଂହ ଓ ଅଜୟ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସୁବାସ କୁମାର ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ଚିରଞ୍ଜୟ ମହାନ୍ତି, ରଞ୍ଜୁ ମିଶ୍ର, ଜୟନ୍ତ ପାଢ଼ୀ, ସୌରଭ ମହାନ୍ତି, ତୁଷାର କୁମାର ସାହୁ, ବିଭୁ ପ୍ରସନ୍ନ ମହାପାତ୍ର, ଅଂଶୁମାନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଦରଖାପାଟଣା ପୂଜା ମଣ୍ଡପ ଚୋରି ମାମଲା**

# ଗିରଫ ୪ ଅଭିଯୁକ୍ତ କୋର୍ଟ ଚାଲାଣ

କଟକ,୪।୨ (କାର୍ତ୍ତିକ ସାହୁ)



ମଧୁପାଟଣା ଥାନା ପୋଲିସ ଜାନୁଆରି ୨୮ ତାରିଖ ରାତିରେ ଦରଖାପାଟଣା ଦୁର୍ଗାପୂଜା ମଣ୍ଡପରୁ ଚୋରି ଘଟଣାରେ ଗିରଫ ୩ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଇମାମପଡ଼ାର ସେଖ ପିରୁ ଓରଫ ସୈଖ ତାହିର(୫୦) ଓ ସେଖ ହାରୁନ(୨୨), ପରମହଂସର ଗୋରା ଓରଫ ସେଖ ଅଜିମ(୬୦) ଓ ଝିଙ୍କିରିଆର ଜଗଦୀଶ ଗୁଜୁତାତି(୪୨)। ଏମାନଙ୍କ ନିକଟରୁ ସୁନା ଓ ରୂପା ଅଳଙ୍କାର, ସ୍କୁଟି, ଭଙ୍ଗା ତାଲା, ଭଙ୍ଗା ଷ୍ଟିଲ ଆଲମିରା, ଦାନବାକ୍ସ, ୨ଟି ମୋବାଇଲ ଓ ନଗଦ ଟଙ୍କା ଆଦି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାନୁସାରେ, ଦରଖାପାଟଣା ଦୁର୍ଗାପୂଜା ମଣ୍ଡପରୁ ଚୋରି ଘଟଣାରେ ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି କ୍ୟାମେରା ଯାଞ୍ଚ କରି ଅପରାଧୀଙ୍କୁ ଠାବ କରିବାକୁ ପ୍ରୟାସ କରିଥିଲା। ପୋଲିସ ଶନିବାର ତିନି ଜଣଙ୍କୁ ଠାବ କରିଥିଲା। ୨୮ ତାରିଖ ରାତିରେ ଜଣେ ଲୁଟେରା ନୂଆବଜାର ରେଳଲାଇନ ପାର୍ଶ୍ୱ ଦେଇ ଶିଖରପୁର ରାସ୍ତାରେ ଚହଟା ଯାଏ ଯାଇଥିବା ବେଳେ ଅନ୍ୟ ଜଣେ ତିନିଘରିଆ ରାସ୍ତାରେ ଗୋଶାଳା ବ୍ଲକ ଅଫିସ ପୂର୍ବରୁ ଜଗତସିଂହପୁର ରାସ୍ତାରେ ଅନ୍ୟ ଜଣେ ବ୍ୟକ୍ତି ସହିତ ସହିତ ଏକ ନୀଳ ରଙ୍ଗର ସ୍କୁଟିରେ ଯାଇଛି। ସେହିପରି ଚାଉଳିଆଗଞ୍ଜ ନାରାୟଣ ସ୍କୁଲ ଛକରୁ ସେ ସ୍କୁଟିରେ ଦ୍ରୁତ ଗତିରେ ଯାଉଥିବା ଦେଖିବାକୁ ମିଳିଛି। ୨୮ ରାତି ପ୍ରାୟ ୩ ଟିନିଟା ବେଳେ ଯାଇଥିବା ସିସି କ୍ୟାମେରା ଯାଞ୍ଚରୁ ଜଣାପଡ଼ିଛି। ନୂଆପଡ଼ାସ୍ଥିତ ନୂଆ ଓଭରବ୍ରିଜ ନିକଟରେ ଲୁଟେରା ଯେଉଁ ମୋବାଇଲରୁ ଫୋନ କରିଥିଲା ସେହି ମୋବାଇଲ କନ୍ଦରପୁର ଅଞ୍ଚଳର ବୋଲି ଜଣାପଡ଼ିଥିଲା। ସେହି ମୋବାଇଲ୍ ନମ୍ବରକୁ ଟ୍ରାକ କରି ପୋଲିସ ଶନିବାର ରାତିରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ଜଗଦ୍ଧାତ୍ରି ମନ୍ଦିର ଚୋରି ମାମଲାରେ ମଧ୍ୟ ଏହି ଗ୍ୟାଙ୍ଗ ସାମିଲ ଥିବା ଜଣାଯାଇଛି।

## ସଂକ୍ଷେପରେ

### ଓଡ଼ିଆ ଭାଷା ସାହିତ୍ୟ ପାଇଁ ସମ୍ବର୍ଦ୍ଧନା

ଜଟଣୀ,୫।୨(ରବୀନ୍ଦ୍ରନାଥ ମହାକୁଡ଼)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମିଳନୀ ପରିପ୍ରେକ୍ଷୀରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟାଉନ ହଲ(ସ୍ରଷ୍ଟା) ପରିସରରେ ଓଡ଼ିଆ ଭାଷା ସଂସ୍କୃତି ଏବଂ ଓଡ଼ିଆ ଭାଷାର ପ୍ରଚାର ପ୍ରସାରରେ ଜଡିତ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ପୌର ପରିଷଦର ଉପାଧକ୍ଷା ଆରତୀ ରାଉତ ଅଧକ୍ଷତା କରିଥିବା ବେଳେ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପଟ୍ଟଯୋଶୀ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ ପରିଷଦବୃନ୍ଦ, ୱାର୍ଡ ସଂଯୋଜିକା, ସ୍ୱଚ୍ଛ ସାଥି, ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜଟଣୀ ପୌର ପାଳିକା ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିପିନ ବିହାରୀ ପାଠାଗାରର ପ୍ରତିଷ୍ଠାତା ବିପିନ ବିହାରୀ ମହାନ୍ତି, ପଦ୍ମନାଭ ପାଣିଗ୍ରାହୀ, ସସ୍ମିତା ଦାସ, ରଶ୍ମିତା ନାୟକ, ପ୍ରହ୍ଲାଦ ସାହୁଙ୍କ ସହ ଅନ୍ୟମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ଓଡ଼ିଆ ଭାଷା ସମିଳନୀ ୨୦୨୪ ଉପଲକ୍ଷେ ଜଟଣୀ ପୌରାଞ୍ଚଳର ୨୩ଟି ୱାର୍ଡ ସହ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଓ ଅରବିନ୍ଦ ବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

### ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ: କାଇପଦରକୁ ହରାଇ ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଉଦ୍‌ଘାଟନୀ ମ୍ୟାଚ୍ କାଇପଦର ଓ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୩୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସମୀର ରାଉତରାୟ ୫୯ ରନ ସଂଗ୍ରହ କରିଥିବା ବେଳେ କାଇପଦର ଟିମର ପ୍ରକାଶ ସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ କାଇପଦର ଟିମ ୧୦ ଓଭରରେ ୫ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରିଥିଲା। ଫଳରେ ସୁଆଙ୍ଗ ଟିମ୍ ବିଜୟୀ ହୋଇଥିଲା। ମଦନମୋହନ ସ୍ୱାଇଁ ଓ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରଦ୍ଧାନନ୍ଦ ପ୍ରଦାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ଦିବସରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ରାଜନେତା ରାଜକିଶୋର ପାତ୍ର, କାଇପଦର ପ୍ୟାକ୍ସ ସମ୍ପାଦକ ଝଜକିଶୋର ସାମନ୍ତରାୟ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଆସୋସିଏଶନର ସଦସ୍ୟାମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଡିଏଚ୍‌ଏଚ୍‌ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

## ଜିଲାପାଳଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା ଜିଲା ମଖ୍ୟ ଚିକିତ୍ସାଳୟ (ଡିଏଚଏଚ)ର ବିଭିନ୍ନ ସମସ୍ୟା ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଡିଏଚଏଚରେ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ଏକ ରେଫେରାଲ ହସ୍ପିଟାଲ ପାଲଟିଛି। ସବୁ ସମୟରେ କଟକ ବଡ ମେଡିକାଲ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ,ଏମ୍ସ ମେଡିକାଲକୁ ରୋଗୀଙ୍କୁ ପଠାଯାଉଛି। ଫଳରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜପଥରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଡିଏଚଏଚରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଟ୍ରମାକେୟାର କେନ୍ଦ୍ର ବନ୍ଦ ପଡିଛି। ଦୁର୍ଘଟଣା ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଉଦ୍‌ଘାଟନ ହେବାର ୩ମାସ ବିତିଲାଣି। ଡାକ୍ତର, କର୍ମଚାରୀ ନିଯୁକ୍ତ କରାଯାଇନଥିବାରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଅଚଳ ହେବାକୁ


ଜିଲାପାଳ ଚଞ୍ଚଲ ରାଣାଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ବସିଛି। ବାରମ୍ବାର ଦାବି ସତ୍ତ୍ୱେ ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଚିକିତ୍ସା ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଚିକିତ୍ସା କିମ୍ବା ଔଷଧ ପାଇଁ ବରିଷ୍ଠ ନାଗରିକମାନେ ଲମ୍ବାଧାଡିରେ ଅପେକ୍ଷା କରୁଛନ୍ତି। ଚକ୍ଷୁ ବିଭାଗ ଓ ଟିକେଟ କାଉଣ୍ଟର ମଧ୍ୟରେ ଏକ କିମି ବ୍ୟବଧାନ ରହିଛି। ଫଳରେ ରୋଗୀ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଡିଏଚଏଚ ପରିସରରେ ରକ୍ତଭଣ୍ଡାର ନାହିଁ। ମେଡିକାଲଠାରୁ ରକ୍ତଭଣ୍ଡାର ମଧ୍ୟରେ ଦୂରତା ୨କିମି ରହିଛି। ହସ୍ପିଟାଲ ପରିସରରେର ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟ ବଢିଚାଲିଛି। ସିଟି ସ୍କାନ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଏହା ଖୋଲାଯାଇପାରୁନାହିଁ। ଅଲଟ୍ରାସାଉଣ୍ଡ କେବଳ ଗର୍ଭବତୀଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା ବେଳେ ସପ୍ତାହକୁ ୩ଦିନ କରାଯାଉଛି। ରୋଗୀଙ୍କୁ ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଡାଇଗୋନଷ୍ଟିକ ସେଣ୍ଟରରେ କରିବା ପାଇଁ ବାଧ କରାଯାଉଛି। ମହିଳା ପସୂତି ଓ ଶିଶୁ ମଙ୍ଗଳ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ରହିଛି। ଏଠାରେ ସାଧାରଣ ପ୍ରସବ କମ୍ ସିଜରିଆନ ବେଶି ହେଉଥିବା ଜଣାପଡିଛି। ରାତିରେ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଦର୍ଶାଇ ଏଠାରୁ ଅନ୍ୟତ୍ର ମେଡିକାଲ ସ୍ଥାନାନ୍ତର କରାଯାଉଛି। ପରେ ସେମାନଙ୍କୁ ଦଲାଲ ମାଧ୍ୟମରେ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରାଯାଉଥିବା ଅଭିଯୋଗ ବଢିବାରେ ଲାଗିଛି। ଏକାଧିକ ଡାକ୍ତରଙ୍କ ଘରୋଇ କ୍ଲିନିକ ଓ ହସ୍ପିଟାଲ ସହ ରହିଛି ସମ୍ପୃକ୍ତି। ସବୁଠି ବହିଃ ବିଭାଗ ଓପିଡି ସକାଳ ଓ ସନ୍ଧ୍ୟାରେ ଖୋଲା ରହୁଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅପରାହ୍ନ ପରେ ବହିଃ ବିଭାଗ ଓପିଡି ଖୋଲାଯାଉନାହିଁ। ଫଳରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଉପସଭାପତି ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ଯୁଗ୍ମ ସମ୍ପାଦକ ବସନ୍ତ ଦାସ ପ୍ରଦାନ କରିଥିଲେ। ଏନେଇ ଜିଲାପାଳ ଚଞ୍ଚଲ ରାଣା କହିଛନ୍ତି, ଖୋର୍ଦ୍ଧା ମେଡିକାଲରେ ବହୁବିଧ ସମସ୍ଯା ନେଇ ଅଭିଯୋଗ ପାଇଛି। ପର୍ଯ୍ୟାୟକ୍ରମରେ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ। ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ।

# ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ବାଲୁଗାଁ,୫।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତିନିଦିନ ଧରି ଚାଲିଥିବା ଭାଷା ସାହିତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେବା ସହ ଅଞ୍ଚଳର କବି, ଲେଖକ, ସାହିତ୍ୟିକ ଓ ଭାଷାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହରେ ନଗରପାଳିକା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷା ଡ.କଳ୍ପନା ଦାଶ, ସମ୍ମାନିତ ଅତିଥି କାଉନସିଲର ମମତା ପଣ୍ଡା, ଅନିତା ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ, ଲକ୍ଷ୍ମୀଧର ସେଠୀ, ବାଲୁଗାଁ କଲେଜ ପୂର୍ବତନ ଅଧକ୍ଷା ବିନତି ମଞ୍ଜରୀ ରାଉତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ଶେଠ ଯୋଗଦେଇ ପ୍ରତିଭାମାନଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତଙ୍କ ମଧ୍ୟରେ କବି ଜିତେନ୍ଦ୍ର ବରାଳ, ଭାଷାବିତ୍ ଆଶୁତୋଷ ସାମନ୍ତସିଂହାର, କବି ଅମ୍ବିକା ପ୍ରସାଦ ସାମନ୍ତରାୟ, କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା, ଡ.ନମିତା ଦାଶ, ଡ.ଜୟନ୍ତୀ ସାମଲ, ଗାଳ୍ପିକ ଡ.କୈଳାସ ଚନ୍ଦ୍ର ମହାରଣା, କବି ଲକ୍ଷ୍ମୀଧର ସୁବୁଦ୍ଧି, ରମାକାନ୍ତ ନନ୍ଦ, ଜଗଦୀଶ ପ୍ରଧାନ, ତ୍ରିବିକ୍ରମ ପଣ୍ଡା, ରଙ୍କନାଥ ସେଠୀ, କବି ଦିଗମ୍ବର ବିଶ୍ୱାଳ, ପ୍ରସାଦ ପ୍ରଧାନ, ବିଜୟ କୁମାର ନନ୍ଦ, ତ୍ରିଲୋଚନ ବାରିକ, ବିଷ୍ଣୁପ୍ରିୟା ବାରିକ ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ। ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣ ମୋହନ ବଳବନ୍ତରାୟ ସଭା ସଞ୍ଚାଳନ କରିଥିଲେ। ଅଧକ୍ଷାଙ୍କ ପ୍ରତିନିଧି ସନ୍ତୋଷ କୁମାର ପାଇକରାୟ ଓ ଏନ୍‌ଏସିର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୃତ୍ୟରେ ଦର୍ଶକ ବିଭୋର


ନୀଳାମ୍ବୁ ମହୋତ୍ସବ ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ଟାଙ୍ଗୀ,୫।୨(ରଘୁନାଥ ସାହୁ)

## ନୀଳାମ୍ବୁ ମହୋତ୍ସବ ତୃତୀୟ ସନ୍ଧ୍ୟା

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ଏବଂ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଏଥିସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସଂଘ ସଭାପତି ବରିଷ୍ଠ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଜେଡି ସଭାନେତ୍ରୀ ବାସନ୍ତି ମହାପାତ୍ର, ଟାଙ୍ଗୀ ପଞ୍ଚାୟତସମିତି ଅଧକ୍ଷା ରିସ୍ମା ମାନ୍ଧାତା, ମାତୃବିହାର ଅରବିନ୍ଦ ଶିକ୍ଷାକେନ୍ଦ୍ର କାଳୁପଡାଘାଟର ପ୍ରତିଷ୍ଠାତା ସଞ୍ଜୟ କୁମାର ମହାପାତ୍ର, ସଂଘ ଉପଦେଷ୍ଟା ସ୍ତମ୍ଭକାର ପ୍ରଦୋଷ କୁମାର ଦାସ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ କୁମାର ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘୋଷକ ଭାବେ ସତ୍ୟନାରାୟଣ ମହାପାତ୍ର, ସାମ୍ବାଦିକ ସନ୍ଦୀପନି ମିଶ୍ର, ରାମଚନ୍ଦ୍ର ପରିଡ଼ା, ମନୋଜ ନାଇଡୁ, ଅନନ୍ତ ପ୍ରଧାନ, ଅଭିଜିତ ଦାସ, ଅଜୟ କୁମାର ସେଠ, ବାଲୁଙ୍କେଶ୍ୱର ବେହେରା, ରଜନୀକାନ୍ତ ମିଶ୍ର, ରାକେଶ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୫।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳପଡିଆରେ ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ବାଙ୍କୋଇଦେଶ ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ଓ ଖବରଦାତା ମନୋରଞ୍ଜନ ମିଶ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବିଜୁପୁର କ୍ରିକେଟ କ୍ଲବ ଓ ମର୍ଦ୍ଦରାଜପୁର କ୍ରିକେଟ ବ୍ଲକ ମଧ୍ୟରେ ହୋଇଥିଲା। ଟସ୍ ଜିତି ବିଜୁପୁର ଟିମ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୪ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ମର୍ଦ୍ଦରାଜପୁର ଟିମ୍ ୧୮ ଓଭରରେ ୬ ଉଇକେଟ ବିନିମୟରେ ୧୧୫ ରନ କରି ପରାଜିତ ହୋଇଥିଲା। ବିକାଶ ଓ ସଞ୍ଜୟ ମ୍ୟାଚ୍ ପରିଚାଳନା କରିଥିଲେ। ସାଗର ନାୟକ, ସିପୁନା ପ୍ରଧାନ, ଅର୍ଜୁନ ପ୍ରଧାନ, ଦେବୀପ୍ରସାଦ ମିଶ୍ର, ବାପୁନି ବରାଡ଼, ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ


କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ, ନେତା ଏବଂ ଅନ୍ୟମାନେ।

ବୋଲଗଡ଼,୫।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ, ବୋଲଗଡ଼ ସଦର ସମେତ ଡାବରଧୁଆ ପାଟଣା ଆଦି ୩ ପଞ୍ଚାୟତରେ ସୋମବାର ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ସମ୍ପର୍କ ଅଭିଯାନ ପରେ ସଦର ପଞ୍ଚାୟତସ୍ଥିତ ଗାନ୍ଧୀ ବଜାର ଠାରେ ଆୟୋଜିତ ସଭାରେ ରାଜ୍ୟ କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସଭାରେ ଜିଲା ପର୍ଯ୍ୟବେକ୍ଷକ ବୁଟୁ କୈଳାସ ପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ରଘୁନାଥ ଲେଙ୍କା, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତୀ ରାଉତରାୟ, ୨୫ନଂ. ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ୨୬ନଂ. ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଦକ୍ଷିଣ ବେଗୁନିଆ ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ମହିଳା ମିଶନ ଶକ୍ତି ସଭାପତି ଶୈଳବାଳା ବାହିନୀପତି, ସମ୍ପାଦିକା ଗୀତାଞ୍ଜଳି ମହାନ୍ତି, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜିଲା ବିଜେଡି ସମ୍ପାଦକ ବୀର ଦାସଙ୍କ ସଂଯୋଜନାରେ ବହୁ ମିଶନ ଶକ୍ତି ମହିଳା ଯୋଗଦେଇଥିଲେ।

# ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ନିରାକାରପୁର,୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିରାକାରପୁର ଇକୋ କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳାଯୋଡି ପ୍ରକୃତିସ୍ଥଳଠାରେ ଦିନିକିଆ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୫୬ ଛାତ୍ରୀଛାତ୍ର ଓ ୭ଜଣ ଗୁରୁଜୀଗୁରୁମା ଏହି ଶିବିରରେ ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ସହିତ ମାଇକେଲ ପିଟର, ରାଜେଶ ମହନ୍ତ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ୧୩ଟି ନୌକାରେ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳାଯୋଡି ପ୍ରକୃତିସ୍ଥଳି ବୁଲାଇ ଦେଖାଇଥିଲେ। ବିଭିନ୍ନ ବିଦେଶାଗତ



ପକ୍ଷୀଙ୍କୁ ପରିଚିତ କରାଇବା ସହ ଏମାନଙ୍କ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଭଜାଗଡସ୍ଥିତ ବୁଢ଼ୀତାରା ମନ୍ଦିରଠାରେ ପଲିଥିନ ହଟାଅ ବିଶ୍ୱ ବଞ୍ଚାଅ ଓ ପରିବେଶ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ସଭା ହୋଇଥିଲା। ଛାତ୍ରୀଛାତ୍ରମାନେ ପରିବେଶ ସମ୍ପର୍କିତ ସ୍ୱରଚିତ କବିତା, ବକ୍ତୃତା ପ୍ରଦାନ କରିଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ବ୍ରଜକିଶୋର ସେଠୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରିବେଶ ସଚେତନତା ପ୍ରତି ଅବଗତ କରାଇଥିଲେ। ପ୍ରଧାନଚାର୍ଯ୍ୟା ନଳନୀ ରଥ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର, ପବିତ୍ର କୁମାର ରାଉତରାୟ, ଅକ୍ଷୟ କୁମାର ମହାପାତ୍ର, ମନୋରଞ୍ଜନ ଦାସ, ରଶ୍ମିପ୍ରଭା ପୁରୋହିତ, ପ୍ରମୋଦିନୀ ସାଇଁ, ବିନୋଦ କୁମାର ବାରିକଙ୍କ ସହାୟତାରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ



ବେଗୁନିଆ,୫।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୌଡିଆପଡା-ଇନ୍ଦିପୁର ଗ୍ରାମସ୍ଥିତ ଖେଳପଡିଆରେ ମା' ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଆରତ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଖୋର୍ଦ୍ଧାର ବିବିଜି କ୍ଲବ ଓ ଭୁବନେଶ୍ୱରର ଫ୍ରେଣ୍ଡସ କ୍ଲବ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ୩-୨ ଗୋଲରେ ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡା ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଆୟୋଜକ କ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ପାଟ୍ଟଶାଣୀ, ଅର୍ଜୁନ ବଳିୟାରସିଂହ, ସୁରେଶ ଚନ୍ଦ୍ର ବାଘସିଂହ, ପର୍ଶୁରାମ ବଳିୟାରସିଂହ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଦସ୍ୟ ସର୍ବେଶ୍ୱର ମଙ୍ଗରାଜ, ଧରଣୀଧର ବଳିୟାରସିଂହ, ପ୍ରକାଶ ରାଉତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଲେଣ୍ଡୋ କ୍ରିକେଟ ଟୁର୍ନାମେଣ୍ଟ : ଚମ୍ପାଗଡ଼ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ନିରାକାରପୁର,୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୋ କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଘୋଡାଶାଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଡମଣଭୂମି କ୍ରିକେଟ କ୍ଲବ ଓ ଚମ୍ପାଗଡ଼ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଡମଣଭୂମି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରିଥିଲା। ଜବାବରେ ଚମ୍ପାଗଡ଼ ଟିମ୍ ୧୧.୪ ଓଭରରେ ୬ଉଇକେଟ ହରାଇ ୭୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁଶାନ୍ତ ସାମନ୍ତରାୟ, ରିପୁନ ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସଭାପତି ତଥା ଲେଣ୍ଡୋ ପଞ୍ଚାୟତର ସମିତିସଭ୍ୟ ବିକାଶ ରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ନିମନ୍ତ କୁମାର ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟୁଷ ଛୋଟରାୟ, ପ୍ରକାଶ ପ୍ରଧାନ, ବବୁଲ ମଙ୍ଗରାଜ, ଶକ୍ତିମାନ ମହାନ୍ତି, ଆକାଶ ସାହୁ, ସାରଦା ପ୍ରଧାନ, ପିଣ୍ଟୁ ସାମନ୍ତରାୟ, ବବୁଲ ଖୁଣ୍ଟିଆଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚୁପଲ୍ଲୀ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ

# ଆଡଭେଞ୍ଚର ନୂଆଗାଁ ଚାମ୍ପିୟନ

ଯାଁଳା,୫।୨(ବୁଲା ବାରିକ)

ଜଟଣୀ ବ୍ଲକ ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ୬ତମ ପଞ୍ଚୁପଲ୍ଲୀ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଆଡଭେଞ୍ଚର ନୂଆଗାଁ ଚାମ୍ପିୟନ ହୋଇଛି। ନୀଳକଣ୍ଠ କ୍ଲବ ଆନୁକୂଲ୍ୟରେ ପଞ୍ଚୁପଲ୍ଲୀ ଗ୍ରାମ ଖେଳପଡିଆରେ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସୋମବାର ଟାଇଟନ ଥଣ୍ଡର ତୃତୀୟାପଡା ଓ ଆଡଭେଞ୍ଚର ନୂଆଗାଁ ମଧ୍ୟରେ ହୋଇଥିଲା। ପ୍ରଥମେ ଟାଇଟନ ଥଣ୍ଡର ଟିମ୍ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୫ରନ ସଂଗ୍ରହ କରିଥିଲା। ଜବାବରେ ଆଡଭେଞ୍ଚର ନୂଆଗାଁ ଟିମ୍ ୧୦.୫ ଓଭରରେ ୨ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସିଲୁ ଓ ପଦ୍ମଲୋଚନ ମ୍ୟାଚ୍ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି



ଭୂଷଣ ବଳବନ୍ତରାୟ, ସନ୍ତୋଷ କୁମାର ଜେନା, ଦୀପକ କୁମାର ଜେନା ଓ ଗୌତମ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ରମାକାନ୍ତ ନାୟକ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଚିନ୍ମୟ ଭାରିମଲ, ବେଷ୍ଟ ବ୍ୟାଟ୍ସମ୍ୟାନ ସତ୍ୟ ରଞ୍ଜନ ଜେନା, ବେଷ୍ଟ ବୋଲର୍ ଭାବେ ସରୋଜ ରାଉତରାୟ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରାଯାଇଛି। ନୀଳକଣ୍ଠ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଢେଙ୍କାନାଳ ସେମିଫାଇନାଲରେ

ବୋଲଗଡ଼,୫।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅ ବେରେଣୀ ଖେଳପଡିଆରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଢେଙ୍କାନାଳ କ୍ଲବ ଓ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଢେଙ୍କାନାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୫୮ରନ ସଂଗ୍ରହ କରିଥିଲା। ଜବାବରେ କଳିଙ୍ଗ ଟାଇଗର ଟିମ ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୧୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଢେଙ୍କାନାଳ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସୁଧିରଞ୍ଜନ ପଣ୍ଡା ଓ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପ୍ରମୋଦ ମହାପାତ୍ର, ଭାବଗ୍ରାହୀ ସାହୁ, ଧ୍ରୁବଚରଣ ମୁଦୁଲି ଅତିଥିଭାବେ ଯୋଗଦେଇଥିଲେ। ମହମ୍ମଦ ସୁଲେମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।



## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ପିପିଲି,୫।୨(ଦୁର୍ଗା ମାଧବ ମିଶ୍ର):** ପିପିଲି ବ୍ଲକ ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ ଏବଂ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କୁ ଓଡ଼ିଶା ସରକାରଙ୍କ ମୋ ସ୍କୁଲ ପରିଚାଳନା ସଂଗଠନ ପକ୍ଷରୁ ଚଳିତବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ହୋଇ ସେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଥିଲେ। ଏଥି ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର ତାଙ୍କ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି, ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ବିଦ୍ୟାଳୟର ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ପାଇଁ ବ୍ରତୀ ହେବେ ବୋଲି ପ୍ରକାଶ କରିଛନ୍ତି।

### ଟ୍ରେନ୍‌ରୁ ପଡି ଯୁବକ ଗୁରୁତର

**ନିରାକାରପୁର,୫।୨(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଷ୍ଟେଶନ ଅନ୍ତର୍ଗତ କାଶୀପୁର ଲେଭଲ କ୍ରସିଂ ନିକଟରେ ଟ୍ରେନରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗଡସାହିର ଜଗମୋହନ ସାହୁ(୨୨)। ଜଗମୋହନ କୋଏମ୍ବାଟୁରରୁ ଟ୍ରେନରେ ଖୋର୍ଦ୍ଧାରୋଡ୍ ଆସୁଥିବା ବେଳେ ଖସିପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି।

### ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୋଲଗଡ଼,୫।୨(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳପଡିଆରେ ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ଜୟକୃଷ୍ଣ ଫତେ ସିଂହ, ବାଙ୍କୋଇଦେଶ ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ଓ ଖବରଦାତା ମନୋରଞ୍ଜନ ମିଶ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବିଜୁପୁର କ୍ରିକେଟ କ୍ଲବ ଓ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବିଜୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୪ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ମର୍ଦ୍ଦରାଜପୁର ଟିମ୍ ୧୮ ଓଭରରେ ୬ ଉଇକେଟ ବିନିମୟରେ ୧୧୫ ରନ କରି ପରାଜିତ ହୋଇଥିଲା। ବିକାଶ ଓ ସଞ୍ଜୟ ମ୍ୟାଚ୍ ପରିଚାଳନା କରିଥିଲେ। ସାଗର ନାୟକ, ସିପୁନା ପ୍ରଧାନ, ଅର୍ଜ୍ଜୁନ ପ୍ରଧାନ, ଦେବୀପ୍ରସାଦ ମିଶ୍ର, ବାପୁନି ବରାଡ଼, ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ରାଧାକାନ୍ତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୫।୨(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦିଘିରି ଗ୍ରାମରେ ରାଧାକାନ୍ତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋପୂଜା, ମଣ୍ଡଳ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହଙ୍କ ମହାସ୍ନାନ, ଗ୍ରାମ ପ୍ରଦକ୍ଷଣ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା, ଷୋଡ଼ଶ ଉପଚାର ସହ ହୋମଯଜ୍ଞ ମନ୍ଦିର ପ୍ରବେଶ ଓ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସୁଶ୍ରୀ ବ୍ରଜ ଚକୋରୀ ଦେବୀଜି ଓ ବିନାୟକ ଦାସ ମହାପାତ୍ର ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପୁରୀର ନନ୍ଦିଘୋଷ ରଥର ଏକ ଚକ, ଦଉଡି ଓ ଗୁଜକୁ ମନ୍ଦିରରେ ସ୍ଥାପନ କରାଯାଇ ପୂଜନ କରାଯାଇ ଥିଲା। ଏଥିରେ ଜଗତ୍‌ସିଂହପୁର ସମଗୋଳ ଅଞ୍ଚଳର ଚିତ୍ତ ରଞ୍ଜନ ମିଶ୍ର, କିଶୋର ତ୍ରିପାଠୀ, ଅଭିମନ୍ୟୁ ପଣ୍ଡା, ଆଲୋକ ପତି, ଦେବାଶିଷ ଷଡ଼ଙ୍ଗୀ, ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦିତ କରିଥିଲେ।

# 'ଆମ ଭାଷା ଆମ ପରିଚୟ'

## ମାତୃଭାଷା ସଚେତନତା ସଭା, ଶୋଭାଯାତ୍ରା

**କୋଣାର୍କ,୫।୨(ଜ୍ୟୋତିରାଜ ମହାନ୍ତି)**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ଏଥିରେ ସହଯୋଗ କରିଥିଲେ। ପୂର୍ବାହ୍ନରେ କୋଣାର୍କ ଏନ୍‌ଏସି ଅଫିସ ପରିସରରୁ ମାତୃଭାଷା ସଚେତନତା ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କୋଣାର୍କର ୧୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୫ ଶହ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦୈନନ୍ଦିନ ଜୀବନରେ ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର, ଓଡ଼ିଆରେ ନାମଫଳକ ଓ ପତ୍ରାଚାର କରିବା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ଏନ୍‌ଏସି କଲ୍ୟାଣମଣ୍ଡପରେ ଏକ ସାରସ୍ୱତ ସଭାର ଆୟୋଜନ ହୋଇଥିଲା। କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ସଂସ୍କୃତ ବିଦ୍ୱାନ୍ ହରମୋହନ ମିଶ୍ର, ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଗୋପୀନାଥ କର, ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ଉମାକାନ୍ତ ମହାପାତ୍ର, କାମଦେବ ମହାରଣା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ 'ଆମ ଭାଷା ଆମ ପରିଚୟ' ଶୀର୍ଷକ ଆଲୋଚନା ହୋଇଥିଲା। କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଏହି ସାରସ୍ୱତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ସଂଯୋଜନା କରିଥିଲେ। ଏହାପରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଶ୍ରାବଣୀ ଦାସ, କ୍ରିଷ୍ଣା ମହାପାତ୍ର ଓ ସୁଜାତା ସିହ୍ନାଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମରେ ୩୦ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଦ୍ୱିତୀୟ ଅଧିବେଶନରେ ୪୫ ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଏବଂ ଓଡ଼ିଆ ଭାଷା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ୭୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ବାଲୁକାଶିଳ୍ପୀ ସରିତା ଗୋଚ୍ଛାୟତ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ା, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ର, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଶିକ୍ଷକ ରାଜକିଶୋର ସେନାପତି ଓ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଓ ନିର୍ବାହୀ ଅଧିକାରୀ ଧଳ ସମସ୍ତ ସାରସ୍ୱତ ପ୍ରତିଭା ଓ ଅତିଥିଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏନ୍‌ଏସି ବରିଷ୍ଠ କର୍ମଚାରୀ ପ୍ରକାଶ ଲେଙ୍କା, ଭାଗୀରଥି ବରାଳ ଓ ସଂଗ୍ରାମ ସେନାପତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ୪ ବର୍ଷ ଧରି ପଡ଼ିରହିଛି ଭଙ୍ଗା ଦଦରା ଗାଡ଼ି

**ଗୋପ,୫।୨(ଭାରତୀ ଭୂଷଣ ଉପାଧ୍ୟାୟ)**




ଗୋପ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୪ ବର୍ଷ ଧରି ଅଫିସ୍ ଗାଡ଼ିଟି ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି। ଗାଡ଼ିଟି ଅଚଳ ହୋଇପଡ଼ିଥିବାବେଳେ ଏଭଳି ଅବସ୍ଥାରେ ଗାଡ଼ିଟିକୁ ଅନ୍ୟତ୍ର ରଖିବାକୁ ଦାବି କରାଯାଇଛି। ପ୍ରକାଶ ଯେ, ଗୋପ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ୧୮୭ରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରର ତଦାରଖ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ଗାଡ଼ିଟି ଆସିଥିଲା। ମାତ୍ର କିଛିବର୍ଷ ହେବ ଗାଡ଼ିଟି ଅଚଳ ଅବସ୍ଥାରେ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିରହିଛି। ଅପରପକ୍ଷରେ ଗାଡ଼ିଟି ବର୍ଷ ବର୍ଷ ଧରି ଅଫିସ ସମ୍ମୁଖରେ ପଡ଼ିରହିବା ଫଳରେ କାର୍ଯ୍ୟାଳୟର ସୁନ୍ଦରତା ନଷ୍ଟ ହେଉଛି। ତୁରନ୍ତ ଏହି ଅଚଳ ଗାଡ଼ିକୁ ଅନ୍ୟତ୍ର ନେବା ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ତଦାରଖ ପାଇଁ ଆଉ ଗୋଟିଏ ଗାଡ଼ି ଦେବାକୁ ଦାବି ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମନ୍ୱିତ ଶିଶୁ ଅଧିକାରିଣୀ ମୀନାକ୍ଷୀ ସାହୁଙ୍କୁ ପଚାରିବାରେ, ସେ ଆସିବା ପରଠାରୁ ଗାଡ଼ିଟି ଏଭଳି ଅଚଳ ଅବସ୍ଥାରେ ପଡ଼ିରହିଛି। ତୁରନ୍ତ ଏହି ଗାଡ଼ିକୁ ଅନ୍ୟତ୍ର ନିଆଯାଇ ତୁରନ୍ତ ନୂଆ ଗାଡ଼ି ଦେବାକୁ ଉପଜିଲାପାଳଙ୍କୁ ଚିଠି ଲେଖାଯାଇଥିବା ସାହୁ କହିଛନ୍ତି।

## ମଣ୍ଡଳସ୍ତରୀୟ ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ


ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

**ପିପିଲି,୫।୨(ଦୁର୍ଗାମାଧବ ମିଶ୍ର):** ମଣ୍ଡଳସ୍ତରୀୟ ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ, ଦାଣ୍ଡମୁକୁନ୍ଦପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଜବାହାର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ସାହେବ ପାତ୍ର ଯୋଗଦେଇ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଣ୍ଡଳସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ହସ୍ତଶିଳ୍ପ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ସିସି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସବୁ ବିଭାଗରେ ପ୍ରଥମ ହୋଇଥିବା ୧୦ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ଭାଗ ନେବାକୁ ସୂଚନା ଦିଆଯାଇଥିଲା।

## ସରପଞ୍ଚଙ୍କ ଅଗୋଚରରେ ଚାଲିଛି ପ୍ରକଳ୍ପ କାମ

**ଖୋର୍ଦ୍ଧା,୫।୨ (ପ୍ରଭାତ ପାଣିଗ୍ରାହୀ)**

ଗ୍ରାମାଞ୍ଚଳ ଭିତିଭୂମି ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପଞ୍ଚାୟତସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ନିକଟରେ ରାଜ୍ୟ ସରକାର ନବୀନ ଓଡ଼ିଶା ମୋ ଓଡ଼ିଶା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତରେ ସରକାର ୫୦ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି। ତେବେ ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତ ସ୍ତରରେ ବିଭିନ୍ନ ପ୍ରକଳ୍ପ କାମ ଚାଲିଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ନିକଟରେ କୌଣସି ଖବର ନାହିଁ। ସୋମାବର ବ୍ଲକରେ ଚାଲିଥିବା ଜନଶୁଣାଣି ଶିବିରରେ ଏଭଳି ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ବ୍ଲକ ପୁରୁସାହି ସରପଞ୍ଚ ଏବଂ ଅନ୍ୟ ଜନ ପ୍ରତିନିଧି। ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଡିଓ କୌଣସି ସହଯୋଗ କରୁନଥିବା ବେଳେ କନିଷ୍ଠଯନ୍ତ୍ରୀ ମଧ୍ୟ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ ତଦାରଖ କରୁନାହାନ୍ତି। ତେବେ ପଞ୍ଚାୟତରେ କିଏ କାମ କରୁଛି, କାହା ଇଙ୍ଗିତରେ କାମ ଚାଲିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରପଞ୍ଚ ସଂଘମିତ୍ରା ମହାପାତ୍ର, ସଂଗ୍ରାମ କେଶରୀ ମହାପାତ୍ର, ନୀଳମାଧବ ରାଣା, ସତ୍ୟପ୍ରିୟା ଜେନା, ରମେଶ ଚନ୍ଦ୍ର ସାହୁ, ଗୋଲାପ ପରିଡା, କୌଶିକ ନାୟକ, ଦିଲୀପ ସାହୁ, ପ୍ରତିମା ବେହେରା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରି ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡମେମ୍ବର ସମୂହ ଇସ୍ତଫା ଦେବେ ବୋଲି ଅଭିଯୋଗରେ ଜଣାଇଛନ୍ତି। ସରପଞ୍ଚ ମହାପାତ୍ର କହିଛନ୍ତି, ପଞ୍ଚାୟତରେ ସରପଞ୍ଚଙ୍କ ବିନା ଅଗୋଚରରେ ଅନ୍ୟମାନଙ୍କ ଜରିଆରେ କାମ ଚାଲିଛି।

## ବିଭିନ୍ନ ଦଳର ଶତାଧିକ କର୍ମୀ ଭାଜପାରେ ମିଶିଲେ



**କୋଣାର୍କ,୫।୨(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଥାନା ଅଧୀନ ବାଲିଦୋକାନ ମଣ୍ଡଳ କୁରୁଜଙ୍ଗ ପଞ୍ଚାୟତର ବାଲିଦୋକାନ ହାଟ ପଡ଼ିଆରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଲିଦୋକାନ ମଣ୍ଡଳର କାକଟପୁର ଓ ଅସ୍ତରଙ୍ଗ ବ୍ଲକରୁ ବିଭିନ୍ନ ଦଳର ଶତାଧିକ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜଗତ୍‌ସିଂହପୁର ଏମ୍‌ପି ବିଭୁ ତରାଇଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାଇଧର ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟ ଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କିପରି ଗାଁ ଗାଁକୁ ବୁଲି ଆଗାମୀ ନିର୍ବାଚନରେ ବିଜେଡି ସହ ବାଜିମାତ୍ କରି କାକଟପୁର ନିର୍ବାଚନମଣ୍ଡଳୀକୁ ଆଗାମୀ ନିର୍ବାଚନରେ ହାତେଇବେ, ସେଥିପାଇଁ ଆଲୋଚନା ହୋଇଥିଲା। ମିଶ୍ରଣ ପର୍ବରେ କାକଟପୁର ଓ ଅସ୍ତରଙ୍ଗ ବ୍ଲକର ସମସ୍ତ ପଞ୍ଚାୟତର ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚ ନୋମିନୀଙ୍କ ସମେତ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ବିଭିନ୍ନ ଦଳର ଆଗ ଧାଡ଼ିର ନେତା ଓ କର୍ମୀ ଯୋଗଦେଇଥିଲେ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୫।୨(ପ୍ରଦୀପ୍ତ ଦୀକ୍ଷିତ)**




ଅସ୍ତରଙ୍ଗ ବ୍ଲକରେ ନୂତନ ଶିକ୍ଷାଧିକାରୀ ଭାବେ ଶତ୍ରୁଘ୍ନ ବେହେରା ଶୁକ୍ରବାର ଯୋଗ ଦେଇଛନ୍ତି। ପୂର୍ବତନ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଜୁନ ୩୦ରେ ଅବସର ନେବା ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗୋପ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଉଭୟ ଅସ୍ତରଙ୍ଗ ଓ ଗୋପ ବ୍ଲକ ଦାୟିତ୍ୱରେ ଥିଲେ। ଶୁକ୍ରବାର ନୂତନ ଶିକ୍ଷାଧିକାରୀଙ୍କ ଯୋଗଦାନ ପରେ ସୋମବାର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିପିନ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ନୂତନ ଶିକ୍ଷାଧିକାରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି। ଏହି ସମୟରେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, କାର୍ଯ୍ୟକାରୀ ସଭାପତି ନାରାୟଣ ପରିଡ଼ା, ସମ୍ପାଦକ ନିରଞ୍ଜନ ବେହେରା, ସହ ସମ୍ପାଦକ ଧୀରେନ ପ୍ରଧାନ, କୋଷାଧ୍ୟକ୍ଷ ଜୟୀରାମ ମୁଦୁଲି, ଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳ, ବୃନ୍ଦାବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଦିଗରେ କାର୍ଯ୍ୟଧାରା ଜାରି ରଖିବେ ବୋଲି ନୂତନ ଶିକ୍ଷାଧିକାରୀ ବେହେରା ପ୍ରକାଶ କରିଛନ୍ତି।

## କାଦୁଆ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସାକ୍ଷୀଗୋପାଳ,୫।୨(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀର କାଦୁଆ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଜିଲାର ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଶ୍ରେଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପ୍ରଶାନ୍ତି ହୋତାଙ୍କୁ ପୁରସ୍କୃତ କରାଯାଇଛି। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ ଓ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଦିଆଯାଇଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ବିଦ୍ୟାଳୟଟି ଜିଲା ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିପାରିଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶାନ୍ତି ହୋତା ପ୍ରକାଶ କରିଛନ୍ତି।


ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସହ ଜିଲା ଶିକ୍ଷା ଅଧିକାରୀ ଓ କାଦୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରଶାନ୍ତି ହୋତା ଏବଂ ସିଆର୍‌ସିସି ସୁନିଲ ବେହେରା।

## ଆତ୍ମା ପକ୍ଷରୁ କୃଷକଙ୍କୁ ଉନ୍ନତମାନର ଫାର୍ମ ପରିଦର୍ଶନ

**କଣାସ,୫।୨(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଆତ୍ମା ପକ୍ଷରୁ ୩୨ ଜଣ ଚାଷୀ ରବିବାର କଣାସଠାରୁ ବସ୍ ଯୋଗେ ଯାଇ କୋରାପୁଟ ଜିଲା ସିମିଳିଗୁଡ଼ା କେବିକେ ଏବଂ ପଟାଙ୍ଗୀ ଉନ୍ନତମାନର ମସଲାଜାତୀୟ ଉଦ୍ୟାନ ବୁଲି ଦେଖିଥିଲେ। ଏଥିସହ କିପରି ଜୈବ ପ୍ରଣାଳୀରେ ମଞ୍ଜି ବିଶୋଧନ, ମଞ୍ଜି ରୋପଣ ଓ ଗଛର ସୁରକ୍ଷା ପାଇଁ ଜୈବ ପ୍ରଣାଳୀରେ ଔଷଧ ତିଆର କରି ସିଞ୍ଚନ କରିବାକୁ ପଟାଙ୍ଗୀ ଉଚ୍ଚପତନ ମସଲା ଗବେଷଣା କେନ୍ଦ୍ରର ଅଧିକାରୀ ଡା. ପର୍ଶୁରାମ ଶିଆଳ ଟିକିନିଖି ବୁଝାଇବା ସହିତ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। କିପରି ଗୋଲମରିଚ, ଗୁଜୁରାତି, ଲବଙ୍ଗ, ଡାଲଚିନି, ତେଜପତ୍ର ଓ ହଳଦୀ ବିଭିନ୍ନ କିସମର ଧନିଆଁ ପତ୍ର ଚାଷ କରି ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ।



ଫାର୍ମ ପରିଦର୍ଶନ ଅବସରରେ ଅଧିକାରୀ ଏବଂ ଚାଷୀମାନେ।

## ଅବ୍ୟବସ୍ଥା ମଧ୍ୟରେ କାଳୀଜାଈ ମନ୍ଦିର

**କଣାସ,୫।୨(ବିଭୂତି ଭୂଷଣ ତ୍ରିପାଠୀ)**



ବନ୍ଦ ଥିବା ଶୌଚାଳୟ ଓ ମନ୍ଦିର ।

ପୁରୀ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଶକ୍ତିପୀଠ ଚିଲିକା ମଧ୍ୟ ଭାଗରେ ଥିବା ମା' କାଳୀଜାଇ ପୀଠରେ ଆଗନ୍ତୁକ ଭକ୍ତମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ଖବର ନେବାରେ ଜଣାପଡ଼ିଛି, ରବିବାର କଣାସ ଅଞ୍ଚଳର କେତେ ଜଣ ଖବରଦାତା ଓ ଭକ୍ତ କାଳୀଜାଇ ମନ୍ଦିର ବୁଲିବାକୁ ଯାଇ ସେଠାରେ ଶୌଚ ପାଇଁ ଶୌଚାଳୟକୁ ଯିବାବେଳେ ଦାୟିତ୍ୱରେ ଥିବା ରବି ନାୟକ ଏଥିପାଇଁ ମନା କରିଥିଲେ। ୬ ମାସ ହେଲା ପାଣି ଉଠାଇବାକୁ ବସା ଯାଇଥିବା ସୋଲାର ୟୁନିଟ୍ ଅଚଳ ହୋଇଯାଇଥିବାର ଶୌଚାଳୟ ବନ୍ଦ ପଡ଼ିଛି। ଗାଧୋଇବା ଓ ଶୌଚ ହେବାରେ ବିଶେଷ କରି ମହିଳା ପର୍ଯ୍ୟଟକ ଦୂର ଦୂରାନ୍ତର ଭକ୍ତ ସମସ୍ୟାର ସମ୍ମୁଖୀନ ହେଉଥିବା ରବି ନାୟକ କହିଛନ୍ତି। ରାଜ୍ୟ ସରକାର ମଠ, ମନ୍ଦିର, ପର୍ଯ୍ୟଟନସ୍ଥଳୀ ଉନ୍ନୟନ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ମା' କାଳୀଜାଇ ମନ୍ଦିରରେ ଏଭଳି ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରିବାକୁ ଦାବି କରିଛନ୍ତି।



ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀରେ ସୋମବାର '୨୦୨୪ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### କଣ୍ଟାବାଡ଼, ଇଞ୍ଜଣା, ଚନ୍ଦକା ବିଜେତା

#### ବ୍ଲକସ୍ତରୀୟ ପଞ୍ଚାୟତ କପ୍

ବାରଙ୍ଗ,୫।୨(ଲିଙ୍ଗରାଜ ରାଉତ): ପିଣ୍ଡିକ ୟୁଥ କ୍ଲବ ପଡ଼ିଆରେ ଆରମ୍ଭ ହୋଇଥିବା ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍‌ର ଦ୍ୱିତୀୟ ଦିବସ ସୋମବାରରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଦାଢାକୁ ହରାଇ କଣ୍ଟାବାଡ଼ ବିଜୟୀ ହୋଇଥିଲା। କଣ୍ଟାବାଡ଼ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଦାଢା ୭ ଉଇକେଟ୍ ହରାଇ ୧୧୫ ରନ୍ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଲିଙ୍ଗିପୁରକୁ ହରାଇ ଇଞ୍ଜଣା ବିଜୟୀ ହୋଇଥିଲା। ଲିଙ୍ଗିପୁର ୯ ଉଇକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଞ୍ଜଣା ୧୦ ଓଭରରେ ୪ ଉଇକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଇଟିପୁରକୁ ହରାଇ ଚନ୍ଦକା ବିଜୟୀ ହୋଇଥିଲା। ଇଟିପୁର ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍ ହରାଇ ୭୭ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଦଳ ଚନ୍ଦକା ୮ ଓଭର ୫ ବଲରେ ୨ ଉଇକେଟ୍ ହରାଇ ୭୮ ରନ୍ କରି ବିଜୟୀ ହୋଇଥିଲା।

### ପିକ୍‌ଅପ ଭ୍ୟାନ ଧକ୍କାରେ ବାଇକ ଆରୋହୀଙ୍କ ମୃତ

ଭୁବନେଶ୍ୱର ୫।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ଖୋର୍ଦ୍ଧା ରାସ୍ତାର ଡିଏନ ରେଗାଲିଆ ଫ୍ଲାଏଓଭର ଉପରେ ଜଣେ ବାଇକ ଆରୋହୀଙ୍କୁ ପିକ୍‌ଅପ ଭ୍ୟାନ ଧକ୍କା ଦେବାରୁ ସେ ପ୍ରାଣ ହରାଇଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର ଆଧାରରେ ପୋଲିସ ତାଙ୍କ ପରିଚୟ ପାଇବା ଲାଗି ଉଦ୍ୟମ କରୁଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ ଭ୍ୟାନ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଦର୍ଶକଙ୍କୁ ମତୁଆଲା କଲା ସନମ୍ ପୁରୀ ଲାଇଭ୍

## ଏକାମ୍ର ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର, ୫।୨ (ବନ୍ଦନା ସେଠୀ)

'କ୍ୟା ହୁଆ ତେରା ୱାଦା'... ଗୀତରୁ ସଙ୍ଗୀତ ମୂର୍ଚ୍ଛନାର ସନ୍ଧ୍ୟା ଆରମ୍ଭ ହୋଇଥିଲା। ୨୦୧୪ରେ ଖୁବ୍ ଆଦର ଲାଭ କରିଥିବା ଏହି ଗୀତକୁ ସନମ ପୁରୀ ଓ ତାଙ୍କ ସାଥୀ କଳାକାରମାନେ ଭିନ୍ନ ଢଙ୍ଗରେ ପରିବେଷଣ କରିଥିଲେ। ବିଡିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବର ସନ୍ଧ୍ୟା କାର୍ଯ୍ୟକ୍ରମ ସଂଗୀତର ମୂର୍ଚ୍ଛନାର ତୃତୀୟ ସନ୍ଧ୍ୟାରେ ସୋମବାର ସନମ୍ ପୁରୀ ଲାଇଭ ବ୍ୟାଣ୍ଡର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସନମ୍‌ଙ୍କ ଲାଇଭ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ଏହାପରେ 'ଗୁଲାବି ଆଖେଁ ଜୋ ତେରୀ ଦେଖି', 'ହେ ଆପନା ଦିଲ୍ ତୋ ଆୱାରା', 'ଲଗ୍ ଯା ଗଲେ', 'ୟେ ରାତେଁ ୟେ ମୋସମ ନଦୀକା କିନାରା', 'ଲିଖେ ଜୋ ଖତ୍ ତୁଝେ', 'ମେରେ ସାମ୍‌ନେ ବାଲି ଖିଡ଼୍‌କି ପେ', 'ଆପକି ନଜରୋ ନେ ସମଝା'...ଭଳି ସୁନ୍ଦର ସୁନ୍ଦର୍ ଗୀତ ଗାଇ ଶ୍ରୋତାଙ୍କ ହୃଦୟ ଜିତିଥିଲେ। ତାଙ୍କ ଟିମରେ ସମର୍ ପୁରୀ, ଭେଙ୍କି ଏସ, କେଶବ ଧନରାଜ ରହିଥିଲେ। ଅନ୍ୟପକ୍ଷରେ ଓଡ଼ିଆ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ ସୁରିଲା କଣ୍ଠରେ ସଙ୍ଗୀତ ଦର୍ଶକଙ୍କୁ ଛୁଇଁଥିଲା।



ସନମ୍ ପୁରୀ ଓ ସାଥୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।



ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉତ୍ସାହିତ ଦର୍ଶକ।

### ମନ ଜିଣିଲା 'କୁମ୍ଭନୃତ୍ୟ'

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବରେ ଦେଖିବାକୁ ମିଳୁଛି ଓଡ଼ିଶାର ପାରମ୍ପରିକ ଲୋକ ନୃତ୍ୟ। ସନ୍ଧ୍ୟା ହେଲେ ମୁକ୍ତ ମଞ୍ଚରେ ଆରମ୍ଭ ହେଉଛି ଲୋକ ନୃତ୍ୟର ପସରା। ସୁଆଦିଆ ଖାଦ୍ୟ ସାଙ୍ଗକୁ ଲୋକନୃତ୍ୟର ଲାଇଭ୍ ପର୍‌ଫର୍‌ମାନ୍ସ ଲୋକଙ୍କ ଭିଡ଼କୁ ଆହୁରି ବଢାଇ ଦେଉଛି। ସୋମବାର ମୁକ୍ତ ମଞ୍ଚରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା। କଳାହାଣ୍ଡି ଜିଲାର କଳାକାରଙ୍କ ଲୋକ ନୃତ୍ୟରେ ଢୋଲ, ତାଶା ସହିତ ପାରମ୍ପରିକ ପରିଧାନ ଆକର୍ଷଣୀୟ ଥିଲା। ସେହିପରି ଗଞ୍ଜାମର 'କୁମ୍ଭନୃତ୍ୟ' ମଧ୍ୟ ଏକ ଅନନ୍ୟ ଆକର୍ଷଣ ସାଜିଥିଲା। ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଉଥିବା କଳସକୁ କୁମ୍ଭ ବୋଲି କୁହାଯାଏ। ଏହି କୁମ୍ଭକୁ ମୁଣ୍ଡ ଉପରେ ଗୋଟିଏ ପରେ ଗୋଟିଏ ରଖି କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଗଞ୍ଜାମ ଜିଲାର ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଣପା ଓ ବାଘ ନୃତ୍ୟ ପରିବେଷଣ ଉପସ୍ଥିତ ଲୋକଙ୍କ ମନରେ ଶିହରଣ ସୃଷ୍ଟି କରିଥିଲା। ରାଜ୍ୟ ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଆସିଥିବା କଳାକାରଙ୍କ ଦ୍ୱାରା ପାରମ୍ପରିକ 'ରାଇବେଲସି ନୃତ୍ୟ' ଅନ୍ୟତମ ଆକର୍ଷଣ ସାଜିଥିଲା।

## ସରିଲା ଭୂଫେଷ୍ଟୋ: ସ୍ୱୟଂବର କଲା ଲମ୍ବିକା ଲମ୍ବି ଚନ୍ଦ୍ରିକା ଚମ୍ପି

ମାଷ୍ଟରକ୍ୟାଣ୍ଟିନ୍‌ର ଏକ ଘର ପାଖରେ ନିଜ ପରିବାର ସହ ରୁହେ କୁନି ଅସରପା ଲମ୍ବିକା ଲମ୍ବି ଚନ୍ଦ୍ରିକା ଚମ୍ପି। ଜନ୍ମର ୨୧ଦିନ ପରେ ତା' ପାଇଁ ଆରମ୍ଭ ହୁଏ ବରଖୋଜା। ଦିନେ ତା' ପାଇଁ ଘରଲୋକ ସ୍ୱୟଂବରର ଆୟୋଜନ କରନ୍ତି। ହେଲେ ବିବାହ ପାଇଁ ଉପଯୁକ୍ତ ପାତ୍ର କିଭଳି ବାଛିବ ତା'ର ଏକ ଭଲ ଉପାୟ ଲମ୍ବିକାଲମ୍ବି ଚନ୍ଦ୍ରିକା ଚମ୍ପିର ଜେଜେ ମା' ତାକୁ ଦେଇଥାନ୍ତି। ଯିଏ ବିବାହ ପାଇଁ ଆସିବେ ତା' ଗୋଡ଼ରେ ଗରମ ଚା' ପକାଇ ଦେବୁ। ଏଥିରେ ସେ ରାଗିଯିବ ଆଉ ତା' ପ୍ରକୃତ ରୂପ ସାମ୍ନାକୁ ଆସିବ। ଆଉ ଉପଯୁକ୍ତ ପାତ୍ର ବାଛିବାରେ ସହଜ ହେବ। ସ୍ୱୟଂବର ଦିନ ପ୍ରଥମେ ଏକ ସୁନ୍ଦର ଗଞ୍ଜା ଆସି ଲମ୍ବିକାଲମ୍ବି ଚନ୍ଦ୍ରିକା ଚମ୍ପିକୁ ବିବାହର ପ୍ରସ୍ତାବ ଦିଏ। ଗଞ୍ଜାର ପ୍ରସ୍ତାବ ଶୁଣିବା ପରେ ଲମ୍ବିକା ଲମ୍ବି ସାଙ୍ଗେସାଙ୍ଗେ ଗରମ ଚା' ଆଣି ଗଞ୍ଜାର ଗୋଡ଼ରେ ଢାଳିଦିଏ। ତା'ପରେ ଗଞ୍ଜା ରାଗିଯାଇ ତାକୁ ଗାଳି କରେ। ଆଉ ଗଞ୍ଜାର ଏମିତି ରୂପ ଦେଖି ଲମ୍ବିକାଲମ୍ବି ତାକୁ ରିଜେକ୍ଟ କରିଦିଏ। ତା'ପରେ ଘୁଷୁରି, ବହୁରୂପି ଏଣ୍ଡୁଅ ଏମିତି ଅନେକ ବିବାହ ପ୍ରସ୍ତାବ ନେଇ ଆସନ୍ତି। ତାଙ୍କ ସହ ମଧ୍ୟ ଲମ୍ବିକାଲମ୍ବି ସେମିତି କରେ। ଶେଷରେ ଗୋଟେ ସୁନ୍ଦର ମୂଷା ସ୍ୱୟଂବରକୁ ଆସେ। ତାକୁ ଦେଖି ଲମ୍ବିକାଲମ୍ବି ଚନ୍ଦ୍ରିକା ଚମ୍ପିର ମନ ଖୁସି ହୋଇଯାଏ। ହେଲେ ଜେଜେ ମା' କଥା ମାନି ତା' ଗୋଡରେ ମଧ୍ୟ ଚା' ଢାଳିବାକୁ ଗଲାବେଳେ, ମୂଷା ଆଗୁଆ ଚା' ଆଣି ଲମ୍ବିକାଲମ୍ବି ଗୋଡ଼ରେ ଢାଳିଦିଏ। ଏମିତି ଦେଖି ଲମ୍ବିକାଲମ୍ବି ମୂଷାକୁ ପଚାରେ ତମେ କେମିତି ଜାଣିଲ ଯେ, ମୁଁ ତମ ଗୋଡ଼ରେ ଚା' ଢାଳି ତମକୁ ପରୀକ୍ଷା କରିବି ବୋଲି। ଏ କଥା ଶୁଣି ମୂଷା କୁହେ, ଜେଜେ ମା' ଖାଲି ତମର ନାହିଁ ମ, ମୋର ବି ଅଛି। ତା' ପରେ ଦୁହେଁ ମିଶିକି ହସନ୍ତି ଆଉ ଲମ୍ବିକାଲମ୍ବି ଚନ୍ଦ୍ରିକା ଚମ୍ପି ମିସେସ୍ ମୂଷା ହୋଇ ଖୁସିରେ ରହେ। ବିଡ଼ିଏ ପକ୍ଷରୁ ୩ଦିନ ଧରି ଆୟୋଜିତ ହେଉଥିବା କାହାଣୀ ଉତ୍ସବ ତଥା ଭୂଫେଷ୍ଟୋର ଉଦ୍‌ଯାପନୀ ଦିନରେ ସୋମବାର ଏମିତି ଏକ ମଜା କାହାଣୀ ଶୁଣାଇ ପିଲାଙ୍କ ମନ ଜିଣିଥିଲେ କଥାକାର ଲୋପାମୁଦ୍ରା ମହାନ୍ତି। ତାଙ୍କ ପରେ ମୀରା ପରିଡ଼ା ଆସି ସମାଜରେ କିନ୍ନରଙ୍କ ଜୀବନ, ତାଙ୍କ ଦୁଃଖ, ସଂଘର୍ଷକୁ କାହାଣୀ ରୂପେ ଶୁଣାଇଥିଲେ। ଏଭଳି ଏକ ସଂଘର୍ଷର କାହାଣୀ ଶୁଣି ପିଲାଠୁ ବଡ଼ ସମସ୍ତଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ଆଇଜି ପାର୍କ ସମେତ ବୁଦ୍ଧ ଜୟନ୍ତୀ ପାର୍କ, ଅବଦୁଲ କଲାମ ପାର୍କ ଏବଂ କଳାଭୂମିରେ ଇଲିଆନା ଚିତାରିସ୍ତ, ରମେନ୍ଦ୍ର କୁମାର, ବସନ୍ତ ସାହୁ, ତପସ୍ୱିନୀ ପଣ୍ଡା, ସତ୍ୟବ୍ରତ ମହାପାତ୍ର, ବର୍ଷା ମିଶ୍ର, ବିଦ୍ୟୁତ୍‌ଲତା ପାଣିଗ୍ରାହୀ, ସ୍ୱାଗତିକା ସେଠୀ, ପ୍ରାଚୀତାରା, ହୃଦୟ ରଞ୍ଜନ, ଗୌରହରି ବିଶ୍ୱାଳ ପ୍ରମୁଖ କାହାଣୀ ଶୁଣାଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କୁ ଗିନିଜ୍ ବୁକ୍ ରେକର୍ଡ ଫଳକ ଦେଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେମାନେ ନବୀନ ନିବାସ ଆସି 'ମୋ କଥା ମୋ କାହାଣୀ' ଲେଖି ହାସଲ କରିଥିବା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ଫଳକକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏଥିସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ସେମାନେ ନିଜେ ଲେଖିଥିବା ପୁସ୍ତକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ଏବଂ ସାହିତ୍ୟ ରଚନା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟସ୍ତରରେ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀଛାତ୍ର 'ମୋ କଥା ମୋ କାହାଣୀ' ମାଧ୍ୟମରେ ଗଳ୍ପ ଏବଂ କବିତା ରଚନା କରିଥିଲେ। ଗତ ଶୁକ୍ରବାର ଏହି ପୁସ୍ତକର ହସ୍ତଲିଖିତ ତଥ୍ୟକୁ ଫେସ୍‌ବୁକରେ ଏକ ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟାରେ ଅପ୍‌ଲୋଡ କରି ଗିନିଜ୍ ରେକର୍ଡ ସୃଷ୍ଟି କରିଛନ୍ତି। ଗିନିଜ ବୁକ୍ ସଂସ୍ଥାର ବରିଷ୍ଠ ବିଚାରପତି ସ୍ୱପ୍ନିଲ ଡଙ୍ଗରିକର୍ ଛାତ୍ରୀଛାତ୍ରଙ୍କୁ ଏହି ରେକର୍ଡର ମାନ୍ୟତା ପ୍ରଦାନ କରିବା ସହିତ ଫଳକ ମାଧ୍ୟମରେ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଏହି ରେକର୍ଡ ପାଇଁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ପଚାରି ବୁଝିଥିଲେ। ଭବିଷ୍ୟତରେ କିପରି ଜଣେ ଜଣେ ଭଲ ମଣିଷ ହେବେ ସେଥିପାଇଁ ପରାମର୍ଶ ଦେବା ସହ ଛାତ୍ରୀଛାତ୍ରଙ୍କୁ ଉପହାର ଦେଇ ଉତ୍ସାହିତ କରିଥିଲେ। 'ମୋ ସ୍କୁଲ'ର ଅଧ୍ୟକ୍ଷା ସୁସ୍ମିତା ବାଗଚୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶଥୀ ଏସ୍ ଉପସ୍ଥିତ ଥିଲେ।

# ସ୍ୱାମୀ ଆଗରେ ସ୍ତ୍ରୀଙ୍କ ଜୀବନ ଗଲା

## ରସୁଲଗଡ଼ ଛକରେ ସ୍କୁଟିକୁ ଧକ୍କା ଦେଲା ଟ୍ରକ

ଭୁବନେଶ୍ୱର; ୫।୨(ସତ୍ୟଜିତ ରାଉତ)

ସ୍ୱାମୀ ସ୍କୁଟି ଚଳାଉଥିଲେ, ପଛ ସିଟ୍‌ରେ ବସିଥିଲେ ସ୍ତ୍ରୀ। ହସଖୁସିରେ ଗାଁକୁ ଯିବାବେଳେ ଘଟିଲା ଅଘଟଣ। କାଳ ରୂପେ ମାଡ଼ି ଆସିଲା ଦ୍ରୁତଗାମୀ ଟ୍ରକ। ଚାହିଁ ଚାହିଁ ସ୍ୱାମୀଙ୍କ ଆଗରେ ଟ୍ରକ ଧକ୍କାରେ ସ୍ତ୍ରୀଙ୍କ ଜୀବନ ଚାଲିଗଲା। ସୋମବାର ସକାଳେ ଭୁବନେଶ୍ୱର ରସୁଲଗଡ଼ ଛକରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତା ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ପଞ୍ଚଶଖା ନଗରରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ବାଙ୍ଗରକୁଆଁ ଗ୍ରାମର ତନୁଶ୍ରୀ ରାଉତ (୫୦)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସ୍ୱାମୀ ଅବସରପ୍ରାପ୍ତ ଆର୍ମି ଅଫିସର ହେମନ୍ତ କୁମାର ରାଉତଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୪୮/୨୦୨୪) ରୁଜୁ କରିଛି।



ପୋଲିସ ଟ୍ରକ୍‌କୁ (ଓଆର୦୪–ଏଲ–୫୫୦୬) ଜବତ କରିବା ସହ ଅଭିଯୁକ୍ତ ଟ୍ରକ ଚାଳକ ପବନ ଜେନା (୩୦)ଙ୍କୁ ଗିରଫ କରିଛି। ପବନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟା ବେଳେ ସ୍ୱାମୀସ୍ତ୍ରୀ ଏକ ସ୍କୁଟିରେ ଗାଁ ଅଭିମୁଖେ ଯାଉଥିଲେ। ସେମାନେ ରସୁଲଗଡ଼ରେ ପହଞ୍ଚିବା ବେଳେ କଟକ ରୋଡ଼ ଆଡୁ ମଞ୍ଚେଶ୍ୱର ଶିଳ୍ପଅଞ୍ଚଳକୁ ଯାଉଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ତଣୁଶ୍ରୀଙ୍କ ପେଟ ଉପରେ ଟ୍ରକ ଚକ ମାଡି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ଟ୍ରକ ଓ ଚଳକଙ୍କୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ।

# ପଥରରେ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା)

ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ । ଜଣେ ବ୍ୟକ୍ତିଙ୍କୁ ପଥରରେ ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଯୁବକ ହେଲେ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ତାପସ କୁମାର ଜେନା। ଜାମିନ ନ ମିଳିବାରୁ ତାପସଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଫେବୃୟାରୀ ୧ ରାତିରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏକ ଦୋକାନରୁ ମେଡିସିନ ନେଇ ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ଜଗନ୍ନାଥ ନଗର ଅନ୍ତର୍ଗତ ରୋଡ ନମ୍ବର-୭ ରେ ଥିବା ମର୍ଥା ଟ୍ରେଡର୍ସ ନିକଟରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ନିଶାସକ୍ତ ଅବସ୍ଥାରେ ପଛ ପାଖରୁ ଆସି ରାସ୍ତା ଦେବାଲାଗି କହିଥିଲେ ଏବଂ ହଠାତ ତାଙ୍କୁ ଗାଳିଗୁଲଜ କରିଥିଲେ । ଅଭିଯୋଗକାରିଣୀଙ୍କ ସ୍ୱାମୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଏକ ପଥରରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।



୬ଦଫା ଦାବି ନେଇ ସାମାଜିକ ଭତ୍ତା ପରିଷଦ ମିଳିତ ମଞ୍ଚ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଫୁଟବଲ୍: କଟକ ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ ବିଜୟୀ

ବାଙ୍କୀ,୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ଫୁଟବଲ୍ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ବଜରଙ୍ଗୀ ଫୁଟ୍‌ବଲ୍ ଟିମ୍ ଓ କଟକର ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲରେ କରିବାରୁ ଟ୍ରାଇବ୍ରେକର ଜରିଆରେ କଟକର ଇଣ୍ଡିପେଣ୍ଡେଣ୍ଟସ୍ ଦଳ ୮-୯ରେ ବିଜୟୀ ହୋଇଛି। ଖେଳକୁ କୃପାସିନ୍ଧୁ ପ୍ରଧାନ, ତପନୀ ନାୟକ ଓ ବାଦଲ୍ ନାୟକ ପରିଚାଳନା କରିଥିଲେ। ଅତିଥି ଭାବେ ଜାତୀୟସ୍ତରୀୟ ଖେଳାଳି ଦୟାନ୍ ଖାଁ ଓ ସମ୍ମାନିତ ଅତିଥିଭାବେ କୁଶପଲ୍ଲା ଆଥେଲେଟିକ୍ ଆସୋସିଏଶନର ସମ୍ପାଦକ ଅନସୁର୍ ଖାନ୍ ଓ ବାଙ୍କୀ ଏନ୍‌ଏସି କାଉନସିଲର୍ ପଠାଣୀ ବେହେରା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଚୌଦ୍ୱାର ଫୁଟବଲ୍ ଏକାଡେମୀ ଓ ଟାଙ୍ଗୀ ରଘୁନାଥ ଜିଉ ଫୁଟବଲ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି।

### ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଙ୍କୀ,୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)–

ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଯୋଜିକା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍, ସମ୍ମାନିତ ଅତିଥି ଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ.ଅବନ୍ତିକା କର ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଦ୍ୱାରା ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କହିଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବାଙ୍କୀ,୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁରପଞ୍ଚାୟତ ବାଙ୍କୀଗଡ଼ ଓ ତୁଳସୀପୁର ପଞ୍ଚାୟତ ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀଗଡ଼ଠାରେ ଆୟୋଜିତ ସଭାରେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଦୁର୍ଗାପୁର ଗ୍ରାମପଞ୍ଚାୟତ କୁ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ୧୭ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା ଅନୁଦାନ ରାଶି ମିଳିବା ସହ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତାଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ସମ୍ମାନିତ ଅତିଥି ଭାବେ ପଞ୍ଚାୟତର ସରପଞ୍ଚ ଭାରତୀ ମହାପାତ୍ର, ପୂର୍ବତନ ସରପଞ୍ଚ ଅଦ୍ୱୈତ କୁମାର ମହାପାତ୍ର, ଏବିଡିଓ ଶ୍ରୀକାନ୍ତ ମହାନ୍ତି, ସାମାଜିକ କର୍ମୀ ଲଳିତ ମୋହନ ମହାପାତ୍ର, କଟକ ଜିଲ୍ଲା ବିଜେଡି ସମ୍ପାଦକ ସନାତନ ବେହେରା, ଏନ୍‌ଏସି ଉପନଗରପାଳ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମିତି ସଭ୍ୟ ଶ୍ରୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ତୁଳସୀପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ତୁଳସୀପୁର ପଞ୍ଚାୟତ ସରପଞ୍ଚ ଶରତ ପ୍ରଧାନ, ସମିତି ସଭ୍ୟ ନାରାୟଣ ଜେନା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ନରଗାଙ୍ଗ ସରପଞ୍ଚ ରେବତୀ ଜେନା, ରଗଡି ସରପଞ୍ଚ ବିଜୟ ଲକ୍ଷ୍ମୀ ମହାନ୍ତି, ଶିକ୍ଷାବିତ୍ ଭୀମସେନ ନାୟକ, ନରଗାଙ୍ଗ ସମିତି ସଭ୍ୟ ପ୍ରଶାନ୍ତ ମତଗଜ ସିଂହ ପ୍ରମୁଖ ଯୋଗଦେଇଥିଲେ।

# ନାରୀ ଶକ୍ତି ଜାଗରଣ ପାଇଁ ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ବାଳିକାଙ୍କ ପୁଷ୍ଟିକର ଖାଦ୍ୟ, ମିଶନଶକ୍ତି ସଦସ୍ୟାଙ୍କ କୁଟୀର ଶିଳ୍ପ ପ୍ରଦର୍ଶନୀ

ନିଶ୍ଚିନ୍ତକୋଇଲି/ନେମାଳ ୫।୨(ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ )


ବାଳିକାମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟ ସରକାର ମହିଳାମାନଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିକଶିତ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ଘଟିଛି। ବିଜୁ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ମହିଳାମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ମମତା ଯୋଜନାରେ ଗର୍ଭବତୀଙ୍କୁ ସହାୟତା, ପ୍ରତିପଞ୍ଚାୟତରେ ମିଶନ ଶକ୍ତି ଗୃହ ଓ ଅଙ୍ଗନୱାଡି ମାଧ୍ୟମରେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଉଥିବା ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର କେନ୍ଦୁପାଟଣା ଓ ପାଳଦା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସମ୍ପୃକ୍ତ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ଅଞ୍ଚଳବାସୀଙ୍କୁ ଅବଗତ କରାଇଥିଲେ। ଏପରିକି ନିଜ ପଞ୍ଚାୟତର ବିକାଶ ସମ୍ପର୍କରେ ବୁକ୍‌ଲେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାଳିକାଙ୍କ ଦ୍ୱାରା ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ମିଶନ ଶକ୍ତି ମହିଳାଙ୍କ ଦ୍ୱାରା କୁଟୀର ଶିଳ୍ପର ପସରା ଦେଖିବାକୁ ମିଳିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅଶୋକ ଓଝା,ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ମହାପାତ୍ର, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ଏସ୍‌ଏଚଜି ବ୍ଲକ ଫେଡେରେଶନ ସଭାପତି କନକଲତା ଭୂୟାଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା, ସାମାଜିକ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। କେନ୍ଦୁପାଟଣା ପଞ୍ଚାୟତରେ ସରପଞ୍ଚ ପ୍ରଗତିପ୍ରଭା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଶାସନିକ ଅଧିକାରୀମାନେ ନିଜ ବିଭାଗର ସଫଳତା ବଖାଣିଥିଲେ। ୧୫ଟି ପ୍ରକଳ୍ପ ନିମନ୍ତେ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସରପଞ୍ଚ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ଭାରତୀ ରାଉତ, ନାଏବ ସରପଞ୍ଚ ଫଗୁଣ ସାହୁ, ପୂର୍ବତନ ସରପଞ୍ଚ ଜଚିନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଭାବେ ପାଳଦା ପଞ୍ଚାୟତରେ ସରପଞ୍ଚ ଚିନ୍ମୟୀ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ୧୦ଟି ପ୍ରକଳ୍ପ ନିମନ୍ତେ ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସରପଞ୍ଚ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସୌଭାଗ୍ୟଲକ୍ଷ୍ମୀ ମଲିକ, ନନ୍ଦିନୀ ନାୟକ, ଜିଲ୍ଲାପରିଷଦ ବିଳାସ ଭୋଇ, ସମବାୟବିତ ଅଚ୍ୟୁତାନନ୍ଦ ଦାସ,ରମେଶ ସ୍ୱାଇଁ,ସରପଞ୍ଚ ବିଶ୍ୱଭୂଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଜ୍ୱାଇଁ ମାଡ଼ରେ ଶ୍ୱଶୁର ମୃତ

ଖୁଣ୍ଟୁଣୀ, ୫।୨(ସଚ୍ଚିଦାନନ୍ଦ ପଣ୍ଡା):

ଝିଅଙ୍କୁ ଆଣିବାକୁ ଯାଇଥିବାବେଳେ ଜ୍ୱାଇଁ ମାଡ଼ରେ ରବିବାର ବିଳମ୍ବିତ ରାତିରେ ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ଗ୍ରାମରେ ଘଟିଛି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତ ବିଲୁଆଗଡ଼ା ଗ୍ରାମର ମେଘନାଦ ଜେନା। ଏହି ଘଟଣାରେ ଅଭିଯୁକ୍ତ ଜ୍ୱାଇଁ ପ୍ରଶାନ୍ତ ଜେନାଙ୍କୁ ଖୁଣ୍ଟୁଣୀ ପୋଲିସ ସୋମବାର ଗିରଫ କରିଛି। ମଙ୍ଗଳବାର ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ପୋଲିସ ମେଘନାଦଙ୍କ ମୃତଦେହ ବ୍ୟବଚ୍ଛେଦ କରି ସୋମବାର ପରିବାରକୁ ହସ୍ତାନ୍ତର କରିଛି। ଏନେଇ ମେଘନାଦଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କ ଅଭିଯୋଗକ୍ରମେ ପୋଲିସ ୩୩/୨୪ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ, ମେଘନାଦଙ୍କ ଝିଅ ସୁଲୁରି ୧୪ ବର୍ଷ ତଳେ ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛି। ପ୍ରଶାନ୍ତ ବିଭିନ୍ନ ସମୟରେ ସୁଲୁରିଙ୍କୁ ମାଡ଼ ମାରିବା ସହିତ ଯୌତୁକ ପାଇଁ ଦାବି କରୁଥିବା ମେଘନାଦ ପୂର୍ବରୁ ଥାନାରେ ଜଣାଇଥିଲେ। ଏହାକୁ ନେଇ କିଛି ଭଦ୍ରଲୋକ ଉଭୟଙ୍କ ମଧ୍ୟରେ ବୁଝାଶୁଝା କରିଥିଲେ। ସୁଲୁରି ବାପଘରେ କିଛି ମାସ ରହିବା ପରେ ଗତ ୨ମାସ ହେବ ଶାଶୁଘରକୁ ଯାଇଥିଲେ। ରବିବାର ରାତିରେ ସୁଲୁରିଙ୍କୁ ପ୍ରଶାନ୍ତ ମାଡ଼ ମାରିଥିବା ଖବରପାଇ ମେଘନାଦ ତାଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କ ସହ ରାତି ୯ଟାରେ ଏକ ଅଟୋରେ ଝିଅଙ୍କୁ ଆଣିବାକୁ ତାଙ୍କ ଶାଶୁଘରକୁ ଯାଇଥିଲେ। ଘର ଆଗରେ ଅଟୋ ରହିବା ଦେଖି ପ୍ରଶାନ୍ତ ଉତ୍ତ୍ୟକ୍ତ ହୋଇ ମେଘନାଦଙ୍କୁ ଅଟୋ ଭିତରୁ ଭିଡ଼ିନେଇ ତଳେ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ମେଘନାଦ ଗୁରୁତର ହୋଇପଡ଼ିବାରୁ ବିଦ୍ୟୁଲତା ତାଙ୍କୁ ଅଟୋରେ ନିକଟ ଏକ ଘରୋଇ କ୍ଲିନିକ୍‌ରେ ପ୍ରାଥମିକ ଚିକିତ୍ସା କରାଇ ଘରକୁ ନେଇଯାଇଥିଲେ। ଏଥିସହ ଝିଅଙ୍କୁ ଉଦ୍ଧାର କରି ଆଣିବାକୁ ଥାନାରେ ଜଣାଇଥିଲେ। ପୋଲିସ ରାତିରେ ସୁଲୁରିଙ୍କୁ ନେଇ ବାପଘରେ ଛାଡ଼ିଥିଲା। ବିଳମ୍ବିତ ରାତିରେ ମେଘନାଦଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# 'ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଅ'


ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

## ବଡ଼ମ୍ବା ବ୍ଲକ ବିଜେଡି କାର୍ଯ୍ୟକାରିଣୀ ବୈଠକ

ବଡ଼ମ୍ବା,୫।୨(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖାରୋଡ଼ସ୍ଥିତ ମା'ମହାକାଳୀ ପୀଠରେ ବ୍ଲକ ବିଜେଡି ତରଫରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳୀୟ ସଙ୍ଗଠନ ସହ ପ୍ରତ୍ୟେକ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜନ ହିତକର କାର୍ଯ୍ୟ ତଥା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ତୁରନ୍ତ ସମ୍ପନ୍ନ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ଦଳୀୟ ସଙ୍ଗଠନ, ୱାର୍ଡ କମିଟି ଗଠନ, ଜୋନାଲ କମିଟି ଗଠନ ସହ ପଞ୍ଚାୟତ ସ୍ତରରେ ପର୍ଯ୍ୟବେକ୍ଷକ ନିଯୁକ୍ତି ଉପରେ ଆଲୋକପାତ କରିଥିଲେ। ବିଶେଷକରି ଲୋକମାନଙ୍କ ସମସ୍ୟା ସମାଧାନ ଉପରେ ବିଧାୟକ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବ୍ଲକ ଅନ୍ତର୍ଗତ ୩୮ ପଞ୍ଚାୟତରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଆଗଧାଡ଼ିର ଛାମୁଆ କର୍ମୀ, ନେତୃ ମଣ୍ଡଳୀ, ସରପଞ୍ଚ, ସମିତି ସଭ୍ୟ, ଦଳୀୟ ସଭାପତି, ଯୁବକର୍ମୀ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଜିଲା ପରିଷଦଙ୍କ ପ୍ରତିନିଧି ପ୍ରଫୁଲ୍ଲ ବରାଳ, ମଙ୍ଗୁଳି ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, କର୍ମକର୍ତ୍ତା ପ୍ରଦୀପ କୁମାର ସ୍ୱାଇଁ,ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଦଳୀୟ ସଙ୍ଗଠନ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ପ୍ରଦାନ କରିଥିଲେ।

# ଓଡ଼ିଆ ଭାଷା ସୁରକ୍ଷା ପାଇଁ ମଧୁବାବୁଙ୍କ ତ୍ୟାଗ ଭୁଲି ହେବନି

ସାଲେପୁର,୫।୨(ଅରବିନ୍ଦ ଭୂୟାଁ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଜନ୍ମପିଠ ସତ୍ୟଭାମାପୁରରେ ପାଳିତ ହୋଇଯାଇଛି। ମଧୁସୂଦନ ସାଂସ୍କୃତିକ ପରିଷଦ ତରଫର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ପାଗା ଛକରୁ ଏକ ଗଣଦୌଡ ଶୋଭାଯାତ୍ରା ବାହାରି ଲକ୍ଷ୍ମୀନାରାୟଣପୁର ଗୋପୀନାଥପୁର ହୋଇ ସତ୍ୟଭାମାପୁର ପର୍ଯ୍ୟନ୍ତ ଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କବିସୂର୍ଯ୍ୟ ନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ସତ୍ୟଭାମାପୁରର ବିକାଶ ମୂଳକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗ ଦେଇ ଓଡ଼ିଆ ଭାଷା ସୁରକ୍ଷା ପାଇଁ ମଧୁବାବୁଙ୍କ ତ୍ୟାଗ ଭୁଲି ହେବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସତ୍ୟଭାମାପୁର ଓ ଆଖପାଖ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ବିଶିଷ୍ଟ ସାହିତ୍ୟିକ ଓ କବି ରତ୍ନାକର ରାଉତ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ଗ୍ରାମ ଉନ୍ନୟନ ବିଭାଗ କଟକ ମଣ୍ଡଳର ମୁଖ୍ୟ ନିର୍ମାଣ ବିଭାଗ ଯନ୍ତ୍ରୀ ଇଂ. ସୋମନାଥ ପରିଡ଼ା ଓ ଗଁଦିଆ,ଢେଙ୍କାନାଳ ଅଞ୍ଚଳର ସାହିତ୍ୟିକ ସୁବ୍ରତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତ ମଧୁବାବୁଙ୍କ ସ୍ମୃତି ଚାରଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ସାଂସ୍କୃତିକ ପରିଷଦର ସରୋଜ ମହାନ୍ତି, ପ୍ରଦୀପ ସାମଲ,ଦିଲୀପ ସାମଲ, ସଂଗ୍ରାମ ସାମଲ,ନିରୋଜ ନାୟକ, ବନୋଜ ନାୟକ, ଅଭିମନ୍ୟୁ ରାଉତ, ଅଶୋକ ନାଥ, ହେମନ୍ତ ସାମଲ, ଗୌରାଙ୍ଗ ନାଥ ଓ ମହେନ୍ଦ୍ର ନାଥ ପ୍ରମୁଖ ସହଯୋଗ କରିଥିଲେ।

# ଚାଷ ଜମିକୁ ଜଳ ଯୋଗାଣ କରାଯାଉ

## ଜିଲାସ୍ତରୀୟ ଭାରତୀୟ କିଷାନ ସଂଘ ବୈଠକ

ବାଙ୍କୀ,୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁରଠାରେ ଜିଲାସ୍ତରୀୟ ଭାରତୀୟ କିଷାନ ସଂଘର ଏକ ବୈଠକ ଜିଲା ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧପକ ମନୋଜ କୁମାର ମହାପାତ୍ର ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଶେଷ କରି ଚାଷ ଜମିକୁ ଜଳଯୋଗାଣ କରାଗଲେ କୃଷକମାନେ ଏହାର ସୁଫଳତା ପାଇପାରିବେ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ସାମଲ, ବାଙ୍କୀ ଶାଖା ସଭାପତି ପ୍ରମୋଦ କୁମାର ପ୍ରଧାନ, ସନ୍ତୋଷ କୁମାର ସ୍ୱାଇଁ,ଗଙ୍ଗାଧର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ଅମର କାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘରେ ଅଧିକ ସଦସ୍ୟ ଯୋଡ଼ିବା ପାଇଁ ଆଲୋଚନା ହୋଇଥିଲା। ଏନେଇ କଟକର ବିଭିନ୍ନ ସ୍ଥାନରେ ବୈଠକ କରାଯାଇ ସଦସ୍ୟତା ଗ୍ରହଣ ପାଇଁ ଏକ ଅଭିଯାନ କରାଯିବ ବୋଲି ବରିଷ୍ଠ ସଦସ୍ୟ ଜୟକୃଷ୍ଣ ପ୍ରଧାନ କହିଥିଲେ। ମୁକେଶ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୫-ଟି ସ୍ମାର୍ଟ ଶ୍ରେଣୀଗୃହ ଶିଳାନ୍ୟାସ

ଚୌଦ୍ୱାର,୫।୨(ଆଶୁତୋଷ ଦାସ):

ଚୌଦ୍ୱାର ଡିଗ୍ରୀ ମହାବିଦ୍ୟାଳୟରେ ଅତିରିକ୍ତ ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ୫-ଟି ଯୋଜନା ମାଧ୍ୟମରେ ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ଶ୍ରେଣୀ ଗୃହକୁ ବିଧାୟକ ସୌଭିକ୍ ବିଶ୍ୱାଳ ଶିଳାନ୍ୟାସ କରିଥିଲେ। ଅଧ୍ୟାପକ ସଞ୍ଜୟ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ ବେଉରା, କାଉନସିଲର ଆଶୁତୋଷ ଦାସ, ଆର୍ ଏଣ୍ଡ ବି ଏସ୍‌ଡିଓ ନିର୍ମଳ ପଣ୍ଡା, ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳ, ଛାତ୍ର ସଭାପତି ଶାରଦା ରଞ୍ଜନ ପରିଡ଼ା, ସୁବାସଚନ୍ଦ୍ର ବାରିକ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ଭାଷା ସମ୍ମିଳନୀ ଉପରେ ଆଲୋଚନାଚକ୍ର

କଟକ ସଦର,୫।୨(ସୁଶାନ୍ତ ଜେନା):

କଟକ ସଦର ବ୍ଲକ ଅଧୀନ କିଶନନଗରସ୍ଥିତ ଅଗ୍ରଣୀ ସାମାଜିକ ସଙ୍ଗଠନ ଶିଶୁ ମଙ୍ଗଳ କ୍ଲବ ଓ ବାର୍ଷିକ ଶିଶୁ ସାହିତ୍ୟ ପତ୍ରିକା କୁନି ପ୍ରତିଭା ଆନୁକୂଲ୍ୟରେ ସୋମବାର କିଶୋରନଗରସ୍ଥିତ ରାଜକୃଷ୍ଣ ଶିଶୁ ନିକେତନ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଯାଇଛି। ବୈଠକରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋଚନା ହେବା ସହିତ କୁନି କୁନି ପିଲାଙ୍କୁ ଓଡ଼ିଆ ଭାଷାର ଐତିହ୍ୟ, ମଧୁରତା ଓ ଏହାର ବୈଶିଷ୍ଟ୍ୟତା ଆଦି ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଧରଣୀଧର ଜେନା, କବି କାଳୀପ୍ରସାଦ ମହାପାତ୍ର, ନାରାୟଣ ଚନ୍ଦ୍ର ସିହ୍ନା, ସୀତାରାମ ପଣ୍ଡା, ସୈୟଦ ସାଜିଦ ଅଲ୍ଲୀ, ଶରତ ଚନ୍ଦ୍ର ଜେନା, ଶିଶୁମଙ୍ଗଳ କ୍ଲବ ସମ୍ପାଦକ ସୌମ୍ୟରଞ୍ଜନ ପୃଷ୍ଟି, ଜମୁନା ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ।

### ହାଇକୋର୍ଟରେ ସଂରକ୍ଷିତ ଜଳାଶୟ ମାମଲା

# ୬ ପୋଖରୀ ପୁନରୁଦ୍ଧାର ପାଇଁ ଲାଗିଛି ୧୩ ବର୍ଷ

କଟକ,୫।୨ (କାର୍ତ୍ତିକ ସାହୁ)

କଟକ ସହରରେ ସଂରକ୍ଷିତ ଜଳାଶୟ ପୋତା ଯାଉଥିବା ବିରୋଧରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସଂରକ୍ଷିତ ଜଳାଶୟଗୁଡ଼ିକର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନିଆଯାଇ ପାରିବ ସେ ନେଇ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କଟକ ମହାନଗର ନିଗମ(ସିଏମସି)କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ୪ ସପ୍ତାହ ପରେ ହେବାକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ୨୦୦୯-୧୦ ମସିହାରେ କଟକ ସହରରେ ୨୩୧ ବେସରକାରୀ ସଂରକ୍ଷିତ ଜଳାଶୟ ରହିଥିଲା। ଏହି ଜଳାଶୟଗୁଡ଼ିକୁ ବହୁ ସ୍ଥାନରେ ପୋତି ଦିଆଯାଇଥିବା ଅଭିଯୋଗ ଉଠିଥିଲା। ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସିଏମସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଆମ ପୋଖାରୀ ଯୋଜନାରେ ୬ଟି ପୋଖରୀର ପୁନରୁଦ୍ଧାର କରାଯାଇଛି। ସେଥିରେ ୧୮ନମ୍ବର ୱାର୍ଡସ୍ଥିତ ଗଙ୍ଗା ମନ୍ଦିର ପୋଖରୀ, ୫୦ ନମ୍ବର ୱାର୍ଡର ଉତ୍କଳ ବାଳାଶ୍ରମ ପୋଖରୀ, ୪୩ ନମ୍ବର ୱାର୍ଡର ଯୋଗେଶ୍ୱର ମନ୍ଦିର ନିକଟ ପୋଖରୀ, ୧୫ ନମ୍ବର ୱାର୍ଡସ୍ଥିତ ରାଷ୍ଟ୍ରଭାଷା ପୋଖରୀ, ୯ନମ୍ବର ୱାର୍ଡସ୍ଥିତ ବଙ୍ଗାଳିସାହି ପୋଖରୀ, ଗୁରୁଣ୍ଡି ଗୋପାଳ ପୋଖରୀ, ଶିଖରପୁର, ଉପରସାହି ପୋଖରୀ ରହିଛି। ସେଥିରୁ ୨ଟିର କାର୍ଯ୍ୟ ଶେଷ ହୋଇଥିବା ବେଳେ ୪ଟିର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଏହାବାଦ ୧୭ଟି ଜଳାଶୟର ପୁନରୁଦ୍ଧାର ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିବା ଦର୍ଶାଯାଇଛି। ୨୦୦୯-୧୦ ମସିହା ସର୍ଭେ ଅନୁଯାୟୀ ସହରର ୨୩୧ଟି ଘରୋଇ ଓ ସରକାରୀ ପ୍ଲଟ୍‌ରେ ଜଳାଶୟ ଥିବା ଜଳାଶୟ ଏବେ ରହିଛି କି ନାହିଁ ଯାଞ୍ଚ କରିବା ସହ ଏହାର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନିଆଯାଇ ପାରିବ ତାହାର ଜବାବ ୪ ସପ୍ତାହ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଂରକ୍ଷିତ ଜଳାଶୟ ହ୍ରାସ ପାଉଥିବାରୁ ଅଭାବନୀୟ ପରିସ୍ଥିତି ଉପୁଜୁଛି। ଦିନକୁଦିନ ଜଳାଶୟ ଗୁଡ଼ିକୁ ପୋତି ଦିଆଯାଉଥିବାରୁ ଏହା ପ୍ରତିବାଦରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ।

# କୋର୍ଟଙ୍କ ରାୟ: ଠାକୁରଙ୍କ ସମ୍ପତ୍ତି ଠାକୁରଙ୍କ ରହିବ

ମଙ୍ଗୁଳି- ଜଗତପୁର,୫।୨ (ମାନସ ସାମଲ):



ଟାଙ୍ଗି- ଚୌଦ୍ୱାର ବ୍ଲକ ଅଧୀନ କୟଳପଡ଼ା ପଞ୍ଚାୟତସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ପତ୍ତିକୁ ନିଜ ବ୍ୟକ୍ତିଗତ ସମ୍ପତ୍ତି ଦର୍ଶାଇ କିଛି ବ୍ୟକ୍ତି ବିକ୍ରି କରୁଥିବା ଗ୍ରାମବାସୀ ସୋମବାର ଅଭିଯୋଗ ଆଣିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ କୟଳପଡ଼ା ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ସମ୍ମୁଖରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ପ୍ରଭାସ ପ୍ରହରାଜ ଠାକୁରଙ୍କ ସମ୍ପତ୍ତିକୁ କେହି କ୍ଷତି ପହଞ୍ଚାଇ ପାରିବେ ନାହିଁ କି ବିକ୍ରି ମଧ୍ୟ କରିପାରିବେ ନାହିଁ। ଠାକୁର ସମ୍ପତ୍ତି ଠାକୁରଙ୍କର ରହିବ। କେବଳ ସର୍ବସାଧାରଣ ହିଁ ଠାକୁର ନୀତିକାନ୍ତି କରିପାରିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ୯୨ ବର୍ଷ ପୂର୍ବେ ଗ୍ରାମର କିଛି ବ୍ୟକ୍ତି ନଦୀରୁ ମାଛ ଧରିବାବେଳେ ଏକ ଲକ୍ଷ୍ମୀ ନାରାୟଣଠାକୁରଙ୍କ ମୂର୍ତ୍ତି ପାଇ ଏକ ସ୍ଥାନରେ ରଖି ପୂଜାର୍ଚ୍ଚନା କରିଥିଲେ। ଠାକୁରଙ୍କ ନୀତିକାନ୍ତି କିପରି ସୁରୁଖୁରେ ହେବ ସେନେଇ ସେତେବେଳର ଜମିଦାର ସୁଧାଂଶୁ ମୋହନ ବୋଷଙ୍କ ନଜରକୁ ଯାଇଥିଲା। ଠାକୁର ଚଳନି ପାଇଁ ଭାବଦେଇପୁର ମୌଜାରେ ୯ ଏକର ୭୨ ଡିସିମିଲ ଓ କାୟାଳପଡ଼ା ମୌଜାରେ ୯ ଏକର ୮୪ ଡିସିମିଲ ଜମି ଠାକୁରଙ୍କ ନାମରେ ଦାନ କରିଥିଲେ। ଠାକୁର ସମ୍ପତ୍ତି ରକ୍ଷଣାବେକ୍ଷଣ ପାଇଁ ଗ୍ରାମର ସର୍ବେଶ୍ୱର ଦାସ ଓ ପଦ୍ମ ଚରଣ ଦାସଙ୍କୁ ମାର୍ଫତଦାର ଭାବେ ନିଯୁକ୍ତି ଦେଇଥିଲେ। କାଳକ୍ରମେ ୧୯୭୩ ମସିହାରେ ବନ୍ଦୋବସ୍ତ ସମୟରେ କିଛି ବ୍ୟକ୍ତି ଚଞ୍ଚକତା କରି ଠାକୁରଙ୍କ ବାଜ୍ୟାପ୍ତି ସ୍ଥିତିବାନ ଜମିକୁ ନିଜ ନାମରେ କରିନେଇ ଠାକୁରଙ୍କ ଜମିରୁ ଗଛ କାଟିବା, ମୋହରମ ଉଠାଇବା ସହ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିବା ଆରମ୍ଭ କରିଦେଇଥିଲେ। ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କଲେ ମଧ୍ୟ ସେମାନେ ନିଜ ବ୍ୟକ୍ତିଗତ ସମ୍ପତ୍ତି ଦର୍ଶାଇ କର୍ଣ୍ଣପାତ କରି ନ ଥିଲେ। ଠାକୁର ସମ୍ପତ୍ତିକୁ ରକ୍ଷା କରିବାକୁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀ, ସୁରେନ୍ଦ୍ର ରାଉଳ, ନବକିଶୋର ପୃଷ୍ଟି, ରବୀନ୍ଦ୍ର ପୃଷ୍ଟି, ଗୋପୀନାଥ ପ୍ରଧାନ ପ୍ରମୁଖ ସିଭିଲ କୋର୍ଟରେ ମାମଲା ରୁଜୁ କରିଥିଲେ। ସିଭିଲ କୋର୍ଟ ଏହାକୁ ଗୁରୁତ୍ୱର ସହିତ ନେଇ ଶୁକ୍ରବାର ଏକ ରାୟ ଶୁଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ସଭାପତି ରଶ୍ମି ରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ମହେଶ୍ୱର ସାହୁ, ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ପ୍ରଧାନ, ହରିହର ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡି ଯୁବକ ଗୁରୁତର

ନିରାକାରପୁର,୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଷ୍ଟେଶନ ଅନ୍ତର୍ଗତ କାଶୀପୁର ଲେଭଲ କ୍ରସିଂ ନିକଟରେ ଟ୍ରେନରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗଡସାହିର ଜଗମୋହନ ସାହୁ(୨୨)। ଜଗମୋହନ କୋଏମ୍ବାଟୁରରୁ ଟ୍ରେନରେ ଖୋର୍ଦ୍ଧାରୋଡ୍ ଆସୁଥିବା ବେଳେ ଖସିପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି।

### ବିଶ୍ୱଶାନ୍ତି ବାର୍ଷିକ ମହାଯଜ୍ଞ

ଗମ୍ଭାରୀମୁଣ୍ଡା,୫।୨(ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଘାସଡିହ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ମା’ରାମଚଣ୍ଡୀ ଦେବୀଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ବାର୍ଷିକ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ଶୁକ୍ରବାର ଅଙ୍କୁରାରୋପଣ, ଶନିବାର ଜଳଯାତ୍ରା, ରବିବାର ସ୍ନାନ ଆହୁତି, ସୋମବାର ପୂର୍ଣ୍ଣାହୁତି ହୋଇଛ। ଶତାଧିକ ଜନସାଧାରଣ ସମାଗମକୁ ଦୃଷ୍ଟିରେ ରଖି ଗ୍ରାମ୍ୟ କମିଟି ପକ୍ଷରୁ ପ୍ରସାଦ ସେବନ ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଘାସଡିହ, ମୋହନପୁର ଗ୍ରାମବାସୀ ସହଯୋଗ କରିଥିଲେ।

### ରଘୁନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଟାଙ୍ଗୀ,୫।୨(ରଘୁନାଥ ସାହୁ)

ଚାନ୍ଦପୁର ରଘୁନାଥପୁର ସାହିରେ ରଘୁନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଦାମୋଦର ସାହୁଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ସଂକୀର୍ତ୍ତନ ସହ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶଧାରୀ କଳସ ଯାତ୍ରାରେ ସାମିଲ ହୋଇଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ମନ୍ଦିର କାରିଗର ନୃସିଂହ ମହାରଣା, ରଘୁନାଥ ସାହୁ, ଦାମୋଦର ସାହୁ, ରାମଚନ୍ଦ୍ର ସାହୁ, ମଙ୍ଗୁଳି ସାହୁ, ମୋହନ ପ୍ରଧାନ, ବାଉରିବନ୍ଧୁ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀରାମ ୟୁଥ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଦ୍ଧମହାବୀରଙ୍କ ପୀଠରେ ମହାଯଜ୍ଞ

ଜଟଣୀ,୫।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ମୁଣ୍ଡଳ ଗ୍ରାମସ୍ଥିତ ସିଦ୍ଧ ମହାବୀରଙ୍କ ୧୬ତମ ଜନ୍ମ ଉତ୍ସବ ଓ ମହାଯଜ୍ଞ ଚାଲିଛି। ସୋମବାର ତୃତୀୟ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ଗୀତା ପାଠ, ହନୁମାନଙ୍କ ଉପଚାର ପୂଜା, ଆହୁତି, ସନ୍ଧ୍ୟା ଆଳତି ସହିତ ନମସଂକୀର୍ତ୍ତନ ହୋଇଥିଲା। ବାଳକୃଷ୍ଣ ମିଶ୍ର, ଜ୍ଞାନରଞ୍ଜନ ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଉଥିବା ବେଳେ କଳାକାହ୍ନୁ ସାମନ୍ତଶର୍ମା ପରିଚାଳନା କରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ମୁଣ୍ଡଳ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଧାକାନ୍ତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୫।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦିଘିରି ଗ୍ରାମରେ ରାଧାକାନ୍ତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋପୂଜା, ମଣ୍ଡଳ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହଙ୍କ ମହାସ୍ନାନ, ଗ୍ରାମ ପ୍ରଦକ୍ଷଣ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା, ଷୋଡ଼ଶ ଉପଚାର ସହ ହୋମଯଜ୍ଞ ମନ୍ଦିର ପ୍ରବେଶ ଓ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସୁଶ୍ରୀ ବ୍ରଜ ଚକୋରୀ ଦେବୀଜି ଓ ବିନାୟକ ଦାସ ମହାପାତ୍ର ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପୁରୀର ନନ୍ଦିଘୋଷ ରଥର ଏକ ଚକ, ଦଉଡି ଓ ଗୁଜକୁ ମନ୍ଦିରରେ ସ୍ଥାପନ କରାଯାଇ ପୂଜନ କରାଯାଇ ଥିଲା। ଏଥିରେ ଜଗତ୍‌ସିଂହପୁର ସମଗୋଳ ଅଞ୍ଚଳର ଚିତ୍ତ ରଞ୍ଜନ ମିଶ୍ର, କିଶୋର ତ୍ରିପାଠୀ, ଅଭିମନ୍ୟୁ ପଣ୍ଡା, ଆଲୋକ ପତି, ଦେବାଶିଷ ଷଡ଼ଙ୍ଗୀ, ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦିତ କରିଥିଲେ। ଜଗତଜିତ ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ସ୍ମୃତିରେଖା କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇଥିଲେ। ଦେବଦତ୍ତ ପଟ୍ଟନାୟକ, ବିଭୁଦତ୍ତ, ପ୍ରଭାତ, ରବି, ପ୍ରମୋଦ, ମୁରଲୀ, ମାୟାଧର ବରାଡ଼ଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଡ଼ିବନ୍ଧ ନିର୍ମାଣ ଦାବି ତେଜିଲା

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜଳ ସମ୍ପଦ ବିଭାଗ ଅଧୀନ ରାଜୁଆ ଜଳସେଚନ ବ୍ୟାରେଜକୁ କାର୍ଯ୍ୟକ୍ଷମ ନିମନ୍ତେ ପାଣ୍ଡିଆବିଲିଠାରେ ଦୟା ନଦୀ ମୁହଁରେ ସ୍ଥାୟୀ ଆଡିବନ୍ଧ ନିର୍ମାଣ ଏବଂ ବ୍ୟାରେଜର ଡାହାଣପଟ ମୁଖ୍ୟ କେନାଲରୁ ଗ୍ରାଉଣ୍ଡଜିରୋ ଜମିକୁ ପାଣି ପହଞ୍ଚାଇବା ପାଇଁ ସବ୍‌କେନାଲ ଗୁଡିକ ଖନନ ପାଇଁ ଏକାଧିକ ପଞ୍ଚାୟତର ଚାଷୀ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର, ଧଉଳିମୁହଁ, ନରଣଗଡ଼ ଓ ଓରବରସିଂ ପଞ୍ଚାୟତ ସହ ପୁରୀ ଜିଲା କଣାସ ବ୍ଲକ ଗଡ଼ସାନପୁଟ, ଗଡବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା ଏବଂ ଡେଲାଙ୍ଗ ବ୍ଲକ ସାଉଁରିଆ ପଞ୍ଚାୟତର ଶତାଧିକ ଚାଷୀଙ୍କ ପାଇଁ ରାଜୁଆ ଦୁଃଖ ସାଜିଛି। ପ୍ରତିବର୍ଷ ମହାନଦୀର ଗେଟ ଖୋଲିଲେ, ଦୟା ଫୁଲିଲେ ଏହାର ଶାଖା ନଦୀ ରାଜୁଆରେ ପଶୁଥିବା ବନ୍ୟାଜଳ ମାଡି ଏକର ଏକର ଚାଷଜମି ଜଳମଗ୍ନ ହେଉଛି। ଫଳରେ ଚାଷୀଙ୍କ ଖରିଫ ଧାନ ଫସଲ ଉଜୁଡିଯାଉଛି। ଜଳସେଚନର ସୁବିଧା ନ ଥିବାରୁ ରବି ଫସଲ ସମୟରେ ଜମି ପଡିଆ ରହୁଛି। ଅନ୍ୟପଟେ ରାଜୁଆର ଜଳ ବୋହିଯାଇ ଚିଲିକାରେ ମିଶୁଛି। ଚାଷୀ ଏହାର କୌଣସି ସୁଫଳ ପାଉନାହାନ୍ତି। ଦୀର୍ଘବର୍ଷ ଧରି ରାଜୁଆରେ ଆଡିବନ୍ଧ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଉଦାସୀନତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନ ଆନ୍ତରିକତା ଅଭାବକୁ ଚାଷୀ ଦାୟୀ କରିଛନ୍ତି। ପ୍ରତିବର୍ଷ ଚାଷୀ ଜଳସମ୍ପଦ ବିଭାଗ, ସ୍ଥାନୀୟ ବିଧାୟକ ଏବଂ ଜିଲା ପ୍ରଶାସନ ଏପରିକି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ପ୍ରତିଶ୍ରୁତି ବ୍ୟତୀତ କୌଣସି ସମାଧାନ କରାଯାଉନାହିଁ ବୋଲି ଚାଷୀ ଜିଲାପାଳଙ୍କୁ ଭେଟି କହିଛନ୍ତି। ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣରେ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିଥିବା ଜିଲାପାଳ ଚଞ୍ଚଳ ରାଣା ରାଜୁଆରେ ଆଡିବନ୍ଧ ନିର୍ମାଣ କରି ଚାଷୀଙ୍କୁ ଦୁଃଖ ବୁଝିବାକୁ ନିବେଦନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ରାଣା କହିଥିଲେ, ଚାଷୀଙ୍କ ସମସ୍ୟା ଦିଗରେ ବିଭାଗୀୟ ଯନ୍ତ୍ରୀ ସହ ଆଲୋଚନା କରି ଏହାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

# ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ



ସମ୍ମିଳନୀରେ ପୁରସ୍କୃତ କବିୟତ୍ରୀମାନେ।

କୃଷ୍ଣପ୍ରସାଦ,୫।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପଞ୍ଚାୟତରେ ଥିବା କବିୟତ୍ରୀମାନଙ୍କୁ ନେଇ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ବିଜୟ କୁମାର ବେହେରା, ସିଡିପିଓ ମନୋରମା ଦେବୀ, ବିଆରସିସି ସତ୍ୟବ୍ରତ ସାହୁ, ରୁକ୍ମିଣୀ ଦେବୀ ମହାବିଦ୍ୟାଳୟ ଅଧ୍ୟାପିକା ରୁବିବାଳା ମହାନ୍ତି, ବିପିଏମ୍ ଉମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ଭାଇଚାରା ସୃଷ୍ଟି କରିବା ସହ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କବି ସମ୍ମିଳନୀରେ ୨୫ଜଣ ମହିଳା ଅଂଶଗ୍ରହଣ କରି କବିତା ପାଠ କରିଥିଲେ। କୃତୀ କବିୟିତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ବିପିସି ସାବିତ୍ରୀ ପଣ୍ଡିମକବାଟ, ମିଶନ ଶକ୍ତି ଆକାଉଣ୍ଟାଷ୍ଟ ଅମିତାଭ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଲାଗୁଣିରେ ଚେକ୍‌ଡ୍ୟାମ୍ ନିର୍ମାଣ ହେଉ



ଚେକଡ୍ୟାମ ନିର୍ମାଣ ପାଇଁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଚାଷୀଙ୍କ ବିକାଶ ପାଇଁ ସରକାର ବହୁ ଯୋଜନା କରୁଛନ୍ତି। ସ୍ଥାନୀୟ ସ୍ତରରେ ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ବାଧକ ସାଜିଛି। ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ରାମେଶ୍ୱରଠାରେ ନିର୍ମାଣ ହୋଇଥିବା ଡ୍ୟାମ ଅଚଳ ହୋଇପଡିଛି। ଖରାଟିଆ ଫସଲ ସମୟରେ ଚାଷୀଙ୍କ ଜମିକୁ ପାଣି ମଡ଼ାଇବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଏହି ଡ୍ୟାମରେ ବର୍ଷସାରା ପାଣି ରହୁ ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି। ତେଣୁ ମହାନଦୀର ଶାଖା ମଲାଗୁଣି ନଦୀରେ ଏକ ଚେକ୍‌ଡ୍ୟାମ ଏବଂ ରାଜୁଆ ନଦୀରେ ଆଡିବନ୍ଧ ନିର୍ମାଣ ପାଇଁ ଚାଷୀ ଜିଲାପାଳଙ୍କୁ ପୃଥକ ଭାବେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ଧରି ଚାଷୀ ଦାବିକରି ଆସୁଥିବା ବେଳେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି ବୋଲି ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୋଲାବାଇ ଶାସନ, ଇଚ୍ଛାପୁର ଓ ଷଣ୍ଢପୁର ମୌଜାର ଶତାଧିକ ଚାଷୀ ଜଳସେଚନ ଅଭାବରୁ ବୃଷ୍ଟିଜଳ ଉପରେ ନିର୍ଭରଶୀଳ ଥିବା ବେଳେ ବିଳମ୍ବିତ ମୌସୁମୀ, ସ୍ୱଳ୍ପ ବୃଷ୍ଟି ଯୋଗୁ ହଇରାଣ ହେଉଛନ୍ତି। ଗତ କିଛି ବର୍ଷ ଏହି ମୌଜା ଅନ୍ତର୍ଗତ ଗ୍ରାମଗୁଡିକର ଚାଷଜମିରେ ମରୁଡିଜନିତ ସମସ୍ୟା ସୃଷ୍ଟି ହୋଇଛି। ମଲାଗୁଣି ନଦୀରେ ଏକ ଚେକ୍‌ଡ୍ୟାମ ନିର୍ମାଣ କରାଗଲେ ଚାଷୀ ଏହି ସମସ୍ୟାରୁ ମୁକୁଳିପାରିବେ ବୋଲି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ମଲାଗୁଣି ପାଣି ନଦୀରେ ବୋହି ଯାଉଥିବା ବେଳେ ଚାଷୀ ଏହାର କୌଣସି ସୁଫଳ ପାଉନଥିବା କହିଛନ୍ତି। ଗୋଲବାଇଶାସନ ପଞ୍ଚାୟତ ନିକଟ ବାଣିଆବାଙ୍କଠାରେ ମଲାଗୁଣି ନଦୀରେ ଚେକ୍‌ଡ୍ୟାମ ନିର୍ମାଣ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ ମଧୁମିତା ପଲାଇ, ସମିତିସଭ୍ୟ ଗୌତମ ପ୍ରଧାନଙ୍କ ସମେତ ବିପିନ ବିହାରୀ ଦାଶ, ସୁକାନ୍ତ ସାମନ୍ତରାୟ, ଦେବପ୍ରସାଦ ରଥ ଉପସ୍ଥିତ ଥିଲେ। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି।

# ୧୦୮ ଅଭିଯୋଗ ଶୁଣିଲେ ଜିଲାପାଳ

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ନୂତନଭାବେ ଯୋଗ ଦେଇଥିବା ଜିଲାପାଳ ଚଞ୍ଚଳ ରାଣା ସୋମବାର ଖୋର୍ଦ୍ଧା ବ୍ଲକରେ ଜନଶୁଣାଣି ଶିବିରରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୦୮ ଅଭିଯୋଗ ଆସିଥିବା ବେଳେ ସେଥିରୁ ୯୫ ବ୍ୟକ୍ତିଗତ ରହିଥିଲା। ୪ଟି ବିଭିନ୍ନ ଗ୍ରାମୀଣ ସମସ୍ୟା ଥିଲା। ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଏବଂ ୨ଜଣଙ୍କୁ ସିଏମଆରଏଫ ପାଣ୍ଠିରୁ ୨୫ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଜନଶୁଣାଣିରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କେ.ତନୟା ସାହୁ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ରାଣା କହିଥିଲେ, ଜିଲାରେ ଜନଶୁଣାଣି ଶିବିରକୁ ଅଧିକ କ୍ରିୟାଶୀଳ କରାଯିବ। ଲୋକଙ୍କ ଅଭିଯୋଗ ତ୍ୱରିତ ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ବାଲୁଗାଁ/ ଟାଙ୍ଗୀ,୫।୨
(ସଂଗ୍ରାମ ପାଇକରାୟ/ରଘୁନାଥ ସାହୁ)

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ସୋମବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅଧ୍ୟକ୍ଷା ଡ.କଳ୍ପନା ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଦାଶ କହିଥିଲେ, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରତି କିଶୋରୀଙ୍କ ପାଇଁ ଅପରିହାର୍ଯ୍ୟ। ଏହା ଦ୍ୱାରା ଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତତ୍କାଳ ଆତ୍ମ ରକ୍ଷା କରିବାରେ ସମର୍ଥ ହୋଇପାରିବେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜିକା ଡ.ମୋନାଲିସା ତାଲିମ ଶିବିରର ଆଭିମୁଖ୍ୟ ଉପସ୍ଥାପନା କରିବା ପରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ରିନା ରାଉତ, କ୍ରିଷ୍ଣା ସେଠୀ, ଶାଶ୍ୱତୀ ମହାନ୍ତି, ଶୁଭଦର୍ଶିନୀ ବିଶ୍ୱାଳ, ଶୁଚିସ୍ମିତା ମହାପାତ୍ର, ଅମ୍ରିତା ନନ୍ଦ, ବିଷ୍ଣୁପ୍ରିୟା ସ୍ୱାଇଁ, ସୁନିତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ.ଅକ୍ଷୟ ମିଶ୍ର, କୈଳାସ ଚନ୍ଦ୍ର ମହାରଣା, ଲକ୍ଷ୍ମୀଧର ସୁବୁଦ୍ଧି ଓ କୀର୍ତ୍ତିମୟୀ ବାରିକ ସହଯୋଗ କରିଥିଲେ। ଜ୍ୟୋତି ବିଶ୍ୱାସ, ନିଲମ ସାହୁ ପ୍ରମୁଖ ଆସନ୍ତା ୧୦ଦିନ ପର୍ଯ୍ୟନ୍ତ ଦୁଇଶହ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବେ।

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆସମା ବେଗମ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପରିଚାଳନା କମିଟି ସଭାପତି ରଘୁନାଥ ସାହୁ, ମୁଖ୍ୟ ବକ୍ତା ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ବରିଷ୍ଠ କ୍ରୀଡା ସଙ୍ଗଠକ ବିଜୟ କୁମାର ରାଉତ, ଅଧ୍ୟାପକ ଓମ୍ ପ୍ରକାଶ ପରିଡ଼ା, ଅଧ୍ୟାପିକା ସୁଚିତ୍ରାମୟୀ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ ରଖିଥିଲେ। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପାରମିତା ଜେନା, କୁମାରୀ ସୌଭାଗ୍ୟ ଲକ୍ଷ୍ମୀ, ସିତା ବେହେରା, ପୁନମ ସାଗରିକା ରାଉତରାୟ, ରେବତୀ ପାତ୍ର, କାଜଲ ପରିଡ଼ା, ଅଧ୍ୟାପକ ବିଶ୍ୱ ସାରଥୀ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ଅଗୋଚରରେ ଚାଲିଛି ପ୍ରକଳ୍ପ କାମ

ଖୋର୍ଦ୍ଧା,୫।୨ (ପ୍ରଭାତ ପାଣିଗ୍ରାହୀ)

ଗ୍ରାମାଞ୍ଚଳ ଭିତିଭୂମି ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପଞ୍ଚାୟତସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ନିକଟରେ ରାଜ୍ୟ ସରକାର ନବୀନ ଓଡ଼ିଶା ମୋ ଓଡ଼ିଶା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତରେ ସରକାର ୫୦ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି। ତେବେ ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତ ସ୍ତରରେ ବିଭିନ୍ନ ପ୍ରକଳ୍ପ କାମ ଚାଲିଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ନିକଟରେ କୌଣସି ଖବର ନାହିଁ। ସୋମାବର ବ୍ଲକରେ ଚାଲିଥିବା ଜନଶୁଣାଣି ଶିବିରରେ ଏଭଳି ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ବ୍ଲକ ପୁରୁସାହି ସରପଞ୍ଚ ଏବଂ ଅନ୍ୟ ଜନ ପ୍ରତିନିଧି। ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଡିଓ କୌଣସି ସହଯୋଗ କରୁନଥିବା ବେଳେ କନିଷ୍ଠଯନ୍ତ୍ରୀ ମଧ୍ୟ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ ତଦାରଖ କରୁନାହାନ୍ତି। ତେବେ ପଞ୍ଚାୟତରେ କିଏ କାମ କରୁଛି, କାହା ଇଙ୍ଗିତରେ କାମ ଚାଲିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରପଞ୍ଚ ସଂଘମିତ୍ରା ମହାପାତ୍ର, ସଂଗ୍ରାମ କେଶରୀ ମହାପାତ୍ର, ନୀଳମାଧବ ରାଣା, ସତ୍ୟପ୍ରିୟା ଜେନା, ରମେଶ ଚନ୍ଦ୍ର ସାହୁ, ଗୋଲାପ ପରିଡା, କୌଶିକ ନାୟକ, ଦିଲୀପ ସାହୁ, ପ୍ରତିମା ବେହେରା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରି ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡମେମ୍ବର ସମୂହ ଇସ୍ତଫା ଦେବେ ବୋଲି ଅଭିଯୋଗରେ ଜଣାଇଛନ୍ତି। ସରପଞ୍ଚ ମହାପାତ୍ର କହିଛନ୍ତି, ପଞ୍ଚାୟତରେ ସରପଞ୍ଚଙ୍କ ବିନା ଅଗୋଚରରେ ଅନ୍ୟମାନଙ୍କ ଜରିଆରେ କାମ ଚାଲିଛି। ଏ ସମ୍ପର୍କରେ ବିଡିଓ କେ.ତନୟା ସାହୁ କହିଛନ୍ତି, ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ। ପଞ୍ଚାୟତରେ ଯାହା କିଛି ପ୍ରକଳ୍ପ ନିର୍ମାଣ ହୋଇଥାଏ, ତାହା ସରପଞ୍ଚଙ୍କ ବିନା ଅଗୋଚରରେ ହୋଇପାରିବ ନାହିଁ।



ଅଭିଯୋଗପତ୍ର ଦେବାକୁ ଆସିଥିବା ଜନପ୍ରତିନିଧିମାନେ।

# ଐତିହ୍ୟ, ପରମ୍ପରାକୁ ବାନ୍ଧି ରଖିଛି ଶ୍ରୀଜଗନ୍ନାଥ ସଂସ୍କୃତି



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୫।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ବିଶ୍ୱ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ପଣ୍ଡା ବକ୍ତା, ବୋଉଘର ଫାଉଣ୍ଡେଶନର ପ୍ରତିଷ୍ଠାତା ଅତିଶ ମହାନ୍ତି ଅତିଥିଭାବେ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ସାହିତ୍ୟ ଭାଷା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ଅତିଥି ମହାପାତ୍ର କହିଥିଲେ। ଅଧ୍ୟକ୍ଷ ଗଙ୍ଗାଧର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଧିକାରୀ ବିନ୍ଦୁଶ୍ରୀ ମହାନ୍ତି କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଇନ୍ଦୁ ଭୂଷଣ ହରିଚନ୍ଦନ ମଞ୍ଚ ପରିଚାଳନା କରିଥିବା ବେଳେ ହୃଷୀକେଶ ମାର୍ଥା ଧନ୍ୟବାଦ ଦେଇଥିଲେ। ଅଜୟ ସାହୁ, ଦିଲୀପ ପଣ୍ଡା, ରାଧାଶ୍ୟାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

# ଭାଷା ସମ୍ପର୍କକୁ ଯୋଡ଼େ, ନିବିଡ଼ତା ଆଣେ

ଖୋର୍ଦ୍ଧା,୫।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ତତ୍ତ୍ୱାବଧାନରେ ୧୦ଟି ବ୍ଲକ୍ ଓ ବିଏମ୍‌ସିରୁ କୃତୀ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ବ୍ଲକରୁ ୧୦ଜଣ, ଦୁଇଜଣ ଗାଇଡ୍ ଶିକ୍ଷକ ଏବଂ ଦୁଇ ଜଣ ଲେଖାଏ ମୋ ସ୍କୁଲର ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ପ୍ରାତଃ ଅଧିବେଶନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲା ପରିଷଦ ଚେୟାରମ୍ୟାନ ରୂପଶ୍ରୀରାଣୀ ଗୁମାନସିଂହ, ମୁଖ୍ୟ ବକ୍ତା ଡିଆଇଇଟିର ଅଧ୍ୟକ୍ଷ ତାପସ କୁମାର ନାୟକ, ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଏସି, ଏସ୍‌ଟି କୋଡ଼ିନେଟର ସୁନିତା ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଭାଷା ସମ୍ପର୍କକୁ ଯୋଡିଥାଏ, ନିବିଡ଼ତା ଆଣିଥାଏ ବୋଲି କହିଥିଲେ। କଥନ, ଲିଖିନ ଏବଂ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ।

ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବିଭାଗର ଚିତ୍ରାଙ୍କନରେ ଭୁବନେଶ୍ୱର ବ୍ଲକ୍‌ର ସରକାରୀ ଉ.ପ୍ରା ବିଦ୍ୟାଳୟ ସରକନ୍ତରା ପ୍ରଥମ, ବୋଲଗଡ଼ ବ୍ଲକ୍‌ର ସରକାରୀ ଉ.ପ୍ରା. ବିଦ୍ୟାଳୟ, ହରିପୁରର ଛାତ୍ର ବିମିଳ ପ୍ରଧାନ ଦ୍ୱିତୀୟ, ବାଲିଅନ୍ତା ବ୍ଲକ୍‌ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ମୁଦୁଲି ତୃତୀୟ, କନିଷ୍ଠ ବିଭାଗରେ ଭୁବନେଶ୍ୱର ବ୍ଲକ୍‌ର ଷଷ୍ଠ ଶ୍ରେଣୀ ଛାତ୍ର ବିଷ୍ଣୁ ପ୍ରସାଦ ସାହୁ ପ୍ରଥମ, ବେଗୁନିଆ ବ୍ଲକ୍‌ର ଲିଲିପ୍ସା ପୃଷ୍ଟି ଦ୍ୱିତୀୟ ଓ ଖୋର୍ଦ୍ଧା ବ୍ଲକ୍‌ର କରସ୍ମିତା ମହାରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିଭଳି କୁଇଜରେ ବରିଷ୍ଠ ବିଭାଗର ବିଏମ୍‌ସିର ଅଷ୍ଟମ ଶ୍ରେଣୀ ଛାତ୍ର ବିଶ୍ୱଜିତ୍ ନାୟକ ପ୍ରଥମ, ଟାଙ୍ଗୀ ବ୍ଲକ୍‌ର ଗୁରୁ ପ୍ରସାଦ ଶତପଥୀ ଦ୍ୱିତୀୟ, ବାଲିଅନ୍ତା ବ୍ଲକ୍‌ର ସାଇରାମ ସାହୁ ତୃତୀୟ ଓ କନିଷ୍ଠ ବିଭାଗରେ ବାଣପୁର ବ୍ଲକ୍‌ର ଆଶୁତୋଷ ପ୍ରଧାନ ପ୍ରଥମ, ଟାଙ୍ଗୀ ବ୍ଲକ୍‌ର ପଞ୍ଚମ ଶ୍ରେଣୀ ଛାତ୍ରୀ ବୈଶାଖୀ ବିଶ୍ୱାଳ ଦ୍ୱିତୀୟ, ବିଏମ୍‌ସିର ଲଭଲି ବିଶୋୟୀ ତୃତୀୟ ସ୍ଥାନ ଅଧିକାର କରଛନ୍ତି।




ଜିଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୫।୨।୨୦୨୪

| | |
|---|---|
| ୬,୨୧,୦୫୭ ଟଙ୍କା | |
| ସୁନା | ୮୦୦ ଗ୍ରାମ୍ |
| ରୁପା | ୩.୩୦୦ ଗ୍ରାମ୍ |

# ରାତି ୧୦ ପରେ ଉଠିବ ମହାଦୀପ

ପୁରୀ,୫।୨(ଅଜିତ୍ ମହାନ୍ତି)

ଆସନ୍ତା ମାର୍ଚ୍ଚ ୮ତାରିଖରେ ମହାଶିବରାତ୍ରି। ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ସୋମବାର ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଉପଜିଲାପାଳ ଭବତାରଣ ସାହୁ କହିଥିଲେ, ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନେ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୮ତାରିଖ ଜାଗର ଯାତ୍ରାର ନୀତିକାନ୍ତି ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ, ବ୍ୟାରିକେଡ୍, ଅଗ୍ନିନିର୍ବାପକ, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନାକେନ୍ଦ୍ର ବ୍ୟବସ୍ଥା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଠିକଭାବେ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୬ତାରିଖ ରାତ୍ର ୨ଟାରୁ ପହୁଡ଼ ଦ୍ୱାର ଖୋଲା, ରାତ୍ର ୩ଟାରୁ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି, ରାତ୍ର ୪ଟାରୁ ସକାଳ



ଜାଗରଯାତ୍ରା ଉପଲକ୍ଷେ ଆୟୋଜିତ ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟମାନେ।

### ଲୋକନାଥଦେବଙ୍କ ପଙ୍କୋଦ୍ଧାର ଓ ମହାଶିବରାତ୍ରି ପାଇଁ ବୈଠକ

୬ଘଣ୍ଟିକା ମଧ୍ୟରେ ସକାଳ ଧୂପ, ସକାଳ ୬ରୁ ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ଟାରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ଦିବା ୧୨ ଘଣ୍ଟିକା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ଘଣ୍ଟିକାରୁ ରାତ୍ର ୯ ଘଣ୍ଟିକା ସର୍ବସାଧାରଣ ଦର୍ଶନ ଓ ରାତ୍ର ୯ଘଣ୍ଟିକାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ୮ତାରିଖରେ ରାତ୍ର ୧୨.୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଘଣ୍ଟିକାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର ୪ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ରୁ ରାତ୍ର ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୩ଘଣ୍ଟିକାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ସାହୁ ସୂଚନା ଦେଇଥିଲେ।

ଶେଷରେ ସଦର ତହସିଲଦାର ଅଭିଷେକ ଦାଶ ଧନ୍ୟବାଦ ଦେଇଥିଲେ।

ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଉପଜିଲାପାଳ ସାହୁ କହିଛନ୍ତି, ଆସନ୍ତା ମାସ ୬ ତାରିଖରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବାକୁ ଥିବା ବେଳେ ୮ ତାରିଖରେ ମହାଶିବ ରାତ୍ରୀ ପଡୁଛି। ତେଣୁ ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ନୀତିକାନ୍ତି ଶୃଙ୍ଖଳିତ ଭାବରେ ହେବ ସେ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ଯେପରି ଭଲ ଭାବେ ବାବା ଲୋକାନାଥଙ୍କ ଦର୍ଶନ କରିପାରିବେ ସେ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଉଛି। ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ଫାୟାର ଟିମ୍, ଆଲୋକୀକରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ସାହୁ କହିଛନ୍ତି। ଶ୍ରୀଲୋକନାଥ ମନ୍ଦିର ସେବାୟତ ନିଯୋଗର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରଶାସନ ସହ ସେବାୟତମାନଙ୍କ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନୀତିକ୍ରାନ୍ତି କିପରି ଶୃଙ୍ଖଳିତ ଭାବେ ହେବ ଓ ମହାପ୍ରଭୁଙ୍କ ଦର୍ଶନ ଯେପରି ଭକ୍ତମାନେ ଭଲରେ କରିବେ ସେ ନେଇ ଆଲୋଚନା କରାଯାଇଛି। ସେହିପରି ବର୍ତ୍ତମାନ ଶ୍ରୀଲୋକନାଥ ମନ୍ଦିର ଉନ୍ନତୀକରଣ ପାଇଁ ଅନେକ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଅନେକ ସ୍ଥାନକୁ ଭଙ୍ଗାଯାଇଛି। ଆଗକୁ ଯାତ୍ରା ଥିବାରୁ ପ୍ରଶାସନ ଯେତିକି ଭାଙ୍ଗିଛି ସେତିକି ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ଗତବର୍ଷ ଶୃଙ୍ଖଳିତ ଭାବରେ ନୀତି ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ଶୃଙ୍ଖଳିତ ନୀତି କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏପରିକି ଚଳିତ ଥର ଅଧିକ ସେବାୟତ ଓ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବାକୁ ପ୍ରସ୍ତାବ ଦିଆଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି।

# ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ

ପୁରୀ, ୫।୨ (ଅଜିତ୍ ମହାନ୍ତି)

ପୁରୀର ନୂତନ ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ପୁରୀ ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିଛି। ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମି ଓ ବିଭିନ୍ନ ସ୍ଥାନ ବୁଲିବା ପାଇଁ ଦେଶ ବିଦେଶରୁ ଲୋକେ ଆସିଥାନ୍ତି। ଭକ୍ତ ଓ ପର୍ଯ୍ୟଟକମାନେ ଯେପରି ପୁରୀରୁ ସୁଖଦ ଅନୁଭୂତି ନେଇ ଫେରିବେ ତଥା ପୁରୀବାସୀଙ୍କୁ ଯେଭଳି ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେ ନେଇ ମିଶ୍ର ଗୁରୁତ୍ୱ ଦେଇଛନ୍ତି। ତେଣୁ ସୋମବାର ସନ୍ଧ୍ୟାରେ ଏସ୍‌ପି ମିଶ୍ର ଏବଂ ତାଙ୍କ ନେତୃତ୍ୱରେ ବିଭିନ୍ନ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀମାନେ ପୁରୀ ସହରର ବିଭିନ୍ନ ସ୍ଥାନ ବୁଲି ତଦାରଖ କରିଛନ୍ତି। ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ବ୍ୟକ୍ତିବିଶେଷ, ପାର୍କରେ ଉପଦ୍ରବ କରୁଥିବା ଅସାମାଜିକ ବ୍ୟକ୍ତି, ବିଭିନ୍ନ ସ୍ଥାନରେ ବସି ଖଟି କରି ଉପଦ୍ରବ କରୁଥିବା ବ୍ୟକ୍ତି, ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା, ଇଭି ଟିଜର, ରାସ୍ତା ଅବରୋଧ କରି ବସିଥିବା ବ୍ୟବସାୟୀ ପ୍ରମୁଖଙ୍କ ବିରୋଧରେ ପୋଲିସ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏସ୍‌ପି ନିଜେ ବୁଲି ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କୁ ତାଗିଦା କରିବା ସହ ଆଇନକୁ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ସହରରେ ଏସ୍‌ପି ପିନାକ ମିଶ୍ର ଅନ୍ୟ ଅଧିକାରୀଙ୍କ ସହ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି।

## ସଂକ୍ଷେପରେ

### ପୁରୀ ଜିଲା ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପୁରୀ, ୫।୨ (ଅଜିତ ମହାନ୍ତି)

ପୁରୀ ଜିଲା ସ୍କୁଲ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାସଲ କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ୟମ ସହିତ ଉନ୍ନତ ଶିକ୍ଷାଦାନ ଓ ଆବଶ୍ୟକ ଭିତ୍ତିଭୂମି ଯୋଗୁ ଏହା ସମ୍ଭବ ହୋଇପାରିଛି। ଏ କ୍ଷେତ୍ରରେ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରମୁଖଙ୍କ ଦିଗ୍‌ଦର୍ଶନ ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପରେ ସ୍ଥାନୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଆଡ଼ିବନ୍ଧ ନିର୍ମାଣ ଦାବି ତେଜିଲା

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜଳ ସମ୍ପଦ ବିଭାଗ ଅଧୀନ ରାଜୁଆ ଜଳସେଚନ ବ୍ୟାରେଜକୁ କାର୍ଯ୍ୟକ୍ଷମ ନିମନ୍ତେ ପାଣ୍ଡିଆବିଲିଠାରେ ଦୟା ନଦୀ ମୁହଁରେ ସ୍ଥାୟୀ ଆଡିବନ୍ଧ ନିର୍ମାଣ ଏବଂ ବ୍ୟାରେଜର ଡାହାଣପଟ ମୁଖ୍ୟ କେନାଲରୁ ଗ୍ରାଉଣ୍ଡଜିରୋ ଜମିକୁ ପାଣି ପହଞ୍ଚାଇବା ପାଇଁ ସବ୍‌କେନାଲ ଗୁଡିକ ଖନନ ପାଇଁ ଏକାଧିକ ପଞ୍ଚାୟତର ଚାଷୀ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର, ଧଉଳିମୁହଁ, ନରଣଗଡ଼ ଓ ଓରବରସିଂ ପଞ୍ଚାୟତ ସହ ପୁରୀ ଜିଲା କଣାସ ବ୍ଲକ ଗଡ଼ସାନପୁଟ, ଗଡବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା ଏବଂ ଡେଲାଙ୍ଗ ବ୍ଲକ ସାଉଁରିଆ ପଞ୍ଚାୟତର ଶତାଧିକ ଚାଷୀଙ୍କ ପାଇଁ ରାଜୁଆ ଦୁଃଖ ସାଜିଛି। ପ୍ରତିବର୍ଷ ମହାନଦୀର ଗେଟ ଖୋଲିଲେ, ଦୟା ଫୁଲିଲେ ଏହାର ଶାଖା ନଦୀ ରାଜୁଆରେ ପଚ୍ଛୁଆ ବନ୍ୟାଜଳ ମାଡି ଏକର ଏକର ଚାଷଜମି ଜଳମଗ୍ନ ହେଉଛି। ଚାଷୀଙ୍କ ଖରିଫ ଧାନ ଫସଲ ଉଜୁଡିଯାଉଛି। ଜଳସେଚନର ସୁବିଧା ନ ଥିବାରୁ ରବିଫସଲ ସମୟରେ ଜମି ପଡିଆ ରହୁଛି। ଅନ୍ୟପଟେ ରାଜୁଆର ଜଳ ବୋହିଯାଇ ଚିଲିକାରେ ମିଶୁଛି। ଚାଷୀ ଏହାର କୌଣସି ସୁଫଳ ପାଉନାହାନ୍ତି। ଦୀର୍ଘବର୍ଷ ଧରି ରାଜୁଆରେ ଆଡିବନ୍ଧ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଉଦାସୀନତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନ ଆନ୍ତରିକତା ଅଭାବକୁ ଚାଷୀ ଦାୟୀ କରିଛନ୍ତି।

# ଯୁବ ଯୁଗଳବନ୍ଦୀ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ




ଉତ୍ସବରେ ସୌରଜିତ ପ୍ରଧାନୀ ଏବଂ ଅପରାଜିତା ଗୋଛିକାର ପ୍ରଧାନୀଙ୍କୁ ଯୁବ ଯୁଗଳବନ୍ଦୀ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ପୁରୀ,୫।୨(ଅଜିତ୍ ମହାନ୍ତି)

### ସାହିତ୍ୟିକ ସୌରଜିତ, ଚେସ୍ ତାରକା ଅପରାଜିତା ସମ୍ବର୍ଦ୍ଧିତ

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ ସଭାକକ୍ଷରେ ସୋମବାର ଯୁବ ସାରସ୍ୱତ ଯୁଗଳବନ୍ଦୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସଭାକାର୍ଯ୍ୟ ପ୍ରାରମ୍ଭ ହୋଇଥିଲା। ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରୂପେ ଡ. ଦିଲୀପ କୁମାର ସେନାପତି ଯୋଗଦେଇଥିଲେ। ଶ୍ରୀକ୍ଷେତ୍ରର ଐତିହ୍ୟ, ସଂସ୍କୃତି ଓ ଧର୍ମୀୟ ଭାବଧାରାରେ ପ୍ରଭାବିତ ସହରବାସୀଙ୍କଠାରେ ସ୍ୱତନ୍ତ୍ରତାଯୁକ୍ତ ପ୍ରତିଭା ସହିତ ତାହାର ସାମାଜିକ ଓ ସାଂସ୍କୃତିକ ଜାଗରଣରେ ଶ୍ରୀକ୍ଷେତ୍ର ଗୌରବାନ୍ୱିତ ଦେଖାଯାଇଥାଏ ବୋଲି ଡ. ସେନାପତି କହିଥିଲେ। ସେହିପରି ବସନ୍ତର ପ୍ରଭାବ କେବଳ ପ୍ରକୃତିକୁ ନୁହେଁ, ସାମାଜିକ ସ୍ତରରେ ନୂତନ ସାଂସ୍କୃତିକ ଓ ସାରସ୍ୱତ ଜାଗରଣ ସୃଷ୍ଟିରେ ସହାୟକ ହୋଇଥାଏ। ଶ୍ରୀକ୍ଷେତ୍ରରେ ସାହିଯାତ ଅବସରରେ ଶ୍ରୀରାମମୟ ରାସଲୀଳାର ବିଭିନ୍ନ ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂଗୋଷ୍ଠୀର କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ମିଶ୍ରଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ଦେବା ସହିତ ସଭାପତି ବିଜୟଲକ୍ଷ୍ମୀ ଦାସ ପ୍ରାରମ୍ଭିକ ସୂଚନା ଓ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାରସ୍ୱତ ସାଧକ ସୌରଜିତ ପ୍ରଧାନୀ ଏବଂ ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ପ୍ରଧାନୀଙ୍କୁ ଯୁବ ଯୁଗଳବନ୍ଦୀ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ଫଳକ, ଶାଲ୍ ଓ ପୁଷ୍ପଗୁଚ୍ଛ ଆଦି ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଜୁଶ୍ରୀ ମିଶ୍ର ଓ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ ବସନ୍ତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁରେଶ କୁମାର ପଟ୍ଟନାୟକ, ରବୀନ୍ଦ୍ରନାଥ ପଟ୍ଟନାୟକ, ପୌର୍ଣ୍ଣମାସୀ ଦେବୀ, ପ୍ରମୋଦା ଦେବୀ, ଡା. ରାନୁ ମିଶ୍ର, ଏମ୍.କୋଟେଶ୍ୱର ପାତ୍ର, ବିଭୂତି ଭୂଷଣ ଦାସ, ପ୍ରମିଳ କୁମାର ନନ୍ଦ, ଆଶାଲତା ପ୍ରଧାନୀ, ଯୋଗେନ୍ଦ୍ର ନାଥ ସାହୁ, ବିଶ୍ୱମ୍ଭର ସାହୁ, ସାରଙ୍ଗଧର ଷଡଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

ପୁରୀ,୫।୨(ଅଜିତ୍ ମହାନ୍ତି)

ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସମିତି ସଭାପତି ଲକ୍ଷ୍ମଣ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲା ସହସମ୍ପାଦକ ଦୀନବନ୍ଧୁ ତ୍ରିପାଠୀ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ଉପସ୍ଥିତ ଥିବା ଶତାଧିକ ମାମାନଙ୍କୁ ଶିଶୁମାନଙ୍କ ପ୍ରତି ସେମାନଙ୍କ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ପରେ ମା'ମାନଙ୍କ ମଧ୍ୟରେ ଝୋଟି, ଅମୃତ କଳସ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା। ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ମାତୃ ସମ୍ମିଳନୀ।

# ଭାଜପାର ବୁଥ୍ ଚାଲ ଅଭିଯାନ ବୈଠକ



ଚାରିଛକ,୫।୨(ଶିଶିର ସ୍ୱାଇଁ)

ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଭାଜପା ପକ୍ଷରୁ 'ବୁଥ୍‌କୁ ଚାଲ'ର ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାରୀନେତ୍ରୀ ପ୍ରଭାତୀ ପରିଡ଼ା ବୁଥ୍ ଅନ୍ତର୍ଗତ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଠିକ୍ ଭାବେ ବ୍ୟବହାର ହେଉଛି କି ନାହିଁ ଦେଖିବା ସହ ଦଳର କାର୍ଯ୍ୟ ଠିକ୍ କରିବାକୁ ଏହି ବୈଠକରେ ନାରୀନେତ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, ଭକ୍ତବନ୍ଧୁ ବିଶ୍ୱାଳ, ଜ୍ୟୋତିରଞ୍ଜନ ପାତ୍ର, ସତ୍ୟଭାମା ବେହେରା, ସବିତା ଦାସ, ବାବୁରାମ ପାତ୍ର, କରୁଣାକର ମଲ୍ଲ, ଲକ୍ଷ୍ମୀଧର ହାତୀ, ସୁରେନ୍ଦ୍ର ମୁଦୁଲି, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ-ଟିପି ସେଣ୍ଟ୍ରାଲ୍ ଓଡ଼ିଶା ବିତରଣ ଲିମିଟେଡ୍ ମଧ୍ୟରେ ଏମ୍‌ଓୟୁ




ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଓ ଟିପି ସେଣ୍ଟ୍ରାଲ ଓଡ଼ିଶା ବିତରଣ ଲିମେଟେଡ଼ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ପୁରୀ,୫।୨(ଅଜିତ୍ ମହାନ୍ତି)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପୁରୀ ଏବଂ ଟିପି ସେଣ୍ଟ୍ରାଲ୍ ଓଡିଶା ବିତରଣ ଲିମିଟେଡ୍ ମଧ୍ୟରେ ସୋମବାର ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଟିପିସିଓଡିଏଲ ଅପରେଶନ୍ ସର୍ଭିସେସ୍ ମୁଖ୍ୟ ରାଜକୁମାର ରାସ୍ତୋଗୀ, ଓଡିଶା, ଡିସକମ ଏଲ୍ଆଣ୍ଡଡି ମୁଖ୍ୟ ବୁଦ୍ଧିଶ ବେହେରା, ଟିପିସିଓଡିଏଲ (ଏଚ୍.ଆର୍) ମିର୍ଜା ସରଫରାଜ ବାଗଙ୍କ ଉପସ୍ଥିତିରେ ପୁରୀ ସରକାରୀ ଆଇଟିଆଇ ଅଧକ୍ଷ ଇଂ. ଅରୋବିନ୍ଦ ଘୋଷ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇ ସଙ୍ଗଠନ ପୁରୀ ଜିଲାରେ ଦକ୍ଷତା ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଛନ୍ତି। ଏହି ସହଯୋଗ ଏକାଡେମୀ ଏବଂ ଶିଳ୍ପର ଏକ ସଂପୂର୍ଣ୍ଣ ମିଶ୍ରଣ, ଯେଉଁଠାରେ ଦକ୍ଷତା ବିକାଶ ପାଇଁ ଏକ ସମନ୍ୱିତ ପରିବେଶ ସୃଷ୍ଟି କରିବା ପାଇଁ ଉଭୟ ସଂସ୍ଥାର ପାରଦର୍ଶିତା ଏବଂ ଉତ୍ସଗୁଡିକ ବ୍ୟବହାର କରାଯିବ। ଟିପିସିଓଡିଏଲ୍‌କୁ ଆବଶ୍ୟକ ଶିଳ୍ପ ଏକ୍ସପୋଜର୍ ପ୍ରଦାନ କରିବା ଏବଂ ଏହି ଏମଓୟୁର ବ୍ୟାପକ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଅନୁଷ୍ଠାନ ସମାନ ବ୍ୟବହାର କରିବ। ଏହି ଏମଓୟୁ ଅଧୀନରେ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ପୁରୀ ଏବଂ ଟିପି କେନ୍ଦ୍ରୀୟ ଓଡ଼ିଶା ବିତରଣ ଲିମିଟେଡ୍ ଶକ୍ତି କ୍ଷେତ୍ରର ବିକାଶଶୀଳ ଦକ୍ଷତା ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ ପ୍ରଯୁଜ୍ୟ ତାଲିମ କାର୍ଯ୍ୟକ୍ରମ ବିକାଶ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ। ଟିପିସିଓଡିଏଲ ଉଲ୍ଲିଖିତ ପରିସର ଅନୁଯାୟୀ ବିଭିନ୍ନ ଇଭେଣ୍ଟ ସଙ୍ଗଠିତ କରିବ ଏବଂ ଟ୍ରେନିଂମାନଙ୍କ ଏକାଡେମିକ୍ ବିକାଶ ପାଇଁ ଅନୁଷ୍ଠାନ ସହିତ ଜଡିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

# 'ସମାଜର ତୃତୀୟ ନେତ୍ର ଗଣମାଧ୍ୟମ'

ପୁରୀ,୫।୨(ଅଜିତ୍ ମହାନ୍ତି)

ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ, ଲେଖକ, ସ୍ତମ୍ଭକାର ଫୋରମ ପକ୍ଷରୁ ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ସଂସ୍କୃତି ଭବନରେ 'ସାମାଜିକ ଦାୟିତ୍ୱବୋଧ ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଚାରପତି ମାନସ ରଞ୍ଜନ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରି କହିଥିଲେ, ବର୍ତ୍ତମାନ ସମୟରେ ଗଣମାଧ୍ୟମ ସାମାଜିକ ଦାୟିତ୍ୱ ସହ ରାଷ୍ଟ୍ର ଦାୟିତ୍ୱବୋଧକୁ ସମନ୍ୱିତ କରି ତଥ୍ୟନିଷ୍ଠ ଓ ସତ୍ୟ ଖବର ପରିବେଷଣ କରିବା ଉଚିତ। ସକାଳର ସେହି ପହିଲି ଖବର ଗଣଚେତନାର ଉତ୍କୃଷ୍ଟ ପ୍ରତିବିମ୍ବ ଓ ପ୍ରତିଧ୍ୱନି ଦିଗରେ ଗଣମାଧ୍ୟମ କର୍ମକର୍ତ୍ତାମାନେ ତୃତୀୟ ନେତ୍ର ପ୍ରୟୋଗ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଐତିହାସିକ ମଦନମୋହନ ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ଯୁଗ୍ମ ଶାସନ ସଚିବ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ସଂଯୋଜକ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଦି ମିଡିଆର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ଡ. ରାନୁ ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ପ୍ରଦୀପ କୁମାର ନାୟକ, ନୃସିଂହ ଚରଣ ମହାନ୍ତି, ନାରାୟଣ ସିଂ, ସୁବୋଧ ସୁବୁଦ୍ଧି, ଡ. ସସ୍ମିତା ମିଶ୍ର, ଡ. ଦିଲୀପ ସେନାପତି, ବିଜୟ ଚରଣ ମହାନ୍ତି, ଦାଶରଥି ମହାପାତ୍ର, ଆଶାଲତା ପ୍ରଧାନ, ଅନ୍ନପୂର୍ଣ୍ଣା ଦେବୀ, ସଦାଶିବ ମିଶ୍ର, ଚିନ୍ମୟୀ ମିଶ୍ର, ରତିକାନ୍ତ ପ୍ରତିହାରୀ, ଭବାନୀ ପ୍ରସାଦ ବଳିୟାରସିଂ, ମଞ୍ଜୁଶ୍ରୀ ମିଶ୍ର, ମିନତି ମିଶ୍ର, ଜୟନ୍ତୀ ମହାପାତ୍ର ପ୍ରମୁଖ ମତ ରଖିଥିଲେ। ବାଇକଣ୍ଠିଆ ସାହିତ୍ୟ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଲୋକାର୍ପିତ କରିବା ସହ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ତପନ କୁମାର ସେଠୀ, ଅଶୋକ କୁମାର ମିଶ୍ର, କରୁଣାକର ଭୋଳ, ବେଣୁଧର ପାତ୍ର ସହଯୋଗ କରିଥିଲେ। ଗୁରୁଚରଣ ଦାସ ଧନ୍ୟବାଦ ଦେଇଥିଲେ।




ଦି ମିଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

**ଶୈଳେଶ କୁମାର ଭୁବନେଶ୍ୱର ଏମ୍ସର ନୂଆ ଅଧକ୍ଷ**

ଭୁବନେଶ୍ୱର,(ଅସମାପିକା ସାହୁ): ଭୁବନେଶ୍ୱର ଏମ୍ସର ନୂଆ ଅଧକ୍ଷ ଭାବେ ଡା. ଶୈଳେଶ କୁମାରଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



## ସଂକ୍ଷେପରେ

### ୩ କେଜି ଗଞ୍ଜେଇ ଜବତ,ଜଣେ ଗିରଫ

**ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା):** ଜାତୀୟ ରାଜପଥ ପଥ କଡରେ ଗଞ୍ଜେଇ ବେପାର କରିବା ପାଇଁ ଛିଡା ହୋଇଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ପଳାଶୁଣି ଅଞ୍ଚଳରେ ରହୁଥିବା ଯାଜପୁରର ପ୍ରଶାନ୍ତ ଦାସ। ତାଙ୍କଠାରୁ ୩ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନ ମିଳିବାରୁ ପ୍ରଶାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ନିଶାଦ୍ରବ୍ୟ କେଉଁଠାରୁ ଆଣୁଥିଲେ ତାହାର ଖୋଲତାଡ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

### ସୁନା ଚେନ ଲୁଟି ପଳାଉଥିବାବେଳେ ଧରିଲେ ଲୋକେ

**ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା):** କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ମାର୍କେଟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ଫେରାର ହେଇଯାଉଥିବାବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ ଗୋଡାଇ ଧରିଛନ୍ତି। ସେ ହେଲେ ଜଗତ୍‌ସିଂହପୁରର ଲାବୁଲା ପରିଡା। ତାଙ୍କଠାରୁ ଉକ୍ତ ସୁନା ଚେନ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଲାବୁଲାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ନିଧିପଣ୍ଡା ରେଳ ବ୍ରିଜ ନିକଟରେ ଉପମାର୍ଗ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା):** ବାଲେଶ୍ୱର ନିଧିପଣ୍ଡା ରେଲୱେ ବ୍ରିଜ୍ ନିକଟରେ ସୋମବାର ଏକ ଉପମାର୍ଗ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଉପମାର୍ଗ ନିର୍ମାଣ ପାଇଁ ରେଳ ବୋର୍ଡ ଦ୍ୱାରା ଗତ ସେପ୍ଟେମ୍ବର ମାସରେ ୧୪.୭ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଖଡ଼ଗପୁର - ଭଦ୍ରକ ରେଳ ସେକ୍ସନ ଅନ୍ତର୍ଗତ ହଳଦୀପଦା - ବାଲେଶ୍ୱର ମଧ୍ୟରେ ନିଧିପଣ୍ଡା ବ୍ରିଜ (ବ୍ରିଜ ନମ୍ବର ୨୫୯) ଏକ ଗୁରୁତ୍ୱପୂର୍ଣ୍ଣ ସେତୁ। ଏହି ସେତୁର ତଳେ ଦୁଇ ସ୍ଥାନ ମଧ୍ୟରେ ସ୍ଥାନୀୟ ଲୋକମାନେ ଉଭୟ ଯାନବାହନ ଏବଂ ପଥଚାରୀ ଯାତାୟାତ ପାଇଁ ବ୍ୟବହାର କରୁଛନ୍ତି। ବର୍ଷାଦିନରେ ଏହି ପଥ ଜଳବନ୍ଦୀ ହୋଇଯାଏ ଏବଂ ବ୍ରିଜ ତଳେ ଥିବା ମାର୍ଗଟି ସେଠାରେ ଥିବା ଗ୍ରାମଗୁଡିକ ପାଇଁ ସଂଯୋଗ ବିଚ୍ଛିନ୍ନ ହୋଇଯାଏ। ଏହି ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ତଥା ପଥଚାରୀଙ୍କ ପାଇଁ ବିକଳ୍ପ, ନିରାପଦ ବ୍ୟବସ୍ଥା ଯୋଗାଇବା ପାଇଁ ସର୍ଭେ କରାଯାଇଥିଲା। ଖଡ଼ଗପୁର ପାର୍ଶ୍ୱରୁ ବ୍ରିଜ ନିକଟରେ ୫ ମିଟର ଚଉଡା ଓ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଉପମାର୍ଗ ନିର୍ମାଣ ପ୍ରସ୍ତାବ ଦିଆଯାଇଥିଲା। ଏହି ଉପମାର୍ଗ ଭାରି ଯାନ ସମେତ ସମସ୍ତ ପ୍ରକାର ଯାନବାହନ ଯିବା ପାଇଁ ବ୍ୟବହୃତ ହେବ। ବର୍ଷାଦିନ ସମୟରେ ଏହି ଅଞ୍ଚଳ ଜଳପ୍ରବାହ ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଦ୍ୱିତୀୟ ଉପମାର୍ଗ ନିର୍ମାଣ ପାଇଁ ୪ ମିଟର ଚଉଡା ଓ ୨.୭ ମିଟର ଉଚ୍ଚତା ବିଶିଷ୍ଟ ଏକ ଉପମାର୍ଗ ନିର୍ମାଣର ପ୍ରସ୍ତାବ ଦିଆଯାଇଛି। ସେତୁର ନିର୍ମାଣ ଶଯ୍ୟାସ୍ତରଠାରୁ ପ୍ରାୟ ୧.୬ ମିଟର ହେବ ଏବଂ ପ୍ରବଳ ଜଳ ନିଷ୍କାସନ ସମୟରେ ମଧ୍ୟ ଏହା ଏକ ସବୁଦିନିଆ ରାସ୍ତା ଭାବରେ କାର୍ଯ୍ୟ କରିବ। ସୂଚନା ଥାଉ କି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୩ ଜୁନ୍ ୨୧ରେ ବାଲେଶ୍ୱର ଗସ୍ତ ସମୟରେ ସ୍ଥାନୀୟ ଗ୍ରାମ ଗୁଡିକର ଲୋକମାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସମୟରେ ସେମାନଙ୍କର ଦୀର୍ଘଦିନର ଯାତାୟାତ ସମସ୍ୟାର ସମାଧାନ ପାଇଁ ନିଧିପଣ୍ଡା ବ୍ରିଜ ନିକଟରେ ଏକ ଉପମାର୍ଗ ନିର୍ମାଣ ସମ୍ପର୍କରେ ଦାବିପତ୍ର ଗ୍ରହଣ କରିଥିଲେ। ରେଳ ମନ୍ତ୍ରୀ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରେଲୱେର 'ଡିଜାଇନିଂ ଦଳ' ତୁରନ୍ତ ଉପମାର୍ଗ ନିର୍ମାଣ ପାଇଁ ଡିଜାଇନ ପ୍ରସ୍ତୁତ କରି ଦକ୍ଷ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ କରାଇଥିଲା।

# ଆଦିବାସୀ ମେଳାରେ ୫ କୋଟିର ବେପାର

## ମେଳା ବୁଲିଲେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ

**ଭୁବନେଶ୍ୱର,୫।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ୧୧ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୦ ଲକ୍ଷରୁ ଅଧିକ ଦର୍ଶକ ବୁଲିଥିବାବେଳେ ପ୍ରାୟ ୫ କୋଟିରୁ ଅଧିକ ବ୍ୟବସାୟ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଭାଗୀୟ କମିଶନର ତଥା ସଚିବ ରୂପା ରୋଶନ ସାହୁ ଓ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡ. ପୋମା ଟୁଡୁ, ସମ୍ମାନନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ର ଉପଦେଷ୍ଟା ପ୍ରଦୀପ ମାଝୀ, ଅନୁସୂଚିତ ଜାତି ଓ ଅନସୂଚିତ ଜନଜାତି ଜାତି ବିକାଶ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପଛୁଆ ବର୍ଗ ବ୍ୟାପାର ଉପଦେଷ୍ଟା ତାହେରା ଖାତୁନ, ଅନ୍ୱେଶା ଓ ଆକାଂକ୍ଷା ଯୋଜନାର ଉପଦେଷ୍ଟା ଏଲିନା ଦାଶ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



କଳାକାରଙ୍କୁ ପୁରସ୍କାର ପ୍ରଦାନ ଅବସରରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ଅତିଥିମାନେ। (ଫଟୋ-ବିକାଶ ନାୟକ)

ମେଳାର ମୁଖ୍ୟ ଆକର୍ଷଣ ଥିଲା ତିନିଦିନିଆ ବହୁଭାଷୀ ନାଟକ ମହୋତ୍ସବ। ଏହି ମହୋତ୍ସବରେ ସାନ୍ତାଳି, ଦେଶିଆ, ହୋ ଓ ମୁଣ୍ଡାରୀ ଭାଷାରେ ସାମାଜିକ ସଚେତନତା ଓ ବହୁସଂସ୍କୃତିକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ମେଳାରେ ୧୦ଟି ଆଦିବାସୀ କୁଡ଼ିଆ ନିର୍ମାଣ କରାଯାଇଥିଲା। ଏଥିରେ ପ୍ରାୟ ୭ଟି ଆଦିମ ଜନଜାତି ବା ପିଭିଟିଜି ଏବଂ ୩ଟି ଅନ୍ୟ ଆଦିବାସୀ ସମ୍ପ୍ରଦାୟର ଗୋଷ୍ଠୀ ରହିଥିଲେ। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ୪୦ଟି ଦଳ ଦ୍ୱାରା ଆଦିବାସୀ ସଂସ୍କୃତିର ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କାରୀଙ୍କୁ ପୁରସ୍କୃତ କରାଯାଇଥିଲା।



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାର ସୋମବାର ଅନୁଷ୍ଠିତ ଓଡ଼ିଆ ନାଟକ ଓ ଚଳଚ୍ଚିତ୍ର ଉତ୍ସବରେ ପରିବେଷିତ ନୃତ୍ୟ।

# 'ଇଣ୍ଡିଆ ବୁକ ରେକର୍ଡ୍ସ'ରେ ସ୍ଥାନ ପାଇଲେ କୋଣାର୍କର ସରିତା

**କୋଣାର୍କ,୫।୨(ଜ୍ୟୋତିରାଜ ମହାନ୍ତି)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଶିକ୍ଷିତ କୋଣାର୍କ ଅଞ୍ଚଳର ତଥା ଓଡ଼ିଶାର ଜଣେ ସୁପରିଚିତ ବରିଷ୍ଠ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତ ଭାରତର ପ୍ରଥମ ମହିଳା ବାଲୁକା ଶିଳ୍ପୀ ଭାବେ ଦେଶରେ ପ୍ରଥମ ଥର ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଗତ ଜାନୁଆରୀ ୮ରେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଏକ ୪୧. ୨୬ ଫୁଟ୍ ଉଚ୍ଚତାର ବାଲିରେ ସୂର୍ଯ୍ୟମନ୍ଦିରର ବିଶାଳ ବାଲୁକା କଳାକୃତି ସେ ଗଢିଥିଲେ। ବାଲିରେ ଅତି ସୂକ୍ଷ୍ମ ନିଖୁଣ ଭାବେ ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ଥିବା ଏକ ବିଶାଳ ସୂର୍ଯ୍ୟମନ୍ଦିର ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ବିଶାଳ ବାଲୁକା କଳା ଗଢ଼ିବାକୁ ସରିତାଙ୍କ ସହିତ



ତାଙ୍କ ସାଥୀ କୋଣାର୍କ ସ୍ୟାଣ୍ଡ ଆର୍ଟର ଛାତ୍ରୀଛାତ୍ରଙ୍କୁ ଦୀର୍ଘ ୩୬ ଘଣ୍ଟା ସମୟ ଧରି ଏହି ବାଲୁକା କଳା ନିର୍ମାଣ ନିମନ୍ତେ ସମୟ ଲାଗିଥିଲ। ଏହି କଳାକୃତି ପାଇଁ ସେ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ'ରେ ସ୍ଥାନ ହାସଲ କରିଛନ୍ତି। ଗତ ୩ ତାରିଖରେ 'ଇଣ୍ଡିଆ ବୁକ ରେକର୍ଡ' କମିଟି ପକ୍ଷରୁ ସରିତାଙ୍କୁ ଅବଗତ କରାଯିବା ସହ ରେକର୍ଡ୍ସରେ ସ୍ଥାନିତ ହୋଇଥିବା ଏକ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବାଲୁକା କଳା ମାଧ୍ୟମରେ ଭାରତର କଳା ସଂସ୍କୃତିକୁ ଆଗକୁ ନେବାକୁ ଲକ୍ଷ୍ୟ ରଖିଥିବା ବାଲୁକାଶିଳ୍ପୀ ସରିତା କହିଛନ୍ତି। ଆଗାମୀ ଦିନରେ ଭାରତ ତଥା ଓଡ଼ିଶା କଳା ସଂସ୍କୃତିକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର ପୂର୍ବକ ଏହି ବାଲୁକା କଳାକୁ ଆଗକୁ ନେବାର ପ୍ରୟାସ ପାଇ ସେ ପୁରୀର ଅସ୍ତରାଗ ବୃଦ୍ଧାଶ୍ରମରେ ପହଞ୍ଚି ଗୁରୁଜନଙ୍କ ଆଶୀର୍ବାଦ ଗ୍ରହଣ କରିଛନ୍ତି। କୋଣାର୍କ ଅଞ୍ଚଳର ଝିଅ ଭାବେ ସମଗ୍ର ଦେଶରେ ନିଜର ତଥା ସମଗ୍ର ଅଞ୍ଚଳର ନାମକୁ ଉଚ୍ଚ ସ୍ଥାନରେ ରଖିବାକୁ ନେଇ କୋଣାର୍କ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସଂଶା କରାଯିବ ସହିତ ତାଙ୍କର ସଫଳତା ପାଇଁ ଧନ୍ୟବାଦ ଦେଇଛନ୍ତି।

## ପଥରରେ ସଂଘବଦ୍ଧ ଆକ୍ରମଣ: ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

**ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)**

ସୁନ୍ଦରପଦା ହରିଆ ଛକ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ପଥରରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଗଣେଶ ସିଂ (୧୯)। ଗଣେଶଙ୍କୁ କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତ ଅଭିଶେକ ଭୋଇ ଏବଂ ଜଣେ ନାବାଳକଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଜାରି ରଖିଛି। ଅନ୍ୟପକ୍ଷରେ ଆକ୍ରମଣର ଶିକାର ଗୁରୁତର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧିନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।


## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସରୋଜ



@ ରିତୁ



@ ସୁଧାଂଶୁ



@ ପବିତ୍ର


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


# ଏସ୍‌ସିବିରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ

**କଟକ,୫।୨(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ୍‌ରେ ପ୍ରଥମ ଅସ୍ଥିମଜ୍ଜା ପ୍ରତିରୋପଣ ରୋଗୀ ଶୁଭ୍ରାଂଶୁ ସାହୁଙ୍କର ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଏବଂ ଏ ନେଇ ଏସ୍‌ସିବି କର୍ତ୍ତୃପକ୍ଷ ଗଣମାଧ୍ୟମରେ ଭୁଲ୍ ତଥ୍ୟ ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଶୁଭ୍ରାଂଶୁଙ୍କ ବାପା ସନାତନ ସାହୁ ସୋମବାର ଏ ସଂକ୍ରାନ୍ତରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଗତ ଜାନୁଆରୀ ୯ ତାରିଖରେ ଏସ୍‌ସିବିରେ ଶୁଭ୍ରାଂଶୁଙ୍କ ଅସ୍ଥିମଜ୍ଜା ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମ ହାପଲୋ ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବା ଅସ୍ଥିମଜ୍ଜା ପ୍ରତିରୋପଣ ଭଳି ବିରଳ ଅସ୍ତ୍ରୋପଚାର କରି ଏସ୍‌ସିବି ଇତିହାସ ରଚିଥିଲା। ହେଲେ ଅସ୍ତ୍ରୋପଚାରର ୧୦ ଦିନ ପରେ ହଠାତ ଶୁଭ୍ରାଂଶୁଙ୍କର ମୃତ୍ୟୁ ଘଟିଥିଲା। ତେବେ ଅସ୍ତ୍ରୋପଚାର ପରେ ଶୁଭ୍ରାଂଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ ଡାକ୍ତର ସୂଚନା ଦେଇଥିବାବେଳେ ହଠାତ କିପରି ଓ କାହିଁକି ତାଙ୍କର ମୃତ୍ୟୁ ହେଲା



ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନାଙ୍କୁ ସନାତନ ସାହୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଏବଂ ଅସ୍ତ୍ରୋପଚାର ପରେ କାହିଁକି ଠିକ ଭାବେ ଚିକିତ୍ସା କରାଯାଇ ନ ଥିଲା ବୋଲି ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଶୁଭ୍ରାଂଶୁଙ୍କ ବାପା ସନାତନ ଅଭିଯୋଗ କରି କହିଛନ୍ତି ଯେ, ଏସ୍‌ସିବି କର୍ତ୍ତୃପକ୍ଷ କେବଳ ନିଜ ପ୍ରଚାର ପ୍ରସାର କରିବାରେ ବ୍ୟସ୍ତ। ଏଠାରେ ରୋଗୀସେବା ପ୍ରହସନ ପାଲଟିଛି। ଯେଉଁଠି ଓଡ଼ିଶାରେ ଏବେଯାଏ ଏଭଳି ଅସ୍ତ୍ରୋପଚାର କେବେ କରାଯାଇନାହିଁ, ତାହା ପରୀକ୍ଷାମୂଳକ ଭାବେ ଏସ୍‌ସିବି କର୍ତ୍ତୃପକ୍ଷ କାହିଁକି କଲେ। ନିଜ ସଫଳତା ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ରୋଗୀଙ୍କ ଜୀବନକୁ ବାଜି ଲଗାଉଛନ୍ତି। ଚିକିତ୍ସା ଅବହେଳାରୁ ମୋ ବଡ଼ପୁଅ ଶୁଭ୍ରାଂଶୁଙ୍କର ଜୀବନ ଯାଇଛି ଏବଂ ଏହି ମୃତ୍ୟୁକୁ ନେଇ ଗଣମାଧ୍ୟମକୁ ଏସ୍‌ସିବି କର୍ତ୍ତୃପକ୍ଷ ଭୁଲ ତଥ୍ୟ ଦେଇଛନ୍ତି। ଏହିସବୁ ଘଟଣା ମାନସିକ ଭାବେ ମୋତେ ଆଘାତ

**ଅଭିଯୋଗ ଆଣି ଏତଲା ଦେଲେ ପରିବାର ଲୋକେ**

- ଶୁଭ୍ରାଂଶୁଙ୍କର ପ୍ରଥମ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା
- ମୃତ୍ୟୁ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଭୁଲ୍ ତଥ୍ୟ ଦେଇଛନ୍ତି

ଦେଇଛି। ଏସ୍‌ସିବି କର୍ତ୍ତୃପକ୍ଷ ନିଜ ଭୁଲ୍ ସ୍ୱୀକାର ସହ ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ ବୋଲି ସନାତନ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା କହିଛନ୍ତି, ଲିଖିତ ଅଭିଯୋଗକୁ ଗ୍ରହଣ କରାଯିବା ସହ ଏକ କେସ୍ (ନଂ. ୪୪/୨୪) ରୁଜୁକରାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଉକ୍ତ ଘଟଣା ସଂକ୍ରାନ୍ତରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

# ଅର୍ପଣ ଚାଉଳରେ ଉଷୁନା ମିଶିଥିବା ଅଭିଯୋଗ

**ପୁରୀ,୫।୨(ଅଜିତ୍ ମହାନ୍ତି)**

**ଅନଶନ କରିବାକୁ ଚେତାବନୀ ଦେଲେ ସେବାୟତ ଦାମୋଦର ମହାସୁଆର**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ସାରା ରାଜ୍ୟରେ ଅର୍ପଣ ରଥ ବୁଲିଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଗୁଆ ଓ ଚାଉଳ ଦାନ କରିଥିଲେ। ଉକ୍ତ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କ ନିକଟରେ ଭୋଗ ଲଗାଯାଇ ଭକ୍ତଙ୍କୁ ବଣ୍ଟାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଚାଉଳର ମାନ ନିରୀକ୍ଷଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସବ୍‌କମିଟି ଗଠନ କରାଯାଇଥିଲା। ଚାଉଳର ମାନ ନିରୀକ୍ଷଣ ପରେ ରବିବାର ସେହି ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯାଇଥିଲା। ଯାହାକୁ ନେଇ ଭକ୍ତମାନେ ଖୁସି ପ୍ରକାଶ କରିଥିଲେ। ତେବେ ସୋମବାର ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ତଥା ଉକ୍ତ କମିଟିର ସଦସ୍ୟ ଦାମୋଦର ମହାସୁଆର ଅର୍ପଣ ଚାଉଳରୁ ଉଷୁନା ବାହାରିଥିବା ନେଇ ଅଭିଯୋଗ ଆଣିଛନ୍ତି। ଦାମୋଦର କହିଛନ୍ତି, ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଉଷୁନା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ ହୋଇପାରିବନାହିଁ। ତେଣୁ ଏହି ଚାଉଳରେ ମହାପ୍ରସାଦ ପ୍ରସ୍ତୁତି ବନ୍ଦ କରାନଗଲେ ସେ ଆମରଣ ଅନଶନ କରିବେ। ରବିବାର ଅର୍ପଣ ଚାଉଳକୁ ସେ ନିରୀକ୍ଷଣ କରିଥିଲେ, ମାତ୍ର ତାଙ୍କ ନଜରରେ ଉଷୁନା ଚାଉଳ ଆସିନଥିଲା। ତେବେ ସୋମବାର ସେ ଚାଉଳ ଯାଞ୍ଚ କଲାବେଳେ ଅରୁଆଚାଉଳରେ ଉଷୁନା ଚାଉଳ ମିଶିଥିବା ଦେଖିବାକୁ ପାଇଥିଲେ। ଏ କଥା ଅନ୍ୟମାନଙ୍କୁ ଜଣାଇଥିଲେ। କିନ୍ତୁ କେହି ତାଙ୍କ କଥା ନ ଶୁଣିବାରୁ ସେ ବାଧହୋଇ ଗଣମାଧ୍ୟମ ସାମ୍ନାକୁ ଆସିଲେ। ଏ ସଂକ୍ରାନ୍ତରେ ସେ ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକଙ୍କୁ ଜଣାଇବେ ବୋଲି ଦାମୋଦର କହିଛନ୍ତି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ସୁଆର ମହାସୁଆର ନିଯୋଗର ପ୍ରତିକ୍ରିୟା ମିଳିପାରିନାହିଁ।



ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ବରୁଣ ଘୋଷ ଅଷ୍ଟ୍ରେଲୀୟ ସିନେଟ୍‌କୁ ମନୋନୀତ ହୋଇଛନ୍ତି। ଆସନ୍ତା ସପ୍ତାହରୁ ଅଷ୍ଟ୍ରେଲୀୟ ସିନେଟରେ ସେ ନିଜ ପଦ ସମ୍ଭାଳିବେ। ଅଷ୍ଟ୍ରେଲୀୟ ସିନେଟ୍‌ରେ ପଶ୍ଚିମ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରିବା ପାଇଁ ବରୁଣଙ୍କ ନାଁକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛି ଅଷ୍ଟ୍ରେଲିଆର ଲେବର ପାର୍ଟି।

# ‘ଗଣତନ୍ତ୍ରର ହତ୍ୟା ହେବାକୁ ଦିଆଯିବ ନାହିଁ’

**ଚଣ୍ଡିଗଡ଼ ମେୟର ନିର୍ବାଚନ ପ୍ରସଙ୍ଗରେ ସୋମବାର ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। କୌଣସି ସ୍ଥିତିରେ ଗଣତନ୍ତ୍ରର ହତ୍ୟା ହେବାକୁ ଦିଆଯିବ ନାହିଁ ବୋଲି କହିବା ସହ ଆସନ୍ତା ୭ ତାରିଖରେ ହେବାକୁ ଥିବା କର୍ପୋରେଶନର ପ୍ରଥମ ବୈଠକକୁ ସର୍ବୋଚ୍ଚ ଅଦାଲତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଛନ୍ତି।**

## ଚଣ୍ଡିଗଡ଼ ମେୟର ନିର୍ବାଚନ ବିବାଦରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୫।୨

ଚଣ୍ଡିଗଡ଼ ମେୟର ନିର୍ବାଚନ ବିବାଦ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ମେୟର ନିର୍ବାଚନର ବାଲଟ ପେପର, ଭିଡିଓଗ୍ରାଫି ସମେତ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ରେକର୍ଡ ମଗାଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଜରିଆରେ ସେଗୁଡ଼ିକୁ ଦାଖଲ କରିବା ପାଇଁ କୁହାଯାଇଛି। ୭ ତାରିଖରେ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନର ପ୍ରଥମ ବୈଠକ ହେବାକୁ ଥିବାବେଳେ ଅଦାଲତ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପୌର ନିଗମରେ ଏଏପି-କଂଗ୍ରେସ ମେଣ୍ଟର ୨୦ କାଉନସିଲର ଥିବାବେଳେ ୧୬ ଖଣ୍ଡ ଭୋଟ ପାଇଥିବା ଭାଜପା ପ୍ରାର୍ଥୀ ମନୋଜ ସୋଙ୍କରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ମୋଟ ୩୬ ଭୋଟ ପଡ଼ିଥିବାବେଳେ ସେଥିରୁ ୮ଟି ଭୋଟକୁ ନିର୍ବାଚନ କର୍ତ୍ତୃପକ୍ଷ ନାକଚ କରିଦେଇଥିଲେ। ଏଏପି-କଂଗ୍ରେସ ମେଣ୍ଟ ପ୍ରାର୍ଥୀ କୁଲଦୀପ ସିଂ ୧୨ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ।



ରିଟର୍ନିଂ ଅଫିସର ମେଣ୍ଟର ୮ଟି ଭୋଟକୁ ନାକଚ କରିଥିବାରୁ ଏହାକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ସାନି ନିର୍ବାଚନ ଦାବି କରାଯାଇଥିଲା। ହାଇକୋର୍ଟ ଏହା ଉପରେ କୌଣସି ପଦକ୍ଷେପ ନେବାକୁ ମନା କରିଦେବା ପରେ ଏଏପି କାଉନସିଲର କୁଲଦୀପ ସିଂ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ରିଟର୍ନିଂ ଅଫିସର (ଆରଓ) ବାଲଟଗୁଡ଼ିକୁ ବିକୃତ କରିଥାଇପାରନ୍ତି, ତେଣୁ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଏହା ଗଣତନ୍ତ୍ରର ଉପହାସ। ଆରଓ ଗଣତନ୍ତ୍ରର ହତ୍ୟା କରିଛନ୍ତି। ସେ ଯାହା କରିଛନ୍ତି, ସେଥିରେ ଆମେ ସ୍ତବ୍ଧ। ଏହା କ’ଣ ନିର୍ବାଚନ ପରିଚାଳନାର ମାର୍ଗ କି ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ବାଲଟ ତଳଭାଗରେ ଛକି ଚିହ୍ନ ଥିବା ଦେଖି ସେହି ସମୟରେ ଆରଓ ବାଲଟଗୁଡ଼ିକୁ ବିକୃତ କରିଥିବେ। ଆମେ ଗଣତନ୍ତ୍ରକୁ ଏଭଳି ଭାବରେ ମାରିଦେବାକୁ ଦେବୁ ନାହିଁ। ଦେଶରେ ଏକମାତ୍ର ଦୃଢ଼ ଶକ୍ତି ହେଲା ଗଣତନ୍ତ୍ରର ସ୍ୱଚ୍ଛତା ବୋଲି ସିଜେଆଇ କହିଛନ୍ତି। ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି।

ମେୟର ନିର୍ବାଚନରେ ଜାଲିଆତି ହୋଇଥିବା ଏଏପି ଏବଂ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ନିର୍ବାଚନକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଅସାମ୍ବିଧାନିକ ଓ ବେଆଇନ କହିବା ସହ ଏଭଳି କାର୍ଯ୍ୟକୁ ଦେଶଦ୍ରୋହ କହିଥିଲେ। ନିର୍ବାଚନକୁ ଭାଜପା ଲୁଟ୍ କରୁଥିବା ସେ ଅଭିଯୋଗ କରିଥିଲେ। ମେୟର ନିର୍ବାଚନରେ ବିବାଦକୁ ନେଇ ସମାଲୋଚନା ଜୋର୍ ଧରିବା ସହ ଦିଲ୍ଲୀରେ ଉଭୟ ଗୋଷ୍ଠୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଆସ୍ଥା ଜିତିଲେ ଚମ୍ପାଇ ସୋରେନ୍



ଝାଡ଼ଖଣ୍ଡ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଓ ଅନ୍ୟ ବିଧାୟକମାନେ।

ରାଞ୍ଚି,୫।୨

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ସୋମବାର ବିଧାନସଭାରେ ଆସ୍ଥା ଭୋଟ ଜିତିଛନ୍ତି। ତାଙ୍କ ସରକାରଙ୍କ ସପକ୍ଷରେ ଶାସକ ମେଣ୍ଟର ୪୭ ବିଧାୟକ ଭୋଟ ଦେଇଥିବାବେଳେ ବିପକ୍ଷରେ ୨୯ ଭୋଟ ଯାଇଥିଲା। ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆସ୍ଥା ଭୋଟରେ ଭାଗ ନେଇଥିଲେ। ଚମ୍ପାଇ ଆସ୍ଥା ଭୋଟରେ ବିଜୟୀ ହୋଇଥିବା ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଘୋଷଣା କରିଥିଲେ। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ମ୍ୟାଜିକ୍ ନମ୍ବର ୪୧। ଚମ୍ପାଇଙ୍କ ସପକ୍ଷରେ ୪୭ ବିଧାୟକଙ୍କ ସମର୍ଥନ ଥିବା ଏବଂ ଏହା ୫୦କୁ ବଢ଼ିପାରେ ବୋଲି ସେ ପୂର୍ବରୁ କହିଥିଲେ।

ହେମନ୍ତଙ୍କ ଇସ୍ତଫା ପରେ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଥିବା ଚମ୍ପାଇଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ କହିଥିଲେ। ଏଥିପାଇଁ ସୋମବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଚମ୍ପାଇ ଆସ୍ଥା ପ୍ରସ୍ତାବ ଆଣିବା ପରେ ଭାଜପା ଉପରେ ଜୋର୍‌ଦାର ବର୍ଷିଥିଲେ। ରାଜ୍ୟର ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ବୋଲି ସେ କହିଥିଲେ। ଏଥିସହିତ ସେ ହେମନ୍ତଙ୍କୁ କ୍ଲିନ୍‌ଚିଟ ଦେଇଥିଲେ। ସେ କୌଣସି ଅପରାଧ କରି ନ ଥିବାବେଳେ ତାଙ୍କୁ ମିଥ୍ୟା ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

### ଦୁର୍ନୀତିର ପ୍ରମାଣ ଦେଲେ ରାଜନୀତି ଛାଡ଼ିଦେବି: ହେମନ୍ତ

ହେମନ୍ତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ତାଙ୍କ ବିରୋଧରେ ଜମି ଦୁର୍ନୀତିର ପ୍ରମାଣ ଦେବାକୁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଆହ୍ୱାନ ଦେଇଛନ୍ତି। ଦୁର୍ନୀତି ପ୍ରମାଣ ଦେଇପାରିଲେ, ରାଜନୀତି ଛାଡ଼ିଦେବେ ବୋଲି ହେମନ୍ତ କହିଛନ୍ତି। ତାଙ୍କ ଗିରଫଦାରି ପଛରେ କେନ୍ଦ୍ରର ଷଡ଼ଯନ୍ତ୍ର ଏବଂ ରାଜ୍ୟପାଳଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗ ଆଣିଛନ୍ତି। ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଆଶଙ୍କାରେ ଶାସକ ମେଣ୍ଟର ବିଧାୟକମାନେ ହାଇଦ୍ରାବାଦ ଚାଲିଯାଇଥିଲେ।

## ୭୮,୬୭୩ କୋଟିର ଅତିରିକ୍ତ ଖର୍ଚ୍ଚଦାବି ଆଗତ

**ନୂଆଦିଲ୍ଲୀ,୫।୨:** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ସୋମବାର ୭୮,୬୭୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିବା ସହ ଲୋକ ସଭାର ଅନୁମୋଦନ ଲୋଡ଼ିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିମ୍ନ ସଦନରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ମୋଟ ଅତିରିକ୍ତ ଖର୍ଚ୍ଚ ୨ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୧.୨୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଞ୍ଚୟରୁ ଭରଣା କରାଯିବ ବୋଲି ସୀତାରାମନ୍ କହିଛନ୍ତି।

## ଅସୁସ୍ଥ ସ୍ତ୍ରୀଙ୍କୁ ଭେଟି ପାରିବେ ସିସୋଦିଆ

**ନୂଆଦିଲ୍ଲୀ, ୫।୨:** ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ନେତା ମନୀଷ ସିସୋଦିଆଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ଥିବା ମନୀଷଙ୍କୁ ନିଜର ଅସୁସ୍ଥ ସ୍ତ୍ରୀ ସୀମା ସିସୋଦିଆଙ୍କୁ ଭେଟିବାକୁ ଅନୁମତି ପ୍ରଦାନ କରିଛନ୍ତି ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ। ମନୀଷ ସପ୍ତାହକୁ ଥରେ ପାରୋଲରେ ଯାଇ ସ୍ତ୍ରୀଙ୍କୁ ଭେଟିପାରିବେ। ସ୍ତ୍ରୀ ଅସୁସ୍ଥ ଥିବା ହେତୁ ତାଙ୍କୁ ହାଜତ ପୋରୋଲରେ ସପ୍ତାହକୁ ଦୁଇଦିନ ଭେଟିବା ପାଇଁ ଗତମାସରେ ସିସୋଦିଆଙ୍କ ତରଫରୁ କୋର୍ଟରେ ଆବେଦନ କରାଯାଇଥିଲା।

# ଭାରତୀୟଙ୍କୁ ୫ ଗ୍ରାମୀ ଆୱାର୍ଡ



୬୬ତମ ଗ୍ରାମୀ ଆୱାର୍ଡ ଉତ୍ସବରେ ଫ୍ୟୁଜନ୍ ବ୍ୟାଣ୍ଡ ଶକ୍ତିର ଉସ୍ତାଦ ଜାକିର ହୁସେନ, କଣ୍ଠଶିଳ୍ପୀ ଶଙ୍କର ମହାଦେବନ, ଡ୍ରମ୍ ବାଦକ ଭି. ସେଲ୍‌ଭାଗଣେଶ ଏବଂ ଭାଓଲିନ୍ ବାଦକ ଗଣେଶ ରାଜଗୋପାଳ ଫଟୋ ପୋଜ୍ ଦେଉଛନ୍ତି।

ନୂଆଦିଲ୍ଲୀ,୫।୨(ପି.ଟି.)

ଲସ୍‌ଏଞ୍ଜେଲସ୍‌ରେ ଅନୁଷ୍ଠିତ ୨୦୨୪ ଗ୍ରାମୀ ଆୱାର୍ଡ ଉତ୍ସବରେ ଭାରତୀୟ ସଙ୍ଗୀତକୁ ବଡ଼ ସଫଳତା ମିଳିଛି। ତବଲା ଉସ୍ତାଦ ଜାକିର ହୁସେନ୍, ବଂଶୀବାଦକ ରାକେଶ ଚୌରାସିଆଙ୍କ ସମେତ ୫ ଜଣ ଭାରତୀୟ ସଙ୍ଗୀତକାର ଗ୍ରାମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ହୁସେନଙ୍କୁ ସର୍ବାଧିକ ୩ଟି ଗ୍ରାମୀ ପୁରସ୍କାର ମିଳିଥିବାବେଳେ ରାକେଶ ୨ଟି ପାଇଛନ୍ତି। ଗାୟକ ଶଙ୍କର ମହାଦେବନ, ଭାଓଲିନ୍ ବାଦକ ଗଣେଶ ରାଜଗୋପାଳନ ଏବଂ ଡ୍ରମ୍ ବାଦକ ସେଲ୍‌ଭାଗଣେଶ ବିନାୟାକ୍ରମ, ଫ୍ୟୁଜନ ଗ୍ରୁପ୍ ଶକ୍ତିରେ ହୁସେନ୍‌ଙ୍କ ସହଯୋଗୀ ଗୋଟିଏ ଲେଖାଏ ଗ୍ରାମୀ ପୁରସ୍କାର ପାଇଛନ୍ତି।

‘ଦିସ୍ ମୋମେଣ୍ଟ’ ସଙ୍ଗୀତ ପାଇଁ ଫ୍ୟୁଜନ ବ୍ୟାଣ୍ଡ ଶକ୍ତିକୁ ଶ୍ରେଷ୍ଠ ଗ୍ଲୋବାଲ୍ ମ୍ୟୁଜିକ୍ ଆଲ୍‌ବମ୍ ବିଭାଗରେ ଗ୍ରାମୀ ପୁରସ୍କାର ମିଳିଛି। ଉକ୍ତ ଆଲ୍‌ବମ୍‌ରେ ୪ ଭାରତୀୟଙ୍କ ସମେତ ବ୍ରିଟିଶ ଗିଟାରିଷ୍ଟ ଜନ୍ ମାକ୍‌ଲୁଗ୍ଲିନ୍ ରହିଛନ୍ତି। ୨୦୨୩ ଜୁନ୍‌ରେ ମୁକ୍ତିଲାଭ କରିଥିବା ‘ଦିସ୍ ମୋମେଣ୍ଟ’ ଶକ୍ତି ଗ୍ରୁପ୍‌ର ପ୍ରଥମ ଷ୍ଟୁଡିଓ ଆଲ୍‌ବମ୍ ଥିଲା। ଶକ୍ତି ପାଇଁ ପୁରସ୍କାର ସମେତ ହୁସେନ୍‌ଙ୍କୁ ‘ପାଷ୍ଟୋ’ରେ ସର୍ବଶ୍ରେଷ୍ଠ ବିଶ୍ୱସ୍ତରୀୟ ସଙ୍ଗୀତ ପରିବେଷଣ ଏବଂ ‘ଆଜ୍ ୱି ସ୍ୱିକ୍’ ଶ୍ରେଷ୍ଠ ସମସାମୟିକ ବାଦ୍ୟଯନ୍ତ୍ର ଆଲବମ୍ ପାଇଁ ଗ୍ରାମୀ ପୁରସ୍କାର ମିଳିଛି। ସେହିପରି କିମ୍ବଦନ୍ତୀ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ପୁତୁରା ରାକେଶ ଚୌରାସିଆ ପାଷ୍ଟୋ ଏବଂ ଆଜ୍ ୱି ସ୍ୱିକ୍ ପାଇଁ ୨ଟି ପୁରସ୍କାର ପାଇଛନ୍ତି।

## ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ, ୧୦ ପୋଲିସ ନିହତ

ପେଶାୱାର, ୫।୨ (ପି.ଟି.)

ପାକିସ୍ତାନ ସାଧାରଣ ନିର୍ବାଚନକୁ ଆଉ ମାତ୍ର ୩ ଦିନ ବାକିଥିବାବେଳେ ଉତ୍ତର ପଶ୍ଚିମ ପାକିସ୍ତାନର ଏକ ପୋଲିସ ଷ୍ଟେଶନ୍‌ରେ ଆତଙ୍କବାଦୀମାନେ କରିଛନ୍ତି ଆକ୍ରମଣ। ଉତ୍ତର ପଶ୍ଚିମ ପାକିସ୍ତାନର ଖ୍ୟବର ପଖତୁନଖ୍ୱା ପ୍ରଦେଶର ଡେରା ଇସ୍ମାଇଲ ଖାନ ଜିଲାର ଚୋଦୱାଁ ଥାନାରେ ଆତଙ୍କବାଦୀଙ୍କ ଏହି ଆକ୍ରମଣରେ ୧୦ ଜଣ ପୋଲିସ ନିହତ ହୋଇଥିବା ବେଳେ ୬ ଜଣ ଆହତ ହୋଇଥିବା ସୂଚନା ଦେଇଛନ୍ତି ଡେରା ଇସ୍ମାଇଲ ଖାନ ଡିଭିଜନର ଜଣେ ପୋଲିସ ଅଧିକାରୀ। ସମସ୍ତ ଆହତ ହୋଇଥିବା ପୋଲିସ କର୍ମଚାରୀଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ ସୋମବାର ଭୋର୍‌ରୁ ସଶସ୍ତ୍ର ଆତଙ୍କବାଦୀ ଉକ୍ତ ପୋଲିସ ଷ୍ଟେଶନ୍‌କୁ ଚାରିଆଡୁ ଘେରିଯାଇ ଗ୍ରେନେଡ୍ ମାଡ଼ କରିବା ସହ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ପୋଲିସର ସୂଚନା ଅନୁଯାୟୀ ପାକିସ୍ତାନୀ ସୁରକ୍ଷା ବାହିନୀ ଦ୍ୱାରା ସମ୍ପୃକ୍ତ ଅଞ୍ଚଳକୁ କର୍ଡନ କରି ରଖାଯାଇଥିବାବେଳେ ଆତଙ୍କହବାଦୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବେଲୁଚିସ୍ତାନ ପ୍ରଦେଶରେ ଲଗାତାର ୩ ଥର ଆତଙ୍କବାଦୀ ଆକ୍ରମଣ ହୋଇଥିବା ବେଳେ ଏଥିରେ ୪ ଜଣ ସରକାରୀ କର୍ମଚାରୀଙ୍କ ସହ ୨ ଜଣ ନାଗରିକ ନିହତ ହୋଇଥିଲେ।

## ନିର୍ବାଚନ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରନାହିଁ

ନୂଆଦିଲ୍ଲୀ,୫।୨(ପି.ଟି.)

### ରାଜନୈତିକ ଦଳଙ୍କୁ ସତର୍କ କରାଇଲେ ନିର୍ବାଚନ କମିଶନ

ନିର୍ବାଚନ ପ୍ରଚାରରେ ପିଲାମାନଙ୍କୁ କୌଣସି ପ୍ରକାରେ ବ୍ୟବହାର କରାଯାଇପାରିବ ନାହିଁ। ସେମାନଙ୍କୁ ପୋଷ୍ଟର, ପ୍ରଚାରପତ୍ର ବାଣ୍ଟିବା କିମ୍ବା ସ୍ଲୋଗାନ ଦେବାରେ ନିୟୋଜିତ କରାଯିବ ନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ(ଇସି) ସୋମବାର ଏକ ଆଡଭାଇଜରି ଜାରି କରି ରାଜନୈତିକ ଦଳଗୁଡ଼ିକୁ ସତର୍କ କରାଇଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଦଳ ଏବଂ ପ୍ରାର୍ଥୀ ଯଦି ପିଲାମାନଙ୍କୁ ବ୍ୟବହାର କରନ୍ତି, ତେବେ ତାହାକୁ ବରଦାସ୍ତ କରାଯିବ ନାହିଁ । ଏପରିକି ପ୍ରଚାର ବେଳେ ପିଲାଙ୍କୁ କୋଳରେ ନ ଧରିବା ଏବଂ ପ୍ରଚାର ଗାଡ଼ି କିମ୍ବା ରାଲିରେ ନ ନେବା ପାଇଁ କୁହାଯାଇଛି। ତେବେ ରାଜନୈତିକ ଦଳ ଦ୍ୱାରା ନିର୍ବାଚନ ପ୍ରଚାରରେ ସାମିଲ ନ ଥିବା ମାଆବାପା କିମ୍ବା ଅଭିଭାବକଙ୍କ ସହ ପିଲା ଉପସ୍ଥିତ ଥିଲେ ତାହାକୁ ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ ଧରାଯିବ ନାହିଁ। ଶିଶୁ ଶ୍ରମ ସମ୍ପର୍କିତ ଆନୁଷଙ୍ଗିକ ଆଇନର ଅନୁପାଳନକୁ ସୁନିଶ୍ଚିତ କରିବାରେ ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର ବ୍ୟକ୍ତିଗତ ଭାବେ ଦାୟୀ ରହିବେ। ନିର୍ବାଚନ କଳ ଦ୍ୱାରା ସେମାନଙ୍କ ଅଞ୍ଚଳରେ ଉପରୋକ୍ତ ବ୍ୟବସ୍ଥାର ଉଲ୍ଲଂଘନ ପାଇଁ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ଚେତାବନୀ ଦେଇଛନ୍ତି।

# ଚିଲି ବନାଗ୍ନି ମୃତ୍ୟୁସଂଖ୍ୟା ୧୧୨କୁ ବୃଦ୍ଧି

ସାଣ୍ଟିଆଗୋ, ୫।୨

ଦୁଇ ଦିନ ତଳେ ଚିଲିରେ ଲାଗିଥିବା ବନାଗ୍ନି ଧୀରେ ଧୀରେ କରାଳ ରୂପ ଧାରଣ କରିବାକୁ ଲାଗିଛି। ଏହା କ୍ରମଶଃ ବ୍ୟାପି ଜନ ବହୁଳ ଅଞ୍ଚଳରେ ପ୍ରଭାବ ବିସ୍ତାର କରୁଥିବାରୁ ଦେଶର ମୃତ୍ୟୁ ସଂଖ୍ୟା ୧୧୨କୁ ବୃଦ୍ଧି ଘଟିଛି। ବନାଗ୍ନି ଦ୍ୱାରା ପ୍ରଭାବିତ ହୋଇଥିବା ଅନେକ ସହରରେ କର୍ଫ୍ୟୁ ଜାରି କରିଛି ସ୍ଥାନୀୟ ପ୍ରଶାସନ। ଏହି ବନାଗ୍ନିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଭିନା ଡେଲ୍ ମାର୍ ସହର। ଏଠାରେ ସର୍ବାଧିକ ତୀବ୍ରତାର ସହ ନିଆଁ ଜଳୁଥିବାରୁ



ବର୍ତ୍ତମାନ ସୁଦ୍ଧା ୧୬୦୦ ଜନସାଧାରଣ ବାସହୀନ ହୋଇଯାଇଥିବାର ସୂଚନା ଦେଇଛନ୍ତି ସ୍ଥାନୀୟ ଅଧିକାରୀ। ଏହି ସହରର ଅନେକ ଅଞ୍ଚଳ ନିଆଁ ଓ ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିବାରୁ ଏଠାକାର କିଛି ଲୋକ ନିଜ ଘର ମଧ୍ୟରେ ଫସି ରହିଥିବାର ଆଶଙ୍କା କରାଯାଉଛି। ସ୍ଥାନୀୟ ଅଧିକାରୀଙ୍କ ସୂଚନା ମୁତାବକ ଭିନା ଡେଲ ମାର ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୦୦ ଜଣ ନିଖୋଜ ରହିଛନ୍ତି। ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଚିଲି ରାଷ୍ଟ୍ରପତି ଗାର୍ବିଏଲ ବୋରିକ୍ ଦେଶବାସୀଙ୍କୁ ସମ୍ବୋଧନ କରି ଧୈର୍ଯ୍ୟର ସହ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଥିବା ଦଳଗୁଡ଼ିକୁ ସହଯୋଗ କରିବାକୁ ସେ ଦେଶର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ବିରୋଧୀ ଖୁବ୍‌ଶୀଘ୍ର ଦର୍ଶକ ଗ୍ୟାଲେରିକୁ ଯିବେ: ମୋଦି

ନୂଆଦିଲ୍ଲୀ,୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବା ଅବସରରେ ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ନିଶ୍ଚୟ ୩୭୦ ଆସନରେ ଜିତିବା ସହ ଏନ୍‌ଡିଏ ମେଣ୍ଟ ୪୦୦ ଆସନ ଅତିକ୍ରମ କରିବ ବୋଲି କହିଛନ୍ତି। ତାଙ୍କ ତୃତୀୟ ପାଳି ସରକାର ବହୁତ ବଡ଼ ନିଷ୍ପତ୍ତି ନେବ ଏବଂ ଆଗାମୀ ୧,୦୦୦ ବର୍ଷ ପାଇଁ ଭାରତର ଦୃଢ଼ ମୂଳଦୁଆ ପକାଯିବ। ଏହି ଅବସରରେ ସେ କଂଗ୍ରେସ ଉପରେ ଜୋର୍‌ଦାର ବର୍ଷିଛନ୍ତି। ସେମାନେ ଦୀର୍ଘଦିନ ବିରୋଧୀ ଆସନରେ ବସିବା ଲାଗି ସଂକଳ୍ପ



ନେଇଥିଲେ ଏବଂ ଆଗାମୀ ନିର୍ବାଚନରେ ପାର୍ଲାମେଣ୍ଟର ଦର୍ଶକ ଗ୍ୟାଲେରିରେ ବସିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିରୋଧୀଙ୍କ ମଧ୍ୟରୁ ଅନେକେ ନିର୍ବାଚନ ଲଢ଼ିବାର ସାହସ ହରାଇଛନ୍ତି। ଗତ ନିର୍ବାଚନରେ କେତେଜଣ ଆସନ ବଦଳାଇଥିଲେ। ଏଥର ଅନେକ ଲୋକ ସଭା ପରିବର୍ତ୍ତେ ରାଜ୍ୟ ସଭାକୁ ଯିବା ଲାଗି ଚାହୁଁଥିବା ଶୁଣିବାକୁ ମିଳୁଛି ବୋଲି ମୋଦି କହିଥିଲେ। କଂଗ୍ରେସ ଗୋଟିଏ ସାମଗ୍ରୀକୁ ବାରମ୍ବାର ଲଞ୍ଚ୍ କରୁଥିବାରୁ ଏହାର ଦୋକାନ ବନ୍ଦ ହେବାକୁ ବସିଛି। ପରିବାର ପରିଚାଳିତ ଦଳ ଗଣତନ୍ତ୍ର ପାଇଁ ଭଲ ନୁହେଁ। କଂଗ୍ରେସ ବାତିଲ ସଂସ୍କୃତିରେ ଅଟକିଯାଇଛି। ୨୦୧୪ରେ ଅନ୍ତରୀଣ ବଜେଟ ବେଳେ ଭାରତ ୧୧ତମ ବୃହତ୍ ଅର୍ଥନୀତି ଥିଲା। ଆଗାମୀ ୩ ଦଶନ୍ଧିରେ ଏହା ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ସେତେବେଳେ ସେମାନେ କହୁଥିଲେ। ଆମର ତୃତୀୟ ପାଳି ସରକାର ତାହା ହାସଲ କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ବିହାର କଂଗ୍ରେସର ୧୬ ବିଧାୟକ ହାଇଦ୍ରାବାଦରେ

### ନୀତୀଶଙ୍କ ଆସ୍ଥା ଭୋଟ ପୂର୍ବରୁ କଂଗ୍ରେସକୁ ଘୋଡ଼ା ବେପାର ଭୟ

ହାଇଦ୍ରାବାଦ୍, ୫।୨

ବିହାରରେ ଭାଜପା ସହ ମିଶି ନୀତୀଶ କୁମାର ନୂଆ ସରକାର ଗଠନ କରିଥିବାବେଳେ ଚଳିତ ଫେବୃଆରୀ ୧୨ ତାରିଖରେ ବିଧାନସଭାରେ ହେବାକୁ ଥିବା ଆସ୍ଥା ଭୋଟରେ ସେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବେ। ତେବେ ଏହି ଆସ୍ଥା ଭୋଟ ପୂର୍ବରୁ କଂଗ୍ରେସକୁ ଘାରିଛି ଘୋଡ଼ା ବେପାର ଭୟ। ଶାସନରେ ଥିବା ଭାଜପା କିମ୍ବା ଜନତା ଦଳ ୟୁନାଇଟେଡ(ଜେଡିୟୁ)ପକ୍ଷରୁ କଂଗ୍ରେସ ବିଧାୟକଙ୍କୁ ଘୋଡ଼ାବେପାର କରି କିଣିବାକୁ ପ୍ରୟାସ କରାଯିବା ନେଇ ଆତଙ୍କିତ ରହିଛି କଂଗ୍ରେସ। ଦଳର ୧୯ ବିଧାୟକଙ୍କ ମଧ୍ୟରୁ ୧୬ ବିଧାୟକଙ୍କୁ ଦିଲ୍ଲୀରୁ ଏକ ଚାର୍ଟାର୍ଡ ବିମାନ ଯୋଗେ ହାଇଦ୍ରାବାଦ ପଠାଇଛି କଂଗ୍ରେସ। ତେବେ ଦଳର ବାକି ୩ ବିଧାୟକ ସିଦ୍ଧାର୍ଥ ସୌରଭ, ଆବିଦୁର ରେହେମାନ ଓ ବିଜୟ ଶଙ୍କର ଦୁବେ ଖୁବଶୀଘ୍ର ହାଇଦ୍ରାବାଦରେ ପହଞ୍ଚିବେ ବୋଲି ସୂଚନା ଦେଇଛନ୍ତି ବିହାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଖିଳେଶ ସିଂ। ହାଇଦ୍ରାବାଦ ଉପକଣ୍ଠରେ ଥିବା ରଙ୍ଗାରେଡ୍ଡୀ ଜିଲାର ଏକ ରିସୋର୍ଟରେ ଆସନ୍ତା ଫେବୃଆରୀ ୧୧ ପର୍ଯ୍ୟନ୍ତ ବିଧାୟକ ମାନେ ରହିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭାଜପା ସହ ମିଶି ନୂଆ ସରକାରର ଶପଥ ଗ୍ରହଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ସହ ୧୨୮ ବିଧାୟକଙ୍କ ସମର୍ଥନ ରହିଥିବା ନେଇ ଏକ ସମର୍ଥନ ପତ୍ର ବିହାର ରାଜ୍ୟପାଳଙ୍କୁ ଦେଇଥିଲେ।

## ମେ’ ୧୦ ସୁଦ୍ଧା ଭାରତୀୟ ସୈନ୍ୟ ମାଳଦ୍ୱୀପରୁ ବିଦା ହେବେ: ମୁଇଜ୍ଜୁ

ମାଲେ,୫।୨

ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟଙ୍କୁ ମେ’ ୧୦ ସୁଦ୍ଧା ଫେରାଇ ଦିଆଯିବ। ମାର୍ଚ୍ଚ ୧୦ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସୈନ୍ୟ ଫେରିବାକୁ ଥିବାବେଳେ ଅନ୍ୟମାନେ ମେ’ ୧୦ ପୂର୍ବରୁ ଫେରିଯିବେ ବୋଲି ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ପାର୍ଲାମେଣ୍ଟରେ କହିଛନ୍ତି। ଦେଶରୁ ବିଦେଶୀ ସୈନ୍ୟଙ୍କୁ ବିଦା କରିବା ପାଇଁ ଚାଇନା ସପକ୍ଷବାଦୀ ମୋଇଜ୍ଜୁ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସରକାର ପ୍ରତି ସଂଖ୍ୟାଗରିଷ୍ଠ ମାଳଦ୍ୱୀପ ନାଗରିକଙ୍କ ସମର୍ଥନ ରହିଥିବା ସେ କହିଛନ୍ତି। ମାର୍ଚ୍ଚ ୧୫ ସୁଦ୍ଧା ସେନା ପ୍ରତ୍ୟାହାର କରିନେବାକୁ ମୋଇଜ୍ଜୁ ପୂର୍ବରୁ ଭାରତକୁ କହିଥିଲେ।

# ଭୁଶୁଡ଼ିବା ଦ୍ୱାରଦେଶରେ ହିନ୍ଦୁକୁଶ ହିମାଳୟ ଜୈବମଣ୍ଡଳ

କାଠମାଣ୍ଡୁ,୫।୨(ପି.ଟି.)

ହିନ୍ଦୁକୁଶ ହିମାଳୟ ଅଞ୍ଚଳର ଜୈବମଣ୍ଡଳ ଭୁଶୁଡ଼ିବାର ଦ୍ୱାରଦେଶରେ ବୋଲି ବୈଜ୍ଞାନିକମାନେ ସୋମବାର ଘୋଷଣା କରିଛନ୍ତି। ପୃଥିବୀର ଏହି ସର୍ବାଧିକ ଜୈବବିବିଧତାପୂର୍ଣ୍ଣ ଅଞ୍ଚଳର ପ୍ରକୃତି କ୍ଷୟକୁ ରୋକିବାକୁ ହେଲେ ଦୃଢ଼ ପଦକ୍ଷେପ ସହ ତୁରନ୍ତ ଆର୍ଥିକ ବ୍ୟବସ୍ଥା କରିବା ନିମନ୍ତେ ବିଶ୍ୱ ଜୈବବିବିଧତା ବିଶେଷଜ୍ଞମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆହ୍ୱାନ ଦିଆଯାଇଛି। ହିନ୍ଦୁକୁଶ ହିମାଳୟ ଅଞ୍ଚଳ ଭାରତ ସମେତ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଚାଇନା, ମ୍ୟାନ୍‌ମାର, ନେପାଳ ଓ ପାକିସ୍ତାନକୁ ନେଇ ୩,୫୦୦ କିଲୋମିଟର ଅଞ୍ଚଳକୁ ବ୍ୟାପିଥିବାବେଳେ ଏହାର ପ୍ରକୃତି ଓ ସେଠାରେ ବସବାସ କରୁଥିବା ଜୀବଜନ୍ତୁଙ୍କ ସଂଖ୍ୟା ଦ୍ରୁତ ହ୍ରାସ



ପାଇଚାଲିଛି। ଏହି ଅଞ୍ଚଳରେ ପୃଥିବୀର ୩୬ଟି ବୈଶ୍ୱିକ ଜୈବବିବିଧତା ହଟ୍‌ସ୍ପଟ୍ ରହିଛି। ତଥାପି ସେଠାରେ ବଢ଼ିଚାଲିଥିବା ସଙ୍କଟକୁ ରୋକିବା ଦିଗରେ କୌଣସି ଉଦ୍ୟମ ହେଉନାହିଁ। ଗତ ୧୦୦ ବର୍ଷ ମଧ୍ୟରେ ମୂଳ ଜୈବବିବିଧତାର ୭୦ ପ୍ରତିଶତ ଆମେ ହରାଇଲେଣି ବୋଲି ଆଇସିଆଇଏମ୍‌ଓଡିର ଉପମହାନିର୍ଦ୍ଦେଶକ ଇଜାବେଲ୍ଲା କୋଜିଏଲ ବୈଠକରେ କହିଛନ୍ତି।

### ବୈଜ୍ଞାନିକଙ୍କ ଘୋଷଣା

ନେପାଳ ରାଜଧାନୀ କାଠମାଣ୍ଡୁରେ ୧୩୦ରୁ ଊର୍ଦ୍ଧ୍ୱ ବିଶେଷଜ୍ଞମାନଙ୍କର ବୈଠକ ଡକାଯାଇଥିଲା। ଅନ୍ତର୍ଜାତୀୟ ସମନ୍ୱିତ ପର୍ବତ ବିକାଶ କେନ୍ଦ୍ର (ଆଇସିଆଇଏମ୍‌ଓଡି) ପକ୍ଷରୁ ଉପରୋକ୍ତ ଆହ୍ୱାନ ଦିଆଯାଇଛି। ଜୈବ ବିବିଧତା ଓ ପରିବେଶ ସେବା ଉପରେ ଆନ୍ତଃସରକାରୀ ବିଜ୍ଞାନ ନୀତି ପ୍ଲାଟ୍‌ଫର୍ମ (ଆଇପିବିଇଏସ୍)ର ଏହି ବୈଠକ ୯ ତାରିଖ ଯାଏ ଚାଲିବ। ୧୪୫ ସଦସ୍ୟ ରାଷ୍ଟ୍ରଙ୍କୁ ନେଇ ୨୦୧୨ରେ ପ୍ରତିଷ୍ଠିତ ଆଇପିବିଇଏସ୍ ଜଳବାୟୁ ପରିବର୍ତ୍ତନ ଆନ୍ତଃସରକାରୀ ପ୍ୟାନେଲ ଭଳି କାର୍ଯ୍ୟ କରୁଛି। ଜୈବ ବିବିଧତା ଓ ପରିବେଶ ସେବା ପାଇଁ ବିଜ୍ଞାନ-ନୀତି ଇଣ୍ଟରଫେସ୍‌କୁ ସୁଦୃଢ଼ କରିବା ଏହାର ଲକ୍ଷ୍ୟ।

# ପ୍ରମୁଖ ୩ ଦଳରେ ନୂଆମୁହଁ ସମ୍ଭାବନା

କେନ୍ଦ୍ରାପଡ଼ା, ୫।୨ (ଜଗନ୍ନାଥ ଧଳ)

### କେନ୍ଦ୍ରାପଡ଼ା ଲୋକ ସଭା ଆସନ



କେନ୍ଦ୍ରାପଡ଼ା ଲୋକ ସଭା ଆସନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଗୁରୁତ୍ୱ ରଖୁଛି। ଏଠାରୁ ଅତୀତରେ କଂଗ୍ରେସରୁ ନିତ୍ୟାନନ୍ଦ କାନୁନଗୋ, ପ୍ରଜା ସୋସାଲିଷ୍ଟ ପାର୍ଟିରୁ ସୁରେନ୍ଦ୍ରନାଥ ଦ୍ୱିବେଦୀ, ଉତ୍କଳ କଂଗ୍ରେସରୁ ସୁରେନ୍ଦ୍ର ମହାନ୍ତି, ଜନତା ପାର୍ଟିରୁ ବିଜୁ ପଟ୍ଟନାୟକ, ଶରତ କୁମାର ଦେବ, ଜନତା ଦଳରୁ ରବି ରାୟ, ଶ୍ରୀକାନ୍ତ ଜେନାଙ୍କ ଭଳି ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ବିଜେଡିରୁ ପ୍ରଭାତ ସାମନ୍ତରାୟ, ଅର୍ଚ୍ଚନା ନାୟକ, ବୈଜୟନ୍ତ ପଣ୍ଡା ଓ ଅନୁଭବ ମହାନ୍ତିଙ୍କ ପରି ନେତା ଜିତିଛନ୍ତ। ଏହି ଆସନ ଏବେ କେନ୍ଦ୍ରରେ ଶାସନାଧୀନ ଭାଜପା ଓ ରାଜ୍ୟରେ ବିଜେଡି ପାଇଁ ଏକ ସମ୍ମାନର ବିଷୟ ପାଲଟିଯାଇଛି। ସେହିପରି କଂଗ୍ରେସ ଏହି ଲୋକ ସଭା କ୍ଷେତ୍ର ହାତେଇବା ପାଇଁ ଉଦ୍ୟମ ଜାରି ରଖିଛି।

କେନ୍ଦ୍ରାପଡ଼ା ଜିଲାର ୫ ଓ କଟକ ଜିଲାର ମାହାଙ୍ଗା ସହିତ ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହି ଲୋକ ସଭା କ୍ଷେତ୍ର। ୨୦୧୯ରେ ଏଠାରୁ ମୋଟ ୧୨, ୩୮, ୪୮୮ ଭୋଟର ମତଦାନ କରିଥିଲେ। ବିଜେଡିର ଅନୁଭବ ମହାନ୍ତି ୬, ୨୮, ୯୩୯ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପାର ବୈଜୟନ୍ତ ପଣ୍ଡାଙ୍କୁ ୪, ୪୭, ୪୫୬ ଭୋଟ ମିଳିଥିବା ବେଳେ କଂଗ୍ରେସର ଧରଣୀଧର ନାୟକ ୧, ୧୩, ୮୪୧ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସର ନାୟକ ଗତ ୨୦୧୪ରେ ଏହି ଆସନରୁ ପ୍ରାର୍ଥୀ ହୋଇ ୩,୯୨,୪୬୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ହେଲେ ୨୦୧୯ରେ ତାଙ୍କ ଭୋଟ କମିଯିବାରୁ ସେ ତୃତୀୟ ସ୍ଥାନରେ ରହିଥିଲେ। ସେବେଠାରୁ ତାଙ୍କୁ ସାଙ୍ଗଠନିକ ବୈଠକ କିମ୍ବା କୌଣସି ସଭାରେ ଭାଗ ନେବା ପ୍ରାୟତଃ ଦେଖାଯାଇନାହିଁ। ଆଲୋଚନା ହେଉଛି ସେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହୋଇ ନ ପାରନ୍ତି। ଏବେ ଯୁବ ବ୍ୟବସାୟୀ ସ୍ୱରୂପ କୁମାର ଦାସ ଆଶାୟୀ ଅଛନ୍ତି। ଯେହେତୁ କଂଗ୍ରେସ ଟିକେଟ ପାଇଁ ଅନ୍‌ଲାଇନ୍ ଆବେଦନ ସକାଶେ ୱେବସାଇଟ୍ ଲଞ୍ଚ୍ କରିଛି, ଅନ୍ୟ କାହା ନାମ ଆଗକୁ ଆସିପାରେ।

ବିଜେଡିରୁ ବହିଷ୍କୃତ ବୈଜୟନ୍ତ ପଣ୍ଡା ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ବିଜେଡି ପାଇଁ ଆସନଟି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ନବୀନ ପଟ୍ଟନାୟକଙ୍କ ଉପରେ ସେଠାକାର ଜନସାଧାରଣ ଆସ୍ଥା ରଖି ଅନୁଭବଙ୍କୁ ବିଜୟୀ କରାଇଥିଲେ। ହେଲେ ଅଭିନେତାରୁ ରାଜନେତା ପାଲଟିଥିବା ଏହି ବ୍ୟକ୍ତି ନିର୍ବାଚନମଣ୍ଡଳୀ ପ୍ରତି ଧ୍ୟାନ ଦେଇ ନ ଥିବା ଅଞ୍ଚଳବାସୀ ଭଲ ଭାବେ ଜାଣିଛନ୍ତି। ପାରିବାରିକ ସମସ୍ୟା ହେଉ ଅଥବା ରାଜନୈତିକ ମନୋମାଳିନ୍ୟ ଯୋଗୁ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କଠାରୁ ସେ ବହୁଦୂରରେ ରହିଥିବା ଦେଖିବାକୁ ମିଳିଛି। ଏହି ଆସନ ପାଇଁ ବିଜେଡିର ସମ୍ପୂର୍ଣ୍ଣ ନୂଆମୁହଁ ଓ ଯୁବପ୍ରତିଭା ପ୍ରତିନିଧିତ୍ୱ କରିପାରନ୍ତିବୋଲି ଚାରିଆଡ଼େ ଆଲୋଚନା ଚାଲିଛି। ସେହି ଆଶାୟୀଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନାଙ୍କ ନାମ ରହିଥିବା ବେଳେ ନୂଆମୁହଁ ଭାବେ ଯୁବ ଉଦ୍ୟୋଗୀ ଶୁଭଙ୍କର ନାୟକଙ୍କୁ ନିର୍ବାଚନମଣ୍ଡଳୀରେ ସଙ୍ଗଠନ କରୁଥିବା ଦେଖିବାକୁ ମିଳୁଛି।

ଭାଜପା କଥା ଦେଖିଲେ ବୈଜୟନ୍ତ ଏବେ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରହିବା ସହ ଉତ୍ତରପ୍ରଦେଶ ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ତାଙ୍କ ସମର୍ଥକଙ୍କ ମତରେ ସେ ଆଗାମୀ ନିର୍ବାଚନ ନ ଲଢ଼ି ଉତ୍ତରପ୍ରଦେଶ ଉପରେ ଫୋକସ୍ କରୁଛନ୍ତି। ତେବେ ରାଜନୈତିକ ବିଶେଷଜ୍ଞ କହୁଛନ୍ତି, ଯେହେତୁ ବୈଜୟନ୍ତ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି କାଳେ ଲୋକ ସଭା ନିର୍ବାଚନରେ ହାରିଯିବେ, ସେଥିପାଇଁ ରାଜ୍ୟ ସଭା ଏମ୍ପି ହେବାକୁ ନଜର ରଖିଥାଇପାରନ୍ତି। ଜିଲାରେ ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ତାଙ୍କ ହାତରେ ଥିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ସ୍ୱତନ୍ତ୍ର ଗୋଷ୍ଠୀ କାର୍ଯ୍ୟ କରୁଥିବା ଜଣାଶୁଣା। ଏହାବ୍ୟତୀତ ଅନ୍ୟତମ ବରିଷ୍ଠ ନେତା ବିଜୟ ମହାପାତ୍ର ଗତ ନିର୍ବାଚନରେ ପାଟକୁରା ବିଧାନସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଭୋଟ ପରିମାଣ ଭାଜପା ଆଡ଼କୁ ଢଳିଥିଲା। ମାତ୍ର ସେ ଏବେ କୌଣସି ପାଟି ନ ଫିଟାଇବା ଭାଜପା ପାଇଁ ଏକ ବିଷମ ସ୍ଥିତି ସୃଷ୍ଟି କରିଛି। ଏହାସତ୍ତ୍ୱେ ଏହି ଲୋକ ସଭା ଆସନ ପାଇଁ ଭାଜପାରୁ ନୂଆମୁହଁ ଭାବେ ଶିକ୍ଷାବିତ୍ ଭୂବନମୋହନ ଜେନା ଓ ବିନୟ ଭୂଷଣ ଜେନା, ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗରେ କାର୍ଯ୍ୟରତ ସଚିବ ପ୍ରସନ୍ନ କୁମାର ପରିଡ଼ା, 'ଉଦୟ ଇଣ୍ଡିଆ' ସମ୍ପାଦକ ଦୀପକ ରଥ, ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ପୂର୍ବତନ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି।

# ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ହଟ୍ଟଗୋଳ

କୁଜଙ୍ଗ,୫।୨(ମନୋଜ ପ୍ରଧାନ)

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସହପର୍ଯ୍ୟବେକ୍ଷକ ଗିରିଶ ଦାସ ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଦଳୀୟ କର୍ମୀମାନେ ହଟ୍ଟଗୋଳ କରିଥିଲେ। ଏହି ଅବସରରେ ପାରାଦୀପ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ ଅଭିଯୋଗ କରିଥିଲେ ଯେ, ସେ ଯୁବ ବିଜେଡି ଦାୟିତ୍ୱରେ ଥିଲେ ମଧ୍ୟ କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ପଚରା ଯାଉନାହିଁ। ଯୁବ କର୍ମୀମାନେ ଦଳୀୟ ପଚାର କରୁଥିବାବେଳେ ପୋଲିସ ସେମାନଙ୍କୁ ହଇରାଣ କରୁଛି। ଏନେଇ ବିଧାୟକ ସମ୍ବିତ ରାଉତରାୟଙ୍କୁ ଆପତ୍ତି ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଯୁବ କର୍ମୀମାନଙ୍କ ଦଳ ପ୍ରତି ମନୋବଳ କମିଯାଉଛି। ଆଗାମୀ ନିର୍ବାଚନରେ ଏହା ପ୍ରଭାବ ପକାଇବ।

ଏ ସମ୍ପର୍କରେ ଜିଲା ସହ ପର୍ଯ୍ୟବେକ୍ଷକ ଦାସ କହିଥିଲେ, କୌଣସି ନିର୍ବାଚନ ମଣ୍ଡଳୀରେ ଏମିତି ଘଟୁ ନ ଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ କାହିଁକି ଏଭଳି ଘଟୁଛି ତାହା ବିଧାୟକଙ୍କୁ ପଚାରନ୍ତୁ ବୋଲି କହି ଘଟଣାକୁ ଏଡ଼ାଇ ଯାଇଥିଲେ। ଏ ନେଇ କିଛି ସମୟଧରି ବୈଠକରେ ହଟ୍ଟଗୋଳ ହୋଇଥଲା। ପରେ ସହ ପର୍ଯ୍ୟବେକ୍ଷକ କର୍ମୀମାନଙ୍କୁ ଶାନ୍ତ କରାଇବା ସହ ପଞ୍ଚାୟତ ଓ ବ୍ଲକସ୍ତରରେ ବିଭିନ୍ନ କମିଟି ଗଠନ କରି ଆଗାମୀ ନିର୍ବାଚନରେ ଦଳକୁ ବିଜୟୀ କରାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସରପଞ୍ଚ ବନ୍ଦିତା ଦାସ, ଏମ୍ପି ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ସୁବ୍ରତ କୁମାର ସ୍ୱାଇଁ, ବିଧାୟକ ରାଉତରାୟଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଓ ସଭ୍ୟା ପ୍ରମୋଦ ଚରଣ ସ୍ୱାଇଁ ଓ କନକପ୍ରଭା ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ନାଥ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ପ୍ରଭାତି ଦାସ, ସାଇଲୋ ସରପଞ୍ଚ ସରୋଜ ସେଠୀ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ କର୍ମୀମାନେ ଯୋଗଦେଇଥିଲେ।

# ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ସଂରକ୍ଷଣ ସୀମା ବଢ଼ିବ: ରାହୁଲ

ରାଞ୍ଚି,୫।୨(ପି.ଟି.)



ରାଞ୍ଚିର ଶହୀଦ ମୈଦାନରେ ସୋମବାର ଏକ ରାଲିକୁ ସମ୍ବୋଧନ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ଲୋକ ସଭା ନିର୍ବାଚନ ପରେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ମେଣ୍ଟ ଯଦି କେନ୍ଦ୍ରରେ ସରକାର ଗଢ଼େ, ତେବେ ଦେଶବ୍ୟାପୀ ଜାତି ଜନଗଣନା କରାଯିବା ସହ ସଂରକ୍ଷଣରେ ୫୦% ସୀମାକୁ ହଟାଇ ଦିଆଯାଇ ଏହାର ପ୍ରତିଶତ ବଢ଼ାଯିବ ବୋଲି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥିବାରୁ ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍‌ର ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରି ଗରିବମାନଙ୍କ ସରକାରକୁ ସୁରକ୍ଷିତ ରଖିଥିବାରୁ ରାହୁଲ ଶାସକ ମେଣ୍ଟର ସମସ୍ତ ବିଧାୟକ ଏବଂ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ରାହୁଲ ରାଞ୍ଚିର ସହୀଦ ମୈଦାନରେ ଏକ ରାଲିକୁ ସମ୍ବୋଧିତ କରି କହିଥିଲେ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗ (ଓବିସି)ମାନଙ୍କୁ ଗୋଟି ଶ୍ରମିକ କରିଦିଆଯାଇଛି। ବଡ଼ କମ୍ପାନୀ, ହସ୍ପିଟାଲ, ସ୍କୁଲ୍, କଲେଜ, କୋର୍ଟ ଆଦିରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳୁ ନାହିଁ। ତେଣୁ ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଆମର ପ୍ରଥମ ପଦକ୍ଷେପ ଜାତି ଜନଗଣନା ହେବ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଥିଲେ। ବର୍ତ୍ତମାନର ବ୍ୟବସ୍ଥାରେ ଅଧିକ ସଂରକ୍ଷଣ ସୁବିଧା ଦିଆଯାଇପାରିବ। ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ସଂରକ୍ଷଣରେ ରହିଥିବା ୫୦% ସୀମାକୁ ଫିଙ୍ଗିଦିଆଯିବ। ଦଳିତ ଓ ଆଦିବାସୀଙ୍କ ପାଇଁ ସଂରକ୍ଷଣ ହ୍ରାସ ହେବ ନାହିଁ। ପଛୁଆ ବର୍ଗ ସେମାନଙ୍କ ଉପଯୁକ୍ତ ଅଧିକାର ପାଇବା ପାଇଁ ଗ୍ୟାରେଣ୍ଟି ଦେଉଛି ବୋଲି ରାହୁଲ କହିଛନ୍ତି।

# ଭୋଟର ତାଲିକାରେ ନାମ ପଞ୍ଜୀକରଣ ଚାଲିଛି: ସିଇଓ

ଭୁବନେଶ୍ୱର,୫।୨ (ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଗତ ଜାନୁଆରୀ ୫ରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୪ ପ୍ରକାଶିତ ହୋଇଛି। ଏହାର ନକଲ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ସବୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରହିଛି। ଚୂଡ଼ାନ୍ତ ଭୋଟର ତାଲିକା ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ୱେବ୍‌ସାଇଟ ceoodisha.nic.in ରେ ଉପଲବ୍ଧ ଅଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ମଧ୍ୟ ଭୋଟର ତାଲିକାରେ ନାମ ପଞ୍ଜୀକୃତ ହୋଇପାରିବ। ଭୋଟର ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହି କାର୍ଯ୍ୟ ସବୁବେଳେ ଚାଲୁ ରହିଛି। ରାଜ୍ୟର ସମସ୍ତ ଭୋଟରଙ୍କୁ ନିବେଦନ କରାଯାଉଛି ଯେ, ସେମାନେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ନିଜ ନିଜର ନାମ ଯାଞ୍ଚ କରନ୍ତୁ। ଯଦି ଭୋଟର ତାଲିକାରେ କୌଣସି ଭୋଟରଙ୍କ ନାମ ନ ଥିବ ତେବେ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ ନଂ-୬ ଓ ସ୍ଥାନାନ୍ତର ପାଇଁ ଫର୍ମ ନଂ-୮ ମାଧ୍ୟମରେ ଆବେଦନ କରିପାରିବେ। ଭୋଟରମାନେ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ voters.eci.gov.inରେ ଲଗ୍‌ଇନ୍ କରି କିମ୍ବା ଭୋଟର ହେଲ୍‌ପଲାଇନ ଆପ୍ ଡାଉନ୍‌ଲୋଡ୍ କରି ମଧ୍ୟ ଆବେଦନ କରିପାରିବେ। ଏହାବ୍ୟତୀତ ଭୋଟରମାନେ ମଧ୍ୟ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

# ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ମାଲକାନଗିରି, ୫।୨(ଦୁର୍ଯ୍ୟୋଧନ ପାତ୍ର)

ବିଜୁ ଜନତା ଦଳ ଦିନକୁ ଦିନ ସଶକ୍ତ ହେଉଥିବା ବେଳେ ଏହି କ୍ରମରେ ମାଲକାନଗିରି ଜିଲାରେ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ମନକୁ ଛୁଇଁଛି। ପ୍ରତି ଘରେ ବିକାଶର ବାର୍ତ୍ତା ପହଞ୍ଚିବା ଫଳରେ ଜିଲାରେ ଅନେକ ସକ୍ରିୟ ଭାଜପା ଓ କଂଗ୍ରେସ କର୍ମୀ ଆକୃଷ୍ଟ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ଜିଲା ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ପଡିଆ ବ୍ଲକ କାଲଦାପାଲ୍ଲୀ ପଞ୍ଚାୟତରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର କାଲଦାପାଲ୍ଲୀ ପଞ୍ଚାୟତର ଭାଜପା ଓ କଂଗ୍ରେସର ବହୁ ସକ୍ରିୟ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଯେଉଁଥିରେ ଭାଜପାର ପୂର୍ବତନ ୱାର୍ଡ ସଭ୍ୟ ବୁଦୁରାମ କସ୍ରି, କଂଗ୍ରେସର ସକ୍ରିୟ କାର୍ଯ୍ୟକର୍ତ୍ତା ରାଜେଶ ସରକାର ଏବଂ ବହୁ ଦଳୀୟ କର୍ମୀ ମାଲକାନଗିରି ବିଜେଡିରେ ଯୋଗ ଦେଇଛନ୍ତି। ଦଳୀୟ ସଂଗଠନକୁ ଆହୁରି ଦୃଢ କରିବ ବୋଲି ଜିଲା ବିଜେଡି ସଭାପତି ମାଡକାମି କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ଜିଲା ଯୁବ ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ପଡିଆ ବ୍ଲକ ସଭାପତି ଏମ୍‌ଡି ଫାରୁଖ, ମହିଳା ସଭାନେତ୍ରୀ ଦେବେ ମାଡି, ପଡିଆ ବ୍ଲକ ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ସରପଞ୍ଚ ସରିତା କୁଞ୍ଜାମୀ, ସୁବାସ ଭୌମିକ, ମେସାକ ମାଦ୍ରୀ, ସରପଞ୍ଚ ଗଙ୍ଗା କରାମ ଓ ସଭାପତି ଭୀମ୍ ସେନ ବାଞ୍ଜାମି ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ଭାଜପା କର୍ମୀ।

# ପରିକ୍ରମା ପ୍ରକଳ୍ପ ନାଁରେ ଜଗନ୍ନାଥ ସଂସ୍କୃତିକୁ ଆଘାତ ଦେଇଛନ୍ତି ସରକାର

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

### ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ

ରାଜ୍ୟର ବିଭିନ୍ନ ଜନପ୍ରସଙ୍ଗ, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଏବଂ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ ନେଇ ଭାଜପା ବିଧାନସଭା ଅଧିବେଶନରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସରକାରଙ୍କୁ ଜବାବ ତଲବ କରିବ। ବିଶେଷ ଭାବେ ପରିକ୍ରମା ପ୍ରକଳ୍ପ ନାମରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରାଘାତ, ନୂଆ-ଓଡ଼ିଶା ନାମରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଜେଡିର ଦଳୀୟ ରାଜନୀତିକରଣ, ବିଭିନ୍ନ ବିଭାଗ ପାଇଁ ବଜେଟରେ ବ୍ୟୟବରାଦ ଟଙ୍କା ଖର୍ଚ୍ଚ କରି ନ ପାରିବା, ମଦର ପ୍ରଚାର ପ୍ରସାର ଏବଂ ବିପୁଳ କଳାଟଙ୍କା ଜବତ ଆଦି ପ୍ରସଙ୍ଗକୁ ଭାଜପା ଜୋରଦାର କରିବ। ସେହିପରି ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅବ୍ୟବସ୍ଥିତ ଧାନ ମଣ୍ଡି, ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ସମେତ ବ୍ୟାପକ ଭ୍ରଷ୍ଟାଚାର, ବ୍ୟଭିଚାର ଆଦି ଜନବିରୋଧୀ ପ୍ରସଙ୍ଗରେ ବିଧାନସଭାରେ ରାଜ୍ୟ ସରକାରଙ୍କୁ ଘେରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ବିଧାୟକମାନେ ଉପସ୍ଥିତ ରହି ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକ ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି, ବିଜେଡି ଶାସନରେ ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ଚରମସୀମା ଅତିକ୍ରମ କରିଛି। ଯାହା ୨୪ ବର୍ଷ ଶାସନରେ ସ୍ପଷ୍ଟ ହୋଇଛି। ପ୍ରଭୁ ଜଗନ୍ନାଥଙ୍କୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଜଳାଞ୍ଜଳି ଦେଇଛନ୍ତି। ଶିକ୍ଷାନୁଷ୍ଠାନ 'ନୂଆ-ଓ' କାର୍ଯ୍ୟକ୍ରମ କେବଳ ଏକ ପ୍ରହସନ ଏବଂ ଏହାଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳୁଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାରେ ବିଫଳ ରାଜ୍ୟ ସରକାର ପାଠପଢ଼ାକୁ ବନ୍ଦ କରିଦେଇ ଛାତ୍ରୀଛାତ୍ରଙ୍କୁ ନାଚ, ଗୀତ, ଖେଳ କରିବା ନାଁରେ ମଦ, ମାଂସ ଖୁଆଇ ମାତାଲ କରିବା ଯୋଜନା କରିଛନ୍ତି। ୨୪ ବର୍ଷ ଶାସନରେ ଓଡ଼ିଆ କେବଳ ନିର୍ଯ୍ୟାତିତ ହୋଇଛନ୍ତି। ଓଡ଼ିଶାକୁ ଲୁଟି ରାଜ୍ୟବାସୀଙ୍କୁ 'ବିକାଶ ନାଁରେ ବିନାଶ' ଚିତ୍ର ଦେଖାଯାଉଛି ବୋଲି ମୋହନ କହିଛନ୍ତି।

# ଘୋଷଣା ହେଲା କଂଗ୍ରେସ ପ୍ରଚାର କମିଟି

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

### ବିଜୟ ଅଧ୍ୟକ୍ଷ, ସୁରେଶ ଓ ରମେଶ ଉପାଧ୍ୟକ୍ଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ଦିନକ ପୂର୍ବରୁ ଦଳ ପକ୍ଷରୁ ପିସିସି ପ୍ରଚାର କମିଟି ତାଲିକା ପ୍ରକାଶ କରାଯାଇଛି। ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ବିଜୟ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଉପାଧ୍ୟକ୍ଷ ଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ରମେଶ ଚନ୍ଦ୍ର ଜେନାଙ୍କୁ ଚୟନ କରାଯାଇଛି। ସେହିପରି ସ୍ଥାୟୀ ନିମନ୍ତ୍ରିତ ଭାବେ ସବୁ ବିଧାୟକ, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର, କେ.ପି ସିଂଦେଓ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ପଞ୍ଚାନନ କାନୁନଗୋ, ଶରତ ରାଉତ, ଗିରିଧର ଗମାଙ୍ଗ, ଚିରଞ୍ଜୀବ ବିଶ୍ୱାଳ, ସଞ୍ଜୟ ଭୋଇ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ହଳଧର କାର୍ଜୀ, ଏମ୍ପି ସପ୍ତଗିରି ଉଲାକା ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଚିଠିରେ ରଖାଯାଇଛି। କାର୍ଯ୍ୟକାରୀ କମିଟିରେ ସମସ୍ତ ଜିଲା ସଭାପତି, ଦଳର ସବୁ ବିଭାଗୀୟ ମୁଖ୍ୟଙ୍କ ସମେତ ୩୧ ଜଣଙ୍କୁ ରଖାଯାଇଛି।

# ସମ୍ବଲପୁର ଭାଜପା: ଧର୍ମେନ୍ଦ୍ରଙ୍କୁ ଭେଟିଲେ ଅସନ୍ତୁଷ୍ଟ କାର୍ଯ୍ୟକର୍ତ୍ତା

ସମ୍ବଲପୁର, ୫।୨(ଭବାନୀ ଶଙ୍କର ଭୋଇ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ସମ୍ବଲପୁରରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତେବେ ଦଳ ଏହି ଉତ୍ସାହକୁ କେତେଦୂର ଭୋଟରେ ପରିଣତ କରିପାରିବ, ତାକୁ ନେଇ ଚର୍ଚ୍ଚା ହେଉଛି। ସମ୍ବଲପୁର ବିଧାୟକ ତଥା ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ନ ରହିବା ନେଇ ଦଳୀୟ ସ୍ତରରେ ଭିନ୍ନ ଆଲୋଚନା ହେଉଛି। ଜୟନାରାୟଣଙ୍କ ଅସୁସ୍ଥତା ଯୋଗୁଁ ସେ ସମ୍ବଲପୁର ଆସିପାରୁ ନ ଥିବାରୁ ହୁଏତ ସେ ଆଗାମୀ ସାଧାରଣ ନିର୍ବାଚନରେ ନିଜେ ପ୍ରାର୍ଥୀ ହୋଇ ନ ପାରନ୍ତି। ସମ୍ବଲପୁରରେ ଅଧିକାଂଶ ଭାଜପା କର୍ମୀ ଜୟନାରାୟଣଙ୍କ ସମର୍ଥକ ବୋଲି କୁହାଯାଉଛି। ଏବେ ଅନେକ ଯୁବ ଏବଂ ପ୍ରବୀଣ ନେତା ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଦଳରୁ ବିଧାନସଭା ପ୍ରାର୍ଥୀ ହେବା ନେଇ ଜୟନାରାୟଣଙ୍କ ବିନା ପରାମର୍ଶରେ ନିଷ୍ପତ୍ତି ହୋଇ ନ ପାରେ ବୋଲି କୁହାଯାଉଛି। ତାଙ୍କ ଝିଅ ଶୁଭଶ୍ରୀ ସମ୍ବଲପୁରରେ କିଛି ଦିନ ହେବ ଭାଜପାର ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି। ତେବେ ଶୁଭଶ୍ରୀଙ୍କୁ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିରୋଧ କରି ନିଜ ପଦରୁ ଇସ୍ତଫା ଦେବା ଭଳି ସ୍ଥିତି କିଛିଦିନ ପୂର୍ବରୁ ଘଟି ସାରିଛି। ଏହାପରେ ଶୁଭଶ୍ରୀଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ କର୍ମୀ କେତେଦୂର ଗ୍ରହଣ କରିବେ ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବର୍ତ୍ତମାନ ସମ୍ବଲପୁର ଭାଜପାର କର୍ମକର୍ତ୍ତାଙ୍କ କଥା ବିଚାର କଲେ ଦଳରେ ଜୟନାରାୟଣଙ୍କ ଏକ ବଡ଼ ସମର୍ଥକ ଗୋଷ୍ଠୀକୁ ଜିଲା ନେତୃବର୍ଗ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏନେଇ ଜୟନାରାୟଣଙ୍କୁ ସେମାନେ ଅବଗତ କରିଥିବା ବେଳେ ସେ ସମ୍ବଲପୁର ଫେରିଲେ ସମାଧାନ କରାଯିବ ବୋଲି କହିଆସୁଛନ୍ତି। ଜୟନାରାୟଣଙ୍କ ସମ୍ବଲପୁର ଫେରିବା ଡେରି ହେଉଥିବା ବେଳେ ସାଧାରଣ ନିର୍ବାଚନ କିନ୍ତୁ ପାଖେଇ ଆସୁଛି। ଏଭଳି ସ୍ଥିତିରେ ଜୟନାରାୟଣଙ୍କ ସମର୍ଥକ ଗୋଷ୍ଠୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଥମେ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିବା ବେଳେ ଏକାନ୍ତରେ ଆଲୋଚନା ପାଇଁ ସମୟ ଦେବାକୁ ଅନୁରୋଧ କରିଥିଲେ। ଏହାପରେ ରବିବାର ସନ୍ଧ୍ୟାରେ ଏକ ହୋଟେଲରେ ସମ୍ପୃକ୍ତ ଗୋଷ୍ଠୀ ଧର୍ମେନ୍ଦ୍ରଙ୍କୁ ଭେଟି ଦେଢ଼ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏପରିକି ୩୦ରୁ ଅଧିକ ବରିଷ୍ଠ ଭାଜପା କର୍ମୀ ଜିଲା ଭାଜପାରେ କିଛି ଠିକ୍ ଚାଲି ନ ଥିବା ଏବଂ ସେମାନଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରାଯାଉ ନ ଥିବା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଖୋଲାଖୋଲି ଅଭିଯୋଗ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଭାଜପାର ପୂର୍ବତନ ଓ ବର୍ତ୍ତମାନର ପଦାଧିକାରୀ ରହିଥିବା ଆଲୋଚନା ହେଉଛି।

ଧର୍ମେନ୍ଦ୍ର ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ହେବା ଶୁଣାଯାଉଛି। ଦଳକୁ ଏବେଠୁ ନ ସଜାଡ଼ିଲେ ଆଗାମୀ ଦିନରେ କ୍ଷତି ହେବାର ଆଶଙ୍କା ଥିବାରୁ ସେ ମଧ୍ୟ ଗୁରୁତ୍ୱ ଦେଇ ସମସ୍ତଙ୍କ ଅଭିଯୋଗ ଶୁଣିଥିବା ବରିଷ୍ଠ ସଦସ୍ୟମାନେ କହିଛନ୍ତି। ସବୁ ଶୁଣିବା ପରେ ଏଣିକି ନିଜେ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟକର୍ତ୍ତା କିଭଳି ଦଳୀୟ କାର୍ଯ୍ୟକ୍ରମର ଖବର ପାଇବେ, ତାହା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳୁଛି। ଏନେଇ ରାଜ୍ୟ ସଭାପତିଙ୍କୁ ମଧ୍ୟ କିଛି ବରିଷ୍ଠ କର୍ମକର୍ତ୍ତା ଅଭିଯୋଗ କରିଥିବା ଜଣାପଡିଛି।

ଜୟନାରାୟଣଙ୍କ ଅବର୍ତ୍ତମାନରେ ସମସ୍ତଙ୍କୁ ଏକଜୁଟ କରିବାରେ ଜିଲା ଭାଜପାର ନେତୃବର୍ଗ ବିଫଳ ହୋଇଥିବା ଅନେକ ବରିଷ୍ଠ ନେତା ଖୋଲାଖୋଲି ଅଭିଯୋଗ କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। କେନ୍ଦ୍ରମନ୍ତ୍ରୀ କିମ୍ବା ଭାଜପା ପଦାଧିକାରୀ ସମ୍ବଲପୁର ଗସ୍ତରେ ଆସିଲେ ସେମାନଙ୍କୁ ଖବର ସୁଦ୍ଧା ଦିଆଯାଉ ନ ଥିବା ନେଇ ଯୁଯୋମୁରା ଅଞ୍ଚଳର ଭାଜପାର ଜଣେ ପୁରୁଖା ନେତା ଅଭିଯୋଗ କରିଛନ୍ତି। ଏ ବାବଦରେ କେନ୍ଦ୍ରମନ୍ତ୍ରୀ ଅବଗତ ହେବା ପରେ ଏହାକୁ ସମାଧାନ କରି ଏକଜୁଟ ହୋଇ ଦଳ ପାଇଁ କାମ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଜ୍ୟୋତିଲିସା ପରିବାରବର୍ଗ


ପ୍ରଭାସିନୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ଆଜି ଓଡ଼ିଶାରେ...

ରାହୁଲ ଓଡ଼ିଶା-ଝାଡ଼ଖଣ୍ଡ ସୀମା ବାସଜୋଲଠାରୁ ୪୨ କି.ମି. ଦୂର ଅତିକ୍ରମ କରି ଓଡ଼ିଶାର ବୀରମିତ୍ରପୁରଠାରେ ମଙ୍ଗଳବାର ପହଞ୍ଚିବେ। ସେଠାରେ ପିସିସି ଓ ଜିଲା କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ। ସେଠାରୁ ୧୧ କି.ମି. ଯାତ୍ରା କରି ରାହୁଲ ରାମପାଲର ବିଜାବାହାଲଠାରେ ରାତ୍ରଯାପନ କରିବେ। ସେଠାରେ ରାତ୍ର ରହଣି ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ହୋଇଛି।

ବୁଧବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ୮ଟା ୪୫ରେ ଆରମ୍ଭ ହେବ। ସକାଳ ୯ଟା ୩୦ରେ ରାଉରକେଲାର ଉଦିତ୍‌ନଗର (ଏସ୍‌ପି ଅଫିସ) ଠାରୁ ଯାତ୍ରା ଆରମ୍ଭ ହୋଇ ସାଢ଼େ ୩ କି.ମି. ଦୂର ପାନପୋଷ ଛକଠାରେ ସକାଳ ୧୦ଟାରେ ରାହୁଲ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ୨୫ କି.ମି. ଦୂର ରାଣୀବନ୍ଧ ନିକଟ ବିର୍ସା ମୁଣ୍ଡା ପଡ଼ିଆଠାରେ ପହଞ୍ଚି ମଧ୍ୟାହ୍ନଭୋଜନ କରିବେ। ଅପରାହ୍ନ ୨ଟାରେ ରାଣୀବନ୍ଧଠାରୁ ପୁଣି ଯାତ୍ରା ଆରମ୍ଭ ହେବ। ସେଠାରୁ ୧୪ କି.ମି. ଦୂର କୁତ୍ରାଠାରେ ରାହୁଲ ଉଦ୍‌ବୋଧନ ଦେବେ। ସେଠାରୁ ୩୨ କି.ମି. ଦୂର ବାରଗାଁଠାରେ ମଧ୍ୟ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୬୦ କି.ମି. ଦୂର ସୁନ୍ଦରଗଡ଼ ବସଷ୍ଟାଣ୍ଡ ଛକରେ ଅପରାହ୍ନ ୪ଟା ୩୦ରେ ପଦଯାତ୍ରା ପହଞ୍ଚିବ। ଷ୍ଟାଡିୟମ ଛକ ଓ ସୁନ୍ଦରଗଡ଼ ଏସ୍‌ବିଆଇ ଛକ ହୋଇ ପଦଯାତ୍ରା ଚାଲିବ। ସେଠାରୁ ୨୬ କି.ମି.ଦୂର ଝାରସୁଗୁଡ଼ା ଆମଲିପାଲିଠାରେ ରାହୁଲ ରାତ୍ର ରହଣି କରିବେ। ଗୁରୁବାର ସକାଳ ୮ଟାରୁ ଝାରସୁଗୁଡ଼ାର ମହାତ୍ମା ଗାନ୍ଧୀ ଛକ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଯାତ୍ରା ଆରମ୍ଭ ହେବ। ଝାରସୁଗୁଡ଼ା ଟାଉନ ବେହେରାମାଳ କିଷାନ ଛକ ହୋଇ ମଧ୍ୟାହ୍ନ ୧୨ଟାରେ ୪୫ କି.ମି. ଦୂର ଗୋବିନ୍ଦପୁର ନିକଟ ମଧୁବନ ଢାବା ନିକଟରେ ଯାତ୍ରା ପହଞ୍ଚିବ। ସେଠାରୁ ୭ କି.ମି. ଦୂର କୁରେଇମାଳଠାରେ ରାହୁଲ ମଧ୍ୟାହ୍ନଭୋଜନ କରିବେ। ପୁଣି ଅପରାହ୍ନ ୨ଟାରେ ପଦଯାତ୍ରା ଆରମ୍ଭ ହୋଇ ୧୮କି.ମି. ଦୂର ଝାରସୁଗୁଡ଼ାର କନକତୋରାଠାରେ ପହଞ୍ଚିବ। ଅପରାହ୍ନ ୩ଟା ୪୫ରେ ଓଡ଼ିଶା-ଛତିଶଗଡ଼ ସୀମା ରେଙ୍ଗାଲପାଲି, ରାଇଘରଠାରେ ଯାତ୍ରା ପହଞ୍ଚିବା ପରେ ଛତିଶଗଡ଼ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ପତାକା ହସ୍ତାନ୍ତର କରାଯିବ ବୋଲି ଶରତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

### ଜନ୍ମଦିନ ଶୁଭେଚ୍ଛା



**ପ୍ରଭାସିନୀ ଦାଶ**
ଖୋଡ଼ାସିଙ୍ଗ, ବ୍ରହ୍ମପୁର
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ, ନୀରୋଗ ଏବଂ ସୁସର୍ବଦା ଖୁସୀ ରହୁ। **Thank you for being such a loving Mother, Maa, Aai. You're the best! Happy Birthday Bou :-Yours loving family – Mamali, Kanha, Shobhit, Sradha, Chandan, Shree, Guchi and our Dash family.**
ଧ-୨୪୩୭

## ସରକାରୀ ନିଯୁକ୍ତି...

ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସହାୟତା କରିବା ଏବଂ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଗୋଷ୍ଠୀ ଅଥବା ଅନୁଷ୍ଠାନ ଦ୍ୱାରା କମ୍ପ୍ୟୁଟର ନେଟ୍‌ୱର୍କ କିମ୍ବା କମ୍ପ୍ୟୁଟର ରିସୋର୍ସ ବା କମ୍ପ୍ୟୁଟର ସିଷ୍ଟମରେ ଜାଲିଆତି ରୋକିବା ପାଇଁ ଏହି ବିଲ୍ ଉଦ୍ଦିଷ୍ଟ। ସେହିପରି ଟଙ୍କା ପାଇଁ କିମ୍ବା ଠକେଇ ଲାଗି ଜାଲ୍ ୱେବ୍‌ସାଇଟ ପ୍ରସ୍ତୁତ କରିବା, ଜାଲ୍ ପରୀକ୍ଷା ପରିଚାଳନା, ଠକିବା ବା ଟଙ୍କା ପାଇବା ପାଇଁ ଜାଲ୍ ଆଡମିଟ୍ କାର୍ଡ ଅଥବା ଅଫର ଲେଟର ଇସ୍ୟୁ କରିବା, ପରୀକ୍ଷା ହଲ୍‌ରେ ସିଟ୍ ବ୍ୟବସ୍ଥାରେ ଜାଲିଆତି, ପରୀକ୍ଷାରେ ବେଆଇନ କାର୍ଯ୍ୟ କରିବା ଲାଗି ସୁବିଧା ଦେବାକୁ ପ୍ରାର୍ଥୀଙ୍କୁ ତାରିଖ ଓ ସିଫ୍ଟ ସମ୍ପର୍କରେ ଜଣାଇବା ମଧ୍ୟ ପ୍ରସ୍ତାବିତ ଆଇନରେ ଦଣ୍ଡନୀୟ ଅପରାଧ।

ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୩ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଯାଏ ଜରିମାନା କରାଯିବ। ପରୀକ୍ଷା ପରିଚାଳନାରେ ନିୟୋଜିତ ସେବା ପ୍ରଦାନକାରୀ ସଂସ୍ଥା ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବା ସହ ପରୀକ୍ଷା ଖର୍ଚ୍ଚ ଆଦାୟ କରାଯିବ। ଉକ୍ତ ସେବା ପ୍ରଦାନକାରୀ ସଂସ୍ଥାକୁ ୪ ବର୍ଷ ପର୍ଯ୍ୟନ୍ତ କୌଣସି ପରୀକ୍ଷା ପରିଚାଳନା ପାଇଁ ଅନୁମତି ମିଳିବ ନାହିଁ। ବିଲ୍‌ରେ ସେବା ପ୍ରଦାନକାରୀ ଅର୍ଥ କୌଣସି ସଂସ୍ଥା, ସଂଗଠନ, ଅନୁଷ୍ଠାନ, ବ୍ୟବସାୟିକ ସଂସ୍ଥା, କମ୍ପାନୀ, ସହଭାଗୀ ସଂସ୍ଥା କିମ୍ବା ଏକକ ମାଲିକାନାରେ ଥିବା ସଂସ୍ଥା, ସବ୍‌କଣ୍ଟ୍ରାକ୍ଟର, କମ୍ପ୍ୟୁଟର ରିସୋର୍ସ ବା କୌଣସି ଉପକରଣରେ ସହାୟତା ପ୍ରଦାନକାରୀ ଆଦି ଅନ୍ତର୍ଭୁକ୍ତ, ଯେଉଁମାନେ ସରକାରୀ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଥିବେ। ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ସଂଗଠିତ ଗ୍ୟାଙ୍ଗ୍, ମାଫିଆ ତତ୍ତ୍ୱଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। ସେମାନଙ୍କ ସହ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିଲେ ସେମାନଙ୍କୁ ମଧ୍ୟ ଛଡ଼ାଯିବ ନାହିଁ। ବିଶ୍ୱାସଯୋଗ୍ୟ ହୋଇ ନ ଥିବା କିମ୍ବା ସରକାରୀ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି, ଯିଏକି ପ୍ରାର୍ଥୀ ହୋଇ ନ ଥିବେ, ସେମାନଙ୍କୁ ପରୀକ୍ଷା କେନ୍ଦ୍ର ମଧ୍ୟକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ସରକାରୀ ପରୀକ୍ଷାରେ ବେଆଇନ କାର୍ଯ୍ୟକଳାପ ଯୋଗୁ ତାହା ବାତିଲ ଏବଂ ବିଳମ୍ବିତ ହେବା ସହ ଲକ୍ଷ ଲକ୍ଷ ଯୁବତୀଯୁବକ ପ୍ରଭାବିତ ହେଉଛନ୍ତି। ତେଣୁ ପରୀକ୍ଷା ପରିଚାଳନାରେ ସର୍ବାଧିକ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଆଣିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ପ୍ରସ୍ତାବିତ ଆଇନରେ ଥିବା ଅପରାଧଗୁଡ଼ିକର ତଦନ୍ତ ଜଣେ ଡିଏସପି କିମ୍ବା ଏସିପିଙ୍କଠାରୁ କମ୍ ପାହ୍ୟାର ଅଫିସର କରିବେ ନାହିଁ।

କେନ୍ଦ୍ର ଜନସେବା ଆୟୋଗ(ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍‌ଶନ କମିଶନ (ଏସ୍‌ଏସ୍‌ସି), ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ (ଆର୍‌ଆର୍‌ବି), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷା ଉକ୍ତ ବିଲ୍ ଅନ୍ତର୍ଭୁକ୍ତ। ସେହିପରି କର୍ମଚାରୀ ନିଯୁକ୍ତି ସହ ସମ୍ପୃକ୍ତ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ବା ବିଭାଗ ଏବଂ ଏହାସହ ସମ୍ପୃକ୍ତ ଅଧସ୍ତନ କାର୍ଯ୍ୟାଳୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପିତ କୌଣସି କର୍ତ୍ତୃପକ୍ଷ ପ୍ରସ୍ତାବିତ ଆଇନ ପରିସରଭୁକ୍ତ ହେବେ।

## ପ୍ରତି ୫ ବର୍ଷରେ...

କରୁଛି ଓଡ଼ିଆ ଭାଷା ଆମ ଯୁବପିଢ଼ିର ଭାଷା ହେବ। ଆମେ ଆମ ଭାଷାର ଗୌରବକୁ ଅନୁଭବ କଲେ, ଏହା ନିଶ୍ଚୟ ଆଗକୁ ଯିବ। ସମ୍ମିଳନୀ ଅବସରରେ ଆୟୋଜିତ ମ୍ୟୁଜିଅମ ସମସ୍ତଙ୍କ ମନକୁ ଛୁଇଁଛି। ତେଣୁ ସମସ୍ତଙ୍କ ଅନୁରୋଧରେ ଏହାର ସମୟ ସୀମାକୁ ଆଉ ୩ଦିନ ବୃଦ୍ଧି କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ ପୁରସ୍କାର ପାଇଥିବା ସମସ୍ତ ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ପୁସ୍ତକ ଉନ୍ମୋଚନ କରିଥିଲେ। ପ୍ରଥମଟି ହେଉଛି ହିନ୍ଦୁ ଗ୍ରୁପ୍ ଦ୍ୱାରା ପ୍ରକାଶିତ 'Shree Jagan-natha: Lord of The Universe'। ଦ୍ୱିତୀୟ ପୁସ୍ତକ ହେଉଛି 'Odia: Journey of A Language' ଓ ଏହା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର୍ ବାଲକ୍ରୀଷ୍ଣନଙ୍କ ପରିକଳ୍ପନା ଏବଂ ଶୁଭ୍ରାଂଶୁ ପଣ୍ଡା ଓ ପ୍ରତୀକ ପଟ୍ଟନାୟକଙ୍କ ଦ୍ୱାରା ରଚିତ ହୋଇଛି। ତୃତୀୟରେ 'Magical Tales From Odisha'ର ଜର୍ମାନୀ ଓ ଜାପାନୀ ଭାଷାରେ ଅନୁବାଦିତ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ରେଭେନ୍‌ଶା କଲେଜିଏଟ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଡ୍‌କରଙ୍କ ନାମରେ...

ବ୍ୟବହାର ଜରିଆରେ ଡ. ଆମ୍ବେଡ୍‌କରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ। ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ। ୧୫.୫ ଏକର ପରିମିତ ଜମିରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡ ଦୈନିକ ୩୦ ହଜାର ଯାତ୍ରୀଙ୍କ ପରିବହନର ମୁଖ୍ୟ ମାଧ୍ୟମ ହେବ। ଏହାକୁ ଦୃଷ୍ଟିରେ ରଖି ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବା ସହ ନିରାପତ୍ତା ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

**ଆମ୍ବେଡ୍‌କରଙ୍କ ଜୀବନ, ଆଦର୍ଶକୁ ନେଇ ସ୍ୱତନ୍ତ୍ର ଗ୍ୟାଲେରି କରାଯିବ**

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ଗଗନ ବିହାରୀ ମଙ୍ଗରାଜ**
ମହୁଲ, ଅଙ୍ଗାରପଡ଼ା
ଆବିର୍ଭାବ: ୧୫।୦୮।୧୯୫୫
ତିରୋଧାନ: ୨୭।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ହତଭାଗ୍ୟ ପୁତ୍ର: ରାଜେନ୍ଦ୍ର, ଜିତେନ୍ଦ୍ର, ସୁଧାଂଶୁ, ଆଶୁତୋଷ ଓ ଶୋକସନ୍ତପ୍ତ ମଙ୍ଗରାଜ ପରିବାରବର୍ଗ।
ଧ-୨୪୪୬

### ଦଶାହ ଉପଲକ୍ଷେ



**୰ଗୋଲକ ବିହାରୀ ପତି**
କୋଏଲ ନଗର, ରାଉରକେଲା
ଆବିର୍ଭାବ: ୧୮।୦୬।୧୯୨୯
ତିରୋଧାନ:୨୮।୦୧।୨୦୨୪
ଆପଣ ଥିଲେ ଜଣେ ସ୍ଥିତପ୍ରଜ୍ଞ ମଣିଷ। ଆପଣଙ୍କ ପ୍ରେମ, ତ୍ୟାଗ ଓ ଭଲପାଇବାର ପଟାନ୍ତର ନାହିଁ। କର୍ମମୟ ଜୀବନ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ର ଡିପାର୍ଟମେଣ୍ଟର ଜଣେ ସଚ୍ଚୋଟ ଅଫିସର ଓ କୋଏଲ ନଗର କାଳୀମନ୍ଦିରର ଥିଲେ ପ୍ରତିଷ୍ଠାତା, ଜୀବନର ସୁଖ ଦୁଃଖ ପଥର ଜଣେ ନୀରବଦ୍ରଷ୍ଟା।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୭୯୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଲକ୍ଷ୍ମଣ କୁମାର ଦାସ**
ପୁବା ଶାସନ, ପିପିଲି, ପୁରୀ
ଆବିର୍ଭାବ-୨୦।୦୧।୧୯୫୩
ତିରୋଧାନ- ୨୭।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-ଶୋକସନ୍ତପ୍ତ-
ଭାଇ-ଭାଉଜ, ସାନଭାଇ: ମୁକୁନ୍ଦ, ବୋହୂ: ଟିକିନା, ସାନଭଉଣୀ: ରାଧା, ପୁଅ-ବୋହୂ ଏବଂ ପୁତୁରା, ପୁତୁରାବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ଭଣଜା-ଭଣଜାବୋହୂ, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୪୪

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949



**REAL ESTATE**

**SALE**

ପୁରୀ ସାତଶଙ୍ଖରେ 34000 ବର୍ଗଫୁଟ ଫାର୍ମହାଉସ ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକ୍ରିହେବ। 7008833643. D-75905

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75705

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

Duplex sale at Bhubaneswar @ 57 lakhs only. Contact: 9777433701. D-75300




**Newly open SPA positively health benefits with expert therapist. 9090400507.** D-75198

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly health benefited Spa Expert Therapist at Mastercanteen. Contact: 7749034655. D-75193

Newly open SPA positively health benefits (Expert therapist). Contact: 9124527170. D-75197

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

**AFFIDAVIT**

An affidavit has been executed by me before P.K. Dwivedi, Advocate Notary dated 05.02.2024 for change of surname from Prabhati Mohanty to Prabhati Panda. Henceforth, I shall be known as Prabhati Panda W/o Kedar Nath Panda for all the. D-2441

By the virtue of an affidavit sworn before the Executive Magistrate, Bhubaneswar, Khordha, C.F.No.-25/24, date 01.02.2024, I Dev Narayan, S/o- Janak Narayan, At/P.O./P.S.-Khandagiri, Bhubaneswar-751030, Dist.- Khordha, Odisha have changed my name from Dev Narayan to Krishnadev Narayan. Henceforth, I shall be known as Krishnadev Narayan for all purposes. D-2438

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.-2747/ dt. 01.12.23
ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନଂ.-୮୫୦/୨୦୨୨
ବଟକୃଷ୍ଣ ପଟ୍ଟନାୟକ ....ବାଦୀ/ଦରଖାସ୍ତକାରୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ,
୧. ସବର ସାହୁ ଓରଫ ସର୍ବେଶ୍ୱର ସାହୁ, ବୟସ- ୬୩ବର୍ଷ, ପି- ୰ଦିବାକର ସାହୁ, ସା- ସିମିଳିପାଟନା, ଥା- ଚନ୍ଦକା, ଜି- ଖୋର୍ଦ୍ଧା
....ପ୍ରତିବାଦୀ ନଂ.-୪
୨. ମହାବାହୁ ରିଅଲ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍, ମାର୍ଫତ୍ ବନମାଳୀ ରଥ, ପି- ଲିଙ୍ଗରାଜ ପରମଗୁରୁ, ୟୁନିଟ୍-୪, ଭୁବନେଶ୍ୱର, ଥାନା- ଖାରବେଳନଗର, ଜି- ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୫
ନୋଟିସ
ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ବଟକୃଷ୍ଣ ପଟ୍ଟନାୟକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୪ ଓ ୫ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ ଓ ୫ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୮।୦୨।୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ଅଁଳାପାଟଣା, ସାବିକ ଖାତା ନଂ.-୨୦୮, ପ୍ଲଟ୍ ନଂ.-୨୦, ଏରିଆ- ଏ୦.୧୬୩ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ ଏ୦.୫୪ (ମୋଟ ଜମା ଏ୧.୦୦ ଡିସିମିଲି ମଧ୍ୟରୁ), ସବ୍ ପ୍ଲଟ୍ ନଂ.-୯୯, ସାବିକ ଖାତା ନଂ.-୩୮/୬, ପ୍ଲଟ୍ ନଂ.-୬୫/୧୯୫।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୪ ଓ ୫ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।
ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ-୨୪୩୯

Letter No.-2744/ dt. 01.12.23
ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନଂ.-୮୪୯/୨୦୨୨
ଅକ୍ଷୟ କୁମାର ପଟ୍ଟନାୟକ ....ବାଦୀ/ଦରଖାସ୍ତକାରୀ
ବନାମ
ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ,
୧. ସବର ସାହୁ ଓରଫ ସର୍ବେଶ୍ୱର ସାହୁ, ବୟସ- ୬୩ବର୍ଷ, ପି- ୰ଦିବାକର ସାହୁ, ସା- ସିମିଳିପାଟନା, ଥା- ଚନ୍ଦକା, ଜି- ଖୋର୍ଦ୍ଧା
....ପ୍ରତିବାଦୀ ନଂ.-୪
୨. ମହାବାହୁ ରିଅଲ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍, ମାର୍ଫତ୍ ବନମାଳୀ ରଥ, ପି- ଲିଙ୍ଗରାଜ ପରମଗୁରୁ, ୟୁନିଟ୍-୪, ଭୁବନେଶ୍ୱର, ଥାନା- ଖାରବେଳ ନଗର, ଜି- ଖୋର୍ଦ୍ଧା .....ପ୍ରତିବାଦୀ ନଂ.-୫
ନୋଟିସ
ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଅକ୍ଷୟ କୁମାର ପଟ୍ଟନାୟକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୪ ଓ ୫ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ ଓ ୫ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୮।୦୨।୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ଅଁଳାପାଟଣା, ସାବିକ ଖାତା ନଂ.-୨୦୮, ପ୍ଲଟ୍ ନଂ.-୨୦, ଏରିଆ- ୦.୧୬୩ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ ଏ୦.୫୪ (ମୋଟ ଜମା ଏ୧.୦୦ ଡିସିମିଲି ମଧ୍ୟରୁ), ସବ୍ ପ୍ଲଟ୍ ନଂ.-୯୮, ସାବିକ ଖାତା ନଂ.-୩୮/୬, ପ୍ଲଟ୍ ନଂ.-୬୫/୧୯୫।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୪ ଓ ୫ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।
ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ-୨୪୪୦

# ଟେବୁଲ ଶୀର୍ଷରେ ଓଏଫ୍‌ସି

ଭୁବନେଶ୍ୱର, ୫।୨
(ସରୋଜ ଜେନା)

ଡିଏଗୋ ମରିସିଓଙ୍କ ଡବଲ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ୩-୦ ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗଚିବାଓଲି ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୨୭, ୭୫) ଦୁଇଟି ଓ ରୟ କ୍ରିଷ୍ଣା(୪୫+୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହ କ୍ରମାଗତ ଦଶମ ମ୍ୟାଚରେ ଅପରାଜେୟ ରହିଛି ଓଏଫ୍‌ସି। ପ୍ରଥମ ହାଫ୍‌ରେ ଏକାଧିକ ସ୍କୋରିଂ ସୁଯୋଗ ମିଳିଥିଲେ ହେଁ ୨୭ ତମ ମିନିଟରେ ଡିଏଗୋ ମରିସିଓ ପ୍ରଥମ ଗୋଲ ଦେଇଥିଲେ। ହାଇଦ୍ରାବାଦ ଡିଫେଣ୍ଡରଙ୍କ ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ମରିସିଓ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ରୟ କ୍ରିଷ୍ଣା ଓଏଫ୍‌ସି ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। ଆଇଜାକ୍ ରାଲଟେ ଓ ଡିଏଗୋ ମରିସିଓ ମିଳିତ ଭାବେ ହାଇଦ୍ରାବାଦ ଡିଫେନ୍ସକୁ ଭେଦ କରିଥିଲେ। ତେବେ ରାଲ୍‌ଟେଙ୍କ ଶଟ୍ ବ୍ଲକ ହେବା ପରେ ସେ ରୟ କ୍ରିଷ୍ଣାଙ୍କୁ ପାଶ୍ କରିଥିଲେ। ଏହାକୁ ଗୋଲରେ

**ଇଣ୍ଡିଆନ୍ ସୁପର୍ ଲିଗ୍**
**ମରିସିଓଙ୍କ ଡବଲ୍ ଗୋଲ୍**

ପରିଣତ କରି ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ ରୟ କ୍ରିଷ୍ଣା।

ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ ପକ୍ଷରୁ ଗୋଲ ପରିଶୋଧ ପାଇଁ ଭରପୂର ପ୍ରୟାସ କରାଯାଇଥିଲା। ୭୦ ତମ ମିନିଟରେ ବିପଜ୍ଜନକ ଖେଳ ପାଇଁ ଏଲ୍ ବିଡ୍ମେସଙ୍କୁ ୟେଲୋ କାର୍ଡ ମିଳିଥିଲା। ୭୫ ତମ ମିନିଟରେ ମରିସିଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରିନ୍ସଟନ ରେବେଲୋଙ୍କ ପାଶ୍‌କୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ହାଇଦ୍ରାବାଦ ଗୋଲ କିପରଙ୍କୁ ପରାସ୍ତ କରିଥିଲେ ମରିସିଓ। ଏହି ବିଜୟ ସହ ୧୪ ମ୍ୟାଚରୁ ନବମ ବିଜୟ ସହ ୩୦ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷକୁ ଉଠିଛି ଓଡ଼ିଶା।






ଗୋଲ ଦେବାପରେ ଡିଏଗୋ ମରିସିଓ ଓ ରୟ କ୍ରିଷ୍ଣାଙ୍କ ପ୍ରତିକ୍ରିୟା।

## ଗୋଲ୍ଡେନ୍ ବୁଟ୍ ଦୌଡରେ ରୟ କ୍ରିଷ୍ଣା ଆଗୁଆ

ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ସ୍କୋର କରିବା ସହ ଗୋଲ୍ଡେନ ବୁଟ୍ ଦୌଡରେ ନିଜ ଦାବିଦାରୀକୁ ଦୃଢ କରିଛନ୍ତି ରୟ କ୍ରିଷ୍ଣା। ଚଳିତ ସିଜନରେ ୧୩ ତମ ମ୍ୟାଚ୍‌ରେ ସେ ୧୦ମ ଗୋଲ ସ୍କୋର କରିଛନ୍ତି। ଏହା ସହ ସର୍ବାଧିକ ଗୋଲ ସ୍କୋରରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ଚଳିତ ସିଜନର ପ୍ରଥମ ଖେଳାଳି ଭାବରେ ଗୋଲ ସଂଖ୍ୟାକୁ ୨ ଅଙ୍କରେ ପହଞ୍ଚାଇଛନ୍ତି ରୟ କ୍ରିଷ୍ଣା। କେରଳ ବ୍ଲାଷ୍ଟର୍ସର ଡିମିଟ୍ରୋସ ଡିଆମାଣ୍ଟାକୋସ ୮ଟି ଓ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ପେରେରା ଡିଆଜ ୬ଟି ଲେଖାଏ ଗୋଲ ଦେଇଛନ୍ତି। ଅନ୍ୟତମ ଓଏଫ୍‌ସି ଖେଳାଳି ଡିଏଗୋ ମରିସିଓ ୬ ଗୋଲ ସହ ତୃତୀୟ ସ୍ଥାନରେ ରହିଛନ୍ତି।

**୧୯ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍**

## ନେପାଳକୁ ଭେଟିବ ଭାରତ

**ଢାକା, ୫।୨ (ପି.ଟି.):** ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ୦-୧ରେ ବାଂଲାଦେଶଠାରୁ ହାରିଯାଇଛି। ଭାରତ ଆୟୋଜକ ଦଳ ବିପକ୍ଷରେ ଦୃଢ଼ ପ୍ରଦର୍ଶନ କରିଥିଲା। ମ୍ୟାଚ ଡ୍ର ଆଡକୁ ମୁହାଁଇଥିବା ବେଳେ ଇଞ୍ଜୁରୀ ଟାଇମ୍‌ରେ ଗୋଟିଏ ଗୋଲ ବରଣ କରି ପରାଜିତ ହୋଇଥିଲା। ଦଳ ମଙ୍ଗଳବାର ଏହାର ପରବର୍ତ୍ତୀ ଗେମ୍ ନେପାଳ ବିପକ୍ଷରେ ଖେଳିବ। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ନେପାଳ ବିପକ୍ଷରେ ଭାରତ ଏକ ମାତ୍ର ଗୋଲ୍‌ରେ ବିଜୟ ହାସଲ କରି ଫାଇନାଲରେ ବାଂଲାଦେଶକୁ ଭେଟିଥିଲା। ଏଠାରେ ଦଳ ପାଇଁ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ନେପାଳ ବିପକ୍ଷ ମ୍ୟାଚ ଡ୍ର କିମ୍ବା ବିଜୟ ହାସଲ କରିବାକୁ ପଡ଼ିବ।

## ସତୀଶ-ଆଦ୍ୟାଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**ନୂଆଦିଲ୍ଲୀ, ୫।୨ (ପି.ଟି.):** ଭାରତର ସତୀଶ କୁମାର କରୁଣାକରନ ଏବଂ ଆଦ୍ୟା ଭାରିୟାଥ୍ ଇରାନର ୟାଦ୍‌ଠାରେ ଅନୁଷ୍ଠିତ ୩୨ତମ ଫଜର ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ସତୀଶ ଓ ଆଦ୍ୟା ଫାଇନାଲରେ ସୁମିତ ଓ ସିକ୍କିଙ୍କୁ ୨୨-୨୦, ୨୧-୧୪ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ କେ. ସାଇ ପ୍ରଣିଥ୍ ଓ କ୍ରିଷ୍ଣା ପ୍ରସାଦ ଗାରେଜ ମେକ୍ସିକୋ ଯୋଡ଼ି ଜବ୍ କାଷ୍ଟିଲୋ ଓ ଲୁଇସ୍ ଆର୍ମାଣ୍ଡୋ ମଣ୍ଟୋୟାଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରି ପୁରୁଷ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସତୀଶ ୧୭-୨୧, ୧୮-୨୧ରେ ହଂକଂର ଏନ୍‌ଗୁୟେନ ହାଇ ଡାଙ୍ଗଙ୍କଠାରୁ ହାରିଯାଇଥିବା ବେଳେ ମହିଳା ସିଙ୍ଗଲ୍ସରେ ଚତୁର୍ଥ ସିଡ୍ ତସ୍ନିନ ମୀର୍ ୧୪-୨୧, ୧୨-୨୧ରେ ହଂକଂର ସିନ୍ ୟାନ୍ ହାପି ଲୋ'ଙ୍କଠାରୁ ପରାଜିତ ହୋଇଛନ୍ତି। ସୂଚନାଯୋଗ୍ୟ, ସତୀଶ ଗତବର୍ଷ ଡିସେମ୍ବରରେ ଓଡ଼ିଶା ଓପନରେ ତାଙ୍କ ପ୍ରଥମ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ଟାଇଟଲ ଜିତିଥିଲେ।

## ପୁରୁଷ ହକି ପ୍ରୋ ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୧୦/୨/୨୪ | ଆୟର୍ଲାଣ୍ଡ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୦/୨/୨୪ | ଭାରତ ବନାମ ସ୍ପେନ୍ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୧/୨/୨୪ | ସ୍ପେନ୍ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୧/୨/୨୪ | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୩/୨/୨୪ | ଆୟର୍ଲାଣ୍ଡ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୩/୨/୨୪ | ସ୍ପେନ୍ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୫/୨/୨୪ | ସ୍ପେନ୍ ବନାମ ଆୟର୍ଲାଣ୍ଡ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୫/୨/୨୪ | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୬/୨/୨୪ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ଭୁବନେଶ୍ୱର |
| ୧୬/୨/୨୪ | ଆୟର୍ଲାଣ୍ଡ ବନାମ ଭାରତ | ସନ୍ଧ୍ୟା ୭.୩୦ | ଭୁବନେଶ୍ୱର |
| ୧୯/୨/୨୪ | ଆୟର୍ଲାଣ୍ଡ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୧୯/୨/୨୪ | ଭାରତ ବନାମ ସ୍ପେନ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୧/୨/୨୪ | ସ୍ପେନ୍ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୧/୨/୨୪ | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୨/୨/୨୪ | ଆୟର୍ଲାଣ୍ଡ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୨/୨/୨୪ | ସ୍ପେନ୍ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୪/୨/୨୪ | ଆୟର୍ଲାଣ୍ଡ ବନାମ ସ୍ପେନ୍ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୪/୨/୨୪ | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୫/୨/୨୪ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୫.୩୦ | ରାଉରକେଲା |
| ୨୫/୨/୨୪ | ଭାରତ ବନାମ ଆୟର୍ଲାଣ୍ଡ | ସନ୍ଧ୍ୟା ୭.୩୦ | ରାଉରକେଲା |
| ୨୨/୫/୨୪ | ଭାରତ ବନାମ ଆର୍ଜେଣ୍ଟିନା | ସନ୍ଧ୍ୟା ୬.୦୦ | ଆଣ୍ଟୱେର୍ପ |
| ୨୩/୫/୨୪ | ଭାରତ ବନାମ ବେଲଜିୟମ | ରାତି ୧୨.୩୧ | ଆଣ୍ଟୱେର୍ପ |
| ୨୫/୫/୨୪ | ବେଲଜିୟମ ବନାମ ଭାରତ | ସନ୍ଧ୍ୟା ୭.୪୫ | ଆଣ୍ଟୱେର୍ପ |
| ୨୬/୫/୨୪ | ଆର୍ଜେଣ୍ଟିନା ବନାମ ଭାରତ | ରାତି ୧୦.୦୦ | ଆଣ୍ଟୱେର୍ପ |
| ୧/୬/୨୪ | ଜର୍ମାନୀ ବନାମ ଭାରତ | ଅପରାହ୍ନ ୨.୩୦ | ଲଣ୍ଡନ |
| ୨/୬/୨୪ | ଗ୍ରେଟ୍ ବ୍ରିଟେନ୍ ବନାମ ଭାରତ | ଅପରାହ୍ନ ୪.୪୫ | ଲଣ୍ଡନ |
| ୧/୬/୨୪ | ଜର୍ମାନୀ ବନାମ ଭାରତ | ରାତି ୯.୪୫ | ଲଣ୍ଡନ |
| ୧/୬/୨୪ | ଗ୍ରେଟ୍ ବ୍ରିଟେନ୍ ବନାମ ଭାରତ | ସନ୍ଧ୍ୟା ୭.୦୦ | ଲଣ୍ଡନ |

## ୪୩୧ ରନ୍ ପଛରେ ଦକ୍ଷିଣ ଆଫ୍ରିକା

**ମାଉଣ୍ଟ ମାଉଙ୍ଗାଉନି, ୫।୨(ପି.ଟି.)**

ରାଚିନ୍ ରବୀନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଦ୍ୱିଶତକ ବଳରେ ପ୍ରଥମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ନ୍ୟୁଜିଲାଣ୍ଡ। ରବୀନ୍ଦ୍ରଙ୍କ ୨୪୦ ରନ୍ ବଳରେ ଘରୋଇ ଦଳ ପ୍ରଥମ ଇନିଂସରେ ୫୧୧ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ଉଇକେଟ ହରାଇ ୮୦ ରନ୍ କରି ୪୩୧ ରନ୍ ପଛରେ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୮/୨ରୁ ଖେଳ ଆରମ୍ଭ କରିଥିଲା ନ୍ୟୁଜିଲାଣ୍ଡ। ଦଳୀୟ ସ୍କୋର ୨୭୧ରେ କେନ୍ ୱିଲିୟମସନ୍ ୧୧୮ ରନ୍ କରି ଆଉଟ ହୋଇଥିଲେ। ତେବେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ରାଚିନ୍ ରବୀନ୍ଦ୍ର କିନ୍ତୁ ଦ୍ୱିଶତକ ହାସଲ କରିଥିଲେ। ୩୬୬ ବଲ୍ ଖେଳି ୨୬ ଚୌକା ଓ ୩ ଛକା ମାରିବା ସହ ୨୪୦ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡାରିଲ୍ ମିଚେଲ୍ ୩୪ ଓ ଗ୍ଲେନ୍ ଫିଲିପ୍ସ

**ରାଚିନ୍ ରବୀନ୍ଦ୍ରଙ୍କ ଦ୍ୱିଶତକ**

୩୯ ରନ୍‌ର ଇନିଂସ ଖେଳିଥିଲେ। ଶେଷ ଆଡକୁ ମ୍ୟାଟ୍ ହେନ୍‌ରୀ ଦ୍ରୁତ ୨୭ ରନ୍ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ଅଧିନାୟକ ନୀଲ ବ୍ରାଣ୍ଡ ୬ ଉଇକେଟ ନେଇଥିବା ବେଳେ ରୁଆନ୍ ଡେ ସ୍ୱାର୍ଟ ୨, ଡେନ୍ ପାଟରସନ୍ ଓ ଶେପୋ ମୋରେକି ୧ ଉଇକେଟ ଲେଖାଏ ନେଇଥିଲେ।

ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଦକ୍ଷିଣ ଆଫ୍ରିକାକୁ ୪ ଉଇକେଟ ହରାଇ ୮୦ ରନ୍ ସ୍କୋର କରିଛି। ଏଡ୍‌ୱାର୍ଡ ମୁର(୨୩) ଓ ନୀଲ ବ୍ରାଣ୍ଡ (୪) ପ୍ରଥମ ଉଇକେଟରେ ୨୬ ରନ୍ ଯୋଡିଥିଲେ। ତେବେ କାଇଲ୍ ଜେମିସନ୍ ୨ ଉଇକେଟ ନେଇ ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟ୍‌ରେ ରଖିଥିଲେ। ୩୦ ରନ୍‌ରେ ୩ ଉଇକେଟ ପଡିବା ପରେ ଜୁବେର ହମଜା(୨୨) ଓ ଡେଭିଡ୍ ବେଣ୍ଡିଙ୍ଗହାମ(୨୯*) ଚତୁର୍ଥ ଉଇକେଟରେ ୪୪ ରନ୍ ଯୋଡିଥିଲେ। ଦିନର ଶେଷ ଆଡକୁ ହମଜାଙ୍କୁ ଆଉଟ କରି ଚତୁର୍ଥ ସଫଳତା ପ୍ରଦାନ କରିଥିଲେ ମିଚେଲ୍ ସାଣ୍ଟନର। କାଇଲ ଜେମିସନ ୨ ଉଇକେଟ ନେଇଥିବା ବେଳେ ମ୍ୟାଟ ହେନରୀ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୧୪୪ ଓଭରରେ ୫୧୧/୧୦( ରାଚିନ୍ ରବୀନ୍ଦ୍ର-୨୪୦, କେନ୍ ୱିଲିୟମସନ୍-୧୧୮, ଗ୍ଲେନ୍‌ଫିଲିପ୍ସ-୩୯, ନୀଲ ବ୍ରାଣ୍ଡ-୬/୧୧୯, ରୁଆନ୍ ଡେ ସ୍ୱାର୍ଟ-୨/୬୧ ଡେନ୍ ପ୍ୟାଟରସନ୍-୧/୯୮)।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୨୮ ଓଭରରେ ୮୦/୪(ଡେଭିଡ୍ ବେଣ୍ଡିଙ୍ଗହାମ-୨୯*,ଏଡୱାର୍ଡ ମୁର୍-୨୩, ଜୁବେର ହମଜା-୨୨, କାଇଲ ଜେମିସନ୍-୨/୨୧, ମିଚେଲ୍ ସାଣ୍ଟନର-୧/୧୩, ମ୍ୟାଟ ହେନ୍‌ରୀ-୧/୧୫)।

## ଜାଭେଲିନ୍ ଥ୍ରୋୟର ନଦିମଙ୍କ ଅସ୍ତ୍ରୋପଚାର ହେବ

**କରାଚୀ, ୫।୨ (ପି.ଟି.):** ପାକିସ୍ତାନର ଟପ୍ ଜାଭେଲିନ୍ ଥ୍ରୋୟର ଅର୍ଶାଦ ନଦିମଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହେବ। ଏଥିପାଇଁ ସେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରୁଛନ୍ତି। ନଦିମ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଆଣ୍ଠୁରେ ସମସ୍ୟା ଯୋଗୁ ସେ ଗତବର୍ଷ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରୁ ଓହରିଯାଇଥିଲେ। ପାକିସ୍ତାନର ଏହି ୨୭ ବର୍ଷୀୟ ଆଥ୍‌ଲେଟ ୨୦୨୨ରେ ବର୍ମିଂହାମଠାରେ ୯୦.୧୮ ମିଟର ଥ୍ରୋ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଥିଲେ। ଗତବର୍ଷ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ନୀରଜ ଚୋପ୍ରାଙ୍କ ପଛରେ ରହି ଏକ ରୌପ୍ୟ ପଦକ ଜିତିଥିଲେ।

## ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୫।୨
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୮ସ୍ଥିତ ମହର୍ଷୀ ବିଦ୍ୟାମନ୍ଦିର ପରିସରରେ ୬ଷ୍ଠ ବନ ବିହାରୀ ପଟ୍ଟନାୟକ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆଦିତ୍ୟ ପ୍ରସାଦ ଦାଶ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଭବ ବେହେରା, ସାଇ ସ୍ୱାଗତ ପରିଜା, ତପୋତନ୍ମୟ ନାୟକ, ଅଂଶୁମାନ ଦାଶ, ଆୟୁଷ୍ମାନ ବେହେରା, ଅନିଶ ଅକୁଲ ପ୍ରଧାନ, ପୀୟୂଷ ଜେନା, ନୟୋନିକା ଦାସ ଓ ଶ୍ରୀୟଂଶ ମହାପାତ୍ର ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ପାଇଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ସମେତ ୮ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମହର୍ଷୀ ବିଦ୍ୟାମନ୍ଦିରର ପ୍ରିନ୍ସିପାଲ ଅନୁସୂୟା କର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବନ ବିହାରୀ ପଟ୍ଟନାୟକଙ୍କ ପୁତ୍ର ଆନନ୍ଦ ଶଙ୍କର ପଟ୍ଟନାୟକ, ଝିଅ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଘେଶ୍ୱର ୱାରିୟର୍ସ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୫।୨
(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ବିଏମ ହାଇସ୍କୁଲ ପଡିଆରେ କପାଳି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ପ୍ରତିଯୋଗିତାର ଫାଇନାଲ ସୋମବାର ବାଘେଶ୍ୱର ୱାରିୟର୍ସ ଓ ତିନିମୁଣ୍ଡିଆ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଘେଶ୍ୱର୍ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭର୍‌ରେ ୧୭୮ ରନ୍ କରିଥିଲା। ଜବାବ ରେ ଗତ ୩ ଥର ଚାମ୍ପିୟନ ତିନିମୁଣ୍ଡିଆ ଟାଇଗର୍ସ ୧୦ ଓଭର ରେ ମାତ୍ର ୧୧୯ ରନ୍ କରିପାରିଥିଲା। ଫାଇନାଲ ରେ ବିକି ବଟୁ ୧୭ ବଲ୍ ରେ ୫୪ ରନ୍ କରି ମ୍ୟାନ ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ନିକୁଲ ମହାପାତ୍ର ଟୁର୍ନାମେଣ୍ଟରେ ସର୍ବାଧିକ ୧୭୫ ରନ୍ କରି ଶ୍ରେଷ୍ଠ ବ୍ୟାଟର ଓ ରାଜା ଗରାବଡୁ ସର୍ବାଧିକ ୬ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଆଲରାଉଣ୍ଡ ପ୍ରଦର୍ଶନ ପାଇଁ ଆଶୁ ମହାପାତ୍ର ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଶିବପ୍ରସାଦ ବେହେରା, ୱାର୍ଡ ବିଜେଡି ସଭାପତି ଦାଶରଥି ଗରାବଡୁ, ସମାଜସେବୀ ହିମାଦ୍ରି ଶେଖର ମହାପାତ୍ର, ଯୁବ ନେତା ସ୍ୱାଗତ ମହାପାତ୍ର, ବବୁଲୁ ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।




ଚାମ୍ପିୟନ ବାଘେଶ୍ୱର ୱାରିୟର୍ସ ଦଳର ଖେଳାଳିମାନେ ଟ୍ରଫି ସହ।

## ରେଳୱେ, ଓଡ଼ିଶା ପୋଲିସ ଚାମ୍ପିୟନ

କଟକ, (କାର୍ତ୍ତିକ ସାହୁ),
ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)

ଓଡ଼ିଶା କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ୭୧ତମ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଓ ପୁରୁଷରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଛି। ମହିଳା ବିଭାଗ ଫାଇନାଲରେ ରେଲୱେ ଦଳ ୨୮-୧୩ ପଏଣ୍ଟରେ ଓଡ଼ିଶା ପୋଲିସକୁ ପରାସ୍ତ କରିଥିଲା। ଢେଙ୍କାନାଳ ତୃତୀୟ ଓ ଖୋର୍ଦ୍ଧା ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ସେହିପରି ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶା ପୋଲିସ ୩୨-୨୭ ପଏଣ୍ଟ ବ୍ୟବଧାନରେ ଢେଙ୍କାନାଳକୁ ହରାଇ ଦେଇଥିଲା। ନୂଆପଡ଼ା ତୃତୀୟ ଓ କଟକ ଚତୁର୍ଥ ହୋଇଥିଲା। ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେର ନିତୁ ଦେବୀ ଶ୍ରେଷ୍ଠ କ୍ୟାଚର ଓ ଓଡ଼ିଶା ପୋଲିସର ରଶ୍ମିତା ସାହୁ ଶ୍ରେଷ୍ଠ ରେଡର ବିବେଚିତ ହୋଇଥିଲେ। ନିତୁ ଦେବୀ ପ୍ଲେୟର ଅଫ୍ ଦି ଚାମ୍ପିୟନଶିପ୍ ବିବେଚିତ ହୋଇଥିଲେ। ପୁରୁଷ ବିଭାଗରେ

**ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଉଦ୍‌ଯାପିତ**

ଓଡ଼ିଶା ପୋଲିସର ପ୍ରକାଶ ସାହୁ ଶ୍ରେଷ୍ଠ କ୍ୟାଚର, ଢେଙ୍କାନାଳର ଭୂପେନ୍ଦ୍ର ରାଉତ ଶ୍ରେଷ୍ଠ ରେଡର ଓ ଓଡ଼ିଶା ପୋଲିସର ମନୀନ୍ଦ୍ର ନାୟକ ପ୍ଲେୟର ଅଫ୍ ଦି ଚାମ୍ପିୟନଶିପ୍ ପୁରସ୍କାର ପାଇଥିଲେ।

ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସଭାପତି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନିରାମୟର ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଭାରତୀୟ ମହାବୁଦ୍ଧି ସୋସାଇଟିର ଟ୍ରଷ୍ଟି ସୌରେନ୍ଦ୍ର କୁମାର ମହାପାତ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ଶାଖା ପ୍ରବନ୍ଧକ ରମେଶ ନନ୍ଦ, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଓଡ଼ିଶା କବାଡ଼ି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ରାମଚନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରୁଚିର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡ଼ାବିତ୍ ମହମ୍ମଦ ସହିଦ ଜବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କଟକ ଜିଲା ଆଥଲେଟିକ ଆସୋସିଏଶନ୍ ଓ ବାରବାଟୀ କବାଡ଼ି କ୍ଲବ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲା ଓ ବିଭିନ୍ନ ଅଫିସିଆଲ କ୍ରୀଡ଼ା ସଂଘ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ।






ପୁରୁଷ ବିଭାଗରେ ଚାମ୍ପିୟନ ଓଡ଼ିଶା ପୋଲିସ ଓ ମହିଳା ବର୍ଗ ଚାମ୍ପିୟନ ଇଷ୍ଟକୋଷ୍ଟ ରେଲୱେ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ରାଜ୍ୟସ୍ତରୀୟ ପାରା ଭଲିବଲ୍ ଓ ସନ୍ତରଣ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ୟୁନିଟ-୮ ଇନ୍‌ଡୋର ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ପାରା ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୯ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ଟ୍ରାଏଲ ସଦୃଶ ହେବ। କାରଣ ଏଥିରୁ ଆଗାମୀ ଜାତୀୟ ପୁରୁଷ ଓ ମହିଳା ସିଟିଂ ଭଲିବଲ ଚାମ୍ପିୟନଶିପ ପାଇଁ ଖେଳାଳି ମନୋନୟନ ହେବ। ଏହି ଜାତୀୟ ପ୍ରତିଯୋଗିତା ରାଜସ୍ଥାନ ଜୟପୁରର ଏନ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେବଳ ହାତ ଓ ଗୋଡ଼ରେ ଭିନ୍ନକ୍ଷମତା ଥିବା ଖେଳାଳି ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ପାରା ଭଲିବଲ ଅଧ୍ୟକ୍ଷ ବଙ୍କିମ ଚନ୍ଦ୍ର ମହାନ୍ତିଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ସେହିପରି ଚଳିତ ମାସ ୧୨-୧୩ ତାରିଖରେ ରାଜ୍ୟ ସ୍ତରୀୟ ପାରା ସନ୍ତରଣ ଚାମ୍ପିୟନଶିପ ୨୦୨୪ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଥିବା ବିଜୁ ପଟ୍ଟନାୟକ ସୁଇମିଂ ପୁଲରେ ଅନୁଷ୍ଠିତ ହେବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ସନ୍ତରଣ ସଂଘ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ଯନ୍ତ୍ରଣାର ଘରୋଇ ଉପଚାର

ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ। କ୍ୟାଲସିୟମ୍‌ର ଅଭାବ ହେଉ କିମ୍ବା ଠିକ୍ ସମୟରେ ଖାଇବାରେ ଅବହେଳା ଅବା ଅଧିକ ଶାରୀରିକ ପରିଶ୍ରମ କାରଣରୁ ଏଭଳି ସମସ୍ୟା ଉପୁଜିଥାଏ। ଏହାକୁ କମ୍ କରିବା ଲାଗି ଅନେକେ ପେନ୍‌କିଲର ଖାଇଥାନ୍ତି, ଯାହାକି ଅଧିକ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ ଗଣ୍ଠିଯନ୍ତ୍ରଣା ହେଉଥିଲେ କେତେକ ଘରୋଇ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରିପାରିବେ....



■ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ରସୁଣ ବେଶ୍ ଉପକାରୀ। ଏହାକୁ ପେଷ୍ଟକରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ୧ ଚାମଚ ଖାଇଲେ ଗଣ୍ଠି ଯନ୍ତ୍ରଣା କମିଥାଏ। ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ ଉପଶମ ମିଳିଥାଏ।

■୧ ଗ୍ଲାସ୍ ଉଷୁମ କ୍ଷୀରରେ ୧ ଚାମଚ ହଳଦୀଗୁଣ୍ଡ ଏବଂ ୧ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ।

■ମେଥି ମଧ ଗଣ୍ଠିଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂରହୋଇଥାଏ।

■ପିଆଜରେ ସଲ୍‌ଫର୍ ଅଧିକ ପରିମାଣରେ ଭରି ରହିଛି ; ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମ୍‌କୁ ନିୟନ୍ତ୍ରଣ କରିଥାଏ। ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲକଲେ ଉପକୃତ ହେବେ।

■ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ସୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ। ନଡ଼ିଆତେଲ କିମ୍ବା ସୋରିଷତେଲରେ ରସୁଣ ପକାଇ ଗରମକରି କିମ୍ବା ନଡ଼ିଆ ତେଲରେ କର୍ପୂର ମିଶାଇ ଗରମକରି ଅଣ୍ଟାରେ ମାଲିସ୍‌କଲେ ମଧ ଯନ୍ତ୍ରଣାରୁ ଉପଶମ ପାଇପାରିବେ।

# ଇଣ୍ଡୋ-ୱେଷ୍ଟର୍ନ ଫ୍ୟାଶନ

**ଶାଢ଼ି ଏବେ ଆଉ କେବଳ ଟ୍ରାଡିଶନାଲ ୱେର୍‌ରେ ସୀମିତ ହୋଇନାହିଁ। ଏହା ସହ ବିଭିନ୍ନ ଡିଜାଇନ ପ୍ୟାଣ୍ଟର ଫ୍ୟୁଜନ୍ ଏବେ ଇଣ୍ଡୋ-ୱେଷ୍ଟର୍ନ ଟ୍ରେଣ୍ଡ ପାଲଟିଛି, ଯାହାକୁ ଫ୍ୟାଶନ ପ୍ରିୟ ଯୁବତୀ ଏବଂ ମହିଳାମାନେ ଖୁବ୍ ପସନ୍ଦ କରୁଛନ୍ତି ...**

**ଶାଢ଼ି ସହ ଜିନ୍ସ–** ଯଦି କୌଣସି ଉତ୍ସବରେ ଟ୍ରାଡିଶନାଲ ଆଉଟ୍‌ଫିଟ୍‌ରେ ଯିବା ସମୟରେ ଫେଷ୍ଟିଭ୍ ଲୁକ୍ ଦେବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ ପିନ୍ଧିପାରିବେ।

**ସିଲ୍କ ଶାଢ଼ି ଓ ଷ୍ଟ୍ରେଟ୍ ପ୍ୟାଣ୍ଟ–** ହେଭି ବର୍ଡର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ମଡର୍ନ ଲୁକ୍ ଦେଇଥାଏ। କୌଣସି ପାର୍ଟି କିମ୍ବା ଫଙ୍କଶନରେ ଏଭଳି ଡ୍ରେସ୍ ସହ ମ୍ୟାଚିଂ କରି ଆପଣ ନେକ୍‌ଲେସ୍ ଓ ଇଅରିଙ୍ଗ୍ସ ବି ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ। କେବଳ ସିଲ୍କ ଶାଢ଼ି ନୁହେଁ, ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଯେକୌଣସି ଶାଢ଼ି ପିନ୍ଧିଲେ ଆପଣ ଷ୍ଟାଇଲିଶ୍ ଦେଖାଯିବେ। ଏହା ସହ ହେଭି ଜୁଏଲେରି ଏବଂ ଫୁଲ୍ ହ୍ୟାଣ୍ଡ ବ୍ଲାଉଜ୍ ପିନ୍ଧିପାରିବେ, ଯାହା ଆପଣଙ୍କ ସୌନ୍ଦର୍ଯ୍ୟକୁ ଆହୁରି ଅଧିକ ବଢ଼ାଇବ।



**ଶାଢ଼ି ସହ ଧୋତି ପ୍ୟାଣ୍ଟ –** ଯଦି ଆପଣଙ୍କ ଫିଗର ପତଳା ଏବଂ ଶାଢ଼ିରେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହଁଛନ୍ତି ତେବେ ଏହି କମ୍ବିନେଶନ ଆପଣଙ୍କ ପାଇଁ ସବୁଠୁ ଭଲ ଅପ୍ସନ। ଏହା ଯେତିକି ଷ୍ଟାଇଲିଶ୍, ସେତିକି କମ୍ଫର୍ଟେବଲ୍ ବି। ଧୋତି ପ୍ୟାଣ୍ଟର କଲର ସହ ମ୍ୟାଚିଂ କରି ପ୍ଲେନ୍ ଶାଢ଼ି କିଣନ୍ତୁ, ଯେଉଁଥିରେ ଆପଣ ଅଧିକ ଫ୍ୟାଶନେବଲ୍ ଲାଗିବେ।

**ବନାରସୀ ଶାଢ଼ି ଓ ଚୁଡ଼ିଦାର –**ଲାଇଟ୍ କଲର ବନାରସୀ ଶାଢ଼ି ସହ ଗୋଲ୍ଡେନ୍ କଲର ପ୍ୟାଣ୍ଟ ବେଶି ଭଲ ମାନିଥାଏ। ଏହା ସହ ସରୁ ଗୋଲ୍ଡେନ୍ ବେଲ୍ଟ ଏବଂ ହାଇ ହିଲ୍ସ ଆପଣଙ୍କୁ ଆଟ୍ରାକ୍ଟିଭ୍ ଓ ଟ୍ରେଣ୍ଡି ଲୁକ୍ ଦେବ।

# ସୁଖୀ ଦାମ୍ପତ୍ୟ



## ଏମାନେ କ'ଣ କରନ୍ତି



**ସବିତା ବେହେରା**(ଗୃହିଣୀ, ଝାରସୁଗୁଡ଼ା) – ବିବାହ ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ରହିବା ଲାଗି ନିଜ ଭିତରେ ବୁଝାମଣା ଠିକ୍ ରହିବା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଭାବିଥାଏ। କାରଣ ବୁଝାମଣା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ତେଣୁ ଏଭଳି କୌଣସି କାମ କେବେ କରେ ନାହିଁ ଯାହା ସ୍ୱାମୀଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପତିପତ୍ନୀଙ୍କ ମଧ୍ୟରେ କେବେ କେବେ ଛୋଟମୋଟ ଝଗଡ଼ା ହେବା ଏକ ସାଧାରଣ ଘଟଣା। ଯଦି କେବେ ଏଭଳି ପରିସ୍ଥିତି ଉପୁଜେ ରାଗିବା ବଦଳରେ ଚୁପ୍ ରହି ପରବର୍ତ୍ତୀ ସମୟରେ ଏହାର ସମାଧାନ କରିବାକୁ ଚେଷ୍ଟାକରେ। ଆମ ମଝିରେ କେବେ ତୃତୀୟ ଲୋକଙ୍କୁ ସମାଧାନ ପାଇଁ ଆସିବାକୁ ଦିଏ ନାହିଁ।



**ନିରୁପମା ସାହୁ**(ଗୃହିଣୀ, ଯାଜପୁର)– ପରସ୍ପର ପ୍ରତି ସମ୍ମାନ, ଭଲ ପାଇବା, ବିଶ୍ୱାସ ଆଉ କର୍ତ୍ତବ୍ୟପରାୟଣ ହେବା ହିଁ ଏକ ସୁଖୀ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର। ଆମ ବିବାହ ୨୫ ବର୍ଷ ହେବ ଆମେ ଏହାକୁ ପାଳି ଆସୁଛି। ଆମେ ଦୁହେଁ କେବେ କାହାକୁ ଅନ୍ୟ ସହ ତୁଳନା କରିବା, ଅଯଥାରେ ରାଗିବା, ସନ୍ଦେହ କରିବା ଭଳି ଭୁଲ୍ କରି ନ ଥାଉ। ସୁଖଦୁଃଖ ସବୁ ପରିସ୍ଥିତିରେ ନିଃସ୍ୱାର୍ଥପର ଭାବେ ଜଣେ ଜଣଙ୍କ ପାଇଁ ନିଶ୍ଚେ ଠିଆ ହେଉ। ଯାହାକି ଆମ ସମ୍ପର୍କକୁ ମଜଭୁତ କରିପାରିଛି।

**ବିବାହ ଏଭଳି ଏକ ନିବିଡ଼ ସମ୍ପର୍କ ଯାହା ଦୁଇ ମଣିଷଙ୍କୁ ସାରା ଜୀବନ ଏକସୂତ୍ରରେ ବାନ୍ଧି ରଖିବାର ପ୍ରତିଶ୍ରୁତି ବହନକରେ । ହେଲେ ବର୍ତ୍ତମାନ ଅଧିକାଂଶ ବୈବାହିକ ସମ୍ପର୍କ ଯୋଡ଼ିହେବାକୁ ଯେତିକି ସମୟ ନ ଲାଗୁଛି ତା'ଠାରୁ ଶୀଘ୍ର ଛାଡ଼ପତ୍ର ହେଉଥିବା ଦେଖିବାକୁ ମିଳୁଛି। ତେବେ ଯେଉଁମାନେ ଏହା ପଛରେ କାରଣ କ'ଣ ବୁଝନ୍ତି ଏବଂ ନିଜ ସମ୍ପର୍କ ଭିତରେ ଏହିସବୁକୁ ସ୍ଥାନ ନ ଦିଅନ୍ତି, ସେହିମାନେ ହିଁ ଏକ ସଫଳ ଦାମ୍ପତ୍ୟ ଜୀବନର ସୁଖ ପାଇପାରନ୍ତି...**





**ଠିକ୍ ନୁହେଁ ସନ୍ଦେହ:** ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି କରିବାର ସବୁଠୁ ବଡ଼ କାରଣ ହେଉଛି ସନ୍ଦେହ। ଅନେକେ ନିଜ ଜୀବନସାଥୀଙ୍କୁ କାହା ସହ ଖୁସିରେ କଥା ହେଉଥିବାର ଦେଖିଲେ ବି ସନ୍ଦେହ କରନ୍ତି। ଏମିତିକି ତାଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ପଛାନ୍ତି ନାହିଁ। କେବେ କେବେ ପରକଥାରେ ନିଜ ପାର୍ଟନରଙ୍କ କଥାକୁ ମିଛ ବୋଲି ବି ଭାବିନିଅନ୍ତି। ହେଲେ ଏହାଦ୍ୱାରା ମତାନ୍ତର, ମନାନ୍ତର ହୋଇ ବିଚ୍ଛେଦର କାରଣ ସାଜିପାରେ। ତେଣୁ ଯଦି ସମ୍ପର୍କକୁ ଅତୁଟ ରଖିବାକୁ ଚାହୁଁଛନ୍ତି ତେବେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂରକରିବାକୁ ଚେଷ୍ଟା କରନ୍ତୁ।

**ସ୍ୱାର୍ଥ:** ଅର୍ଥର ଲୋଭ ହେଉ ଅବା ଅନ୍ୟ କୌଣସି ସ୍ୱାର୍ଥ ରଖି ଅନେକେ ବିବାହ କରିଥାନ୍ତି। ଆଉ ନିଜର କାର୍ଯ୍ୟ ପୂରଣ ପରେ ସେମାନଙ୍କୁ ଜୀବନସାଥୀ ଅଲୋଡ଼ା ହୋଇଯାଆନ୍ତି। ଆଉ ଏମିତିରେ ଅନ୍ୟ ଜଣେ ମାନସିକ ଆଘାତ ପାଇଥାଏ ଓ ଏହି ସମ୍ପର୍କ ଭାଙ୍ଗିଯାଏ। ତେଣୁ ନିଜ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।



**କମ୍ୟୁନିକେଶନ ଗ୍ୟାପ୍:** କୌଣସି କଥାକୁ ନେଇ ରାଗ ଅବା ସନ୍ଦେହ ସୃଷ୍ଟି ହେଲେ କଥା ନ ହେବା, ମନ ଭିତରେ ଦୁଃଖକୁ ଚାପିରଖିବା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ, ଯାହାକି ଶେଷରେ ମନାନ୍ତର ଏବଂ ବିଚ୍ଛେଦର ରୂପ ନେଇଥାଏ। ବେଳେବେଳେ ବୁଝାମଣା ଅଭାବରୁ ଗ୍ୟାପ୍ ବଢ଼ିଯାଏ। ତେଣୁ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କ ଖରାପ କରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବା ଦ୍ୱାରା ସମ୍ପର୍କ ମଧୁର ହୋଇଥାଏ।

**ଅବିଶ୍ୱାସ ହିଁ ବଡ଼ ଶତ୍ରୁ:** କାହା ପ୍ରତି ବିଶ୍ୱାସ ଥରେ ଭାଙ୍ଗିଲେ ପୁନର୍ବାର ସୃଷ୍ଟିହେବା ଖୁବ୍ କଷ୍ଟ। ତେଣୁ ନିଜ ଜୀବନସାଥୀଙ୍କ ଉପରେ ଅବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏଭଳି କୌଣସି କାର୍ଯ୍ୟ କରନ୍ତୁ ଯାହା ତାଙ୍କୁ ଆପଣଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। କାରଣ ଏକ ସୁଖୀ ଦାମ୍ପତ୍ୟ ଜୀବନର ସବୁଠୁ ବଡ଼ ମନ୍ତ୍ର ହେଉଛି ପରସ୍ପର ପ୍ରତି ଅତୁଟ ବିଶ୍ୱାସ।

**ପରସ୍ପରକୁ ଲୁଚାଇବା:** ସଚ୍ଚୋଟପଣିଆ ସମ୍ପର୍କକୁ ମଜଭୁତ କରେ। ଯେଉଁଠି ଜଣେ ଜଣଙ୍କୁ କିଛି କଥା ଲୁଚାଏ ସେଠାରେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ତେଣୁ ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସତ କୁହନ୍ତୁ।

**ଅସମ୍ମାନ କରିବା:** ଦାମ୍ପତ୍ୟ ଜୀବନରେ ଜଣେ ଜଣଙ୍କୁ ଅସମ୍ମାନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ବିବାହ ବିଚ୍ଛେଦର କାରଣ ସାଜିଥାଏ। ତେଣୁ ନିଜ ସମ୍ପର୍କକୁ ଦୃଢ କରିବାକୁ ଚାହୁଁଥିଲେ ସବୁବେଳେ ଜୀବନସାଥୀଙ୍କୁ ସମ୍ମାନ ଦିଅନ୍ତୁ। କାରଣ ପରସ୍ପର ପ୍ରତି ସମ୍ମାନ ହେଉଛି ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର।

**ଅନ୍ୟ ସହ ତୁଳନା:** ସବୁବେଳେ ଅନ୍ୟମାନଙ୍କ ସହ ନିଜ ପାର୍ଟନରଙ୍କ ତୁଳନା କରିବାର ବଦଭ୍ୟାସ କେତେଜଣଙ୍କଠାରେ ରହିଛି। କେବଳ ତୁଳନା ନୁହେଁ, ଅନେକେ ପାର୍ଟନରଙ୍କ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରିଥାନ୍ତି। ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି। ଫଳରେ ସମ୍ପର୍କ ଖରାପ ହୋଇଥାଏ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହିଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ।

**କ୍ରୋଧ ହୋଇପାରେ କ୍ଷତିକାରକ:** ମିଠା କଥା ସମ୍ପର୍କରେ ମଧୁରତା ଆଣିଥାଏ। ହେଲେ ମନ ଭଲ ନ ଥିଲେ କିମ୍ବା ଅଫିସ୍ ତଥା ଅନ୍ୟାନ୍ୟ ଟେନ୍‌ସନ ଥିଲେ ଅନେକେ ଏହାର ରାଗ ନିଜ ପାର୍ଟନରଙ୍କ ଉପରେ ଶୁଝାଇଥାନ୍ତି । କ୍ରୋଧରେ ଏମିତି କଟୁ କଥା କହିଦିଅନ୍ତି ଯାହାକି ଉଭୟଙ୍କ ମଧ୍ୟରେ ଦୂରତା ବଢ଼ାଇଦିଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ନଜର ରଖିବା:** ବର୍ତ୍ତମାନ କେତେଜଣ ଦମ୍ପତି ଜଣେ କୌଣସି କାରଣରୁ ଯଦି ଫୋନ ନ ଉଠାଏ ସନ୍ଦେହ କରିବା ସହ ତାଙ୍କ ଅଜାଣତରେ ନଜର ରଖୁଛନ୍ତି। କେବଳ ଏତିକି ନୁହେଁ , ଅନେକେ ନିଜ ବ୍ୟତୀତ ଏପରି କି ପରିବାରକୁ ଅଧିକ ସମୟ ଦେଲେ ବି ପାର୍ଟନର ଉପରେ ରାଗିଥାନ୍ତି। ଏଭଳି କ୍ଷେତ୍ରରେ ସମ୍ପର୍କ ଖୁସିଦେବା ପରିବର୍ତ୍ତେ ଏକ ବୋଝ ଭଳି ମନେହୁଏ ଆଉ ମାନସିକ ଶାନ୍ତି ପାଇଁ ଯେକେହି ସେଥିରୁ ମୁକୁଳିବାକୁ ଚାହାନ୍ତି। ଫଳରେ ବିବାହ ବିଚ୍ଛେଦ ହୁଏ। ତେଣୁ ଏସବୁ ପ୍ରତି ବିଶେଷ ନଜର ଦେଲେ ସମ୍ପର୍କ ମଧୁର ହେବା ସହ ଅତୁଟ ରହିଥାଏ।

## ସୌନ୍ଦର୍ଯ୍ୟ

# ଫେସ୍ ସିରମ୍ ବ୍ୟବହାର କରୁଥିଲେ

**ତ୍ୱଚାକୁ ସୁନ୍ଦର କରିବା ଲାଗି ବର୍ତ୍ତମାନ ଅନେକେ ଫେସ୍ ସିରମ୍ ବ୍ୟବହାର କରୁଛନ୍ତି। ହେଲେ ଜାଣନ୍ତିକି ଏହାକୁ ବ୍ୟବହାର କରିବା ସମୟରେ ସାମାନ୍ୟ ଅବହେଳା ଆପଣଙ୍କ ତ୍ୱଚାକୁ ହାନି ପହଞ୍ଚାଇପାରେ। ତେଣୁ ଏହାର ଭଲ ରେଜଲ୍ଟ ପାଇବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଧ୍ୟାନଦେବାକୁ ଭୁଲନ୍ତୁ ନାହିଁ...**

⏭ଏହି ସିରମ୍ ଲଗାଇବା ତ୍ୱଚା ପାଇଁ ଭଲ, କାହାଠାରୁ ଏଭଳି ଶୁଣିବା କିମ୍ବା କୌଣସି ବିଜ୍ଞାପନରେ ପ୍ରଭାବିତ ହୋଇ ଯେକୌଣସି ସିରମ୍ କିଣିଆଣି ଲଗାଇବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏହାଦ୍ୱାରା ତ୍ୱଚା ଉପରେ ଓଲଟା ପ୍ରଭାବ ପଡ଼ିପାରେ। ତେଣୁ କୌଣସି ବ୍ୟୁଟିସିଆନ୍, ଡର୍ମାଟୋଲୋଜିଷ୍ଟଙ୍କଠାରୁ ନିଜ ସ୍କିନ୍ ଟାଇପ୍ ଅନୁସାରେ କେଉଁ ସିରମ୍ ଲଗାଇବା ଠିକ୍ ହେବ ବୁଝିନିଅନ୍ତୁ। ଏହାଦ୍ୱାରା ଅଧିକ ଉପକୃତ ହୋଇପାରିବେ।



⏭ଅନେକେ ଭାବନ୍ତି ଅଧିକ ଫେସ୍ ସିରମ୍ ଲଗାଇବା ଦ୍ୱାରା ତ୍ୱଚା ଅଧିକ ଗ୍ଲୋ କରିବ। ହେଲେ ଏହି ଧାରଣ ଠିକ୍ ନୁହେଁ। କାରଣ ଏହାଦ୍ୱାରା ତ୍ୱଚା ଅଏଲି ହୋଇ ବ୍ରଣ ଏବଂ ଅନ୍ୟାନ୍ୟ ସମସ୍ୟା ଉପୁଜିପାରେ। ତେଣୁ ମାତ୍ର ୩-୪ ଡ୍ରପ୍ ହିଁ ଲଗାନ୍ତୁ।

⏭ସିରମ୍ ଲଗାଇବା ପୂର୍ବରୁ ପ୍ରଥମେ ଭଲ ଭାବେ ମୁହଁ ଧୋଇବା ଦରକାର। ନଚେତ୍ ପୂର୍ବରୁ ମୁହଁରେ ଲାଗିଥିବା ମଇଳା ପୋର୍ସ ଭିତରକୁ ଚାଲିଯିବା ଫଳରେ ବ୍ରଣ, ଦାଗ ଭଳି ସମସ୍ୟା ଉପୁଜିବ। ତେଣୁ ସଫା ମୁହଁରେ ଏହାକୁ ଲଗାଇଲେ ବେଷ୍ଟ ରେଜଲ୍ଟ ପାଇପାରିବେ।

⏭ଅନେକେ ସିରମ ବଟଲ୍‌ରେ ଥିବା ଡ୍ରପରକୁ ସିଧାସଳଖ ମୁହଁରେ ଲଗାଇ ଦିଅନ୍ତି। ଯାହା ଫଳରେ ମୁହଁରେ ଲାଗିଥିବା ଧୂଳି ଆଦି ଡ୍ରପରରେ ଲାଗି ବଟଲ ଭିତକୁ ଯାଇଥାଏ। ବାରମ୍ବାର ଏପରି ହେବା ଫଳରେ ବଟଲ ଭିତରେ ଥିବା ସିରମ ଅପରିଷ୍କାର ହୋଇଯାଏ ଏବଂ ଏହାକୁ ଲଗାଇବା ଫଳରେ ମୁହଁରେ ଇନ୍‌ଫେକ୍ସନ ହୋଇପାରେ। ତେଣୁ ଡ୍ରପରକୁ ମୁହଁରେ ନ ଲଗାଇ ହାତରେ ସିରମ୍ ନେଇ ଲଗାନ୍ତୁ।

⏭ତ୍ୱଚା ଭିତରକୁ ଭଲ ଭାବେ ସିରମ୍ ଯିବା ଲାଗି ଅନେକେ ଏହାକୁ ରଗଡ଼ି ରଗଡ଼ି ଲଗାଇବାକୁ ବି ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା ତ୍ୱଚା ଖରାପ ହୋଇଯିବ। ତେଣୁ ଆଙ୍ଗୁଳି ଟିପ ସାହାଯ୍ୟରେ ସିରମ୍ ନେଇ ମୁହଁରେ ଧୀରେ ଧୀରେ ମସାଜ କରି ଲଗାନ୍ତୁ।



## ଖାଦ୍ୟରୁଚି

# କରି ପାଉଡର

**ତରକାରିର ସ୍ୱାଦ ବଢ଼ାଇବା ଲାଗି ଆମେ ବିଭିନ୍ନ ମସଲା ଗୁଣ୍ଡ ବ୍ୟବହାର କରିଥାଉ। ଏହା ମଧ୍ୟରେ ସବୁଠୁ ଅଧିକ ବ୍ୟବହାର ହୋଇଥାଏ କରି ପାଉଡର। ଯଦି ଆପଣ ମାର୍କେଟ୍‌ରୁ ଅଧିକ ଟଙ୍କା ଦେଇ ଏହାକୁ କିଣୁଛନ୍ତି ତେବେ ଜାଣିରଖନ୍ତୁ ଘରେ ଅଳ୍ପ ଟଙ୍କାରେ ସ୍ୱାଦିଷ୍ଟ କରି ପାଉଡର ପ୍ରସ୍ତୁତ କରିବାର ବିଧି...**

**ଆବଶ୍ୟକ ସାମଗ୍ରୀ:** ଧନିଆ ୨୦ଗ୍ରାମ୍, ଗୋଲ ମରିଚ ୨ ଗ୍ରାମ୍, ୪-୫ଟି ଶୁଖିଲା ଲଙ୍କା, ଚକ୍ର ଫୁଲ ୨ଟି, ଡାଲଚିନି ୨ ଗ୍ରାମ୍, ଲବଙ୍ଗ ୪ ଗ୍ରାମ୍, ଗୁଜୁରାତି ୪ ଗ୍ରାମ୍, ୧୦ ଗ୍ରାମ୍ ଜିରା, ପାନ ମଧୁରୀ ୯ଗ୍ରାମ୍, ମେଥି ୪ ଗ୍ରାମ୍, ସୋରିଷ ୪ ଗ୍ରାମ୍, ୩୦ଗ୍ରାମ୍ ହରଡ଼ ଡାଲି, ୧୪-୧୫ଟି ଭୃସୁଙ୍ଗ ପତ୍ର, ଅଧା ଚାମଚ ହଳଦୀ ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ୟାନ୍ ଗରମକରି ଧନିଆ, ଗୋଲମରିଚ, ମଞ୍ଜି କାଢ଼ିବା ପରେ ଶୁଖିଲା ଲଙ୍କା, ଚକ୍ର ଫୁଲ, ଡାଲଚିନି, ଲବଙ୍ଗ, ଗୁଜୁରାତି ପକାଇ ମିଡିଅମ ଫ୍ଲେମ୍‌ରେ ଅଳ୍ପ କ୍ରଞ୍ଚି ହେବା ଯାଏ ଭାଜନ୍ତୁ। ବର୍ତ୍ତମାନ ସେଥିରେ ଜିରା ଏବଂ ପାନମଧୁରୀ ପକାଇ ବାସ୍ନାହେବା ଯାଏ ଭାଜନ୍ତୁ। ଭଜା ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପୁଣି ପ୍ୟାନ୍ ଗରମ କରି ମେଥିକୁ ଗୋଲ୍ଡେନ୍ କଲର ହେବା ଯାଏ ଭାଜନ୍ତୁ। ଏହା ଯେପରି ଅଧିକ ନ ଭାଜିହୋଇଯାଏ ଧ୍ୟାନ ଦିଅନ୍ତୁ, ନଚେତ୍ ମସଲା ପିତା ଲାଗିବ। ସେହିପରି ସୋରିଷକୁ ମଧ ଅଳ୍ପ ଭାଜି ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ୟାନ୍ ଗରମକରି ହରଡ଼ ଡାଲିକୁ ଗୋଲ୍ଡେନ୍ କଲର ହେବା ଯାଏ ଭାଜି ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଦିଅନ୍ତୁ। ସେହିପରି ଭୃସୁଙ୍ଗ ପତ୍ରକୁ ମଧ ଭାଜି ଦିଅନ୍ତୁ। ଏସବୁ ଭଜା ସାମଗ୍ରୀକୁ ଗ୍ରାଇଣ୍ଡର ଜ୍ୟାର୍‌ରେ ରଖି ହଳଦିଗୁଣ୍ଡ ପକାଇ ଭଲ ଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାକୁ ଏକ ଏୟାର ଟାଇଟ୍ ଡବାରେ ରଖି ତରକାରିରେ ଆବଶ୍ୟକ ଅନୁଯାୟୀ ବ୍ୟବହାର କରନ୍ତୁ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୬/୨୦୨୪ Bhubaneswar, Tuesday, February 6/ 2024

# ଦ୍ୱିତୀୟ ଟେଷ୍ଟ ଜିତିଲା ଭାରତ

**ବିଶାଖାପାଟଣା, ୫।୨ (ପି.ଟି.)**

ବିଶାଖାପଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡକୁ ୧୦୬ ରନ୍‌ରେ ହରାଇବା ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ୩୯୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ୨୯୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଏହା ପୂର୍ବରୁ ହାଇଦ୍ରାବାଦରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚକୁ ୨୮ ରନ୍‌ରେ ଜିତି ନେଇଥିଲା ଭ୍ରମଣକାରୀ ଇଂଲଣ୍ଡ ଦଳ। ଯଶସ୍ୱୀ ଜୟସ୍ୱାଲଙ୍କ ୨୦୯ ରନ୍ ବଳରେ ଭାରତ ପ୍ରଥମ ଇନିଂସରେ ୩୯୬ ରନ୍ କରିଥିବା ବେଳେ ଇଂଲଣ୍ଡ ୨୫୩ ରନ୍‌ରେ ସୀମିତ ରହିଥିଲା। ଭାରତ ଦ୍ୱିତୀୟ ଇନିଂସରେ ଶୁବମନ୍ ଗିଲଙ୍କ ଶତକ ବଳରେ ୨୫୫ ରନ୍ କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୬୭/୧ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଓପନର ଜ୍ୟାକ୍ କ୍ରଲି ଭାରତୀୟ ବୋଲରଙ୍କୁ ଠିକ୍ ମୁକାବିଲା କରି ଇନିଂସ ଗଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଖେଳାଳିମାନେ ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ଯାଇ ଉଇକେଟ ହରାଇଥିଲେ। କ୍ରଲି ୧୩୨ ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ୭୩ ରନ୍ କରିଥିଲେ। ନାଇଟ୍ ୱାଚମ୍ୟାଚ୍ ରେହାନ୍ ଅହମଦ୍ ୨୩ ରନ୍ କରିଥିଲେ। ରେହାନଙ୍କୁ ଆଉଟ କରି ଅକ୍ଷର ପଟେଲ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଇଂଲଣ୍ଡର ପରବର୍ତ୍ତୀ ୩ ବ୍ୟାଟର ଓଲି ପୋପ୍(୨୩), ଜୋ ରୁଟ୍(୧୬) ଓ ଜନି ବେୟାରଷ୍ଟୋ(୨୬) ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। ପ୍ରଥମ ସେସନ୍ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଇଂଲଣ୍ଡ ଏହାର ଅଧ ଡଜନ ଖେଳାଳିଙ୍କୁ ହରାଇ ସାରିଥିଲା। ବାଜ୍ ବଲ ରଣନୀତିରେ ଖେଳିବାକୁ ଯାଇ ଜଣକ ପରେ ଜଣେ ଇଂଲିଶ ଖେଳାଳି ଆଉଟ ହୋଇ ଚାଲିଥିଲେ। ତେବେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଉଇକେଟ କିପର ବେନ୍ ଫୋକ୍ସ ଶେଷ ମାନ୍ୟତାପ୍ରାପ୍ତ ଯୋଡି ଭାବରେ କ୍ରିଜରେ ରହିଥିଲେ।



ବୋଲିଂ ଆକ୍ସନରେ ରବିଚନ୍ଦ୍ରନ ଅଶ୍ୱିନ।



ଉଇକେଟ ନେବାପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍ରା।

## ଯଶପ୍ରୀତ୍ ବୁମ୍ରା ପ୍ଲେୟର ଅଫ୍ ଦ ମ୍ୟାଚ୍

ସିଙ୍ଗଲ ରନ୍ ନେବାକୁ ଯାଇ ଷ୍ଟୋକ୍ସ ରନ୍ ଆଉଟ ହୋଇଥିଲେ। ଏହା ପରେ ଭାରତର ବିଜୟ ସୁନିଶ୍ଚିତ ହୋଇଯାଇଥିବା ବେଳେ ଫୋକ୍ସ (୩୬) ଓ ଟମ୍ ହାର୍ଟଲେ (୩୬) ଏହାକୁ ବିଳମ୍ବିତ କରିଥିଲେ। ଉଭୟ ଅଷ୍ଟମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମ୍ରା ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକେଶ କୁମାର, କୁଳଦୀପ ଯାଦବ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟରେ ନିଜର ୪୯୯ ଉଇକେଟ ହାସଲ କରିଥିଲେ। ଜୋ ରୁଟ୍‌ଙ୍କୁ ଆଉଟ କରି ସେ ୪୯୯ ଉଇକେଟ ନେଇଥିଲେ ମଧ୍ୟ ପରବର୍ତ୍ତୀ ୬ ବ୍ୟାଟରଙ୍କ ମଧ୍ୟରୁ ଜଣଙ୍କୁ ଆଉଟ କରି ପାରି ନ ଥିଲେ। ଉଭୟ ଇନିଂସରେ ଅଗ୍ନିବର୍ଷୀ ବୋଲିଂ କରି ୯ ଉଇକେଟ ନେଇଥିବା ବୁମ୍ରାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ସିରିଜର ପରବର୍ତ୍ତୀ ମ୍ୟାଚ୍ ରାଜକୋଟରେ ଫେବୃଆରୀ ୧୫ ତାରିଖରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୩୯୬/୧୦। ଇଂଲଣ୍ଡ ପ୍ରଥମ ଇନିଂସ ୨୫୩/୧୦। ଭାରତ ଦ୍ୱିତୀୟ ଇନିଂସ ୭୮.୩ ଓଭରରେ ୨୫୫/୧୦ (ଶୁବମନ ଗିଲ୍-୧୦୪, ଅକ୍ଷର ପଟେଲ-୪୫, ଶ୍ରେୟସ ଆୟର-୨୯, ରବିଚନ୍ଦ୍ରନ ଅଶ୍ୱିନ-୨୯, ଟମ୍ ହାର୍ଟଲେ-୪/୭୭, ରେହାନ ଅହମଦ-୩/୮୮, ଜେମ୍ସ ଆଣ୍ଡରସନ୍-୨/୨୯)। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୬୯.୨ ଓଭରରେ ୨୯୨/୧୦ (ଜ୍ୟାକ୍ କ୍ରଲି-୭୩, ବେନ୍ ଫୋକ୍ସ-୩୬, ଟମ୍ ହାର୍ଟଲେ-୩୬, ଯଶପ୍ରୀତ୍ ବୁମ୍ରା-୩/୪୬, ଆର. ଅଶ୍ୱିନ-୩/୭୨, ମୁକେଶ କୁମାର-୧/୨୬)।

## ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ

### ଦ୍ୱିତୀୟ ସ୍ଥାନକୁ ଉଠିଲା ଭାରତ

**ଦୁବାଇ, ୫।୨(ପି.ଟି.):** ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୧୦୬ ରନ୍‌ରେ ଜିତିବା ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଭାରତ। ଅଷ୍ଟ୍ରେଲିଆ ୫୫ ପର୍ସେଣ୍ଟେଜ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୫୨.୭୭ ପର୍ସେଣ୍ଟେଜ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ୫ ସ୍ଥାନରେ ଥିବା ଦଳଗୁଡିକ ମଧ୍ୟରେ ମାତ୍ର ୫ ପଏଣ୍ଟର ତାରତମ୍ୟ ରହିଥିବା ବେଳେ ଏଥିରେ ଆହୁରି ପରିବର୍ତ୍ତନ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ୍ ଡ୍ର କରିବା ସହ ଭାରତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିଲା। ତେବେ ପାକିସ୍ତାନ ବିପକ୍ଷ ସିରିଜ୍ ଜିତି ଅଷ୍ଟ୍ରେଲିଆ ପୁନର୍ବାର ଏକ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲା।

### ଡିଆର୍‌ଏସ୍ ଉପରେ ଷ୍ଟୋକ୍ସଙ୍କ ପ୍ରଶ୍ନବାଚୀ

**ବିଶାଖାପାଟଣା, ୫।୨ (ପି.ଟି.):** ବିଶାଖାପାଟଣାରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚରେ ପରାଜୟ ପରେ ଡିଆର୍‌ଏସ୍ ଟେକ୍ନୋଲୋଜି ଉପରେ ପ୍ରଶ୍ନ ଉଠାଇଛନ୍ତି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ। ଇଂଲଣ୍ଡ ଇନିଂସର ଟପ୍ ସ୍କୋରର ଜ୍ୟାକ୍ କ୍ରଲିଙ୍କ ଆଉଟକୁ ନେଇ ଷ୍ଟୋକ୍ସ ଏଭଳି କହିଛନ୍ତି। ଲଞ୍ଚର ଠିକ୍ ପୂର୍ବରୁ କୁଲଦୀପ ଯାଦବଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଥିଲେ ଜ୍ୟାକ୍ କ୍ରଲି। ତେବେ ଏହି ବଲ୍‌ଟି ଲେଗ୍ ଷ୍ଟମ୍ପ ବାହାରକୁ ଯାଉଥିବା ଦାବି କରିଛନ୍ତି ନନ୍ ଷ୍ଟ୍ରାଇକରେ ଥିବା ଷ୍ଟୋକ୍ସ। କୁଲଦୀପଙ୍କ ପ୍ରଥମ ଓଭରର ଅନ୍ତିମ ବଲରେ କ୍ରଲି ଆଉଟ ହୋଇଥିଲେ। ଏହି ବଲ୍‌ଟି ଲେଗ୍ ଷ୍ଟମ୍ପ ବାହାରକୁ ଯାଉଥିଲା, ତେବେ ଡିଆରଏସ୍‌ରେ ଏହା ଷ୍ଟମ୍ପରେ ବାଜୁଥିବା ଦେଖିବାକୁ ମିଳିଥିଲା। ଟେକ୍ନୋଲୋଜି କ୍ରିକେଟକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ, ତେବେ ଏଠାରେ ଟେକ୍ନୋଲୋଜି ଫେଲ୍ ହୋଇଥିବା କହିଛନ୍ତି ବେନ୍ ଷ୍ଟୋକ୍ସ।

## ପିସିବି-ଏସ୍‌ଏଲ୍‌ସି ଅର୍ଥନୈତିକ ବିବାଦ

**ଲାହୋର, ୫।୨ (ପି.ଟି.)**

ଗତବର୍ଷ ଏସିଆ କପ୍ ବେଳେ ୩-୪ ନିୟୁତ ଡଲାର ଅତିରିକ୍ତ ଖର୍ଚ୍ଚ ବହନକୁ ନେଇ ପାକିସ୍ତାନ ଓ ଶ୍ରୀଲଙ୍କା ଦୁଇ କ୍ରିକେଟ ବୋର୍ଡ ମଧ୍ୟରେ ଅର୍ଥନୈତିକ ବିବାଦ ଦେଖାଦେଇଛି। ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରକୃତ ଆୟୋଜକ ପାକିସ୍ତାନକୁ ଏହାର ଦଳ ପଠାଇବାକୁ ରାଜି ହୋଇ ନ ଥିଲା। ଫଳତଃ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ହାଇବ୍ରିଡ୍ ପଦ୍ଧତି ଅବଲମ୍ବନ କରିବା ଲାଗି ନିଷ୍ପତ୍ତି ନେଇଥିଲା। ତଦନୁସାରେ ଅଧିକାଂଶ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜନ ପାଇଁ ସ୍ଥିର ହୋଇଥିଲା। ଏଥିଯୋଗୁ ବିମାନ ଯାତ୍ରା, ହୋଟେଲ ବୁକିଂ, ଭେନ୍ୟୁ ଭଡ଼ା ବାବଦରେ ଫି', ଗମନାଗମନ ଏବଂ ଅନ୍ୟାନ୍ୟ ବାବଦରେ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ହୋଇଛି। ଟୁର୍ନାମେଣ୍ଟର ଅଫିସିଆଲ ଆୟୋଜକ ହୋଇ ନ ଥିବାରୁ ଏବଂ ଏହାର ଅତିରିକ୍ତ ଆୟ ନ ଥିବାରୁ ଅତିରିକ୍ତ ଆର୍ଥିକ ଭାର ଗ୍ରହଣ ପାଇଁ ସେ ରାଜି ନ ଥିବା ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ପକ୍ଷରୁ ଗତ ସପ୍ତାହରେ ବାଲିଠାରେ ଅନୁଷ୍ଠିତ ଏସିସି କାଉନ୍‌ସିଲ ବୈଠକରେ ସ୍ପଷ୍ଟ କରିଦିଆଯାଇଥିଲା। ଖବର ଅନୁସାରେ ପିସିବି ଚେୟାରମ୍ୟାନ ଜାକା ଅଶ୍ରଫ ପ୍ରଥମ ମ୍ୟାଚର ଭେନ୍ୟୁ ଲାହୋରରୁ ମୁଲ୍‌ତାନ ସ୍ଥାନାନ୍ତର କରିବା ଦ୍ୱାରା ଖର୍ଚ୍ଚ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପିସିବି ମଧ୍ୟ ଏହି ମାମଲାକୁ ନେଇ ଏସିସିର ଦୃଷ୍ଟି ଆକର୍ଷଣ କରିଛି। ମହାଦେଶୀୟ କ୍ରିକେଟ ପରିଚାଳନା ପରିଷଦ ପାକିସ୍ତାନଠାରୁ ଆୟୋଜନ ଅଧିକାର ପ୍ରତ୍ୟାହାର କରି ଇଭେଣ୍ଟକୁ ଦୁଇ ଭାଗରେ ବିଭକ୍ତ କରିଥିଲା। ତେଣୁ ଅତିରିକ୍ତ ଖର୍ଚ୍ଚ ଏସିସି ଭରଣା କରିବା ଉଚିତ ବୋଲି କହିଛି। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଏସିସି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିବା ବେଳେ ପିସିବି ନିଜ ଦେଶରେ ୪ଟି ମ୍ୟାଚ ଆୟୋଜନ ପାଇଁ ଅଡ଼ି ବସିଥିଲା। ବାଲିଠାରେ ଏହି ଆର୍ଥିକ ବିବାଦ ନେଇ ଆଲୋଚନା ବେଳେ ପିସିବିର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ଖାୱାର ଶାହା ଏବଂ ସିଇଓ ସଲମନ ନାସିର, ଯଶାହା ଏବଂ ଏସ୍‌ଏଲ୍‌ସି ପ୍ରତିନିଧି ଉପସ୍ଥିତ ଥିଲେ। ଶାହା ସେତେବେଳେ କୁଆଡେ ଅଫିସିଆଲଙ୍କୁ କହିଥିଲେ ଯେହେତୁ ପାକିସ୍ତାନ ଇଭେଣ୍ଟର ଆୟୋଜକ ରହିଥିଲା ଶ୍ରୀଲଙ୍କାର ଭେନ୍ୟୁ ଭଡ଼ା ଏବଂ ଅନ୍ୟାନ୍ୟ ସୁବିଧା ବାବଦରେ ସମସ୍ତ ଖର୍ଚ୍ଚ ପିସିବି ବହନ କରିବା ଉଚିତ।

## ମ୍ୟାଚ୍ ଖେଳିବାକୁ ଇଶାନଙ୍କୁ ପରାମର୍ଶ

**ବିଶାଖାପାଟଣା,୫।୨(ପି.ଟି.)**

ଇଶାନ କିଶନଙ୍କ ପ୍ରତ୍ୟାବର୍ତ୍ତନ ନେଇ ବଡ ବୟାନ ଦେଇଛନ୍ତି ରାହୁଲ ଦ୍ରାବିଡ୍। କ୍ରିକେଟ ଖେଳିବା ପରେ ହିଁ ଜାତୀୟ ଦଳ ପାଇଁ ଇଶାନଙ୍କୁ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କିଛି ମାସ ପୂର୍ବରୁ ଇଶାନ ଭାରତ ପକ୍ଷରୁ ୩ଟି ଯାକ ଫର୍ମାଟରେ ଖେଳୁଥିଲେ। ତେବେ ଦକ୍ଷିଣ ଆଫ୍ରିକା ସିରିଜ୍ ପୂର୍ବରୁ ବ୍ରେକ୍ ପାଇଁ ଅନୁରୋଧ କରିଥିଲେ କିଶନ। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଇଶାନଙ୍କୁ କିଛି କ୍ରିକେଟ ଖେଳିବାକୁ ପଡିବ। ଘରୋଇ କ୍ରିକେଟ ଖେଳିବାକୁ ଇଶାନଙ୍କୁ କେହି ବାଧ୍ୟ କରୁନାହିଁ। ତେବେ ଯେ କୌଣସି କ୍ରିକେଟ ହେଉ ପଛେ ଖେଳିବା ପରେ ତାଙ୍କୁ ଚୟନ ପାଇଁ ଗ୍ରହଣ କରାଯିବ ବୋଲି ଦ୍ରାବିଡ୍ କହିଛନ୍ତି। ନଭେମ୍ବର ମାସରେ ଶେଷ ଥର ପାଇଁ ଭାରତୀୟ ଜର୍ସିରେ ନଜର ଆସିଥିଲେ ଇଶାନ କିଶନ। ଦକ୍ଷିଣ ଆଫ୍ରିକା ଗସ୍ତ ଅଧାରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଥିବା ବେଳେ ଇଂଲଣ୍ଡ ଗସ୍ତରୁ ମଧ୍ୟ ଓହରିଥିଲେ। ତେବେ ଏହା ମଧ୍ୟରେ ସେ ଝାଡଖଣ୍ଡ ପାଇଁ ଘରୋଇ କ୍ରିକେଟ ମଧ୍ୟ ଖେଳି ନାହାନ୍ତି।

# ମ୍ୟାଚ୍ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ



ମ୍ୟାଚ ଶେଷରେ ଓଡ଼ିଶା ଖେଳାଳିମାନେ ପଡ଼ିଆରୁ ଫେରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୫।୨**
**(ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା-ପୁଡୁଚେରୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ପୁଡୁଚେରୀ ୧ ପଏଣ୍ଟରେ ସନ୍ତୁଷ୍ଟ ରହିଛି। ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୦୧ ରନରେ ଅଲ୍‌ଆଉଟ ହେବାରୁ ପୁଡୁଚେରୀ ସମ୍ମୁଖରେ ୨୪୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସୋମବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷ ବେଳକୁ ପୁଡୁଚେରୀ ଦ୍ୱିତୀୟ ଇନିଂସରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଦୁଇଟି ଇନିଂସରେ ଯଥାକ୍ରମେ ୧୧୦ ଓ ୫୮* ରନ କରିବା ସହ ୫ଟି କ୍ୟାଚ ନେଇଥିବା ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗ୍ରୁପ୍ 'ଡି'ରେ ଓଡ଼ିଶା ୫ ମ୍ୟାଚରୁ ୨୧ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ପୁଡୁଚେରୀ ସମାନ ମ୍ୟାଚ ଖେଳିଥିବାବେଳେ ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୧ ଡ୍ର ସହ ୧୩ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା।

### ଓଡ଼ିଶା ୨୦୧ରେ ସୀମିତ

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମୋଟ ୨୦୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିପ୍ଲବ ପୂର୍ବ ସ୍କୋରରେ ଆଉମାତ୍ର ୩ ରନ ଯୋଗକରି ୮ ରନରେ ଆଉଟ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ସର୍ବାଧିକ ୪୬ ରନ ସ୍କୋର କରିଥିଲେ।

## ରଣଜୀ ଟ୍ରଫି

ଆଶୀର୍ବାଦ ସ୍ୱାଇଁ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମାତ୍ର ୨୫ ରନ ବ୍ୟବଧାନରେ ଓଡ଼ିଶା ଏହାର ଶେଷ ୫ ଉଇକେଟ ହରାଇଥିଲା। ପୁଡୁଚେରୀ ପକ୍ଷରୁ ସାଗର ଉଦେଶୀ ୪ଟି, ଗୌରବ ଯାଦବ ୩ଟି, ସୌରଭ ଯାଦବ ୨ଟି ଏବଂ ରବି ଯାଦବ ଗୋଟିଏ ଉଇକେଟ ନେଇଥିଲେ।

### ପାରସ, ଅରୁଣ ଲଢ଼ିଲେ

୨୪୦ ରନ ବିଜୟ ଲକ୍ଷ୍ୟରେ ପୁଡୁଚେରୀ ବିନା ରନ୍‌ରେ ୨ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ପାରସ ରତ୍ନପାର୍ଖେ ୭୨, ପାରସ ଡୋଗ୍ରା ୨୩ ଓ ଅରୁଣ କାର୍ତ୍ତିକ ୫୮* ରନର ଲଢୁଆ ଇନିଂସ ଖେଳି ପୁଡୁଚେରୀକୁ ବିପଦରୁ ରକ୍ଷା କରିଥିଲେ। ଶେଷ ଭାଗରେ ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ଯଦିଓ ପୁଣି ପୁଡୁଚେରୀର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ତେବେ ବିଜୟଠାରୁ ୨ ଉଇକେଟ ଦୂରରେ ରହି ଯାଇଥିଲା ଘରୋଇ ଦଳ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ସୁନୀଲ ରାଉଳ, ହର୍ଷିତ ରାଠୋଡ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଦ୍ଦାର ମାତ୍ର ଗୋଟିଏ ଓଭର ବୋଲିଂ କରିଥିଲେ ଏବଂ ତାହାକୁ ମେଡେନ ନେବାସହ କୌଣସି ରନ ନ ଦେଇ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୨୨। ପୁଡୁଚେରୀ ପ୍ରଥମ ଇନିଂସ: ୨୮୪। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୦୧/ଅଲ୍‌ଆଉଟ (ଗୋବିନ୍ଦ ପୋଦ୍ଦାର-୪୬, ଶାନ୍ତନୁ ମିଶ୍ର-୨୮, ଆଶୀର୍ବାଦ ସ୍ୱାଇଁ-୨୩, ସାଗର ଉଦେଶୀ-୪/୪୫, ଗୌରବ ଯାଦବ-୩/୪୮, ସୌରଭ ଯାଦବ-୨/୪୮, ରବି ଯାଦବ-୧/୨୬)। ପୁଡୁଚେରୀ ଦ୍ୱିତୀୟ ଇନିଂସ: ୧୭୫/୮ (ପାରସ ରତ୍ନପାର୍ଖେ-୭୨, ଅରୁଣ କାର୍ତ୍ତିକ-୫୮*, ପାରସ ଡୋଗ୍ରା-୨୩, ରାଜେଶ ମହାନ୍ତି-୨/୪୧, ବିପ୍ଳବ ସାମନ୍ତରାୟ-୨/୨୮, ଦେବବ୍ରତ ପ୍ରଧାନ-୧/୩୧, ସୁନୀଲ ରାଉଳ-୧/୩୧, ହର୍ଷିତ ରାଠୋଡ-୧/୩୬, ଗୋବିନ୍ଦ ପୋଦ୍ଦାର-୧/୦)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ